ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ-୪
ଭାରତୀୟ କାବ୍ୟତତ୍ତ୍ୱ

ବ୍ଲକ୍

## ୪ ଛନ୍ଦ ଓ ଅଳଙ୍କାର

ପ୍ରଥମ ଏକକ : **ଛନ୍ଦ**

ଦ୍ୱିତୀୟ ଏକକ : **ଛନ୍ଦର ପ୍ରୟୋଗ**

ତୃତୀୟ ଏକକ : **ଅଳଙ୍କାର**

ଚତୁର୍ଥ ଏକକ : **ଅଳଙ୍କାରର ପ୍ରୟୋଗ**

## ବିଶେଷଜ୍ଞ ପରିଷଦ

**ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ** — ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର।
ଅଧ୍ୟକ୍ଷ

**ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର** — ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର
ସଦସ୍ୟା

**ଡକ୍ଟର ବିଜୟ କୁମାର ମହାନ୍ତି** — ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର।
ସଦସ୍ୟ

**ଡକ୍ଟର ବସନ୍ତ କୁମାର ପଣ୍ଡା** — ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର।
ସଦସ୍ୟ

**ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ** — ପ୍ରଫେସର ଓ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର,ବୁର୍ଲା।
ସଦସ୍ୟ

**ଡକ୍ଟର ଅନାଦି ଚରଣ ଗାଁଣ** — ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର।
ସଦସ୍ୟ

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା** — ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର।
ସଦସ୍ୟ

**ଡକ୍ଟର ଦିଲ୍ଲୀପ କୁମାର ନାୟକ** — ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା।
ଆବାହକ

### ଲେଖକ

**ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା** — ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର।

## *ପ୍ରକାଶକ*

**ଡକ୍ଟର ମାନସ ରଞ୍ଜନ ପୂଜାରୀ**
କୁଳସଚିବ
*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*

© OSOU, 2019. **Bharatiya Kabyatatwa** is made available under a Creative Commons Attribution-ShareAlike 4.0http : creativecommons.org/licences/by-sa/4.0

# ପ୍ରଥମ ଏକକ : ଛନ୍ଦ

**ବିଷୟ ଗଠନ :**


୧.୧ ପଠନର ଉଦ୍ଦେଶ୍ୟ

୧.୨ ଶିକ୍ଷଣୀୟ ବିଷୟ

୧.୩ ବିଷୟ ପ୍ରବେଶ

୧.୪ ଛନ୍ଦର ସଂଜ୍ଞା ଓ ସ୍ୱରୂପ

୧.୫ ଛନ୍ଦ, ଛାନ୍ଦ, ବୃତ୍ତ, ବାଣୀ

୧.୬ ଓଡ଼ିଆ ଛନ୍ଦର ପ୍ରକାର ଭେଦ

୧.୭ ଓଡ଼ିଆ ଛନ୍ଦର ଗଠନରୀତି

୧.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧.୯ ସହାୟକ ଗ୍ରନ୍ଥସୂଚୀ


## ୧.୧ ପଠନର ଉଦ୍ଦେଶ୍ୟ

ପଦ୍ୟ ରଚନାରେ ଛନ୍ଦ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ରଚନାରେ ଛନ୍ଦ ଥିଲେ ତାହାଙ୍କୁ ପଦ୍ୟ ରଚନା କୁହାଯାଏ। ନଚେତ ତାହା ଗଦ୍ୟ ରଚନା ପଦବାଚ୍ୟ ହୋଇଥାଏ। ସମଗ୍ର ବିଶ୍ୱ ସାହିତ୍ୟରେ ପ୍ରଥମେ ପଦ୍ୟ ରଚିତ ହୋଇଥିଲା। ପଦ୍ୟ ରଚନା ସହ ଛନ୍ଦ ଜଡ଼ିତ ହୋଇଥିବାରୁ ତାହାର ନାମ କବିତା ଅଥବା କାବ୍ୟ କୁହାଯାଇଥାଏ। ଯଦି କୌଣସି ରଚନାରେ ଛନ୍ଦ ନଥାଏ ତେବେ ତାହାକୁ ଗଦ୍ୟ ରଚନା କୁହାଯାଏ। ଏହି ପାଠରେ ଆମେ ଛନ୍ଦ କାହାକୁ କୁହାଯାଏ, ଏହାର ରଚନା ବିଧି ଓ ପ୍ରୟୋଗ ବିଧି ସଂପର୍କରେ ଜ୍ଞାନ ଆହରଣ କରିବା।

## ୧.୨ ଶିକ୍ଷଣୀୟ ବିଷୟ

- ଏହା ପାଠ କରିବା ଦ୍ୱାରା ପଦ୍ୟ ରଚନାରେ ଛନ୍ଦର ବ୍ୟବହାର ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିହେବ।
- ଛନ୍ଦ ଗଠନ କୌଶଳ, ପ୍ରୟୋଗ ବିଧି ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିବା।
- ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ବହୁ ଛନ୍ଦ ପ୍ରୟୋଗ କରାଯାଇଛି। ଏହି ପାଠରେ ସେ ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରାଯାଇପାରିବ।

## ୧.୩ ବିଷୟ ପ୍ରବେଶ

ମଣିଷ ତା' ହୃଦୟର ଭାବାବେଗକୁ ବିଭିନ୍ନ ମାଧ୍ୟମରେ ପ୍ରକାଶ କରିଥାଏ। ପ୍ରକୃତି ଓ ନିଜ ମଧ୍ୟରେ ଚାଲିଥିବା କ୍ରିୟାର ପ୍ରତିକ୍ରିୟା ତା' ହୃଦୟରେ ବିଭିନ୍ନ ଭାବ ଓ ଭାବୋଚ୍ଛ୍ୱାସ ସୃଷ୍ଟି କରିଥାଏ। ଯେତେବେଳେ ଗଭୀର ଦୁଃଖରେ ଥାଏ ସେ କ୍ରନ୍ଦନ କରେ ଏବଂ ସୁଖରେ ଥିଲାବେଳେ ସଂଗୀତ ଗାନ କରିଥାଏ। ମନର ଭାବନାକୁ ପଦ୍ୟ ମାଧ୍ୟମରେ ପ୍ରକାଶ କରିବା ନିମିତ୍ତ ଛନ୍ଦର ଆବଶ୍ୟକତା ରହିଥାଏ। ବିଭିନ୍ନ ବର୍ଣ୍ଣ, ଧ୍ୱନି ଓ ଶବ୍ଦମାନଙ୍କ ଅନୁଶାସନ ମୂଳକ ବାରବାର ବ୍ୟବହାର ଦ୍ୱାରା ଛନ୍ଦ ସୃଷ୍ଟି ହୋଇଥାଏ। ଏହି ଛନ୍ଦ ଗୁଡ଼ିକ ସଂଗୀତର ରାଗ ରାଗିଣୀ ସହ ମଧ୍ୟ ଯୁକ୍ତ ହୋଇଥାଏ। ବିଶେଷତଃ ଅକ୍ଷର ସଂଖ୍ୟା, ଯତିପାତ ଓ ପଦ ଗଠନ ଶୈଳୀ ଦ୍ୱାରା ଛନ୍ଦ ଛନ୍ଦ ମଧ୍ୟରେ ଥିବା ପାର୍ଥକ୍ୟ ଜଣାପଡ଼ିଥାଏ। ଏହି ପାଠରେ ସେ ସଂପର୍କରେ ସବିଶେଷ ଆଲୋଚନା କରାଯିବ।

## ୧.୪ ଛନ୍ଦର ସଂଜ୍ଞା ଓ ସ୍ୱରୂପ

ବିଶିଷ୍ଟ ଆଳଙ୍କରିକ ବିଶ୍ୱନାଥ କବିରାଜ ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ସାହିତ୍ୟ ଦର୍ପଣରେ ଲେଖିଛନ୍ତି – "ଛନ୍ଦୋବନ୍ଧଂ ପଦଂ ପଦ୍ୟମ୍।" ଅର୍ଥାତ୍ ଛନ୍ଦ ମାଧ୍ୟମରେ ସଂଗଠିତ ହୋଇଥିବା ପଦକୁ ଆମେ ପଦ୍ୟ କହିଥାଉ। ପଦ ଓ ପଦ୍ୟର ମୁଖ୍ୟ ସଂଗଠନ କୌଶଳ ଅକ୍ଷର ଓ ଉଚ୍ଚାରଣ ଭିତ୍ତିକ। ଅକ୍ଷର ସଜ୍ଜାର ସଂଗଠନ ତଥା ଯତିପାତ ଦ୍ୱାରା ଛନ୍ଦ ସୃଷ୍ଟି ହୋଇଥାଏ। ଅକ୍ଷର ସଜ୍ଜା ମଧ୍ୟ ପାଦ ଓ ପଦ ନିର୍ମାଣରେ ସହାୟକ ହୋଇଥାଏ। ଛନ୍ଦ ଅନୁଯାୟୀ ଏହାର ଅକ୍ଷର ସଂଖ୍ୟା, ଯତିପାତ ଓ ପାଦ ନିର୍ମିତ ହୋଇଥାଏ। ଯଥା– ବଙ୍ଗଳାଶ୍ରୀ ଛନ୍ଦରେ ଦୁଇ ପାଦରେ ଏକ ପଦ ହୁଏ। ପ୍ରତ୍ୟେକଟି ପାଦ କୋଡ଼ିଏ ଅକ୍ଷର ବିଶିଷ୍ଟ ଓ ପ୍ରତ୍ୟେକ ପାଦର ଷଷ୍ଠ, ଦ୍ୱାଦଶ ଏ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ସେହିପରି ରେଖ୍ତ ଛନ୍ଦରେ ପ୍ରତ୍ୟେକ ପଦରେ ଚାରି ପାଦ ଥାଏ । ପ୍ରଥମ ଓ ଦ୍ୱିତୀୟ ପାଦ ୨୯ ଅକ୍ଷର ବିଶିଷ୍ଟି ହୋଇଥିବା ସମୟରେ ତୃତୀୟ ପାଦଟି ୯ ଅକ୍ଷର ଓ ଚତୁର୍ଥ ପାଦଟି ୧୩ ଅକ୍ଷର ବିଶିଷ୍ଟ ହୋଇଥାଏ। ପ୍ରଥମ ଓ ଦ୍ୱିତୀୟ ପାଦରେ ୬ଷ୍ଠ, ୮ମ, ୧୪ଶ, ୧୬ଶ, ୨୦ଶ, ୨୪ଶ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ତୃତୀୟ ପାଦର ୬ଷ୍ଠ ଏବଂ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ଚତୁର୍ଥ ପାଦର ୬ଷ୍ଠ, ୮ମ ଓ ଶେଷ ଅକ୍ଷର ଉପରେ ଯତିପାତ ହେଲେ ରେଖ୍ତ ଛନ୍ଦ କୁହାଯାଇଥାଏ। ଏଣୁ ଏଠାରେ ଆମେ ଜାଣିବାକୁ ପାଇଲେ ଯେ, ଛନ୍ଦ ଅନୁଯାୟୀ ପାଦ ସଂଖ୍ୟା ଅକ୍ଷର ସଂଖ୍ୟା ଓ ଯତିପାତରେ ସ୍ଥାନ ଭିନ୍ନ ଭିନ୍ନ ହୋଇଥାଏ।

ଛନ୍ଦ ସହ ଧ୍ୱନି ବିଜ୍ଞାନ ଅଙ୍ଗାଙ୍ଗୀ ଭାବରେ ଜଡିତ। କାରଣ ଛନ୍ଦର ଲକ୍ଷଣ ହେଉଛି ଏହାର ଆବୃତ୍ତି ଧର୍ମିତା ଓ ଗାନଧର୍ମିତା। ଯତିପାଦର ବିରାମ ମାଧ୍ୟମରେ ଏହା ଗାନ କରାଯାଇ ଛନ୍ଦର ମାଧୁର୍ଯ୍ୟ ସୃଷ୍ଟି କରାଯାଇଥାଏ। ତେଣୁ ପ୍ରତ୍ୟେକ ଛନ୍ଦର ନିଜସ୍ୱ ଗାନ ଶୈଳୀ ଓ ଆବୃତ୍ତି ଶୈଳୀ ରହିଛି। ଏହି ଗାନଶୈଳୀ ଓ ଆବୃତ୍ତି ଶୈଳୀ ମଧ୍ୟ ଧ୍ୱନି ସହ ସଂଯୋଜିତ। ଧ୍ୱନିବିଜ୍ଞାନ ଅନୁସାରେ ଦ୍ରବ୍ୟର କମ୍ପନରୁ ଧ୍ୱନିର ଉତ୍ପତ୍ତି ହୋଇଥାଏ। କୌଣସି ଦ୍ରବ୍ୟରେ ଆଘାତ ଦ୍ୱାରା ଯେଉଁ କମ୍ପନ ସୃଷ୍ଟି ହୁଏ, ସେଥିରୁ ଧ୍ୱନି ସୃଷ୍ଟି ହୋଇଥାଏ। ତାର, ତବଲା, ଖୋଳ ଆଦିରେ ଆଘାତର ଅନୁପାତ ଦ୍ୱାରା ଧ୍ୱନି ସୃଷ୍ଟି ହୁଏ। ସେହିପରି ମଣିଷ ଶରୀରର ଫୁସ୍‌ଫୁସ୍ ମଧ୍ୟରୁ ପ୍ରବାହିତ ହେଉଥିବା ବାୟୁ ବାଗ୍‌ଯନ୍ତ୍ରର ବିଭିନ୍ନ ସ୍ଥାନରେ ଆଘାତ ପ୍ରାପ୍ତ ହୋଇ ବାଚିକ ଧ୍ୱନି ସୃଷ୍ଟି କରିଥାଏ। ଏହି ଧ୍ୱନିରୁ

ଆମ୍ଭେ ସ୍ୱରବର୍ଣ୍ଣ ଏବଂ ବ୍ୟଞ୍ଜନ ବର୍ଣ୍ଣ ପାଇଥାଉ। ଯଦି ଫୁସ୍‌ଫୁସ୍ ମଧ୍ୟରୁ ପ୍ରବାହିତ ହେଉଥିବା ବାୟୁକୁ ଆଘାତ ପ୍ରଦାନ କରାନଯାଏ ତେବେ ସେ ଧ୍ୱନି ସୃଷ୍ଟି କରିପାରିନଥାଏ। ଓଷ୍ଠ, ଦାନ୍ତ, ବର୍ତ୍ସ, ତାଲୁ, ଘଣ୍ଟିକା, ଜିହ୍ୱା ଆଦି ବାଗ୍‌ଯନ୍ତ୍ରର ଅଂଶ ଦ୍ୱାର ଫୁସଫୁସ୍ ପ୍ରବାହିତ ବାୟୁକୁ ଆଘାତ ପ୍ରଦାନ କରାଯାଏ ଏବଂ ଏହି ଆଘାତରୁ ସ୍ୱର ସୃଷ୍ଟି ହୁଏ। ଏହାହିଁ ଛନ୍ଦର ଆଧାର।

> ଧ୍ୱନିକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ।
> ପ୍ରଥମଟି "ନାଦ" ଓ ଦ୍ୱିତୀୟଟି "ରାବ"।
> "ସଙ୍ଗୀତ ରତ୍ନାକର"ରେ କୁହାଯାଇଛି :
> ନକାରଂ ପ୍ରାଣନାମାନଂ ଦକାରମନଳଂ ବିଦୁଃ ।
> ଜାତଃପ୍ରାଣାଗ୍ନିସଂଯୋଗାତେନ ନାଦୋଽଭିଧୀୟତେ । (୧/୩/୬)

**ଅର୍ଥାତ୍ :** ନକାର ହେଉଛି ପ୍ରାଣବାୟୁ ଏବଂ ଦକାର ହେଉଛି ଅଗ୍ନିବାୟୁ। ଏହାର ସମ୍ମେଳନ ଦ୍ୱାରା ଯେଉଁ ଧ୍ୱନି ସୃଷ୍ଟି ହୁଏ ତାହାକୁ ନାଦ କହନ୍ତି। ନାଦ ପୁନର୍ବାର ଦୁଇ ଭାଗରେ ବିଭକ୍ତ: ଅନାହତ ନାଦ ଓ ଆହତ ନାଦ। ନାଦ ସର୍ବଦା ମଧୁର। ଶ୍ରୁତି ମଧୁର ଏବଂ ସଙ୍ଗୀତର ଉପଯୋଗୀ ଧ୍ୱନିକୁ "ନାଦ" କୁହାଯାଏ। "ନାଦ" ବ୍ୟତୀତ ଅନ୍ୟ ସମସ୍ତ ଧ୍ୱନିକୁ "ରାବ" କୁହାଯାଏ। ରାବର ପରିସର ମଧ୍ୟରେ ଯାନ୍ତ୍ରିକ ଧ୍ୱନି, କଳରବ, ଚିତ୍କାର, ହାସ୍ୟରୋଳ, ଯୁଦ୍ଧ ସମୟର ବିଭିନ୍ନ ମାରଣାସ୍ତ୍ର ଉତ୍ପନ୍ନ ଧ୍ୱନି, ପଶୁପକ୍ଷୀଙ୍କର ଗର୍ଜନକୁ ରାବ କୁହାଯିବ। କୌଣସି ଶୃଙ୍ଖଳା ନଥାଇ, ଛନ୍ଦ ନଥାଇ ଯେଉଁ ଧ୍ୱନିର ଉତ୍ପନ୍ନ ହୋଇଥାଏ ମୁଖ୍ୟତଃ ରାବ କୁହାଯାଇଥାଏ।

ଓଡ଼ିଆ ସାହିତ୍ୟର ଆଦ୍ୟ ପର୍ଯ୍ୟାୟ ରଚନାରେ ପଦ, ଛନ୍ଦ ଓ ରାଗ ରାଗିଣୀ ମଧ୍ୟରେ ବିଶେଷ ପାର୍ଥକ୍ୟ ଅନୁଭୂତ ହୋଇନଥାଏ। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡିଆ ସାହିତ୍ୟରେ ସଙ୍ଗୀତ ଓ ପଦ୍ୟ (କବିତା) ମଧ୍ୟରେ କୌଣସି ସୀମାରେଖା ଟଣା ଯାଇନଥିଲା। ସମସ୍ତ ପଦ୍ୟ ରଚନା ସଙ୍ଗୀତଧର୍ମୀ ଥିଲା। ଗାନ, ନୃତ୍ୟ ଓ ବାଦ୍ୟର ସମ୍ମିଶ୍ରଣରେ ଏହା ସାହିତ୍ୟର ଆନନ୍ଦ ପ୍ରଦାନ ଧର୍ମକୁ ପ୍ରାଧାନ୍ୟ ଦେଉଥିଲା। ପ୍ରାଚୀନ କବିତାରେ ଗାନଧର୍ମୀତା ଥିଲା ପଦ୍ୟରଚନାର ମୌଳିକ ଗୁଣ। ଏଥି ନିମିତ୍ତ ଓଡ଼ିଆ ସାହିତ୍ୟରେ କବିତା ଅପେକ୍ଷା ଗୀତର ପ୍ରାଧାନ୍ୟ ଅଧିକ ଦେଖାଯାଏ। ପ୍ରାଚୀନ ଗୀତିକବିତାର ସମସ୍ତ ପ୍ରାରୂପ, ଯଥା ପୋଇ, ଭଜନ, ଜଣାଣ, ଚଉତିଶା, ଚମ୍ପୁ ଇତ୍ୟାଦି ଗାନଧର୍ମି ଓ ସଙ୍ଗୀତମୟ ଥିଲା। ସେହିପରି ଲୋକଗୀତ ଓ ନୃତ୍ୟ ଭାବରେ ପରିଚିତ ପାଲା, ଦାସକାଠିଆ, କେଳା କେଳୁଣୀ ଗୀତ, ରଜଦୋଳି ଗୀତ, ଡାଲଖାଇ ଗୀତ ଇତ୍ୟାଦିରେ ମଧ୍ୟ ଗାନଧର୍ମିତା ଉପରେ ପ୍ରାଧାନ୍ୟ ଦିଆଯାଇଥାଏ। ଏହାବ୍ୟତୀତ ଓଡ଼ିଶାରେ ସଂସ୍କୃତ କାବ୍ୟ ସାହିତ୍ୟ ଚର୍ଚ୍ଚାର ପରଂପରା ବହୁ ପ୍ରାଚୀନ ଓ ବଳିଷ୍ଠ ଓଡ଼ିଆ ସଂସ୍କୃତ ପଣ୍ଡିତମାନେ ସଂସ୍କୃତ ଛନ୍ଦର ଚର୍ଚ୍ଚା ତଥା ଅନୁକରଣରେ ଓଡ଼ିଆ କବିତା ରଚନାର ପରଂପରା ସୃଷ୍ଟି କରିଥିଲେ। ବିଶେଷତଃ ଜୟଦେବଙ୍କ 'ଗୀତଗୋବିନ୍ଦ'ର ଲୋକପ୍ରିୟତା ଏଥିରେ ବ୍ୟବହୃତ ହୋଇଥିବା ଛନ୍ଦକୁ ଲୋକପ୍ରିୟ କରାଇବାରେ ସହାୟକ ହୋଇଥିଲା । ଗୀତ ଗୋବିନ୍ଦରେ ମୋଟ ୧୧ଟି ରାଗ ଓ ଛଅ ଗୋଟି ତାଳ ବ୍ୟବହାର କରାଯାଇଛି। ଏହି ରାଗ ଓ ତାଳ ସମନ୍ୱିତ ଖଣ୍ଡ କାବ୍ୟଟି ତାହାର ଗାନଧର୍ମିତା ନିମିତ୍ତ ଲୋକପ୍ରିୟ ହୋଇ ପାରିଥିଲା। ଏଥିରେ ଗୁର୍ଜରୀ, ରାମକେରୀ, ବସନ୍ତ, ମାଳବ, ବରାଡ଼ି, ବିଭାସ, ଭୈରବୀ ଓ ଗୁଣ୍ଡକେରି ଆଦି ରାଗର ବ୍ୟବହାର ହୋଇଥିବା ଦେଖାଯାଏ।

## ୧.୫ ଛନ୍ଦ, ଛାନ୍ଦ, ବୃତ୍ତ, ବାଣୀ

ବର୍ଣ୍ଣ ବା ଅକ୍ଷର ସଂଯୋଗରେ ପଦ ଓ ବାକ୍ୟ ସୃଷ୍ଟି ହୋଇଥାଏ। ଉଭୟ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣର ମିଳନ ଦ୍ୱାରା ଯେଉଁ ଗଠନ ପ୍ରକରଣ ନିର୍ମିତ ହୁଏ, ତାହାହିଁ ବାକ୍ୟ ଅଥବା ପଦ୍ୟର ପରିଚୟ ସୃଷ୍ଟି କରିଥାଏ। ଗୋଟିଏ ବାକ୍ୟରେ ଅଥବା ଗଦ୍ୟରଚନାରେ ଯେପରି ଉଦ୍ଦେଶ୍ୟ ଓ ବିଧେୟ ମୌଳିକ ତଥା ପ୍ରାଥମିକ ଉପାଦାନ, ସେହିପରି ଏକ ପଦ୍ୟ ରଚନାରେ ଅକ୍ଷରସଂଖ୍ୟା, ଯତିପାତ ଓ ମେଳ ଏହାର ମୌଳିକ ଓ ପ୍ରାଥମିକ ଉପାଦାନ। ତେବେ ଓଡ଼ିଶାରେ ପଦ୍ୟ ସହ ରାଗ ଓ ତାଳର ସମ୍ମିଶ୍ରଣ କରାଯାଉଥିବାରୁ ଅନେକ ସ୍ଥଳରେ ପଦ୍ୟଟି ରାଗ ଓ ତାଳଯୁକ୍ତ ସଙ୍ଗୀତରେ ପରିଣତ ହୁଏ। ବିଶିଷ୍ଟ ସଙ୍ଗୀତଜ୍ଞ ଶ୍ରୀ ଶ୍ୟାମସୁନ୍ଦର ଧୀର ଏହାର ବିଶ୍ଳେଷଣ କରିବାକୁ ଯାଇ ଲେଖିଛନ୍ତି "ଯେଉଁଠାରେ ବାକ୍ୟ ଅନିୟମିତ ସମୟ ମଧ୍ୟରେ ପ୍ରକାଶ କରାଯାଏ, ଯାହା ଛନ୍ଦହୀନ ତାହାକୁ ଗଦ୍ୟ କୁହାଯାଏ ଏବଂ ଯାହା ନିୟମିତ ସମୟ ମଧ୍ୟରେ ଯତିପାତ ସହିତ ମନର ଭାବ ପ୍ରକାଶ କରିବା ନିମନ୍ତେ ପଦମାନଙ୍କୁ ଛନ୍ଦି ବାକ୍ୟ ରଚନା କରାଯାଏ, ତହିଁରୁ ଛନ୍ଦ ବା ପଦ୍ୟର ଉତ୍ପନ୍ନ ହୁଏ। ଏହି ଛନ୍ଦ ଓ ପଦ୍ୟରୁ ନାନାପ୍ରକାର ଗୀତ ଓ ଛନ୍ଦର ସୃଷ୍ଟି ହୋଇଛି; ମଧ୍ୟ ଏହି ଛନ୍ଦରୁ ବିଭିନ୍ନ ପ୍ରକାର ତାଳ ହୁଏ ଏବଂ ଏହି ଛନ୍ଦ ଓ ଗୀତମାନଙ୍କରେ ବ୍ୟକ୍ତ କରାଯାଇଥିବା ମନର ଭାବ ଅନୁସାରେ ଭାଷାକୁ ସ୍ୱର-ତାଳ ସଂଯୋଗରେ ପ୍ରାକୃତିକ ରୀତିକୁ ଲକ୍ଷ୍ୟ ଓ ମେଳ ରଖି ପ୍ରକାଶ କରି ରସଭାବୋଦ୍ରେକ କରାଇ ଫଳପ୍ରଦ କରାଇବାରୁ ନାନାପ୍ରକାର ରାଗ ସ୍ୱତଃ ଉଦ୍ଭବ ହୋଇଅଛି ଏବଂ ତାତ୍ପର୍ଯ୍ୟ ଅନୁସାରେ ରାଗ ନାମ ଓ ସମୟ ଆଦି ସ୍ଥିର କରାଯାଇଥିବା ଉପଲବ୍ଧି ହୁଏ। (ଓଡ଼ିଶୀ ସଙ୍ଗୀତ ପଦ୍ଧତି - ଶ୍ରୀ ଶ୍ୟାମସୁନ୍ଦର ଧୀର, ୧୯୬୪, ପୃଷ୍ଠା-୩୩୯)

ଛନ୍ଦ ଠାରୁ ଛାନ୍ଦ ସଂପୂର୍ଣ୍ଣ ଭିନ୍ନ। ଯେଉଁ କବିତା ବା ଗୀତରେ ଘୋଷାପଦ ନଥାଏ ତାହାକୁ ଛାନ୍ଦ କୁହାଯାଏ। ଏହି ଘୋଷା ଶବ୍ଦର ପ୍ରତିଶବ୍ଦ ଧ୍ରୁବପଦ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନେକତ୍ର ଘୋଷା ଶବ୍ଦ ବ୍ୟବହୃତ ନହୋଇ ଧ୍ରୁବପଦ ବା ଧ୍ରୁ ଶବ୍ଦ ବ୍ୟବହାର ହୋଇଥିବା ଦେଖାଯାଏ। ଛାନ୍ଦର ମୌଳିକ ଲକ୍ଷଣ ହେଉଛି ସବୁ ପଦ ଗୁଡ଼ିର ଏକକ ଗାନଧର୍ମ। ଅର୍ଥାତ ପ୍ରଥମ ପଦରୁ ଶେଷ ପଦ ପର୍ଯ୍ୟନ୍ତ ଗୋଟିଏ ଶୈଳୀରେ ଗାନ ପଦ୍ଧତିକୁ ଛାନ୍ଦ କୁହାଯାଏ। ଯଦି ଏହାକୁ ଗାନ ନକରି କେବଳ ଉଚ୍ଚସ୍ୱରରେ ପାଠ କରାଯାଏ, ତେବେ ତାହାକୁ ପଦ୍ୟାବୃତ୍ତି କୁହାଯାଏ। ଏଣୁ ଏକ କବିତା ବା ପଦ୍ୟକୁ ଯଦି ଏକମାତ୍ର ସ୍ୱରରେ ଆରମ୍ଭରୁ ଶେଷଯାଏଁ ଗାନ କରାଯାଏ, ତାହା ଛାନ୍ଦ ହୋଇଥାଏ। ସେହି କବିତା ବା ପଦ୍ୟକୁ ଉଚ୍ଚସ୍ୱରରେ ଉଚ୍ଚାରଣପୂର୍ବକ ପାଠକଲେ ତାହା କବିତାବୃତ୍ତି ହୋଇଥାଏ।

ଛାନ୍ଦକୁ ଗାୟନକାରୀ ବିସ୍ତାରିତ କରି ଗାନ କରେ ନାହିଁ। ଛାନ୍ଦକୁ ବିସ୍ତାରସଂଯୋଗ ଗାନକଲେ ତାହା ଛାନ୍ଦ ହେବନାହିଁ। ତେବେ କେତେକ ଛାନ୍ଦରେ କିଛି ରାଗର ଉଲ୍ଲେଖ ରହିଥାଏ ଏବଂ ଛାନ୍ଦଟିକୁ ସେହି ରାଗରେ ଗାନ କରିବାକୁ ହୁଏ। ପ୍ରାୟତଃ ଛାନ୍ଦରେ ରାଗରେ ଉଲ୍ଲେଖ ନଥାଏ। ଅନେକ ସମୟରେ ଛାନ୍ଦଗୁଡ଼ିକ ପ୍ରାଚୀନ ବୃତ୍ତ ବା ବାଣୀରେ ଗାଇବାକୁ ଉଲ୍ଲେଖ ରହିଥାଏ। ଅତି ଲୋକପ୍ରିୟ ରଚନାର ଗାନଶୈଳୀ ପରବର୍ତ୍ତୀ ପର୍ଯ୍ୟାୟରେ ବୃତ୍ତ ବା ବାଣୀ ହୋଇଥାଏ। ଜଗନ୍ନାଥ ଦାସ ତାଙ୍କର ଭାଗବତକୁ 'ଗୁଜ୍ଜରୀ' ଛନ୍ଦରେ ରଚନା କରିଥିବା ସମୟରେ, ଏହି ଛନ୍ଦଟି ଲୋକପ୍ରିୟ ହୋଇ ଏହା "ନବାକ୍ଷରୀ" ବୃତ୍ତ ନାମରେ ନାମିତ ହୋଇଛି। ଭାଗବତର

ପଦ ରଚନା ଶୈଳୀ ସହ ଏହାର ଗାନଶୈଳୀକୁ "ନାବାକ୍ଷରୀ ବୃତ୍ତ" ବା ଭାଗବତ ବୃତ୍ତ କୁହାଯାଇଥାଏ। ତେବେ ମୁଖ୍ୟତଃ ଛନ୍ଦ ପଦ୍ୟର ଆବୃତ୍ତି ଧର୍ମିତାକୁ ସୂଚଉଥିବା ସମୟରେ ବୃତ୍ତ ବା ବାଣୀ ଓ ରାଗ ତାହାର ଗାନଧର୍ମିତାକୁ ସୂଚଇଥାଏ।

ଓଡ଼ିଆ ଛନ୍ଦରେ ଏହାମଧ୍ୟ ଏକ ଲକ୍ଷଣୀୟ ବିଷୟ ଯେ, ଗୋଟିଏ ଛନ୍ଦକୁ ଭିନ୍ନ ଭିନ୍ନ ରାଗରେ ମଧ ଗାନ କରାଯାଇଥାଏ। ଓଡ଼ିଆ ସାହିତ୍ୟର ଏହା ଏକ ପ୍ରାଚୀନ ପରଂପରା। ସାଧାରଣତଃ ଦ୍ୱାଦଶାକ୍ଷରୀ ଓ ଚତୁର୍ଦ୍ଦଶାକ୍ଷରୀ ଛନ୍ଦରେ ଏହା ଦେଖାଯାଇଥାଏ। ଦ୍ୱାଦଶାକ୍ଷରୀ ବୃତ୍ତରେ ଥିବା ଛନ୍ଦଗୁଡିକର ନାମ କଳହଂସ କେଦାର, କେଦାର କାମୋଦୀ, ଆଶାବରୀ, ବିଭାସଗୁଜ୍ଜରୀ ଓ ଭୂପାଳ ଇତ୍ୟାଦି। ଲାବଣ୍ୟବତୀ କାବ୍ୟରେ ଚତୁର୍ଦ୍ଦଶାକ୍ଷରୀ ବୃତ୍ତରେ ଅନେକ ରାଗର ପ୍ରୟୋଗ କରାଯାଇଛି। ତାହାର ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

୧. ଲାବଣ୍ୟବତୀ, ପ୍ରଥମ ଛାନ୍ଦ - ରାଗ - ନଳିନୀଗୌଡ଼ା
ଜୟ ଜୟ ଜୟ ରାମ ଜନକ ସୁଖଦ
ଭୀମ ହରଷ ଦାନରେ ସଦା ବିଷାରଦ ।

୨. ଲାବଣ୍ୟବତୀ, ଦ୍ୱିତୀୟ ଛାନ୍ଦ - ରାଗ - ପଟହ ମଞ୍ଜରୀ
ଶୁଣହେ ସୁଜନେ ରାସ କର୍ଣ୍ଣମନ ଲୋଭା
ରତ୍ନାକର ମଧ୍ୟରେ ସିଂହଳ ଦ୍ୱୀପ ଶୋଭା ।

୩. ଲାବଣ୍ୟତୀ -୨୧ଶ ଛାନ୍ଦ-ରାଗ-ଭୈରବ
ଜର ଜର ତନୁ ବାଜି ଫୁଲ ଶର ଶର
ଥର ଥର ହୋଇ ବୋଲେ କଷ୍ଟ ହର ହର ।

୪. ଲାବଣ୍ୟବତୀ - ୨୮ଶ ଛାନ୍ଦ- ରାଗ-ମଙ୍ଗଳ
କେତକୀ କୁସୁମେ କେହି ବିହରିବ ଅଳି
ପାତକୀ କି ହେବ ପୁରନ୍ଦର ପଦ ଭଳି।
ଲୋଷ୍ଟ୍ରେ ନଷ୍ଟ କରି ଯେବେ ହୋଇବ ଗିରିକି
ସାଧ୍ୱୀ ଜୀବନେ ଥାଉ ହର ବଇରୀକି ।

ଏଥିରୁ ଜଣାଯାଉଛି ଯେ ଅକ୍ଷର ସଂଖ୍ୟା ସମାନ ଥାଇ ମଧ ଭିନ୍ନ ଭିନ୍ନ ରାଗ ବା ବୃତ୍ତରେ ତାହାକୁ ଗାନ କରିବାର ପରଂପରା ଓଡ଼ିଆ ସାହିତ୍ୟରେ ରହିଅଛି।

ଯେଉଁ ପଦ୍ୟ ରଚନାରେ ସମ ସଂଖ୍ୟକ ଅକ୍ଷର ପ୍ରତ୍ୟେକ ପାଦରେ ରଖାଯାଏ ତାହାକୁ "ବୃତ୍ତ ଛନ୍ଦ" କୁହାଯାଏ। ମାତ୍ର ଯେଉଁ ପଦ୍ୟ ରଚନାରେ ଅକ୍ଷର ସଂଖ୍ୟାରେ ଗୁରୁତ୍ୱ ନଦେଇ "ମାତ୍ରା" ଉପରେ ଗୁରୁତ୍ୱ ପ୍ରଦାନ କରାଯାଏ, ତାହାକୁ "ଜାତିଛନ୍ଦ" କୁହାଯାଏ। "ଛନ୍ଦୋମଞ୍ଜରୀ" ଗ୍ରନ୍ଥରେ "ବୃତ୍ତ"ର ଗୁଣ ନିମ୍ନ ପ୍ରକାରେ ବ୍ୟାଖ୍ୟାନ କରାଯାଇଛି :

ପଦ୍ୟଂ ଚତୁଷ୍ପଦୀ ତଚ୍ଚ
ବୃତ୍ତଂ ଜାତିରିତି ଦ୍ୱିଧା ।
ବୃତ୍ତଂ ଅକ୍ଷର ସଂଖ୍ୟାତଂ
ଜାତିର୍ମାତ୍ରାକୃତାଭବେତ୍ ।

"ବୃତ୍ତ"କୁ ପୁନଶ୍ଚ ତିନିଭାଗରେ ବିଭକ୍ତ କରାଯାଇଛି । ସେଗୁଡିକ ହେଲା - (୧) ସମବୃତ୍ତ (୨) ଅର୍ଦ୍ଧ ସମବୃତ୍ତ ଓ (୩) ବିଷମ ବୃତ୍ତ । ଯେଉଁଠାରେ ଗୋଟିଏ ପଦର ଚାରିପାଦର ଅକ୍ଷର ସଂଖ୍ୟା ସମାନ, ସେଠାରେ ସମବୃତ୍ତ ହୋଇଥାଏ । ଯେଉଁଠାରେ ପ୍ରଥମପାଦର ଅକ୍ଷର ସଂଖ୍ୟା ତୃତୀୟ ପାଦର ଅକ୍ଷର ସଂଖ୍ୟା ସହ ସମାନ ଓ ଦ୍ୱିତୀୟ ପାଦର ଅକ୍ଷର ସଂଖ୍ୟା ଚତୁର୍ଥ ପାଦର ଅକ୍ଷର ସଂଖ୍ୟା ସଙ୍ଗେ ସମାନ ହୋଇଥାଏ, ସେଠାରେ ଅର୍ଦ୍ଧ ସମବୃତ୍ତ ହୋଇଥାଏ । ଯେଉଁ ପଦ୍ୟର ପାଦମାନଙ୍କର ଅକ୍ଷର ସଂଖ୍ୟାରେ ସମତା ନଥାଏ, ସେଠାରେ ବିଷମବୃତ୍ତ ହୋଇଥାଏ ।

ଓଡ଼ିଆ କାବ୍ୟ ସାହିତ୍ୟରେ ବୃତ୍ତ ଓ ବାଣୀକୁ ଅନେକ ସମୟରେ "ରାଗ"ର ପ୍ରତିଶବ୍ଦ ଭାବରେ ମଧ୍ୟ ବ୍ୟବହାର କରାଯାଇଥାଏ । ଗୋଟିଏ ଲୋକପ୍ରିୟ କବିତାର ଗାନ ଶୈଳୀକୁ ବୃତ୍ତ ଭାବରେ ବ୍ୟବହାର କରାଯାଉଥିବା ପ୍ରସଙ୍ଗ ଅନେକ ଆଲୋଚକ ଉଲ୍ଲେଖ କରିଛନ୍ତି । କୌଣସି ପଦ୍ୟର ଛନ୍ଦ ପ୍ରାଞ୍ଜଳ ଭାବରେ ନିର୍ଦ୍ଦେଶ କରିବାପାଇଁ ଯେତେବେଳେ ଅନ୍ୟ ଗୋଟିଏ ସୁପରିଚିତ ରଚନାରେ ବ୍ୟବହୃତ ଛନ୍ଦର ଉଲ୍ଲେଖ କରାଯାଏ, ସେତେବେଳେ "ବୃତ୍ତ" ବା "ବାଣୀ" ଶବ୍ଦ ପ୍ରୟୋଗ କରାଯାଏ ।

## ୧.୬ ଓଡ଼ିଆ ଛନ୍ଦର ପ୍ରକାରଭେଦ

ଓଡିଆ ଛନ୍ଦକୁ ଅକ୍ଷର ଭିତ୍ତିରେ ଓ ଯତିପାତ ଭିତ୍ତିରେ ବିଭାଗୀକରଣ କରାଯାଇଥାଏ । ଅକ୍ଷର ଭିତ୍ତିରେ ଓଡିଆ ଛନ୍ଦକୁ ଚାରିଭାଗରେ ବିଭକ୍ତ କରାଯାଇଥାଏ । ସେଗୁଡ଼ିକ ହେଲା : (କ) ମିତ୍ରାକ୍ଷର (ଖ) ପୂର୍ଣ୍ଣମିତ୍ରାକ୍ଷର (ଗ) ଅମିତ୍ରାକ୍ଷର (ଘ) ଅପୂର୍ଣ୍ଣମିତ୍ରାକ୍ଷର

**(କ) ମିତ୍ରାକ୍ଷର ଛନ୍ଦ :** ଯେଉଁ କବିତାରେ ପାଦର ପ୍ରାନ୍ତ ଅକ୍ଷରର ମିଳନ ହୁଏ, ତାହାକୁ ମିତ୍ରାକ୍ଷର ଛନ୍ଦ କୁହାଯାଏ । ଏହି ଛନ୍ଦରେ ବହୁ ପ୍ରକାର ରାଗ ବ୍ୟବହୃତ ହୋଇଥାଏ । ପ୍ରତ୍ୟେକ ରାଗରେ ଅକ୍ଷର ସଂଖ୍ୟା ପାଦ ସଂଖ୍ୟା ଓ ଯତିପାତର ସ୍ଥାନ ନିର୍ଦ୍ଦିଷ୍ଟ ଥାଏ ।

**ଉଦାହରଣ :** ତୋ ପଶ୍ଚିମ ତୀର ଶୋଭାର ନିଳୟ
ଦେଖି ନ ରହିବ ଲାଖି କା ହୃଦୟ । (ଚିଲିକା)

ଏଠାରେ ପ୍ରଥମ ପାଦର ଶେଷ ଅକ୍ଷର "ୟ" ଓ ଦ୍ୱିତୀୟ ପାଦର ଶେଷ ଅକ୍ଷର "ୟ"ର ମିଳନ ହେଉଥିବାରୁ ଏହା ମିତ୍ରାକ୍ଷର ଛନ୍ଦ ।

**(ଖ) ପୂର୍ଣ୍ଣମିତ୍ରାକ୍ଷର ଛନ୍ଦ :** ପୂର୍ଣ୍ଣମିତ୍ରାକ୍ଷର ଛନ୍ଦରେ ପାଦର ଅନ୍ତ୍ୟ ଅକ୍ଷର ସହ ଅନ୍ତ୍ୟ ଅକ୍ଷରର ପୂର୍ବବର୍ତ୍ତୀ ସ୍ୱର ସହିତ ପରବର୍ତ୍ତୀ ପାଦର ଅନ୍ତ୍ୟ ଅକ୍ଷର ଓ ଅନ୍ତ୍ୟ ଅକ୍ଷର ପୂର୍ବବର୍ତ୍ତୀ ସ୍ୱରର ମିଳନ ଘଟିଲେ ପୂର୍ଣ୍ଣମିତ୍ରାକ୍ଷର ଛନ୍ଦ ହୋଇଥାଏ।

**ଉଦାହରଣ :** ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନୀଳାମ୍ବୁ ଚିଲିକା । (ଚିଲିକା)

ଏଠାରେ ପ୍ରଥମ ପାଦର ଅନ୍ତ୍ୟଅକ୍ଷର 'କା' ଓ ଅନ୍ତ୍ୟଅକ୍ଷର ପୂର୍ବବର୍ତ୍ତୀ ସ୍ୱର 'ଇ' ସହିତ ଦ୍ୱିତୀୟ ପାଦର ଅନ୍ତ୍ୟଅକ୍ଷର 'କା' ଓ ଅନ୍ତ୍ୟଅକ୍ଷର ପୂର୍ବବର୍ତ୍ତୀ ସ୍ୱର 'ଇ' ସହିତ ସଂପୂର୍ଣ୍ଣ ମେଳ ଘଟୁଥିବାରୁ, ଏହା ପୂର୍ଣ୍ଣମିତ୍ରାକ୍ଷର ଛନ୍ଦ ହେଲା ।

**(ଗ) ଅପୂର୍ଣ୍ଣମିତ୍ରାକ୍ଷର ଛନ୍ଦ :** ଏହି ଛନ୍ଦରେ କେବଳ ଅନ୍ତ୍ୟଅକ୍ଷରରେ ମିଳନ ଘଟିଥାଏ।

**ଉଦାହରଣ :** ମହୀମଣ୍ଡଳେତ ଥିବ ନାହିଁ ଜଣେ
ମୋ ଭଳି ନିରେଖ ଜନ, (ଅନ)
ଏ ମହା-ସମୁଦ୍ରେ ମଝିରେ ବାପାହେ
କେମନ୍ତେ ବଞ୍ଚିବି ଦିନ । (ଦିନ)

ଏହି ପାଦଟିରେ ପ୍ରଥମ ପାଦର ଅନ୍ତ୍ୟଅକ୍ଷର 'ନ' ଓ ଦ୍ୱିତୀୟ ପାଦର ଅନ୍ତ୍ୟ ଅକ୍ଷର 'ନ' ମଧ୍ୟରେ ମିଳନ ଘଟୁଥିବାରୁ ଏହାକୁ ଅପୂର୍ଣ୍ଣମିତ୍ରାକ୍ଷର ଛନ୍ଦ କୁହାଯାଏ।

**(ଘ) ଅମିତ୍ରାକ୍ଷର ଛନ୍ଦ :** ଏହି ଛନ୍ଦର କବିତାରେ ଅନ୍ତ୍ୟଅକ୍ଷର ମିଳନରେ ଶୃଙ୍ଖଳା ଦୃଷ୍ଟି ଗୋଚର ହୁଏନାହିଁ। ଅମିତ୍ରାକ୍ଷର ଛନ୍ଦର ପ୍ରତ୍ୟେକ ପାଦର ଅଷ୍ଟମ ଓ ଶେଷ ଅକ୍ଷର ଉପରେ ଯତିପାତ ହୋଇଥାଏ। ତେବେ ଏହି ଛନ୍ଦର ପାଦ ସଂଖ୍ୟାରେ ମଧ୍ୟ ଶୃଙ୍ଖଳା ପରିଲକ୍ଷିତ ହୁଏ ନାହିଁ। ପ୍ରାଚୀନ ଓଡ଼ିଆ କବିତାରେ ଏହି ଛନ୍ଦର ବ୍ୟବହାର ନଥିଲା। କବିବର ରାଧାନାଥ ରାୟ ତାଙ୍କର 'ମହାଯାତ୍ରା' କାବ୍ୟରେ ଏହାର ପ୍ରୟୋଗ କରି ସଫଳ ହୋଇଛନ୍ତି। ଇଂଲିଶ ସାହିତ୍ୟରେ ବ୍ୟବହୃତ ହେଉଥିବା ଅମିତ୍ରାକ୍ଷର (Blank Verse) ର ଏହା ସଫଳ ପ୍ରୟୋଗ। ଏହି ଛନ୍ଦରେ ପଦ ଓ ପାଦ ବିଭାଜନ ନଥାଏ।

**ଉଦାହରଣ :** "ଏ ଜୀବ ନୁହଇ ସ୍ଥିର' ସ୍ଥିରଟି ମରଣ
ମାଟିର ଏ ଘଟ ନିଶ୍ଚେ' ମିଶିବ ମାଟିରେ
ସର୍ବହର କାଳ' ମହା'ବଳୀ ଠାରୁ ବଳୀ
କଠୋର ଏ ଧନୁ ତୋର' କଠୋର ଭୀମର
ମହାଗଦା' ଗ୍ରାସ ସେ' ପକଇରମ୍ଭା ପରି'
ଲଗାଇଛି ଫାଶ ସେହୁ' ସମସ୍ତଙ୍କ ଗଳେ-
କି ରାଜା' କି ପ୍ରଜା କିବା' ବୀର କିବା ଭୀରୁ
ଗୁଣୀ ! ଗୁଣହୀନ ଅବା' ସୁନ୍ଦର କୁତ୍ସିତ। (ମହାଯାତ୍ରା)

ଓଡ଼ିଆ ଛନ୍ଦକୁ ସମଛନ୍ଦ, ବିଷମଛନ୍ଦ ଓ ମୁକ୍ତଛନ୍ଦ ଭାବରେ ମଧ୍ଯ ବିଭାଗୀକରଣ କରାଯାଇଥାଏ। ଯେଉଁ ପଦର ପ୍ରତ୍ୟେକ ପାଦ ସମାନ ଅକ୍ଷର ବିଶିଷ୍ଟ, ସେଗୁଡ଼ିକୁ ସମଛନ୍ଦ କୁହାଯାଏ। ବଙ୍ଗଳାଶ୍ରୀ, ନଟବାଣୀ, ରାମକେରୀ, ଗୁଜ୍ଜରୀ, କଳହଂସକୋଦାର ପ୍ରଭୃତି ଛନ୍ଦକୁ ସମଛନ୍ଦ କୁହାଯାଏ। ଯେଉଁ ଛନ୍ଦର ପାଦର ଅକ୍ଷର ସଂଖ୍ୟା ଅସମାନ ଓ ଯତିପାତରେ ଆରୋହ-ଅବରୋହ-ଆରୋହ ଘଟିଥାଏ, ତାହାକୁ ବିଷମଛନ୍ଦ କୁହାଯାଏ। ବିଷମଛନ୍ଦରେ ପାଦସଂଖ୍ୟା ଦୁଇରୁ ଅଧିକ ହୋଇଥାଏ। ଶଙ୍କରାଭରଣ, କାମୋଦୀ, ରସକୂଲ୍ୟା, ଚୋଖି ଓ ଆଷାଢଶୁକ୍ଳ ପ୍ରଭୃତି ବିଷମଛନ୍ଦ ଭାବରେ ଗୃହୀତ ହୋଇଛି। ମୁକ୍ତଛନ୍ଦକୁ ଇଂଲିଶ ଭାଷାରେ Free Verse କୁହାଯାଏ। କଥିତ ସ୍ୱର ଅନୁପାତରେ ଏହି ଛନ୍ଦର ଗତି ନିର୍ଦ୍ଧାରଣ କରିଥାଏ। ବିଶିଷ୍ଟ ଇଂଲିଶ କବି ହୁଇଟ୍‌ମ୍ୟାନ ଏହି ଛନ୍ଦକୁ ପାଠକ ପ୍ରିୟ କରାଇଥିଲେ। କବିତାର ପାରମ୍ପାରିକ ବନ୍ଧନକୁ ପରିତ୍ୟାଗ କରି ସ୍ୱଚ୍ଛନ୍ଦ ଓ ସାବଲୀଳ ପ୍ରକାଶଭଙ୍ଗୀକୁ ଏହି ଶୈଳୀରେ ପ୍ରାଧାନ୍ୟ ଦିଆଯାଏ। ଛନ୍ଦର ଅନ୍ତରୀଣ ସ୍ୱଚ୍ଛନ୍ଦ ଓ ସାବଲୀଳତା ଉପରେ ଏହି ଛନ୍ଦରେ ଗୁରୁତ୍ୱ ପ୍ରଦାନ କରାଯାଏ। ଏହି ଅର୍ନ୍ତଚ୍ଛନ୍ଦରେ କୌଣସି ନିର୍ଦ୍ଧାରିତ ଯତିପାତ ବା ଅକ୍ଷର ସଂଖ୍ୟା ନଥାଏ। ଓଡ଼ିଆ କବିତାରେ ସଚ୍ଚିଦାନନ୍ଦ ରାଉତରାୟ ପ୍ରଥମେ ସଫଳ ପ୍ରୟୋଗ କରିବା ପରେ ଆଧୁନିକ ଓଡ଼ିଆ କବିତାରେ ଏହି ଛନ୍ଦ ବହୁଳ ଭାବରେ ପ୍ରୟୋଗ ହେଉଛି।

## ୧.୭ ବିଭିନ୍ନ ଓଡ଼ିଆ ଛନ୍ଦର ଗଠନ ରୀତି

**(କ) ବଙ୍ଗଳାଶ୍ରୀ :** ବଙ୍ଗଳାଶ୍ରୀ ଛନ୍ଦରେ ଦୁଇ ପାଦରେ ଏକ ପଦ ହୁଏ। ପ୍ରତ୍ୟେକଟି ପାଦରେ କୋଡ଼ିଏଟି ଅକ୍ଷର ଥାଏ। ପ୍ରତ୍ୟେକ ପାଦର ଷଷ୍ଠ, ଦ୍ୱାଦଶ ଅଷ୍ଟାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

ଯଥା :- କେହି ରହିନାହିଁ’      ରହିବ ନାହିଁଟି’<br>
ଭବ ରଙ୍ଗଭୂମି’ ତଳେ<br>
ସର୍ବେ ନିଜେ ନିଜ’      ଅଭିନୟ ସାରି’<br>
ବାହୁଡ଼ିବେ କାଳବଳେ ।’ (ପାର୍ବତୀ)

ଏହି ପଦଟିର ପ୍ରତ୍ୟେକ ପାଦର ଷଷ୍ଠ (ହିଁ) (ଜ) ଦ୍ୱାଦଶ (ଟି) (ଳେ) ଅଷ୍ଟାଦଶ (ମି) ଓ ଶେଷ (ଳେ) (ଳେ)ରେ ଯତିପାତ ହୋଇଛି।

**(ଖ) ରସକୂଲ୍ୟା :** ରସକୂଲ୍ୟା ଛନ୍ଦରେ ପ୍ରତ୍ୟେକ ପଦରେ ଛଅଟି ପାଦ ଥାଏ। ୧ମ, ୨ୟ, ୩ୟ, ଓ ୪ର୍ଥ ପାଦରେ ୧୧ଟି ଲେଖାଏଁ ଅକ୍ଷର ଥାଏ। ଏହି ପାଦ ଗୁଡ଼ିକର ଷଷ୍ଠ ଓ ଶେଷ ଅକ୍ଷରରେ ଯତିପାଦ ହୁଏ। ପଞ୍ଚମ ପାଦ ଆଠ ଅକ୍ଷର ବିଶିଷ୍ଟ ଓ ଏହି ପାଦର ଷଷ୍ଠ ଏବଂ ଅଷ୍ଟମ ଅକ୍ଷର ଉପରେ ଯତିପାତ ହୁଏ। ଷଷ୍ଠ ପାଦରେ ୨୦ଟି ଅକ୍ଷର ଥାଏ ଓ ଏହାର ଷଷ୍ଠ ଦ୍ୱାଦଶ, ଅଷ୍ଟାଦଶ ଏବଂ ଶେଷ ଅକ୍ଷରରେ ଯତିପାତ ହୁଏ। ଗାନ ସମୟରେ ପଞ୍ଚମ ଓ ଶେଷ ପାଦ ଶେଷରେ ‘ଯେ’ ହୋଏ ପ୍ରଭୃତି ଯୋଗ କରାଯାଏ।

ଯଥା :- ବିଭୂଷଣ ପୁଷ୍ପେ' ଯା କାନ୍ତି ଜାଣ'
ବିଭୂଷଣ କରି କନ୍ୟାକୁ ଆଣ'
ବାରଣ ଶିରେ' ପାଦ ଦେଇ ଆସୁ'
ବରଣ କରି ରା'ମ ମନ ତୋଷୁ'
ବୋଲି ଦେଲେ କଉ'ଶିକ ଯେ'
ବୋଲି ଦେଲା ପ୍ରାୟେ' ଗୋଳି ଚନ୍ଦନକୁ'
ହୋଇଲେ ରଘୁବଂ'ଶିକ ଯେ । (ବୈଦେହୀଶ ବିଳାସ)

**(ଗ) ଗୁଜ୍ଜରୀ :** ଏହାକୁ ନବାକ୍ଷରୀବୃତ୍ତ ଓ ଭାଗବତବାଣୀ ମଧ୍ୟ କୁହାଯାଏ। ଏହାର ଦୁଇପାଦରେ ଗୋଟିଏ ପଦ ହୁଏ ଓ ପ୍ରତି ପାଦର ଅକ୍ଷର ସଂଖ୍ୟା ନଅ। ପ୍ରତି ପାଦରେ ତୃତୀୟ, ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ।

ଯଥା - ନମଇଁ' ନୃସିଂହ ଚରଣ'
ଅନାଦି' ପରମ କାରଣ। (ଭାଗବତ)

**(ଘ) ଦାଣ୍ଡି :** ଏହାର ଦୁଇପାଦରେ ଗୋଟିଏ ପଦ ହୁଏ। ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ନିର୍ଦ୍ଦିଷ୍ଟ ନୁହେଁ। ଗାୟକ ଗାନ ସମୟରେ ନିଜ ଗାନଶୈଳୀ ଅନୁଯାୟୀ ଯତିପାତ କରିଥାନ୍ତି। ଏହି ଛନ୍ଦରେ ଗାୟନର ସର୍ଜନାତ୍ମକ ସ୍ୱାଧୀନତା ରହିଛି। ସାରଳାଦାସଙ୍କ ମହାଭାରତ ଓ ବଳରାମ ଦାସଙ୍କ ଦାଣ୍ଡିରାମାୟଣ ଏହି ବୃତ୍ତରେ ରଚିତ ହୋଇଛି। ଏହାକୁ ଛନ୍ଦ ନକହି ପ୍ରାୟତଃ ବୃତ୍ତ କୁହାଯାଇଥାଏ।

ଯଥା :- ଜୟତୁ ଦଧିମଙ୍ଗଳ ବିଘ୍ନରାଜ
ଯାହାର ପ୍ରସନେ ସିଧ ହୁଅଇ ସର୍ବ କାର୍ଯ୍ୟ ।୧।
ଜୟତୁ ବିଘ୍ନ ନାଶନ ମଙ୍ଗଳ ଗଜାନନ
ମଙ୍ଗଳ ଯୋଗେଶ୍ୱର ପାର୍ବତୀ ନନ୍ଦନ ।୨। (ସାରଳା ମହାଭାରତ)

**(ଙ) ଚୋଖି :** ଏହାର ପ୍ରତ୍ୟେକ ପଦରେ ଚାରିପାଦ ଥାଏ । ପ୍ରଥମ ଓ ଦ୍ୱିତୀୟ ପାଦ ୨୯ ଅକ୍ଷର ବିଶିଷ୍ଟ ହୋଇଥିବା ସମୟରେ ତୃତୀୟ ପାଦଟି ୯ ଓ ଚତୁର୍ଥ ପାଦଟି ୧୩ ଅକ୍ଷର ବିଶିଷ୍ଟ ହୋଇଥାଏ। ପ୍ରଥମ ଓ ଦ୍ୱିତୀୟ ପାଦର ୬ଷ୍ଠ, ୮ମ, ୧୪ଶ, ୧୬ଶ, ୨୨ଶ, ୨୪ଶ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ତୃତୀୟ ପାଦରେ ୬ଷ୍ଠ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ଚତୁର୍ଥ ପାଦର ୬ଷ୍ଠ, ୮ମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ।

ଯଥା :- ମଙ୍ଗଳେ ଅଇଲା 'ଉଷା' ବିକଚ ରାଜୀବ ଦୃଶା'
ଜାନକୀ ଦର୍ଶନ - 'ତୃଷା' ହୃଦୟେ ବହି'
କର ପଲ୍ଲବେ ନୀ'ହାର' - ମୁକ୍ତାଧରି ଉପ'ହାର'
ସତୀଙ୍କ ବାସ ବା'ହର' ପ୍ରାଙ୍ଗଣେ ରହି'
କଳକଣ୍ଠ କଣ୍ଠେ 'କହିଲା'
ଦରଶନ ଦିଅ 'ସତୀ' ରାତି ପାହିଲା' । (ତପସ୍ୱିନୀ)

ଉପରୋକ୍ତ ପଦ୍ୟାଶଂଟିରେ "ମଙ୍ଗଳେ........ଠାରୁ ହୃଦୟେ ବହି" ପ୍ରଥମ ପାଦ ହୋଇଥିବା ସମୟରେ "କର ପଲ୍ଲବେ......ଠାରୁ ପ୍ରାଙ୍ଗଣେ ରହି" ଦ୍ୱିତୀୟ ପାଦ ଅଟେ ଏବଂ ଏହି ପ୍ରତ୍ୟେକ ପାଦର ସଂଖ୍ୟା ୨୯ ଦ୍ୱିତୀୟ ପାଦର ଅକ୍ଷର ସଂଖ୍ୟା ୯ ଏବଂ ଚତୁର୍ଥ ପାଦର ଅକ୍ଷର ସଂଖ୍ୟା ୧୩ ଅଟେ ।

**(ଚ) ଆଷାଢ଼ ଶୁକ୍ଳ :** ଏହାର ପ୍ରତ୍ୟେକ ପଦରେ ଛଅଟି ପାଦ ଥାଏ। ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ଷଷ୍ଠ ପାଦଟି ଏଗାର ଅକ୍ଷର ବିଶିଷ୍ଟ। ପଞ୍ଚମ ପାଦଟି ଛଅ ଅକ୍ଷର ବିଶିଷ୍ଟ ଅଟେ। ପଞ୍ଚମ ପାଦର ତୃତୀୟ ଓ ଶେଷ ଅକ୍ଷର ଉପରେ କେବଳ ଯତିପାତ ହୋଇଥିବା ସମୟରେ ଅନ୍ୟ ପାଦଗୁଡ଼ିକର ପଞ୍ଚମ ଓ ଶେଷ ଅକ୍ଷର ଉପରେ ଯତିପାତ ହୋଇଥାଏ ।

ଯଥା – ବରଜୀ ବରସେ' ଦେଇ ମାନସ'
ବରଜି ବରଷେ' ଅମେଧ ଗ୍ରାସ'
ଦେହେ ମନ୍ଦାକିନୀ ' ରଜ ଲଗାଇ'
ଗ୍ରାମ ଶୂକରୀ କି' ହୋଇବ ଗାଇ'
ଜଗତେ କେବଳ' ଜନେ ହସିବେ
ଏ'ହି ତୁହଁ ଫଳ' ।

(ଜଗତେ କେବଳ-କବିସୂର୍ଯ୍ୟ ବଳଦେବ ରଥ)

**(ଛ) ନଟବାଣୀ ବା ବିଭାସ କେଦାର :** ବିଭାସ କେଦାର ଛନ୍ଦରେ ଦୁଇ ପାଦରେ ଏକ ପଦ ହୁଏ। ପ୍ରତ୍ୟେକ ପାଦର ତୃତୀୟ, ଷଷ୍ଠ, ନବମ ଓ ଶେଷ ଅକ୍ଷର ଉପରେ ଯତିପାତ ହୋଇଥାଏ। ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ବାର।

**ଉଦାହରଣ :** "ଐତିହାସିକ ଏ ଦୁର୍ଗ ବା'ରବାଟୀ'
ବୀର ରକ୍ତେ ପିଣ୍ଡେ ଗଢାଯା'ର ମାଟି ।" (ଚିଲିକା)

**(ଜ) ରାମକେରୀ :** ରାମକେରୀ ଛନ୍ଦରେ ଦୁଇ ପାଦରେ ଏକ ପଦ ହୁଏ ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା ଷୋହଳ। ପ୍ରତ୍ୟେକ ପାଦର ନବମ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ଏହାକୁ ମଧ୍ୟ ଷୋଡ଼ଶାକ୍ଷରୀ ବୃତ୍ତ କୁହାଯାଏ।

**ଉଦାହରଣ :** (କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ')
କରନ୍ତି ମଥୁରା ବିଜୟେ' ଦାଣ୍ଡେ ଦେଖ ସଙ୍ଗାତ । (କଳାକଳେବର ଚଉତିଶା)

**(ଝ) ଦେଶାକ୍ଷ :** ଏହି ଛନ୍ଦର ପ୍ରତ୍ୟେକ ପଦରେ ଛଅଗୋଟି ପାଦ ଥାଏ। ପ୍ରଥମ ଚାରି ପାଦରେ ଏଗାର ଅକ୍ଷର, ପଞ୍ଚମ ପାଦରେ ଦଶ ଅକ୍ଷର ଓ ଷଷ୍ଠ ପାଦରେ ଏଗାର ଅକ୍ଷର ଥାଏ। ଚତୁର୍ଥ ପାଦର ଶେଷରେ କି, ଯେ, ଣ, ସେ ଆଦି ଲଗାଯାଇଥାଏ। ପ୍ରଥମ ଚାରିପାଦର ଷଷ୍ଠ ଓ ଏକାଦଶ ଅକ୍ଷର ଉପରେ ଯତିପାତ ହୁଏ। ପଞ୍ଚମ ପାଦର ତୃତୀୟ ଓ ଦଶମ ଅକ୍ଷର ଉପରେ ଯତିପାତ ହୋଇଥିବା ସମୟରେ ଷଷ୍ଠ ପାଦରେ ଷଷ୍ଠ ଓ ଏକାଦଶ ଅକ୍ଷର ଉପରେ ଯତିପାତ ହୋଇଥାଏ।

**ଉଦାହରଣ :** 'ବିଧାତା ଆମ୍ଭଙ୍କୁ' କରନ୍ତା ନାରୀ'
ବ୍ରହ୍ମ ହୁଅନ୍ତେ ଏ' କୋଦଣ୍ଡଧାରୀ'
ବ୍ରହ୍ମ ପଦବୀ ପା'ଇ ହେବ କିସ'
ବଞ୍ଚିବା କି କରି କାମିନୀ ବେଶ'
ବିରହୁଁ' ପୁଲକିତ ଶରୀରେ'
ବେପଥୁଁ ଜାତ ଉ'ପୁଜିଲା ବୃକ୍ଷରେ ।"
(ବୈଦେହୀଶ ବିଳାସ)

**(ଞ) ଚିନ୍ତା ଦେଶାକ୍ଷ :** ଏହି ଛନ୍ଦରେ ଦୁଇ ପାଦରେ ଏକ ପଦ ହୋଇଥାଏ। ପ୍ରତ୍ୟେକ ପାଦ ତେରଗୋଟି ଅକ୍ଷର ବିଶିଷ୍ଟ। ପ୍ରତ୍ୟେକ ପାଦର ତୃତୀୟ, ଅଷ୍ଟମ ଓ ତ୍ରୟୋଦଶ ଅକ୍ଷର ଉପରେ ଯତିପାତ ହୋଇଥାଏ ।

**ଉଦାହରଣ :** "ବୈଦେହୀ' ଶ୍ରୀରାମ କି ସେ' କରିଣୀ କରି'
ବିନୋଦ' ନଦୀରେ କୁଞ୍ଜ କୁଟୀରେ କରି ।" (ବୈଦେହୀଶ ବିଳାସ)

**(ଟ) କୁମ୍ଭକାମୋଦୀ :** ଏହି ଛନ୍ଦରେ ଚାରି ପାଦରେ ଏକ ପଦ ହୋଇଥାଏ। ପ୍ରତି ପାଦରେ ଅଠର ଅକ୍ଷର ରହିଥାଏ। ଏହାର ଷଷ୍ଠ, ଦ୍ୱାଦଶ ପଞ୍ଚ ଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୋଇଥାଏ ।

**ଉଦାହରଣ :** (ଇ ପୂର୍ବାନୁପ୍ରାସ'          ଦୀର୍ଘ ହ୍ରସ୍ୱ ବେନି')
ନିୟମ' ଏ ଛାନ୍ଦ'
ଇଚ୍ଛାରେ ଧୀରେ'          ପ୍ରସଙ୍ଗ ବିଧିରେ'
ବଢ଼ିବ' ଆନନ୍ଦ'।
(ବିଦଗ୍ଧ ଚିନ୍ତାମଣି)

**(ଠ) ମାଳବ :** ଏହାର ଦୁଇ ପାଦର ଏକ ପଦ ହୋଇଥାଏ। ପ୍ରତ୍ୟେକ ପାଦରେ ଚଉଦଗୋଟି ଅକ୍ଷର ରହିଥାଏ। ଏହାର ଅଷ୍ଟମ, ଏକାଦଶ, ଦ୍ୱାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ ।

**ଉଦାହରଣ :** ସରୁ କନ୍ଦୁଳି ପାଟଶା'ଢୀଟି ଅ'ଛି' ପିନ୍ଧି'
ନିବାଡ କରିଣ ନୀବି' ଗଣ୍ଠି ଅ'ଛି ରୁନ୍ଧି'।
ନିତମ୍ବ ମଣ୍ଡଳେ ନୀବି'ଛନ୍ଦା ଅ'ଛି' ପାଡ଼ି'
ଚଖଣ୍ଡକୁ ଅତିକ୍ରମ' ଯାଇଅଛି' ଗଡ଼ି।'
(ଲୀଳାବତୀ - ରଘୁନାଥ ରାଜ ହରିଚନ୍ଦନ)

କଳସା, ଆଶାବରୀ, ବସନ୍ତଭୈରବ, ପଞ୍ଚମବରାଡ଼ି ନଳିନୀଗୌଡ଼ାରେ ଏହି ରୀତି ଅନୁସୃତ ହୁଏ।

**(ଡ) ଆହାରୀ :** ଏହି ଛନ୍ଦରେ ଦୁଇ ପାଦରେ ଏକ ପଦ ହୋଇଥାଏ। ପ୍ରଥମ ପାଦ ବାରଗୋଟି ଅକ୍ଷର ବିଶିଷ୍ଟ ହୋଇଥିବା ସମୟରେ ଦ୍ୱିତୀୟ ପାଦ ତେରଗୋଟି ଅକ୍ଷର ବିଶିଷ୍ଟ ହୋଇଥାଏ। ପ୍ରଥମ ପାଦର ପଞ୍ଚମ, ସପ୍ତମ ଓ ଶେଷ ଅକ୍ଷର ଉପରେ ଯତିପାତ ହେଉଥିବା ସମୟରେ ଦ୍ୱିତୀୟ ପାଦର ଅଷ୍ଟମ ତଥା ଶେଷ ଅକ୍ଷର ଉପରେ ଯତିପାତ ହୋଇଥାଏ।

**ଉଦାହରଣ :** ("ଚିନ୍ତି ରାଘବ' ମନେ' ପ୍ରିୟାର ଭାବ')
ରଜନୀ ଦିବସ ତାକୁ' ସରୁ ନଥିବ' ।
(ବିଚିତ୍ର ରାମାୟଣ)

**(ଢ) ଚକ୍ରକୋଳି :** ଏହି ଛନ୍ଦରେ ଦୁଇ ପାଦରେ ଏକ ପଦ ହୁଏ। ପ୍ରତ୍ୟେକ ପାଦରେ ଏଗାର ଅକ୍ଷର ରହିଥାଏ। ପ୍ରତ୍ୟେକ ପାଦର ଷଷ୍ଠ ଓ ଏବଂ ଶେଷ ଅକ୍ଷର ଉପରେ ଯତିପାତ ହୁଏ।

**ଉଦାହରଣ :** "ଆସଇ ବସନ୍ତ' ଶିଶିର ଅନ୍ତେ'
ଦିଶଇ ଧରଣୀ' ଝରୁ କେମନ୍ତେ'
ସୌନ୍ଦର୍ଯ୍ୟ ତରଙ୍ଗେ'ଭାସଇ ମହୀ'
ଭୁବନ ଆନନ୍ଦ' ନୁହଇ କହି' । (ବସନ୍ତ)

**(ଣ) ଦାଣ୍ଡିବୃତ୍ତ :** ଦାଣ୍ଡିବୃତ୍ତରେ ଦୁଇଟି ପାଦରେ ଏକ ପଦ ହୁଏ ମାତ୍ର ପାଦର ଅକ୍ଷର ସଂଖ୍ୟା ନିର୍ଦ୍ଦିଷ୍ଟ ନଥାଏ। ଅକ୍ଷର ସଂଖ୍ୟା ନିର୍ଦ୍ଦିଷ୍ଟ ନଥିବାରୁ ଏହାର ଯତିପାତରେ ମଧ ନିର୍ଦ୍ଦିଷ୍ଟତା ରହେ ନାହିଁ। ଗାୟକ ତାହାର ସ୍ୱଚ୍ଛନ୍ଦ ଅନୁଯାୟୀ ଏହାକୁ ଗାନ ବା ଆବୃତ୍ତି କରିଥାଏ। ଦାଣ୍ଡିବୃତ୍ତ ଓଡ଼ିଆ କାବ୍ୟ ସାହିତ୍ୟରେ ବ୍ୟବହୃତ ଅନ୍ୟତମ ପ୍ରାଚୀନ ଛନ୍ଦ। ସାରଳା ଦାସଙ୍କ ମହାଭାରତ ଓ ବଳରାମ ଦାସଙ୍କ ଜଗନ୍ମୋହନ ରାମାୟଣ (ଦାଣ୍ଡି ରାମାୟଣ) ଏହି ଛନ୍ଦରେ ରଚିତ।

**ଉଦାହରଣ :** "ବାବୁରେ ମୋହର ପରାମିତା ତୋହରେ ନୋହୁ ନୋହୁ
ତୋ ହୋର ପ୍ରାୟ ପୁତ୍ର ମୋତେ ଜନ୍ମେ ଜନ୍ମେ ଥାଉ
ଅପାର କ୍ରୋଧ କରଇ ରାଜା ଧୃତିରାଷ୍ଟି
ଲକ୍ଷଣ କୁମାର ଉପରେ ନେଇ ପକାଇଲା ମାଟି
ମୃତୁପିଣ୍ଡ ଉପରେ ଲୁଝୟେ ମୃତିକା ପକାଇଲା ଫିଙ୍ଗି
ତହୁଁ ମାନଗୋବିନ୍ଦ ଚଳଇ ବେଗି ବେଗି । (ମହାଭାରତ, ଗଦାପର୍ବ)

**(ତ) ଶଙ୍କରାଭରଣ :** ଏହି ଛନ୍ଦରେ ଚାରିପାଦରେ ଏକ ପଦ ହୁଏ। ଏହାର ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ପାଦ ଚଉଦ ଅକ୍ଷର ବିଶିଷ୍ଟ ହୋଇଥାଏ। ତୃତୀୟ ପାଦଟି ଆଠ ଅକ୍ଷର ବିଶିଷ୍ଟ। ପ୍ରଥମ, ଦ୍ୱିତୀୟ ଓ ଚତୁର୍ଥ ପାଦର ଅଷ୍ଟମ, ଏକାଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ତୃତୀୟ ପାଦର ଦ୍ୱିତୀୟ, ଷଷ୍ଠ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ଏହାର ପ୍ରଥମ ପାଦର ଅନ୍ତ୍ୟବର୍ଣ୍ଣ ସହ ଦ୍ୱିତୀୟ ପାଦର ଅନ୍ତ୍ୟବର୍ଣ ଓ ତୃତୀୟ ପାଦର ଅନ୍ତବର୍ଣ୍ଣ ସହ ଚତୁର୍ଥ ପାଦର ଅନ୍ତବର୍ଣ୍ଣର ମିଳନ ଘଟିଥାଏ।

**ଉଦାହରଣ :** "ଯେତେ ଦୂରେ ପତ୍ର ପଡିଥିଲେ ରେ' ନବୀନା'
ଚିହ୍ନାକି ହୁଅଇ ଆନେ' ବୃକ୍ଷ ନା'ମ ବିନା'
ବନ୍ଧୁ ତେମନ୍ତ' ମୁଁ ତୋର'
ସବୁଠାରେ କୁହାଉଛି' ସୁନ୍ଦରୀ'- କୋୟର'
ଯେଣେ ଅନାଗଲେ ଇନ୍ଦ୍ର'ଜାଲ ପ୍ରା'ୟେ ଦିଶୁ'
ମୁକୁର ବିମ୍ବ ପରାୟେ' ପାଶକୁ' ନ ଆସୁ'
ଏତେ' ହଟ କା'ହିଁ ପାଇଁ'
ମୋହ ଜାଣିବାରେ ମୁଁ ତ' ଦୋଷ କ'ରି ନାହିଁ ।
(ପ୍ରେମ ସୁଧାନିଧି-୧୪ଶ ଛାନ୍ଦ)

**(ଥ) କାମୋଦୀ :** ଏହାର ପ୍ରତ୍ୟେକ ପଦରେ ଛଅଗୋଟି ପାଦ ଥାଏ। ପ୍ରଥମ ଦ୍ୱିତୀୟ ଓ ଷଷ୍ଠ ପାଦ ତେଇଶ ଅକ୍ଷର ବିଶିଷ୍ଟ। ତୃତୀୟ ପାଦ ଚାରି ଚତୁର୍ଥ ଓ ପଞ୍ଚମ ପାଦ ନଅ ଅକ୍ଷର ବିଶିଷ୍ଟ। ପ୍ରଥମ, ଦ୍ୱିତୀୟ ଓ ଷଷ୍ଠ ପାଦର ସପ୍ତମ ଚତୁର୍ଦ୍ଦଶ, ସପ୍ତଦଶ ଓ ଶେଷ ଅକ୍ଷର ଉପରେ ଯତିପାତ ହୁଏ। ତୃତୀୟ ପାଦର ଶେଷ ଅକ୍ଷର, ଚତୁର୍ଥ ଓ ପଞ୍ଚମ ପାଦର ସପ୍ତମ ଓ ଶେଷ ଅକ୍ଷରରେ ଯତିପାତ ହୁଏ। ଦ୍ୱିତୀୟ ଓ ଷଷ୍ଠ ପାଦର ଶେଷରେ ହେ, ରେ, ସେ ପ୍ରଭୃତି ସ୍ୱରମାତ୍ରିକ ପଦ ଯୋଗ କରାଯାଇଥାଏ। ଷଷ୍ଠ ପାଦ ପରେ ତୃତୀୟ ପାଦର ପୁନରାବୃତ୍ତି ହୁଏ।

**ଉଦାହରଣ :** "ତାହାକୁ ବୋଲି ଚକ୍ରୀ'          ଚକ୍ର ଥିବାରୁ ଚକ୍ରୀ'
ତୁମ୍ଭେ ତ' ବୋଲାଅ ମଣ୍ଡଳେ'
ବୋଲାଇ କୁଣ୍ଡଳୀ ସେ'          ଆପଣ ତ ବିଶେଷେ'
ଭୂଷିତ' ମକର କୁଣ୍ଡଳେ', ହେ କୃପାନିଧି,
ଅଦୃଶ୍ୟ ହେବାରୁ ତ'ପାଦ', ତାହାକୁ' ବୋଲି ଗୁଢ ପଦ'
ଆପଣ ଚରଣ ତ'          ବିରଞ୍ଚିକୁ ଗୁପତ'
କାହିଁ ତା'ଠାରୁ ତୁମ୍ଭ ଭେଦ', ହେ କୃପାନିଧି' ।

## ୧.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) ଛନ୍ଦର ସଂଜ୍ଞା ଓ ସ୍ୱରୂପ ନିରୁପଣ କର ।

(ଖ) ଛନ୍ଦର ବିଭାଗୀକରଣ ଉଦାହରଣ ସହ ଦର୍ଶାଅ।

(ଗ) ପ୍ରାଚୀନ ଛନ୍ଦ ପ୍ରୟୋଗ ସଂପର୍କରେ ଆଲୋଚନା କର।

(ଘ) ଓଡ଼ିଆ କାବ୍ୟ ସାହିତ୍ୟରେ ବ୍ୟବହୃତ ବିଭିନ୍ନ ଛନ୍ଦର ଯତିପାତ ସହ ଉଲ୍ଲେଖ କର।

(ଚ) ଛନ୍ଦ, ବୃତ୍ତ ଓ ବାଣୀ ସଂପର୍କରେ ଯାହା ଜାଣ ଲେଖ ।

## ୧.୯ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଛନ୍ଦର ବିକାଶଧାରା, ଡକ୍ଟର ଜାନକୀବଲ୍ଲଭ ମହାନ୍ତି, ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ଓଡ଼ିଶା, ୧୯୯୭ ।
- ଓଡ଼ିଆ କବିତାର ଛନ୍ଦ, ପ୍ରଥମ ଭାଗ, ଅଧ୍ୟାପକ ଗୌରୀକୁମାର ବ୍ରହ୍ମା, କଟକ ଷ୍ଟୁଡେଣ୍ଟସ ଷ୍ଟୋର, ବାଲୁବଜାର, କଟକ-୨, ଓଡିଶା, ୧୯୬୭ ।
- ଓଡ଼ିଶୀ ସଙ୍ଗୀତ ପଦ୍ଧତି, ଶ୍ରୀ ଶ୍ୟାମସୁନ୍ଦର ଧୀର, ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ, ଓଡ଼ିଶା, ୧୯୬୪ ।
- ପ୍ରବନ୍ଧାବଳୀ, ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ଓଡ଼ିଶା, ୧୯୬୪ ।
- ଓଡ଼ିଆ ଅଳଙ୍କାର ଓ ଛନ୍ଦ, ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ବୁକ୍‌ଷ୍ଟୋର, କଟକ ।
- ପ୍ରାୟୋଗିକ ଓଡ଼ିଆ ବ୍ୟାକରଣ, ଡକ୍ଟର ଧରଣୀଧର ନାୟକ, ଏସ.କେ. ପବ୍ଲିଶର୍ସ, ଭୁବନେଶ୍ୱର, ଓଡ଼ିଶା, ୨୦୧୪ ।
- ବ୍ୟାବହାରିକ ବ୍ୟାକରଣ, ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା, ୨୦୧୬

# ଦ୍ୱିତୀୟ ଏକକ : ଓଡ଼ିଆ ସାହିତ୍ୟରେ ବିଭିନ୍ନ ଛନ୍ଦର ପ୍ରୟୋଗ

**ବିଷୟ ଗଠନ :**


୨.୧ ପଠନ ଉଦ୍ଦେଶ୍ୟ

୨.୨ ଶିକ୍ଷଣୀୟ ବିଷୟ

୨.୩ ବିଷୟ ପ୍ରବେଶ

୨.୪ ଲୋକଗୀତିର ଛନ୍ଦ

୨.୫ ଜନଜାତିଗୀତରେ ଛନ୍ଦ

୨.୬ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ କବିତାରେ ଛନ୍ଦ ପ୍ରୟୋଗ

୨.୭ ଆଧୁନିକ ଓଡ଼ିଆ କାବ୍ୟ କବିତାରେ ଛନ୍ଦର ପ୍ରୟୋଗ

୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୨.୯ ସହାୟକ ଗ୍ରନ୍ଥସୂଚୀ


## ୨.୧ ପଠନର ଉଦ୍ଦେଶ୍ୟ

ପଦ୍ୟ ରଚନାରେ ଛନ୍ଦ ଏକ ଗୁରୁତ୍ୱପୂର୍ଣ୍ଣ ବିଭବ। ଏହା ପଦ୍ୟକୁ ଗାନଧର୍ମିତା ଆଣି ଦେଇଥାଏ ଓ ଶ୍ରୁତିମଧୁର କରିଥାଏ। ବହୁ ପ୍ରାଚୀନ କାଳରୁ ରଚିତ ହୋଇଥିବା ପଦ୍ୟ ସାହିତ୍ୟ ବିଭିନ୍ନ ରାଗ ଓ ଛନ୍ଦ ଦ୍ୱାରା ସମୃଦ୍ଧ ହୋଇଛି। ଶ୍ରୋତାର ରସଚେତନାକୁ ଉଜ୍ଜୀବିତ କରିବା ନିମିତ୍ତ ରାଗ ରାଗିଣୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ପାଠରେ ବିଦ୍ୟାର୍ଥୀମାନେ ଓଡ଼ିଆ ଛନ୍ଦର ପ୍ରୟୋଗଧାରା ସଂପର୍କରେ ସବିଶେଷ ଜ୍ଞାନ ଆହରଣ କରିବେ। ବିଭିନ୍ନ ଯୁଗରେ କିପରି ବିଭିନ୍ନ ଛନ୍ଦର ପ୍ରୟୋଗ କରାଯାଇ ଓଡ଼ିଆ ପଦ୍ୟ ସାହିତ୍ୟକୁ ସମୃଦ୍ଧ କରାଯାଇଛି, ତାହା ଭଲ ଭାବରେ ଜାଣିବା ହେଉଛି ଏହି ପଠନର ଉଦ୍ଦେଶ୍ୟ।

## ୨.୨ ଶିକ୍ଷଣୀୟ ବିଷୟ

- ବିଭିନ୍ନ ଛନ୍ଦ ଓ ରାଗରାଗିଣୀ ସଂପର୍କରେ ଜ୍ଞାନ ଆହରଣ କରିବା।
- ଛନ୍ଦ ଓ ରାଗରାଗିଣୀର ପ୍ରୟୋଗ ସଂପର୍କରେ ଜ୍ଞାନ ଆହରଣ କରିବା
- ପ୍ରାଚୀନ ଓ ମଧ୍ୟଯୁଗୀୟ କାବ୍ୟ କବିତାରେ ଛନ୍ଦର ପ୍ରୟୋଗ ବିଧି ସଂପର୍କରେ ଜାଣିବା।

## ୨.୩ ବିଷୟ ପ୍ରବେଶ

ମନୁଷ୍ୟ ଆଦିମ କାଳରୁ ସଂଗୀତ ପ୍ରିୟ । କର୍ମକ୍ଳାନ୍ତ ଜୀବନରୁ ମୁକ୍ତି ପାଇ ଆନନ୍ଦ ପ୍ରାପ୍ତି ନିମିତ୍ତ ସେ ସଙ୍ଗୀତ ଗାନ କରେ । ପଦକୁ ପଦ ମିଳିଲେ ସଙ୍ଗୀତ ସୃଷ୍ଟି ହୁଏ । ସେହି ପଦଗୁଡ଼ିକର ଯତିପାତ କରି ଗାନ କଲେ ସଙ୍ଗୀତର ଛନ୍ଦ ସୃଷ୍ଟି ହୋଇଥାଏ । ଯେତେବେଳେ ମଣିଷ ଭାଷା ନିମିତ୍ତ ଲିପି ସୃଷ୍ଟି କରିପାରି ନଥିଲା, ସେହି ସମୟରେ ମଧ୍ୟ ସେ ସଙ୍ଗୀତଗୁଡ଼ିକୁ ବିଭିନ୍ନ ଛନ୍ଦ ଓ ରାଗରେ ଗାନ କରୁଥିଲା । ଯେହେତୁ ସେଗୁଡ଼ିକୁ ଲେଖାଯାଇ ପାରୁ ନଥିଲା, ତାହା ଗୋଟିଏ ମୁଖରୁ ଅନ୍ୟ ଗୋଟିଏ ମୁଖକୁ ପ୍ରସାରିତ ହେଉଥିଲା । ଶ୍ରୋତାଟିଏ ଶୁଣି ମନେ ରଖି ପୁନର୍ବାର ତାକୁ ଗାନ କରୁଥିଲା । ସେ ଗାନ କରୁଥିବା ସମୟରେ ସେ ଗୀତ ଗୁଡ଼ିକରେ ନୂତନ ଶବ୍ଦ ଓ ଛନ୍ଦ ଖଞ୍ଜି ଦେଇ ପାରୁଥିଲା । ଲୋକ ମୁଖରେ ପ୍ରଚଳିତ ଏହି ଗୀତଗୁଡ଼ିକୁ ଲୋକଗୀତ କୁହାଯାଏ । ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଲୋକଗୀତ ଶୁଣିବାକୁ ମିଳୁଥାଏ । ଅଞ୍ଚଳ ଭେଦରେ ଏହାର ଗଢ଼ଣ ଓ ଭାଷାର ଭିନ୍ନତା ଦେଖିବାକୁ ମିଳିଥାଏ । ଓଡ଼ିଶାରେ ମୁଖ୍ୟତଃ ରଜଦୋଳି ଗୀତ, ଶଗଡ଼ିଆ ଗୀତ, ପୁଚି ଗୀତ, ବାରମାସୀ ଗୀତ, ନାନାବାୟା ଗୀତ, ଡାଲ୍‌ଖାଇ ଗୀତ, ଝୁମର ଆଦି ଶୁଣିବାକୁ ମିଳିଥାଏ । ଏହି ଗୀତଗୁଡ଼ିକ ଅଞ୍ଚଳ ଭେଦରେ ଭିନ୍ନ ଭିନ୍ନ ରାଗ ରାଗିଣୀରେ ଗାନ କରାଯାଇଥାଏ । ଗୀତ ସହ ନୃତ୍ୟ ଓ ବାଦ୍ୟର ଘନିଷ୍ଠ ସଂପର୍କ । ବିଭିନ୍ନ ପର୍ବପର୍ବାଣୀ, ଓଷାବ୍ରତ, ଯାନିଯାତ୍ରା ତଥା ପାରିବାରିକ ଉତ୍ସବରେ ଏହି ଗୀତଗୁଡ଼ିକୁ ବାଦ୍ୟର ତାଳେ ତାଳେ ଗାନ କରାଯାଇଥାଏ । ଗୀତିଧର୍ମୀତା ଏହି ଲୋକଗୀତଗୁଡ଼ିକର ମୁଖ୍ୟ ସଂପଦ । ନିମ୍ନରେ କେତୋଟି ଲୋକଗୀତ ସୂଚନା ନିମନ୍ତେ ପ୍ରଦାନ କରାଗଲା ।

## ୨.୪ ଲୋକଗୀତର ଛନ୍ଦ

ଏହି ଲୋକଗୀତର ଛନ୍ଦ ପରବର୍ତ୍ତୀ ପର୍ଯ୍ୟାୟରେ ବିଦଗ୍ଧ କବିମାନଙ୍କ ଲେଖନୀରେ ଅନୁସୃତ ହୋଇଥିବା ବିଷୟ ଅନେକ ଗବେଷକ ଉଲ୍ଲେଖ କରିଛନ୍ତି । ପ୍ରାଚୀନ ଓଡ଼ିଆ କାବ୍ୟ-କବିତା କ୍ଷେତ୍ରରେ ପ୍ରଚଳିତ ଛନ୍ଦମାନଙ୍କ ମଧ୍ୟରୁ କେଉଁଗୁଡ଼ିକ ଲୋକଗୀତ ଛନ୍ଦରୁ ଆନୀତ, ତାହା ନିର୍ଣ୍ଣୟ କରିବା କଷ୍ଟକର । ତଥାପି କେତେକ ଛାନ୍ଦବୃତ୍ତ ଲୋକଗୀତର ଛନ୍ଦକୁ ଅନୁସରଣ କରି ଯେ ପ୍ରସ୍ତୁତ ହୋଇଅଛି, ଏ ବିଷୟରେ ସନ୍ଦେହର ଅବକାଶ ନାହିଁ । ଲୋକସାହିତ୍ୟରେ ପ୍ରଚଳିତ ଢଗବୃତ୍ତକୁ ଉପେନ୍ଦ୍ର ଭଞ୍ଜ ଅନୁସରଣ କରି ପାଞ୍ଚଗୋଟି ଗୀତ ରଚନା କରିଅଛନ୍ତି । ଶ୍ୟାମସୁନ୍ଦର ରାଜଗୁରୁ ଦଶ ପ୍ରକାର ଓଡ଼ିଆ 'ଢଗ-ବୃତ୍ତ'ରୁ ଭାଟିଆରୀ, କାଣ୍ଡାରବ, ତୋଡି, ଗଡ଼ମାଳିଆ, ଚିନ୍ତାଦେଶାକ୍ଷ ବା ଚିନ୍ତାଭୈରବ, ଶୋକବରାଡ଼ି, ରାଜବିଜେ, ଶୋକ କାମୋଦୀ ପ୍ରଭୃତି କେତେକ ଓଡ଼ିଆ ବିଷମବୃତ୍ତ ସୃଷ୍ଟି ହୋଇଅଛି ବୋଲି ନିର୍ଦ୍ଧାରଣ କରିଅଛନ୍ତି । (ଓଡ଼ିଆ ଛନ୍ଦର ବିକାଶ ଧାରା, ୧୯୯୭, ପୃଷ୍ଠା - ୩୬) ଡକ୍ଟର ଜାନକୀବଲ୍ଲଭ ମହାନ୍ତି ତାଙ୍କର ଏହି ମତାମତକୁ ଅଧିକ ଦୃଢ଼ କରିବା ନିମିତ୍ତ ପଲ୍ଲୀକବି ନନ୍ଦକିଶୋର ବଳଙ୍କ କବିତାକୁ ଉଦାହରଣ ଭାବରେ ଉଲ୍ଲେଖ କରିଛନ୍ତି ।

ଡକ୍ଟର ମହାନ୍ତି ଆଲୋଚନା କରି ଲେଖିଛନ୍ତି: 'ଲୋକଗୀତର ଛନ୍ଦ ଯେପରି ମର୍ମସ୍ପର୍ଶୀ ସେହିପରି ପ୍ରଭାବଶାଳୀ । ଆଧୁନିକ ଯୁଗର କବିଙ୍କୁ ମଧ୍ୟ ଏହା କମ୍ ପ୍ରଭାବିତ କରି ନାହିଁ । ବିଶେଷତଃ ନନ୍ଦକିଶୋର ବଳ

ଲୋକଗୀତର ଛନ୍ଦକୁ ହିଁ ଅନୁସରଣ କରି ସଂଖ୍ୟାଧିକ କବିତା ରଚନା କରିଅଛନ୍ତି। ସେଥିପାଇଁ ସେ ପଲ୍ଲୀକବି ଆଖ୍ୟାରେ ଯଥାର୍ଥ ଅଭିହିତ। ଉଦାହରଣ ସ୍ୱରୂପ 'ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ି ଦେଲେ ପର' ଲୋକଗୀତର ଏହି ପଦକୁ ସ୍ୱକଳ୍ପନା ଅନୁଯାୟୀ ପରିବର୍ଦ୍ଧିତ କରି ସେ ରଚନା କରିଥିଲେ 'ଜେମାଦେଇ' କବିତାଟି। ଏହାର ଗୋଟିଏ ପଦ:

'ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ି ଦେଲେ ପର
ଜେମାଦେଇ କାନ୍ଦୁଛନ୍ତି ଦେଖି ବୁଢ଼ାବର।'

ସେହିପରି ତାଙ୍କର ଡାହାଣିଆ ଖରା (ନିର୍ଝରିଣୀ) ଓ ଚମ୍ପାବତୀ ରାଜକନ୍ୟାର ସ୍ୱପ୍ନ (ତରଙ୍ଗିଣୀ) କବିତା ଦ୍ୱୟ ଲୋକଗୀତର ଛନ୍ଦ ଅନୁସରଣରେ ରଚିତ ହୋଇଛି। (ଓଡ଼ିଆ ଛନ୍ଦର ବିକାଶ ଧାରା, ୧୯୯୭, ପୃଷ୍ଠା-୪୦)

ଓଡ଼ିଆ ଲୋକଗୀତ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସଂପଦ। ଓଡ଼ିଶାର ଜନଜୀବନ ସହିତ ଆଦିମ କାଳରୁ ତାହା ଗଭୀର ଭାବେ ଜଡ଼ିତ ହୋଇ ଲୋକମୁଖରେ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ପ୍ରବାହିତ ହୋଇଆସୁଛି। ସେ ଗୀତରେ ରହିଥିବା ଛନ୍ଦ ସାଧାରଣ ଜନଜୀବନରେ ସଂଗୀତ। ସଂସ୍କୃତ କାବ୍ୟାଦର୍ଶ ଓ ଅନ୍ୟାନ୍ୟ ଶୃଙ୍ଖଳାରୁ ମୁକ୍ତ ରହି ଏହା ଲୋକମୁଖରେ ସୃଷ୍ଟି ହୁଏ ଓ ଲୋକମୁଖରେ ପ୍ରବାହିତ ହୁଏ। ବିଭିନ୍ନ ଗୀତ ନିମିତ୍ତ ବିଭିନ୍ନ ଗାନଶୈଳୀରୁ ଏହାର ଛନ୍ଦ ବିବିଧତା ଜଣାପଡ଼େ।

## ୨.୫ ଜନଜାତି ଗୀତରେ ଛନ୍ଦ

ଓଡ଼ିଶାର ଲୋକଜୀବନରେ ଯେପରି ଅସରନ୍ତି ଲୋକଗୀତ ରହିଛି; ସେହିପରି ଓଡ଼ିଶାରେ ବସବାସ କରୁଥିବା ବାଷଠି ପ୍ରକାର ଜନଜାତିଙ୍କ ସମାଜରେ ମଧ୍ୟ ବିଭିନ୍ନ ଭାଷାରେ ଅସଂଖ୍ୟ ଗୀତ ରହିଛି। ସେମାନେ ମଧ୍ୟ ବିଭିନ୍ନ ପର୍ବପର୍ବାଣୀ, ଧର୍ମୀୟ ଅନୁଷ୍ଠାନ ତଥା ପାରିବାରିକ ଉତ୍ସବରେ ଭିନ୍ନ ଭିନ୍ନ ରାଗରାଗିଣୀଯୁକ୍ତ ଗୀତମାନ ଗାନ କରିଥାନ୍ତି। ଓଡ଼ିଶାର ସଂସ୍କୃତିର ଏହା ଏକ ଅନନ୍ୟ ବୈଶିଷ୍ଟ୍ୟ। ଲୋକଗୀତ ପରି ଜନଜାତିର ଗୀତର ଏକ ସମୃଦ୍ଧ ଓ ପ୍ରାଚୀନ ପରଂପରା ବହୁ ଦିନରୁ ନିରବଚ୍ଛିନ୍ନ ଭାବରେ ପ୍ରବାହିତ ହୋଇ ଆସୁଛି। ବିଭିନ୍ନ ଜନଜାତିଙ୍କ ଭାଷାରେ ଗାନ କରାଯାଉଥିବା ଗୀତଗୁଡ଼ିକର ସୂଚନା ଏଠାରେ ପ୍ରଦାନ କରାଗଲା।

(କ) ହୋ ଭାଷାରେ ପ୍ରଚଳିତ ଥିବା ଗେନା ତାଳ, ଗାଡୁକ ତାଳ, ଗାଡୁଆ ତାଳ, ଚାଙ୍ଗୁଳିଆ ତାଳର ସଙ୍ଗୀତ ନିମ୍ନରେ ପ୍ରଦାନ କରାଗଲା।

**ହୋ :**

**ଗେନା ତାଳ**

ଡିନିଙ୍ଗ୍ ଦିତିଙ୍ଗ ଦାଁ ଦାଁ
ମେତାଙ୍ଗ୍ ଦେତାଙ୍ଗ୍ ଦିତିଂ
ଦାଁ ଦାଁ ମେତାଂ

**ଦୁରାଂ / ଗୀତ -**

**॥ ୧ ॥**

ବା-ବୁରୁଆ ଦାଦା-ବଙ୍ଗା ବୁରୁଆ
ମିସା ରେୟଃ ଦାଦା ବିୟୁରା ତୁବେନ୍
ବା ବୁରୁଆ ଦାଦା ବଙ୍ଗା ବୁରୁଆ
ବାର୍ସା ବାଛେଦା ଦାଦା -ଆଚୁରାତୁବେନ୍

**॥ ୨ ॥**

ଲାଇଃ ପେରେଏ୍ ଜମା କାରେ ରାସିକା
ମାୟାଙ୍ଗ୍ ପେରେଏ୍ ପାଚୁତାରେ ଚେହରା
ବାବା "ବା" ରେୟ ହ ରାସିକା
କସମ୍ ବା ରେୟ ହ ଚେହରା ॥

**ଗାଡୁକ ତାଲ୍**

**ଦୁରାଂ / ଗୀତ**

ଜୁ ଜୀବନ ଐଲା ଜୀବନ ମେତାଇ ଲେକା
ହିଜୁଃ ତାନାଏ ସେନଃ ତାନା
ହୟ ଜକା ବନ୍ଦ ୟାନ୍‌ରେ
ନେ ଜୀବନ ସେନଃଆ

**ଗାଡୁଆ ତାଳ**

ଡିନିଂ ଦିତିଂ ଦାଁ ଦାଁ
ମେତାଂ ଦେତା ଦିତିଂ ଦାଁ ଦାଁ
ମେତାଂ

**ଦୁରାଂ / ଗୀତ**

ଚୁଆ ଚୁଆତେ ଆସୁଲ ଲିଃଆ
ସାସାଂ ସୁନୁମ୍‌ତେ ଜତନ ଲିଃଆ
ସାକାମ୍ ଲାଗିଡେଞ୍ଚ କୁଲେ ଲିଃଆ
ବୁରୁରେନ୍ ମୁଣ୍ଡକଟା ପାଉଁଲିଆ
ସିନ୍ଦୁର୍ କିଃଆ
ସାକାମେ ଲାଗିଡେଞ୍ଚ୍ କୁଲେ ଲିଃଆ
ଗାଳାରେନ୍ ବାଗୁଡିକିଂ କାଜଳା କିଃଆ

**ଚାଙ୍ଗୁଲିଆ ତାଳ**

ଜାଗ୍‌ଦା ଦିତାର୍ ଚିମିନ୍ ଡିପ୍‌ପା
ଚିମିନ୍ ଡିପ୍‌ପା ନାଙ୍ଗ୍ ନାଙ୍ଗ୍
ଆଁଣିତେ ସେନେମ୍ ବୁଃକ ଲେଲେମ୍
ଚିମିନ୍ ଡିପ୍‌ପା ନାଙ୍ଗ୍ ନାଙ୍ଗ୍

**ଦୁରାଂ / ଗୀତ**

ନକ କରେ ଗାକ ଲାଳାଇ ତାନା
ଲଆ ବା ନାଗାରାଦ ରୁମୁଲ୍ କେନା
ଚିମାଏ କରେଗାକ କାଳାନ୍ଦି ତାନା
ନିଚଃ ବା ରଳସିଙ୍ଗେ କୁଲୁୟୁର କେନା।
ହାର୍ତ୍ତାହାସା ନାକ ବିରାଡ୍ ତାନା
ଲଆ ବା ନାଗାରାଦ ରୁମୁଳ କେନା
ଜାମ୍ବୁ ଡିପା ନାକ ବେରେଦା ତାନା
ନିଚାଃ ବା - ରଳ ସିଙ୍ଗା କୁଲୁୟୁର କେନା
ଦେଲା ତେବୁ ନେଲେ ଜମା-ଗା
ଲଆ ବା ନାଗାରା ଦ ରୁମୁଲ କେନା
ଦେଲା ତେବୁ ଚିନା ଜମା ଗା
ନିଚାଃ ବା -ରଳ ସିଙ୍ଗା କୁଲୁୟୁର କେନା।
(ଚିମାଏ କରେଗାକ କାଳାନ୍ଦିତାନା - ଟିମିନ୍ ସାନିଙ୍ଗରେକ ଆଁଦିତାନା)
'ବିରାଡ଼ତାନା-ନାମ୍‌ତାନା'

**ସୂତ୍ର :** 'ହୋ' ଲୋକ ସାହିତ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ଓଡ଼ିଶା।

**(ଖ) ଲୋଧା ଗୀତ**

**ବନ୍ଦନା ଗୀତ:**

ପ୍ରଥମେ ବନ୍ଦନା କରି ବାସ୍‌କି ବାସୁମାତାକେ
ତାର୍‌ପରେ ବନ୍ଦନା କରି ପୁରୁବ ପଶ୍ଚିମ।
ତାର୍‌ପରେ ବନ୍ଦନା କରି ଉତ୍ତର ଦକ୍ଷିଣ।
ତାର୍‌ପରେ ବନ୍ଦନା କରି ଗାଏଁରି ଗରାମ
ତାର୍‌ପରେ ବନ୍ଦନା କରି ଡାହାଣୀ ଯୁଗିନୀ
ଦୟାଲୁ ଦୟାଲୁ ଭଗବାନ (୨ ଥର)
ଇ ଆସରେ କରଦୟା ଯତଇ ମାଆ ସରେସ୍ୱତୀ
ଆମାର ଆସର, ଆମାର ଆସର।
ଦୟାଲୁ ଦୟାକର। (ଘୋଷା) -ସାନଝାଉଁରୀ-

**ଛୁଆଜନ୍ମ ପରର ଗୀତ :**

ଆମ୍ ଗାଛଟି ପାତେର୍ ଭାରି
ତୁମାର ମତନ୍ କତଇ ନାରୀ
ତୁମାର ମତନ୍ ନାରୀକେ
ନା ରଖିବ ଗ ନୟନେ
ଛାଡ଼ିଇ ଦିବ ଭରା ଯଉବନେ ।

**ଖେଳ ଗୀତ :**

(କ) ଇକିଡ଼ି ମିକିଡ଼ି
ଦାନ୍ତ କିଡ଼ି କିଡ଼ି
ଲୁହା ଲତି ବେଲ ପାତ
ପାତେ ଆଛେ ନିମ୍ ଗାଛଟି
ନିମ୍ ଝଡ଼ଝଡ୍ ପଡ଼େ
ସଦା ସଦିର ବେଟି
ନିତ୍ ନିଏ ଲାଗେ । (ସାନ ଝାଉଁରୀ)

(ଖ) ଇକିଡ଼ି, ମିକିଡ଼ି ଦାନ୍ତ କିଡ଼କିଡ଼
ଲବି ଲାକୁର
ଆଶାତ୍ ଗାଛ୍ ବଟ୍ ଗାଛ୍
ତା'ର ମଝା ଜଗନ୍ନାଥ
ଜଗନ୍ନାଥେର କାଣ୍ଡି
ସରୁ ଚାଉଳ ବାନ୍ଧି ।

୨. ତାଳ କଟି ତାଳକଟି ଖେଜୁର କାଟି
ଅଣ୍ଟି ବେନେହେ. ଶାକ୍ ଦିବେ, କଦମ୍ ଗାଛେର କାଲି ।
କାଲି ଲାଇ, ବାଲିଲାଇ କିସେରି ଛାଓ ।

୩. ରଥ କରେ ଖସର୍ ମସର୍ ପାଟ୍ କିନେ ଦାଓ
ପାଟେର୍ ଭାରେ ଚାଲ୍‌ତେ ନାରି କାନ୍ଧେ ତୁଲେ ଧର ।

୪. ତେଲି ଘରେ ତେଲ କଏଷା
ବାମୁନ୍ ଘରେ ମାଲାପିଠା
ଆରେ ତେଲ କାଇଁ
ଗରୁଗାମ ପାଇରା ।

୪.  ଉବୁର ଡୁବୁର ପାନ୍ ମହୁରୀ
କାଞ୍ଚ୍ କଳାଟିର ଘର ଚଉରୀ
ପାଶେର ତୋପ କଇ ଦେରେ
ସୁଆ ବେଲାର ପୋ।

**ରଜଦୋଳି :**

୧.  ଜଳିଶାଗ୍ ମଳିଶାଗ୍
ତୁମରି ଆମରି ବହୁତଭାବ
ଦେଖିନି କି ପାଇଁ ରାଗ।

୨.  ଚିଙ୍ଗିଡ଼ି ଛୁଟିକି ଦଳ
କେଡ଼େ ଯାଇଥିଲ ସପନ ଫୁଲ
ଆଜି କାଇଁ ଦେଖା ଦେଲ।

୩.  ଚାଟାବାଣି ଦୁଇବାଣି
ଆମେ ଦୁଇ ଭଉଣୀ ଅନ୍ଧାରକାଣୀ
ସାଙ୍ଗରେ ଦେବା ପାଣି ଆଣି।

**ସୂତ୍ର :** ଲୋଧ ସଂସ୍କୃତି ଓ ଲୋକ ସାହିତ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ, ଭୁବନେଶ୍ୱର, ଓଡ଼ିଶା।

**(ଗ) ସଉରା ଗୀତ**

**ପ୍ରେମ ସମ୍ପର୍କୀୟ ଗୀତ**

**ସଉରା ଭାଷାରେ :-**

ମଲ୍ଲୀ ତାରାନ୍ ଡାଙ୍ଗାଇ ଲେନ୍
ଡୁଂନାଇ ଡିନ୍ ମାରାଂଡିଂ ଡାଙ୍ଗଡି
ମାରା ବେଡାନ ଡାଙ୍ଗାଇଲେନ୍
ଡୁଂ ନାଇଡିନ୍ ମାରାଂଡିଂ ଡାଙ୍ଗଡ଼ି

**(ଓଡ଼ିଆରେ)**

ମଲ୍ଲୀଫୁଲମାଳ ଗଭାରେ ବାନ୍ଧି
ମୟୂରଚୂଳକୁ ତହିଁରେ ଖଞ୍ଜି
ହୋଇ ଦଳ ଦଳ
କେଉଁ ଆଡ଼େ ଏବେ ହୁଅ ବାହାର
ଆମ ଆଡ଼େ ଥରେ ଅନାଇଦେଖ
ତମ ସାଥେ ଆମେ ଚାଲୁଛୁ ବାଟ
ହେବ ନିକି ରାଜି
ଦେବନି ମନ
ତୁମ ଅପେକ୍ଷାରେ ସରୁଛି ଦିନ।

ଉତ୍ତରରେ ଯୁବତୀମାନେ କହନ୍ତି -

**ସଉରା ଭାଷାରେ :-** ଛାମ୍ପା ତାରାନ୍ ଡାଙ୍ଗାଇ ଲେନ୍
ଡୁରାଇ ଡେନ୍ ମରଣ୍ଡାଡାଂଗଡ଼ା
ଡାୟୁଂ ତାଂରନ୍ ଡାଙ୍ଗାର୍ ଲେନ୍
ଡୁଙ୍ଗା ନାଇଡ୍ରେନ୍ ମାରାଣ୍ଡା ଡାଙ୍ଗଡ଼ା
ରାଦିତ୍ରା ସିତାଡ଼ା କୁମ୍ପେଡ୍ରା ସିତାଡ଼ା ।

**(ଘ) ଗଦବା ଗୀତ**

**କନ୍ୟା ବିଦାୟ ଗୀତ**

ଶ୍ୱଶୁରାଳୟକୁ ଉଭୟ ବରପକ୍ଷ ଓ କନ୍ୟାପକ୍ଷର ସ୍ତ୍ରୀଲୋକମାନେ ଝିଅକୁ ଘେନିଯିବା ପାଇଁ ଆୟୋଜନ ସମୟରେ କନ୍ୟାଘର ଲୋକମାନେ ଝିଅ ଉଦ୍ଦେଶ୍ୟରେ ବିଦାୟ ଗୀତ ଗାଇଥାନ୍ତି ।

ଗଦବା ଭାଷାରେ:-

ୟେ ଉୟାବେ ଉୟାବେ ସମଦି ଡେନବ ଉୟାବେ
ସମଦି ଡେନବ ଇଗୁସୁ ବାରକୁଲି ଡେମ ସମୟେ ବାବୁ ସମରେ ଧନ
ସମଦି ବୁଡ଼ାଙ୍ଗ ଜୁଆଁଇ ବୁଡାଙ୍ଗ ସବା ଡେଙ୍ଗୁ ଡୁକା
ଆରି ଆନ ଆରିଆନ ବୁଡ଼ାଙ୍ଗ ସୁନ୍ଦରକୁ ଡୁକାବେ ।
ବନ୍ଧୁ ବୁଡଙ୍ଗ ବନ୍ଧୁ ବୁଡଙ୍ଗ ସୁନ୍ଦର ଡେଙ୍ଗୁ ଡୁଲାଙ୍ଗ ନିଙ୍ଗ
ଜାରିମାନେ ଡୁକୁସୁ ବନ୍ଧୁତଲନିଙ୍ଗ ପୁରୁବେ ଡୁକୁସୁ ଉଲିଇଡ଼ ନିଙ୍ଗ
ସମଦି ବଡ଼ଙ୍ଗ ମିସେ ଗୁସୁକାଇ ଇଲି ପେଣ୍ଡମ୍ ଇଡ଼ିନେଇ ।

(ଓଡ଼ିଆରେ) ଯାଆରେ ଝିଅ ଯାଅ ସମୁଦି ଘରକୁ ଯାଅ
ସମୁଦି ଘରେ ରହିବୁ ସୁଖ ଶରଧାରେ ରହିବୁ
ଆମକୁ ପାଶୋରି ଦେବୁନି ଧନ ଆମକୁ ପାଶୋରି ଦେବୁନି
ଜୁଆଁଇ ସହିତ ରହ ସୁନ୍ଦର ଭାବରେ ରହ
ସବୁଦିନ ପାଇଁ ରହ
ଜୁଆଁଇ ସାଥୀର ହସଖୁସିରେ ସଂସାର ବସାଇ ରହ ।
ବନ୍ଧୁ ସହିତ ରହ, ବନ୍ଧୁ ସହିତ ରହ
ସୁନ୍ଦର ଭାବରେ ସବୁରି ସାଥୀରେ ମିଳିମିଶି କରି ରହ ।
ପୂରୁବ ରୀତି ରହିଛି ବୋଲି
ତୋ ପାଇଁ ଆମେ ସମୁଦି ଘରୁ
ପେଣ୍ଡମ୍ ଖାଇଲୁ, ମଦ ପିଇଲୁ

ତୋ ଇଚ୍ଛା ଜାଣି ତୋତେ ସମୁଦି ଘରକୁ ପଠେଇଲୁ
ଯାଆରେ ଝିଅ ଯାଅ ସମୁଦି ଘରକୁ ଯାଅ
ସୁଖ ଶରଧାରେ ଥାଅ ।

**ସୂତ୍ର:** ଦକ୍ଷିଣ ଓଡ଼ିଶାର ଆଦିବାସୀ ସଂସ୍କୃତି, ଡକ୍ଟର ରଘୁନାଥ ମେହେର, ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର, ଓଡ଼ିଶା

## ୨.୬ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ କବିତାରେ ଛନ୍ଦର ପ୍ରୟୋଗ

ଓଡ଼ିଆ ପଦ୍ୟ ସାହିତ୍ୟର ପ୍ରଥମ ନିଦର୍ଶନ ଭାବରେ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କ ରଚିତ ବୌଦ୍ଧଗାନ ଓ ଦୋହାଗୁଡ଼ିକୁ ଗ୍ରହଣ କରାଯାଇଥାଏ । ସପ୍ତମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ରଚିତ ଏହି ଦୋହାକୋଷଗୁଡ଼ିକର ଅନେକ ରଚୟିତା ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ । ବୌଦ୍ଧସିଦ୍ଧାଚାର୍ଯ୍ୟମାନଙ୍କଦ୍ୱାରା ରଚିତ ଏହି ଦୋହା ବା ଚର୍ଯ୍ୟାଗୀତଗୁଡ଼ିକ ବିଭିନ୍ନ ଛନ୍ଦ ଓ ରାଗରାଗିଣୀ ଦ୍ୱାରା ରଚିତ ହୋଇଥିବା ଦେଖିବାକୁ ମିଳିଥାଏ । ବୌଦ୍ଧ ସିଦ୍ଧାଚାର୍ଯ୍ୟ ଲୁଇପାଙ୍କ 'କାୟା-ତରୁଚର୍ଯ୍ୟା' ଦୋହାଟି ପଟମଞ୍ଜରୀ ରାଗରେ ରଚିତ ହୋଇଥିବା ସମୟରେ ଶବରୀପାଙ୍କ ଶବର-ଶବରୀ-ପ୍ରେମଚର୍ଯ୍ୟା ଦୋହାଟି ବଳାଡ୍‌ଡି ରାଗ, ମରଶବର-ମୃତ୍ୟୁଚର୍ଯ୍ୟା ଦୋହାଟି ରାମକ୍ରୀ ରାଗରେ ରଚିତ ହୋଇଛି । କାହ୍ନୁପା'ଙ୍କ ବାଟ-ଓଗାଳ ଚର୍ଯା ଦୋହାଟି ପଟମଞ୍ଜରୀ, ମତ୍ତ ମାତଙ୍ଗଚର୍ଯାଟି ମଧ ପଟମଞ୍ଜରୀ ରାଗରେ ରଚିତ ହୋଇଥିବା ସମୟରେ ଡୋମ୍ବୀ-ଚର୍ଯା ଦୋହାଟି ଦେଶାକ୍ଷ, ନୟବଳ-ଚର୍ଯା ଦୋହାଟି ଭୈରବୀ ଓ ନୌଯାତ୍ରା-ଚର୍ଯା ଦୋହାଟି କାମୋଦୀ ରାଗରେ ରଚିତ ହୋଇଛି । ସିଦ୍ଧକବିଗଣ ପଟ୍ଟମଞ୍ଜରୀ, ରାମକ୍ରୀ, ବଳାଡ୍‌ଡୀ, ଦେଶାଖ, ଭୈରବୀ, କାମୋଦ, ଗଉଡ଼ା, ଇନ୍ଦ୍ରତାଳ, ମଲ୍ଲାରୀ, ମଳସୀ ଗବୁଡ଼ା ଆଦି ରାଗ ସେମାନଙ୍କ ରଚନାରେ ବ୍ୟବହାର କରିଥିବା ଦେଖାଯାଏ ।

**କାହ୍ନୁପା'ଙ୍କ ନୌଯାତ୍ରା-ଚର୍ଯା**
**ରାଗ - କାମୋଦ**

ତିଶରଣ ଣାବୀ କିଅ ଅଠ କମାରୀ ।
ନିଅ ଦେହ କରୁଣ ଶୂନ ମେହେରୀ ।।୧।।
ତରିତ୍ତା ଭବଜଳଧି ଜିମକରି ମାଅ ସ୍ୱଇନା ।
ମାଝ୍‌ବେଣୀ ତରଙ୍ଗ ମ ମୁନିଆ (ଧ୍ରୁ)
ପଞ୍ଚ ତଥାଗତ କିଅ କେଡୁଆଳ ।
ବାହଅ କାଅ କାହ୍ନିଲ ମାଆ ଜାଲ ।। ୨ ।। (ଧ୍ରୁ)
ଗନ୍ଧପରସରସ ଜଇସୋଁ ତଇସେଁ ।
ନିଦ ହୁନେ ସୁଇନା ଜଇସୋ ।। ୩ ।। (ଧ୍ରୁ)
ଚିଅ କଣ୍ଣହାର ସୁଣତ ମାଙ୍ଗେ ।
ଚଳିଲ କାହ୍ନ ମହାସୁହ ସାଙ୍ଗେ ।। ୪ ।। (ଧ୍ରୁ)

ବତ୍ସା ଦାସଙ୍କ 'କଳସା ଚଉତିଶା' ଅନ୍ୟତମ ପ୍ରାଚୀନ ଓଡ଼ିଆ ପଦ୍ୟ ରଚନା। ଏହା 'ଚଉତିଶା' ଶୈଳୀରେ ରଚିତ ହୋଇଛି। ବତ୍ସା ଦାସଙ୍କ ଏହି ଚଉତିଶା ସାରଳା ଦାସଙ୍କ ମହାଭାରତ ପୂର୍ବରୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ରଚିତ ବୋଲି ବହୁ ଗବେଷକ ମତ ପ୍ରଦାନ କରିଥାନ୍ତି। ଅନେକ ଲେଖକ ବତ୍ସା ଦାସ ଲେଖୁଥିବା ସମୟରେ ପ୍ରଫେସର ଯତୀନ୍ଦ୍ର ମୋହନ ମହାନ୍ତି ତାଙ୍କ ସଂପାଦିତ ପ୍ରାଚୀନ ଓଡ଼ିଆ କବିତା ସମ୍ଭାର ଗ୍ରନ୍ଥରେ ବଚ୍ଛା ଦାସ ଲେଖିଛନ୍ତି। 'ମାଳବ' ବା 'ବରାଡ଼ି' ରାଗରେ ଏହି ଚଉତିଶା ରଚିତ ହୋଇଅଛି। କଳସା ଚଉତିଶାର ପ୍ରଥମ ଦୁଇ ପଦ ଏଠାରେ ଉଦାହରଣ ଭାବରେ ପ୍ରଦାନ କରାଗଲା।

**(କ) କଳସା ଚଉତିଶା :**

କହନ୍ତି କାମିନୀ ଶୁଣ ହେମନ୍ତ ଦୁଲଣି
କାହୁଁ ବରେ ବରିଲେ ତୁମ୍ଭର ପିତାମଣି।
କୁଳ ମୂଳ ଗୋତ୍ର ଆଦି ନାହିଁ ଜଣା ତା'ର
କନକ ବେଦୀରେ ବୁଢ଼ା ବସିଛି ମଧ୍ୟର।

ସାରଳା ଦାସ ତାଙ୍କର ବିଶାଳ କାବ୍ୟ ମହାଭାରତରେ ଯେଉଁ ଛନ୍ଦର ପ୍ରୟୋଗ କରିଛନ୍ତି, ତାହାକୁ "ଦାଣ୍ଡିବୃତ୍ତ" ନାମରେ ନାମିତ କରାଯାଏ। ଅକ୍ଷର ସମତା ବିହୀନ ଏହି ବୃତ୍ତର ପ୍ରଧାନ ଲକ୍ଷଣ। ଦୁଇ ପାଦରେ ଏକ ପଦ ହେଉଥିଲେ ହେଁ, ଏହାର ପାଦର ଅକ୍ଷର ସଂଖ୍ୟା ସୁନିର୍ଦ୍ଦିଷ୍ଟ ନୁହେଁ। ଏହାକୁ ଗାନ କରାଯିବା ସମୟରେ ଗାୟକ ଲୟ ଦେଇ ଇଚ୍ଛାମତେ ଯତିପାତ ଦେଇ ଗାନ କରିବାର ସ୍ୱାଧୀନତା ପାଇଥାଏ। ଏହି ଛନ୍ଦରେ ପାଦ ପାଦ ମଧ୍ୟରେ ଅନ୍ତର୍ମିଳନ ଘଟୁଥିବା ବେଳେ ଅକ୍ଷର ଅସମାନତା ରହିଥାଏ। ଶ୍ୟାମସୁନ୍ଦର ରାଜଗୁରୁ ତାଙ୍କର "ପ୍ରବନ୍ଧାବଳୀ" ପୁସ୍ତକରେ ଓଡ଼ିଆ ଢଗଢ଼ମାଳିରୁ ଏହି ଦାଣ୍ଡିବୃତ୍ତର ଉଦ୍ଭୁତ ହୋଇଛି ବୋଲି ମତ ପ୍ରଦାନ କରିଥାନ୍ତି। ଲୋକରତ୍ନ ଡକ୍ଟର କୁଞ୍ଜବିହାରୀ ଦାଶ ମଧ ଏହି ମତକୁ ସମର୍ଥନ କରନ୍ତି। "ଯୁଗ ଯୁଗ ଧରି ବିଦଗ୍ଧ ସାହିତ୍ୟର କବିମାନେ କେବଳ ସଂସ୍କୃତ ବା ପ୍ରାକୃତ ଛନ୍ଦ ନୁହେଁ, ଲୋକଗୀତର ଅଜସ୍ର ଛନ୍ଦ ବ୍ୟବହାର କରି ସ୍ୱ ସ୍ୱ କାବ୍ୟ ସମୃଦ୍ଧି କରି ଆସୁଛନ୍ତି। ଏହାହିଁ ସେମାନଙ୍କ କାବ୍ୟର ଲୋକପ୍ରିତାର ଅନ୍ୟତମ କାରଣ। ଉତ୍କଳର ଆଦି ମହାକବି ସାରଳା ଦାସ ଏ ଦିଗରେ ଅଗ୍ରଣୀ। ସାରଳାଙ୍କ ମହାଭାରତ ଲୋକଗୀତ ଛନ୍ଦରେ ରଚିତ। ଏହି ଛନ୍ଦ ହେଉଛି ଦାଣ୍ଡିବୃତ୍ତ। ଦାଣ୍ଡିବୃତ୍ତରେ ହିଁ ସମଗ୍ର ଲୋକଗୀତ ଛନ୍ଦର ମୂଳତତ୍ତ୍ୱ ନିହିତ। ଯାହା ଶାସ୍ତ୍ରୀୟ ନୁହେଁ, ଯାହାକୁ କବି ଦାଣ୍ଡରୁ ଅର୍ଥାତ୍ ଯେ ସେ ଲୋକ ବୋଲୁଥିବା, ଯେଉଁଠି ଇଚ୍ଛା ସେଠି ବୋଲା ହେଉଥିବା ଲୋକଗୀତରୁ ସାଉଁଟି ଆଣିଛନ୍ତି, ତାହା ଦାଣ୍ଡିବୃତ୍ତ।" (ଓଡ଼ିଆ ଲୋକଗୀତ ଓ କାହାଣୀ, ପୃଷ୍ଠା - ୩୨୧) ଏହା କହିବା ବାହୁଲ୍ୟ ଯେ, ଓଡ଼ିଆ ଜନଜୀବନରେ ଏହି ଛନ୍ଦ ବହୁ ଲୋକପ୍ରିୟତା କେବଳ ହାସଲ କରି ନାହିଁ, ବହୁ ପ୍ରାଚୀନ କାଳରୁ ଲୋକଗାନ ବା ଲୋକସଙ୍ଗୀତର ପ୍ରତୀକ ଭାବରେ ପ୍ରତିଭାତ ହୋଇଛି। ସାରଳା ଦାସ ଲୋକ ପରଂପରାକୁ ଲିଖିତ ସାହିତ୍ୟରେ ପ୍ରୟୋଗ କରି ଏହାକୁ ଜୀବନ୍ୟାସ ପ୍ରଦାନ କରିଛନ୍ତି।

ସାରଳାଙ୍କ ରଚିତ ମହାଭାରତରୁ ଦାଣ୍ଡୀବୃତ୍ତର ଉଦାହରଣ : 'ଛାୟାମଣ୍ଡୋପେ ସୟମ୍ବର ଥାନକୁ ନିର୍ବାଣ ପାଞ୍ଚ ଯୋଜନ ଆୟେତନ ଛାୟେଣି କତାୟ ରତ୍ନମାନ।୪୭।

ଲକ୍ଷେକ ଥମ୍ଭ ଅଛି ଛାୟା ମଣ୍ଡୋପରେ
ଅଷ୍ଟରତ୍ନ ନିର୍ମିତ କଲେ ସୁବର୍ଣ୍ଣ ଅମ୍ବର। (ଦ୍ରୌପଦୀ ସ୍ୱୟମ୍ବର, ଆଦିପର୍ବ)

ଓଡ଼ିଆ ଗୀତିକବିତାର ଏକ ସମୃଦ୍ଧ ପରମ୍ପରା ଓଡ଼ିଆ ସାହିତ୍ୟରେ ପ୍ରଚଳିତ ଅଛି। ଆଦିମ କାଳରୁ ଆଜି ପର୍ଯ୍ୟନ୍ତ ଏହି ଧାରା ଅନବରତ ପ୍ରବାହିତ ହୋଇ ଓଡ଼ିଆ ଜନମାନସର ମନୋରଂଜନ କରିପାରୁଛି। ଗ୍ରାମଠାରୁ ସହର ପର୍ଯ୍ୟନ୍ତ ଭଜନ, ଜଣାଣ, ପାଲା, ଦାସକାଠିଆ, ଚଉତିଶା, ପୋଇ, ଚମ୍ପୁ, ମଙ୍ଗଳଗୀତ, କୋଇଲି, ପଦୀ, ଚଉପଦୀ ଆଦିର ଆବୃତ୍ତି ଓ ଗାନ ଶ୍ରୋତାକୁ ମୁଗ୍ଧ କରି ପାରିଥାଏ। ଏହି ଗୀତିକବିତାଗୁଡ଼ିକରେ ହିଁ ବିଭିନ୍ନ ଛନ୍ଦର ପ୍ରୟୋଗ ସୁଯୋଗ ସୃଷ୍ଟି ହୋଇପାରିଛି। ବିଭିନ୍ନ ଛନ୍ଦର ବ୍ୟବହାର ଓଡ଼ିଆ ଗୀତିକବିତାକୁ କେବଳ ଶ୍ରୁତି ମଧୁର କରି ନାହିଁ, ଓଡ଼ିଆ ଛନ୍ଦ ପ୍ରୟୋଗବିଧିକୁ ମଧ୍ୟ ପ୍ରାଞ୍ଜଳ କରିପାରିଛି। ଏହା ବ୍ୟତୀତ ଓଡ଼ିଶାରେ ସଂସ୍କୃତ କାବ୍ୟଚର୍ଚ୍ଚା ଓ ରଚନାର ପରମ୍ପରା ମଧ୍ୟ ସମୃଦ୍ଧ ଥିଲା। ସେହି ଓଡ଼ିଶୀ ସଂସ୍କୃତ କାବ୍ୟ ଚର୍ଚ୍ଚା ପରମ୍ପରା ଓଡ଼ିଆ ଛନ୍ଦକୁ ସମୃଦ୍ଧ କରିବାରେ ସହାୟକ ହୋଇଛି। ସଂସ୍କୃତ କାବ୍ୟ ପରଂପରା ଓ ମୌଖିକ ଗୀତ ପରମ୍ପରାରେ ସମ୍ମେଳନରେ ଓଡ଼ିଆ ଛନ୍ଦ ସମୃଦ୍ଧି ଲାଭ କରିଛି। ପଣ୍ଡିତ ନୀଳମଣି ମିଶ୍ର ଏ ସଂପର୍କରେ ମତ ଦେବାକୁ ଯାଇ ଲେଖିଛନ୍ତି - "ଓଡ଼ିଆ ଗୀତିସାହିତ୍ୟ ସମ୍ପର୍କରେ ଆଲୋଚନା କଲେ ଜଣାଯାଏ ଯେ ଏହାର ମୂଳଭିତ୍ତି କେଉଁ ଅନାଦି କାଳରୁ ଜନଜୀବନକୁ ଉଦ୍‌ବୁଦ୍ଧ କରି ଆସୁଛି। କ୍ରମବର୍ଦ୍ଧମାନ ଓଡ଼ିଆ ସାହିତ୍ୟର ଅନ୍ୟାନ୍ୟ ବିଭାବ ସହିତ ସମାନ ଭାବରେ ତାଳ ଦେଇ ଓଡ଼ିଆ ସାହିତ୍ୟର 'ଗୀତିକାବ୍ୟ' ଖୁବ୍ ସମ୍ଭବତଃ ଗ୍ରାମ୍ୟଗୀତ, ଢଗଢ଼ମାଳୀ, ଓଡ଼ିଆ ଘରର ଝିଅବୋହୂଙ୍କ କାନ୍ଦଣା ମାଧ୍ୟମରେ ଅୟମାରମ୍ଭ ହୋଇଛି, କିନ୍ତୁ ସୁରୁଚି ସଂପନ୍ନ ଗୀତିକାବ୍ୟ ଅର୍ଥାତ୍ କୋଇଲି, ଚଉତିଶା, ପୋଇ, ବୋଲି, ପାଲା, ଭଜନ ଓ ଚୌପଦୀ ଆଦି ଆଙ୍ଗିକ ବିଭାବର ବିକାଶମୂଳରେ ଓଡ଼ିଶାରେ ରଚିତ 'ଗୀତଗୋବିନ୍ଦ'ର କାନ୍ତ, କମନୀୟ, ସରସ, ମଞ୍ଜୁଳ ତଥା ତତ୍‌ପରବର୍ତ୍ତୀ ସମୟରେ ରଚିତ 'ଅଭିନବ ଗୀତଗୋବିନ୍ଦ', 'ରୁକ୍ମିଣୀ ପରିଣୟ', 'ଶ୍ରୀଜଗନ୍ନାଥବଲ୍ଲଭ ନାଟକ', 'ମୁକୁନ୍ଦ ବିଳାସ', 'ଶ୍ରୀକୃଷ୍ଣ ଲୀଳା-ତରଙ୍ଗିଣୀ', 'ଶିବଲୀଳାମୃତ', 'ଶ୍ରୀକୃଷ୍ଣ ନୀଳାମୃତ' ଆଦି ସଂସ୍କୃତ ଗୀତିକାବ୍ୟର ରଚନାଶୈଳୀ ବିଶେଷ ପ୍ରଭାବ ପକାଇଥିବାର ଅନୁମାନ। ସେ ଯାହାହେଉ, ଓଡ଼ିଆ ଗୀତିସାହିତ୍ୟର ବିକାଶମୂଳରେ ଲୋକମୁଖରେ ପ୍ରଚାରିତ ଗ୍ରାମ୍ୟଗୀତ ଓ କାନ୍ଦଣା ଆଦିର ଅବଦାନ ଅତୁଳନୀୟ।" (ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ, ୧୯୭୬, ପୃଷ୍ଠା - ୪୭) ବାସ୍ତବରେ ପର୍ଯ୍ୟାଲୋଚନା କଲେ ଜଣାଯାଇଥାଏ ଯେ, ଓଡ଼ିଆ ସାହିତ୍ୟରେ ଯେଉଁ ବିପୁଳ ଛନ୍ଦ ପ୍ରୟୋଗ ରହିଛି ତାହା ମୁଖ୍ୟତଃ ତିନୋଟି ସୂତ୍ରରୁ ସୃଷ୍ଟି ହୋଇଛି; ଲୋକଗୀତ, ପ୍ରାକୃତ ଓ ସଂସ୍କୃତ।

ସାରଳା ଦାସଙ୍କ 'ଦାଣ୍ଡିବୃତ୍ତ' ଲୋକବୃତ୍ତ ବା ଲୋକଗୀତରୁ ସୃଷ୍ଟି ହୋଇଛି। ବତ୍ସା ଦାସ 'କଳସା ଚଉତିଶା'କୁ ବୌଦ୍ଧ ସିଦ୍ଧାଚାର୍ଯ୍ୟଗଣ ପ୍ରୟୋଗ କରିଥିବା 'ମାଳବ' ରାଗରେ ରଚନା କରିଛନ୍ତି। ମଧ୍ୟଯୁଗର କବିଗଣ ତାଙ୍କ କାବ୍ୟ କବିତାରେ ବହୁ ଛନ୍ଦର ପ୍ରୟୋଗ କରିଛନ୍ତି। ବଳରାମ ଦାସଙ୍କ ଠାରୁ ଆରମ୍ଭ କରି ଜଗନ୍ନାଥ ଦାସ, ରଘୁ ଅରକ୍ଷିତ, ଦୀନକୃଷ୍ଣ, ସାଲବେଗ, ଆର୍ତ୍ତ ଦାସ, ଚନ୍ଦନ ହଜୁରୀ, ନିତ୍ୟାନନ୍ଦ, ବନମାଳୀ, କବିସୂର୍ଯ୍ୟ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ଆଦି କବିଗଣ ନିଜ ନିଜ ରଚନାରେ ବହୁ ଛନ୍ଦର ପ୍ରୟୋଗ କରିଛନ୍ତି। ଅର୍ଜୁନ ଦାଶ ତାଙ୍କ 'ରାମବିଭା' କାବ୍ୟରେ ମଙ୍ଗଳ ଗୁଜରୀ ଛନ୍ଦର ପ୍ରୟୋଗ କରିଥିବା ସମୟରେ ରୁକ୍ମିଣୀ ବିଭା କାବ୍ୟରେ କାର୍ତ୍ତିକ ଦାସ ଆଷାଢ଼-ଶୁକ୍ଳ ଛନ୍ଦର ପ୍ରୟୋଗ କରିଛନ୍ତି। ବଳରାମ ଦାସ ତାଙ୍କର 'ମୃଗୁଣୀ ସ୍ତୁତି'କୁ ଚତୁର୍ଦ୍ଦଶାକ୍ଷରୀ

ବୃତ୍ତରେ ରଚନା କରିଛନ୍ତି । ଜଗନ୍ନାଥ ଦାସ ତାଙ୍କ 'ମୃଗୁଣୀ ସ୍ତୁତି'କୁ 'ଆଷାଢ଼ ଶୁକ୍ଳ' ଛାନ୍ଦରେ ରଚନା କରିଛନ୍ତି । ଦେବ ଦୁର୍ଲଭ ଦାସ 'ରହସ୍ୟ ମଞ୍ଜରୀ' କାବ୍ୟରେ 'ମହ୍ଲାର' କଲ୍ୟାଣ ଆହାରୀ, କରୁଣା ରାଗବାରୀ ରାଗର ପ୍ରୟୋଗ କରିଛନ୍ତି । ସେହିପରି ନରସିଂହ ସେଣ 'ପରିମଳା' କାବ୍ୟରେ ଗୁଜ୍ଜରୀ, ଚକ୍ରକେଳୀ ବାଣୀ ଓ ବିଷ୍ଣୁ ଦାସ 'ପ୍ରେମଲୋଚନା' କାବ୍ୟରେ ମଙ୍ଗଳ ଗୁଜ୍ଜରୀ ରାଗର ବ୍ୟବହାର କରିଛନ୍ତି ।

'ପରିମଳା' କାବ୍ୟରେ ଚକ୍ରକେଳୀ ବାଣୀର ଉଦାହରଣ :

"ହଂସ ଛାଡ଼ିଣ ଅବନୀ ମଣ୍ଡଳ
ମାନସରକୁ କଲେ ଅନୁକୂଳ ।
ଝଞ୍ଜାନିଳ ପ୍ରଖର ହୋଇ ବହେ
ନବମାଳତୀ ମଧୁଗନ୍ଧ ବହେ ।
ନବକୁସୁମ ବିକାଶ ନିକର
ନିରତରେ ମଣ୍ଡିଲେ ନଦୀତୀର ।"

'ପରିମଳା' କାବ୍ୟରେ ଗୁଜ୍ଜରୀ ଛନ୍ଦର ଉଦାହରଣ :

ସଖି ଗୋ,
ଉଠି ଚନ୍ଦ୍ରକୁ ବୋଲଇ ସେ ନାରୀ
କିମ୍ପା ମୋତେ ଅକାରଣେ ଦହୁଅଛୁ
ମୁଁ ତ ନୁହଇ ତୋର ବଇରି ।
କ୍ଷୀର ସମୁଦ୍ରରୁ ଜାତ ଯେ ତୁହି
ତୋତେ ଭଲ ନ ବୁଝିଲଇଁ ମୁହିଁ
ମୋର ନିବିଡ଼ ପୟୋଧର ତୋତେ
ଧଇଲି ତହିଁ କାନ୍ତ ନଖକ୍ଷତେ ।
ଚନ୍ଦ୍ର ହେ,
ସେ ଗୁଣ ତ ଯେବେ ନ ଧରୁ ଶଶୀ
ଯେ ମୋର ବିରହ ଦୁଃଖ କାଳେ
କରଣେ କରି ଦହୁଛୁ ଆସି ।
ପୀରତି ନ ଧରୁ ତୁ ଶଶଧର
ତୋତେ ନିତ୍ୟେ ଶିରେ ବହଇ ହର
ଭାଇ ତୋହର ପ୍ରାଣ ହରୁଥିଲା
ଶିବ ପୁଣି ଗ୍ୟାଂନି ବୋଲି ତାରିଲା ।

ପଞ୍ଚଦଶ ଶତାବ୍ଦୀ ଓ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ଅନେକ ଗୀତିକବିତା ରଚନା କରାଯାଇଛି, ଯାହାର ଉଲ୍ଲେଖ ପୂର୍ବରୁ କରାଯାଇଛି । ଏହି ଗୀତିକବିତା ଗୁଡ଼ିକରେ କେଦାର, ମଙ୍ଗଳ, ଭୈରବ, ବଙ୍ଗଳାଶ୍ରୀ, ମାନବ, କାମୋଦୀ, ରାମକେରୀ, ଧନଶ୍ରୀ, ଚୋଖି, କଲ୍ୟାଣ-ଆହାରୀ, ବରାଡ଼ି, ଚକ୍ରକେଳି, ଆଷାଢ଼ ଶୁକ୍ଳ, ଭୂପାଳ, କଳସା ଆଦି ଛନ୍ଦ ଓ ବୃତ୍ତର ବ୍ୟବହାର ହୋଇଛି ।

ମଧ୍ୟଯୁଗ ବା ରୀତିଯୁଗ ଥିଲା ଓଡ଼ିଆ କାବ୍ୟ ସାହିତ୍ୟର ସୁବର୍ଣ୍ଣଯୁଗ । ଏହି ସମୟରେ ବହୁ ପ୍ରତିଭାବାନ କବି କାବ୍ୟ ଓ ଗୀତିକବିତା ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଏହାର ସର୍ବାଗ୍ରେ ରହିଛନ୍ତି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ । ଅନନ୍ୟ ପ୍ରତିଭା ସଂପନ୍ନ ଏହି ରାଜପୁତ୍ର କବି ଓଡ଼ିଆ କାବ୍ୟ ସାହିତ୍ୟର ଶ୍ରୀ ଅଭିବୃଦ୍ଧି କରିବାରେ ଅତ୍ୟନ୍ତ ସହାୟକ ହୋଇଛନ୍ତି । ପ୍ରତିଭା ଓ ବହୁ ଶାସ୍ତ୍ରଦର୍ଶିତାର ଦୁର୍ଲଭ ମିଳନରେ ଯେଉଁ ଅମଳିନ କବି ପ୍ରତିଭା ସୃଷ୍ଟି ହୁଏ ତାହାର ଅନନ୍ୟ ଉଦାହରଣ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ । କାବ୍ୟରେ ଛନ୍ଦ, ରାଗ ରାଗିଣୀ, ବୃତ୍ତ ଓ ଅକ୍ଷର ନିୟମର ପରୀକ୍ଷା ନିରୀକ୍ଷାରେ ସେ ନିଜ କାବ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି ।

ଓଡ଼ିଆ କାବ୍ୟ ସାହିତ୍ୟର ଇତିହାସରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଛନ୍ଦ ଓ ରାଗ ପ୍ରୟୋଗରେ ଯେଉଁ ସିଦ୍ଧିଲାଭ କରିଛନ୍ତି ତାହା ଅନନ୍ୟ ଓ ଅନତିକ୍ରମ । ସଂସ୍କୃତ କାବ୍ୟ ତତ୍ତ୍ୱର ଗଭୀର ଅଧ୍ୟୟନ ପୂର୍ବକ ନିଜର କବି ପ୍ରତିଭା ମାଧ୍ୟମରେ ତାଙ୍କ କାବ୍ୟକୁ ସେ ଏକାଧାରରେ ଗଭୀର ତତ୍ତ୍ୱ ଓ ସଙ୍ଗୀତ ସମ୍ବଳିତ କରିଛନ୍ତି । ସଂସ୍କୃତ କାବ୍ୟଦର୍ଶରେ ନିଜ କାବ୍ୟ ସମୂହକୁ ସଂଗଠିତ କରିଥିଲେ ହେଁ ସେ ଗୁଡ଼ିକ କେଉଁଠି ବି କେବଳ ଶୁଷ୍କ ତତ୍ତ୍ୱ ସମ୍ବଳିତ ହୋଇ ରହି ନାହାନ୍ତି । ତତ୍ତ୍ୱ ସହ ରସ ଓ ସଙ୍ଗୀତର ଅପୂର୍ବ ସମନ୍ୱୟ ତାଙ୍କର କାବ୍ୟ ସାହିତ୍ୟ । ପ୍ରତ୍ୟେକ କାବ୍ୟରେ ଛାନ୍ଦର ରସ ଅନୁସାରେ ସେ ଛନ୍ଦ ଓ ରାଗର ପ୍ରୟୋଗ କରିଛନ୍ତି, ତାହାର ସୂଚୀ ନିମ୍ନରେ ପ୍ରଦାନ କରାଗଲା ।

**ଖ) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ :** ମଙ୍ଗଳ ଗୁଜ୍ଜରୀ, ରାଗମାଳ-ତୋଡିବାଣୀ, କେଦାର-ଚକ୍ରକେଳି ବାଣୀ, ମଙ୍ଗଳବରାଡ଼ୀ-ମୁନିବର ବାଣୀ, ଗୁଜ୍ଜରୀ, ବସନ୍ତ, ରସକୋଇଲା, ଦେଶାକ୍ଷ, ମଙ୍ଗଳା, କଉଶିକ, ଶଙ୍କରାଭରଣ, ରାଗବରାଡ଼ୀ-ଆଷାଢ଼ ଶୁକ୍ଳ ବାଣୀ, କାମୋଦୀ, ଘଣ୍ଟାରବ, ନଳିନୀଗୌଡ଼ା, ଚିନ୍ତାକୌଶିକ, କାଳୀ, ରାମକେରୀ, ମାଳବ, କଳହଂସ କେଦାର, ଭୂପାଳ, ମଙ୍ଗଳ, କନଡା, କଲ୍ୟାଣଆହାରୀ, ଚିନ୍ତା ଭୈରବ, ଚିନ୍ତା ଦେଶାକ୍ଷ, କାଫିକାମୋଦୀ, ମାଳବରାଡୀ, କୁମ୍ଭକାମୋଦୀ, ପାହାଡ଼ିଆ କେଦାର, ବସନ୍ତ ବରାଡ଼ୀ, ବିଚିତ୍ର ଦେଶାକ୍ଷ, ସିନ୍ଧୁ ଦେଶାକ୍ଷ, ଚିନ୍ତା ବରାଡୀ ମଙ୍ଗଳ ଗୁଜ୍ଜରୀ, ପଞ୍ଚମ ବରାଡୀ-କଳସାବାଣୀ, ଭାଟିଆରୀ ଆଦି ଛନ୍ଦ ଓ ରାଗର ସମନ୍ୱୟରେ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟଟି ରଚିତ ହୋଇଛି । ଏହି କାବ୍ୟରେ ବସନ୍ତ ଋତୁର ବର୍ଣ୍ଣନା ବସନ୍ତ ରାଗରେ ରଚିତ କରିଥିବା କଥା ଉପେନ୍ଦ୍ର ସେହି ଛାନ୍ଦରେ ଉଲ୍ଲେଖ କରିଛନ୍ତି । ସେ ଲେଖିଛନ୍ତି:

**"ମୋହି ପାରଇ ଜଗତ ଯେଉଁ ଗୀତ ଆଲଙ୍ଗିତ ସ୍ୱର ସପତ,**
**ସ୍ତକିତ ଲୋକିତ ଯହିଁରେ ପନ୍ନଗ ଅନଙ୍ଗ ତହିଁ ଗୁପତ,**
**ବିହଗ, ପଶୁ ସ୍ୱରେ ସ୍ୱରେ ଧଇଲେ,**
**ପ୍ରଶସ୍ତ କରି ବସନ୍ତ ରାଗ ଧରି ସର୍ବଲୋକେ ତାହା ଗାଇଲେ ।**

**(କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ-୬ଷ୍ଠ ଛାନ୍ଦ)**

**ଗ) ବୈଦେହୀଶ ବିଳାସ :** ବୈଦେହୀଶ ବିଳାସ କାବ୍ୟରେ ଉପେନ୍ଦ୍ର ଯେଉଁ ଛନ୍ଦ ଓ ରାଗର ପ୍ରୟୋଗ କରିଛନ୍ତି, ସେଗୁଡ଼ିକ ହେଲା:- ମଙ୍ଗଳ ଗୁଜ୍ଜରୀ, କେଦାର-ଚକ୍ରକେଳି ବାଣୀ, ନଳିନୀ ଗୌଡ଼ା, ଧନାଶ୍ରୀ, ବିଭାସଗୁଜ୍ଜରୀ, ଭୈରବ-ଆଦ୍ୟପ୍ରାନ୍ତାନପ୍ରାସ, ଦେଶାକ୍ଷ-ଚକ୍ରକେଳି ବାଣୀ, କଲ୍ୟାଣ ଆହାରୀ, ବଙ୍ଗଳାଶ୍ରୀ, ଆଷାଢ଼ଶୁକ୍ଳ-ରାଗ ଚିନ୍ତାମୁଖାରି, ଘଣ୍ଟାରବ, ବସନ୍ତ, ଚିନ୍ତା ଭୈରବ, ନଳିନୀଗୌଡ଼ା, ମଙ୍ଗଳ-ମଣୋହି ଭିଆଇବା ବାଣୀରେ, ଆଶାବରୀ, ବିଚିତ୍ର ଦେଶାକ୍ଷ, କୌଶିକ, ଖଣ୍ଡକାମୋଦୀ, କାମୋଦୀ, ପଞ୍ଚମବରାଡୀ-ବିପ୍ରସିଂହା ବାଣୀରେ, କାମୋଦୀ-ରୁକ୍ମିଣୀ ଚଉତିଶା ବାଣୀରେ, ପଞ୍ଚମ ବରାଡୀ, ଚଳଘଣ୍ଟ କେଦାର ପ୍ରଭୃତି ଛନ୍ଦକୁ ରାଗ ଓ ବାଣୀ ସହିତ ସଂଯୋଜିତ କରିଛନ୍ତି।

**୩. ରସିକହାରାବଳୀ** – ରସିକହାରାବଳୀ କାବ୍ୟରେ ଉପେନ୍ଦ୍ର ପ୍ରୟୋଗ କରିଥିବା ଛନ୍ଦ-ରାଗ-ବାଣୀ ଗୁଡ଼ିକ ହେଲା- ମଙ୍ଗଳଗୁଜ୍ଜରୀ, ବସନ୍ତ, ରାମକେରୀ, ବରାଡୀ-କଳଶାବାଣୀ, ଭାଟିଆରୀ, ବଙ୍ଗଳାଶ୍ରୀ, କାଳୀ ଓ କାମୋଦୀ।

**ଘ) ଚୌପଦୀଭୂଷଣ ବା ଉପେନ୍ଦ୍ରଭଞ୍ଜ ଚମ୍ପୁ :** ଏହି ଚମ୍ପୁରେ ଉପେନ୍ଦ୍ର ଛନ୍ଦ ଓ ରାଗର ଅପୂର୍ବ ସମନ୍ୱୟ କରିଛନ୍ତି। ପ୍ରତ୍ୟେକ ଛନ୍ଦ ସହ ସେ ଏକ ତାଳର ସଂଯୋଗ କରି ଚମ୍ପୁର ଗାନଧର୍ମୀତାକୁ ଅଧିକ ମାର୍ମିକ ଓ ପ୍ରଭାବଶାଳୀ କରି ପାରିଛନ୍ତି। ନିମ୍ନରେ ଛନ୍ଦ ଓ ରାଗର ସମ୍ମେଳନ ସୂଚୀ ପ୍ରଦାନ କରାଗଲା।

୪. ଆଶାବରୀ-ଏକତାଳୀ, କାମୋଦୀ-ସରିମାନ, ସିନ୍ଧୁ ଦେଶାକ୍ଷ-ପହପଟ, ଧନାଶ୍ରୀ-ପଡିତାଳ, କନଡା-ଆଠତାଳି, ବଙ୍ଗଳାଶ୍ରୀ-ତ୍ରିପୁଟା, ଭାଟିଆରୀ-ପହପଟ, କେଦାରକାମୋଦୀ-ପହପଟ, ପରଜ-ଆଡତାଳି, କେଦାର-ପହପଟ, କାଫି-ଝୁଲା, ତୋଡୀ-ଆଠତାଳୀ, ତୋଡୀପରଜ-ପହପଟ, ଶଙ୍କରାଭରଣ-ଆଠତାଳୀ, ଆହାରୀ-ଏକତାଳୀ, କାଫି ମୁଖାବରୀ-ପହପଟ, ପଞ୍ଚମବରାଡୀ-ତ୍ରିପୁଟା, କାଫି-ସରିମାନ, ପୂରବୀ-ପଡିତାଳ, ଗଡ଼ମାଳିଆ-ଏକତାଳି, କାମୋଦୀ-ଏକତାଳି, କେଦାରଗୌଡ଼ା – ସରିମାନ, ଆନନ୍ଦଭୈରବ- ତ୍ରିପୁଟା ଓ ଚିନ୍ତାକେଦାର – ତ୍ରିପୁଟା।

**ଙ) ରସଲେଖା କାବ୍ୟରେ ବ୍ୟବହୃତ ଛନ୍ଦ :** ନଳିନୀଗୌଡ଼ା, ମମଳବରାଡୀ, ଚକ୍ରକେଳି, ମଙ୍ଗଳଗୁଜ୍ଜରୀ, ନଟୀ ବାଣୀ, ବରାଡୀ, ଘଣ୍ଟାରବ, ବସନ୍ତ, ବଙ୍ଗଳାଶ୍ରୀ, ବସନ୍ତବରାଡୀ, ଚିନ୍ତାରସକୋଇଲା, ମାଳବ, କାଳୀ, ବସନ୍ତଭୈରବ, କୌଶିକ, ବରାଡି, କାମୋଦୀ, ଶଙ୍କରାଭରଣ।

**୫. ଅବନା ରସ ତରଙ୍ଗ** – କବି ଉପେନ୍ଦ୍ର ଅବନା ରସ ତରଙ୍ଗ କାବ୍ୟରେ ମଧ୍ୟ ବିଭିନ୍ନ ଛନ୍ଦର ବ୍ୟବହାର କରିଛନ୍ତି। ସେଗୁଡ଼ିକ ହେଲା – ପ୍ରଥମ ଛାନ୍ଦ – ମାଳବ, ଦ୍ୱିତୀୟ ଛାନ୍ଦ – ବରାଡୀ, ତୃତୀୟ ଛାନ୍ଦ-ମଙ୍ଗଳଗୁଜ୍ଜରୀ, ଚତୁର୍ଥ ଛାନ୍ଦ – ଚୋଖି, ପଞ୍ଚମ ଛାନ୍ଦ – ବଙ୍ଗଳାଶ୍ରୀ, ଷଷ୍ଠ ଛାନ୍ଦ – ଚକ୍ରକେଳି, ସପ୍ତମ ଛାନ୍ଦ – ବସନ୍ତ, ଅଷ୍ଟମ ଛାନ୍ଦ – କୁମ୍ଭ କାମୋଦୀ, ନବମ ଛାନ୍ଦ – ଆଷାଢ଼ ଶୁକ୍ଳ, ଦଶମ ଛାନ୍ଦ – ରାମକେରୀ, ଏକାଦଶ ଛାନ୍ଦ – କାଳୀ, ଦ୍ୱାଦଶ ଛାନ୍ଦ – କଳଶା।

ସପ୍ତମ ଛାନ୍ଦରେ ବସନ୍ତ ଋତୁର ବର୍ଣ୍ଣନା ବସନ୍ତ ଛନ୍ଦରେ ସେ ଏହିପରି ଭାବରେ ଲେଖିଛନ୍ତି :

"ଅସମଶର ଉଚ୍ଛନ୍ନ କରଇତ କଥନ କମଳ ନୟନ।
କର ଜଳଧର ସଦୟ ଉଦୟ ନ କର ବର ଗରଜନ।

ଜଳଦ, ଚଳକ କନକ ନଗର।
ନ କର ସଖ ପରଖର ପବନ ଜଳ ବରଷଣ ନ କର। ୧।
ମମ ଧନର ଏସନ ପରସନ୍ନ ଚଞ୍ଚଳ କର ଦରଶନ।
ତଳ ତଳପ କରଣ ହତ ସତ କଜ୍ଜ୍ୱଳ ସଜଳ ନୟନ।
ଜଳଦ, ସତ ଏ ଯଶ ଅରଜନ।
ଦହ କନକ ଚହକ ବରନର ରଜତସମ ଅଯତନ। ୨।"

(ଅବନା ରସତରଙ୍ଗ, ଉପେନ୍ଦ୍ର ଭଞ୍ଜ, ଅରୁଣୋଦୟ ପୁସ୍ତକାଳୟ, କଟକ, ୧୯୩୩, ପୃଷ୍ଠା - ୭୮)

**ଚ) "ଛାନ୍ଦ-ଭୂଷଣ"ରେ ବ୍ୟବହୃତ ଛନ୍ଦ :** ମାଳବ, କଳହଂସ କେଦାର, ଚୋଖି, କଉଶିକ, ବରାଡ଼ି, ଦେଶାକ୍ଷ, ରାଜବିଜେ, କନଡା, କୁମ୍ଭକାମୋଦୀ, ରାମକେରୀ, କଲ୍ୟାଣ ଆହାରୀ, ବିଭାସଗୁର୍ଜ୍ଜରୀ, ବରାଡ଼ି, କଲ୍ୟାଣୀ, ଘଣ୍ଟରବ, ପାହାଡିଆ କେଦାର, ଶଙ୍କରାଭରଣ, ନଳିନୀଗୌଡ଼ା ପ୍ରଭୃତି।

ଛାନ୍ଦଭୂଷଣରେ ପାହାଡ଼ିଆ କେଦାର ଛନ୍ଦର ଉଦାହରଣ :

"ଦେବକୀ ପ୍ରିୟକୁମାର ମରମସୁନ୍ଦର ସାର ସାରସକର ଧରଣୀ ଧର ନିଜ ସ୍ଥାନରେ ହରଷେ ଥୋଇ ଯେ।
ଦୋହୀ କୃଷ୍ଣରେ ସେ ପୁରୁହୂତ ହେବାରୁ ହୋଇ ସନ୍ତପ ହୃଦବହେ ଦହିଯ୍ୟଚିନ୍ତା ବହୁତ ସତ୍ୱର ଯାଇଁ ଯେ।
ଦାନ୍ୟ କହି ସୁରଭି ଘେନି ସଙ୍ଗରେ ଯେ।
ଦସ୍ୟୁ ପ୍ରକାରେ ମିଳି କୃଷ୍ଣ ଆଗରେ ଯେ।
ଦକା ଛାଡ଼ିଲା ବରାଇ କ୍ଷମା ଅପରାଧିକୁ କଲା ସେ କ୍ଷମାମଣ୍ଡଳେ ଖ୍ୟାତ ଗୋବିନ୍ଦ ଭୂମା ନାମ ସ୍ୱର୍ଗରେ ଯେ।"

(ଛାନ୍ଦଭୂଷଣ, ଉପେନ୍ଦ୍ର ଭଞ୍ଜ, ଦାଶରଥି ପୁସ୍ତକାଳୟ, କଟକ, ଦ୍ୱିତୀୟ ସଂସ୍କରଣ, ପୃଷ୍ଠା - ୫୨)

**ଛ) ଲାବଣ୍ୟବତୀ କାବ୍ୟରେ ବ୍ୟବହୃତ ଛନ୍ଦ :** କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀ କାବ୍ୟରେ ନିମ୍ନଲିଖିତ ଛନ୍ଦଗୁଡ଼ିକ ବ୍ୟବହାର କରିଛନ୍ତି।

ନଳିନୀଗୌଡ଼ା, ପଟ୍ଟମଞ୍ଜରୀ, କେଦାର, ରସକୋଇଲା, ବସନ୍ତ, ରାମକେରୀ, ଭୂପାଳ, ମଙ୍ଗଳଗୁର୍ଜ୍ଜରୀ, ସାମଗୁର୍ଜ୍ଜରୀ, ଦେଶାକ୍ଷ, ଚୋଖି, କଉଶିକ, ବସନ୍ତଭୈରବ, ଗୁର୍ଜ୍ଜରୀ, ଶଙ୍କରାଭରଣ, ମାଳବ, ଚିନ୍ତାଭୈରବ, ଭୈରବ, କାମୋଦୀ, କଲ୍ୟାଣଆହାରୀ, ପାହାଡ଼ିଆ କେଦାର, ଘଣ୍ଟାରବ, ଚିନ୍ତାଦେଶାକ୍ଷ, **ବିରାଡ଼ି,** ବସନ୍ତ, କାଳୀ, ପଞ୍ଚମ**ବିରାଡ଼ି,**, ଆଷାଢ଼ଶୁକ୍ଳ, କୁମ୍ଭକାମୋଦୀ, ବିଚିତ୍ର ଦେଶାକ୍ଷ, ବିଭାସଗୁର୍ଜ୍ଜରୀ, କଳଶା, ଆଶାବରୀ, ଖଣ୍ଡକାମୋଦୀ, ମଙ୍ଗଳ।

ଉପେନ୍ଦ୍ର ତାଙ୍କ କାବ୍ୟ ସୌନ୍ଦର୍ଯ୍ୟରେ ଛନ୍ଦକୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିଛନ୍ତି। କାବ୍ୟର ବିଷୟବସ୍ତୁ ଓ ବର୍ଣ୍ଣନା ଅନୁଯାୟୀ ସେ ଛନ୍ଦର ବ୍ୟବହାର କରିଥାନ୍ତି। ଏହା ବ୍ୟତୀତ ତାଙ୍କର ନାନ୍ଦନିକ ଦୃଷ୍ଟିକୋଣରେ ସର୍ବଦା ଅଳଙ୍କାର ଓ ଛନ୍ଦ କାବ୍ୟଭୂଷଣ ଭାବରେ ପରିଗୃହୀତ ହୋଇଛି। ଛନ୍ଦ ଦ୍ୱାରା ତାଙ୍କ କାବ୍ୟ ସଂସାର ଚିନ୍ତା କରାଯାଇ ନପାରେ। ଛନ୍ଦ ଓ ରାଗର ସମନ୍ୱୟରେ ତାଙ୍କର କାବ୍ୟକବିତା ସଙ୍ଗୀତମୟ। ଏଣୁ ଗୋପବନ୍ଧୁ ତାଙ୍କ ସଂପର୍କରେ କହିଛନ୍ତି :

ପଥେ ପାନ୍ଥ ହୃଷ୍ଟମନା
ବିଲେ ବୋଲେ ଚଷା ଅନ୍ତପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।”

ଦୀନକୃଷ୍ଣ ଦାସ ମଧ୍ୟ ତାଙ୍କର ‘ରସକଲ୍ଲୋଳ’ କାବ୍ୟରେ ବହୁ ଛନ୍ଦ ଓ ରାଗର ବ୍ୟବହାର କରିଛନ୍ତି । ଛନ୍ଦ ଓ ରାଗର ବ୍ୟବହାର ମାଧ୍ୟମରେ ସେ ଏହି କାବ୍ୟକୁ ସଙ୍ଗୀତରେ ପରିପୂର୍ଣ୍ଣ କରିଛନ୍ତି, ଯେଉଁଥି ପାଇଁ ତାଙ୍କୁ କାବ୍ୟଯଶ ପାପ୍ତ ହୋଇଅଛି । ସେ ରସକଲ୍ଲୋଳର ପ୍ରଥମ ଛାନ୍ଦକୁ ରାଗ ସଙ୍ଗମ ତିଆରି, ଦ୍ୱିତୀୟ ଛାନ୍ଦକୁ ଚୋଖି, ଅଷ୍ଟମ ଛାନ୍ଦକୁ ରାଗ ଆହାରୀ ଏବଂ ଦୂତାଇ ବାରମାସୀ ବାଣୀ, ନବମ ଛାନ୍ଦକୁ ଭୈରବ ଓ ଉଦ୍ଧବ ଚଉତିଶାବାଣୀ, ଏକାଦଶ ଛାନ୍ଦକୁ ଚକ୍ରକେଳି ଛନ୍ଦ, ପଞ୍ଚବିଂଶ ଛାନ୍ଦକୁ ରାଗ କାମୋଦୀ ଏବଂ ରୁକ୍ମଣୀ ଚଉତିଶା ବାଣୀ ଓ ଦ୍ୱାତ୍ରିଂଶ ଛାନ୍ଦକୁ ଚିନ୍ତାଦେଶାକ୍ଷ ରାଗରେ ରଚନା କରିଛନ୍ତ । ‘ରସକଲ୍ଲୋଳ’ କାବ୍ୟରେ ଅନେକ ଛାନ୍ଦରେ ରାଗ ଓ ଛନ୍ଦ ଏକତ୍ର ବ୍ୟବହୃତ ହୋଇଥିବାର ଦେଖାଯାଏ । ଦୀନକୃଷ୍ଣଙ୍କ ପରି ଭକ୍ତଚରଣ ମଧ୍ୟ ତାଙ୍କ ‘ମଥୁରା ମଙ୍ଗଳ’ କାବ୍ୟରେ ଗୋଟିଏ ଛାନ୍ଦରେ ଉଭୟ ରାଗ ଓ ବୃତ୍ତ ଅଥବା ବାଣୀର ପ୍ରୟୋଗ କରିଛନ୍ତି । ‘ମଥୁରା ମଙ୍ଗଳ’ର ପ୍ରଥମ ଛାନ୍ଦ ରାଗ ଚକ୍ରକେଳି, ଦ୍ୱିତୀୟ ଛାନ୍ଦ କାଳି, ତୃତୀୟ ଛାନ୍ଦ ବଙ୍ଗଳାଶ୍ରୀ, ଷଷ୍ଠ ଛାନ୍ଦ ବରାଡି ରଚନା କରିଥିବା ସମୟରେ ଏକବିଂଶ ଛାନ୍ଦରେ ରାଗ କାଫି ସହ ଅବକାଶ ବୃତ୍ତ, ତ୍ରୟୋବିଂଶ ଛାନ୍ଦରେ ରାଗ ଦେଶାକ୍ଷ ସହ ମଧୁପ ଚଉତିଶା ବୃତ୍ତରେ ରଚନା କରିଥିବା ସମୟରେ ସପ୍ତବିଂଶ ଛାନ୍ଦଟି ବିପ୍ରସିଂହା ଚୌତିଶାବାଣୀରେ ରଚନା କରିଛନ୍ତି । ସେହିପରି ସଙ୍ଗୀତ ଜଗତରେ ଅତି ସଫଳ ହୋଇଥିବା କବିସୂର୍ଯ୍ୟ ବଳଦେବ ରଥଙ୍କ କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ” ରେ ରାଗ, ଛନ୍ଦ ଓ ବୃତ୍ତର ଅଦ୍ୱିତୀୟ ପ୍ରୟୋଗ ହୋଇଛି । ସେ ପ୍ରୟୋଗ କରିଥିବା ରାଗରାଗିଣୀ ସର୍ବଦା ଗବେଷକମାନଙ୍କ ଦୃଷ୍ଟି ଆକର୍ଷଣ କରିଛି । “କବିସୂର୍ଯ୍ୟ ଚମ୍ପୂର ବିଭିନ୍ନ ସଙ୍ଗୀତରେ ଭାବୋପଯୋଗୀ ରାଗ-ରାଗିଣୀମାନ ସନ୍ନିବେଶିତ କରିଛନ୍ତି । ବିଭିନ୍ନ ପ୍ରକାର ଭାବକୁ ଉପଯୋଗୀ ଭିନ୍ନ ଭିନ୍ନ ରାଗ-ରାଗିଣୀରେ ପରିବେଷଣ କରିବା ପାଇଁ ସଙ୍ଗୀତ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି । ଜଣେ ନିପୁଣ ଗାୟକ ଓ ସଙ୍ଗୀତଜ୍ଞ ହିସାବରେ କବିସୂର୍ଯ୍ୟ ସେ ବିଷୟରେ ଅବହିତ ଥିଲେ । ସେଥିପାଇଁ ସେ ସାବେରୀ କେଦାର, ତୋଡି, ପରଜ, କାମୋଦୀ, ପଞ୍ଚମ ବରାଡ଼ି, ମୁଖାରୀ, ଦେଶାକ୍ଷ, କାନଡ଼ଗୌଡା, ଝଞ୍ଜୋଟା, ଭଟିଆରୀ, କାଫି, ପୂରବୀ, ଶଙ୍କରାଭରଣ ପ୍ରଭୃତି ରାଗ ଚମ୍ପୂର ବିଭିନ୍ନ ଗୀତରେ ସଂଯୋଜିତ କରିଛନ୍ତି । ‘କବିସୂର୍ଯ୍ୟ ଗ୍ରନ୍ଥାବଳୀ’ରେ ଶ-ଗୀତରେ କୌଣସି ରାଗ ନିର୍ଦ୍ଦେଶ କରାଯାଇ ନଥିବାର ଦେଖାଯାଏ ।” (କିଶୋର ଚନ୍ଦ୍ରାନନ ଚମ୍ପୂ, ସଂପାଦନା : ଡକ୍ଟର କୃଷ୍ଣଚରଣ ବେହେରା, ୧୯୯୫, ପୃଷ୍ଠା - ୧୩୭) । ବିଭିନ୍ନ ଗୀତରେ ବଳଦେବ ଯେଉଁ ରାଗ ରାଗିଣୀର ସଫଳ ପ୍ରୟୋଗ କରିଛନ୍ତି; ତାହାହିଁ ଏହି ଚମ୍ପୂକାବ୍ୟରୁ ଘରେ ଘରେ ପରିଚିତ କରାଇଛି । ସଙ୍ଗୀତପ୍ରିୟ ଓଡ଼ିଶାର ଜନସାଧାରଣ ମୁଖରେ ଚମ୍ପୂର ଅନେକ ଗୀତ ଗୋଟିଏ ମୁଖରୁ ଆଉ ଗୋଟିଏ ମୁଖକୁ ପ୍ରବାହିତ ହୋଇଥାଏ ।

ଓଡ଼ିଆ ସାହିତ୍ୟର ମଧ୍ୟଯୁଗର ପ୍ରାୟ ସମସ୍ତ କବି ନିଜ ନିଜ ରଚନାରେ ଛନ୍ଦ, ରାଗ ଓ ତାଳର ଅପୂର୍ବ ସମନ୍ୱୟ କରି କାବ୍ୟ-ସଙ୍ଗୀତ ନିର୍ମାଣରେ ସଫଳ ହୋଇଥିଲେ । ବିଶେଷତଃ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ବ୍ରଜନାଥ ବଡ଼ଜେନା, ଭକ୍ତଚରଣ ଦାସ ଓ ଗୋପାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ ତାଙ୍କ କାବ୍ୟ କବିତାରେ ଛନ୍ଦ, ରାଗ ଓ ବୃତ୍ତର ବହୁବିଧ ପ୍ରୟୋଗ ମାଧ୍ୟମରେ ମଧ୍ୟଯୁଗୀୟ ସାହିତ୍ୟକୁ ସଙ୍ଗୀତମୟ କରି ପାରିଥିଲେ । ଯଦୁମଣି

ସେମାନଙ୍କ ମଧ୍ୟରୁ ଅନ୍ୟତମ। କବି ଯଦୁମଣି ମହାପାତ୍ରଙ୍କ ଗୀତ ଓ କାବ୍ୟରେ ମଧ୍ୟ ଏହି କାବ୍ୟ ବୈଶିଷ୍ଟ୍ୟ ଦେଖିବାକୁ ମିଳିଥାଏ। ସେ ଲେଖିଥିବା ଚଉପଦୀ, ଭଜନ ଓ ଜଣାଣରେ ରାଗ ପୁରବୀ, ରସକେଦାର, ତୋଡ଼ିପରଳ, ମୁଖାବରି, କଲ୍ୟାଣ, ମେଘ ମହ୍ଲାର, କାଫି, ସୁରଠ, ଆଶାବରୀ ଇତ୍ୟାଦିର ପ୍ରୟୋଗ ଦେଖିବାକୁ ମିଳେ। ପ୍ରବନ୍ଧ-ପୂର୍ଣ୍ଣଚନ୍ଦ୍ର କାବ୍ୟରେ ରସକୂଲ୍ୟା, ଆଷାଢ଼ ଶୁକ୍ଳ, ଆହାରୀ, ଚୋଖି ଆଦି ଛନ୍ଦର ପ୍ରୟୋଗ ହୋଇଥିବା ସମୟରେ 'ରାଘବ ବିଳାସ' କାବ୍ୟରେ ରାମକେରି, ଶଙ୍କରାଭରଣ, ଆଷାଢ଼ଶୁକ୍ଳ, ଧନାଶ୍ରୀ, ଲଳିତ କାମୋଦୀ ଆଦି ଛନ୍ଦ ବ୍ୟବହାର କରିଛନ୍ତି। 'ପ୍ରବନ୍ଧ-ପୂର୍ଣ୍ଣଚନ୍ଦ୍ର' କାବ୍ୟର ପଞ୍ଚମ କଳାରେ ବ୍ୟବହୃତ 'ଚୋଖି' ଛନ୍ଦର ଏକ ଉଦାହରଣ ନିମ୍ନରେ ପ୍ରଦାନ କରାଗଲା।

"ଏଢ଼େ ବିହୁଅଛି ପୀଡ଼ା          ସର୍ପ ଦନ୍ତ-ଦର୍ପ ବ୍ରୀଡ଼ା
ଲୋଡ଼ା କରିବ ତା ସଙ୍ଗ ତୁଳି ବାସିଲେ
ଉଗ୍ରତାରେ ଅଗ୍ରସର          କୁଗ୍ରହୀ ବରକୁମର
ମୃଗୟା ବିନୋଦୁଁ ଗମି ନମି ବସିଲେ
ନୃପ ପଚାରିବା ବିଚାରେ
ଭ୍ରମାଇଁ ଭ୍ରମାଇଁ ମନ ମନ୍ତ୍ରୀ ଉଚ୍ଚାରେ। ୮।

ମଧ୍ୟଯୁଗର ଅନ୍ୟତମ ପ୍ରଭାବଶାଳୀ କବି ଅଭିମନ୍ୟୁ ସାମନ୍ତ ସିଂହାର ତାଙ୍କର ପ୍ରେମକଳା, ରସବତୀ, ପ୍ରେମ-ଚିନ୍ତାମଣି ଓ ବିଦଗ୍ଧ ଚିନ୍ତାମଣି କାବ୍ୟରେ ବହୁ ଛନ୍ଦ ଓ ବାଣୀ ବ୍ୟବହାର କରିଥିବା ଉଲ୍ଲେଖ କରିଛନ୍ତି। ଅଭିମନ୍ୟୁ ବ୍ୟବହାର କରିଥିବା ପ୍ରମୁଖ ଛନ୍ଦଗୁଡ଼ିକ ହେଉଛି; ଚୋଖି, ବଙ୍ଗଳାଶ୍ରୀ, କୌଶିକ, ଭୈରବ, ଘଣ୍ଟାରବ, ମାଳଶ୍ରୀ, ଜୟନ୍ତ, ସିନ୍ଧୁ କାମୋଦୀ, ବରାଡୀ, ପଞ୍ଚହ ମଞ୍ଜରୀ, ଲଳିତ କେଦାର, ବିଭାସ, ଗୁଜ୍ଜରୀ, ଭାଟିଆରୀ ତୋଡି, କାମୋଦୀ, ରସ କୋଇଲା, ମୁନିବର ବାଣୀ, ନିପ ମୁକ୍ତାବଳୀ, କଲ୍ୟାଣ, ରାମକେରୀ, ମଙ୍ଗଳ କେଦାର, ସଙ୍ଗମତିଆରି ବାଣୀ, ପାହାଡ଼ିଆ କେଦାର, ନଳିନୀଗୌଡ଼ା-ଭୂପାଳ, ଲଳିତ କାମୋଦୀ, ଆନନ୍ଦ, କନଡା, ଗୌରୀ, କାଳୀ, କଳସା, ଢିପା, ଶାରଙ୍ଗ, ପୂରବୀ, ଗୁଜ୍ଜରୀ ଖେମଟା, ମଙ୍ଗଳ କାମୋଦୀ, ପଞ୍ଚମ ବରାଡୀ, ବିଚିତ୍ର ଦେଶାକ୍ଷ, ଶଭରସ, ରସ କେଦାର, ବିଚିତ୍ର ଦେଶାକ୍ଷ, ଗଡ଼ମାଳିଆ, ଶୋକ କାମୋଦୀ, ରଣବିଜେ, ଚନ୍ଦଘଣ୍ଟା କେଦାର, ସିନ୍ଧୁଡା, ଆଷାଢ଼ ଶୁକ୍ଳ ବରାଡ଼ି, ଧନାଶ୍ରୀ, ଚିନ୍ତା କାମୋଦୀ, ମଙ୍ଗଳ, କେଦାର କାମୋଦୀ, କୁମ୍ଭ କାମୋଦୀ, ଚକ୍ରକେଳୀ, ବିଭାସ, ଆହାରି ପ୍ରଭୃତି। ତାଙ୍କ କାବ୍ୟ ସାହିତ୍ୟକୁ ସେ କେବଳ ଛନ୍ଦ ଓ ରାଗ ରାଗିଣୀମୟ କରି ନାହାଁନ୍ତି, ପ୍ରେମସୁଧାନିଧି କାବ୍ୟରେ ତାଙ୍କ ପୂର୍ବ କବିମାନେ ବ୍ୟବହାର କରିଥିବା ଛାନ୍ଦମାନଙ୍କର ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତେବେ ଅନେକ ସ୍ଥଳରେ ସେ ପ୍ରଚଳିତ ଛନ୍ଦର ଶୃଙ୍ଖଳାରୁ ମୁକ୍ତ କରି ଅନ୍ୟ ଏକ ପ୍ରଥାବନ୍ଧ ଅଥବା ପ୍ରଚଳିତ ଶୃଙ୍ଖଳାକୁ ଅନୁସରଣ କରିଛନ୍ତି। ବିଦଗ୍ଧ ଚିନ୍ତାମଣିର ୪୪ ଛାନ୍ଦକୁ ସେ ବଙ୍ଗଳାଶ୍ରୀ ରାଗରେ ରଚନା କରିଛନ୍ତି ଯାହା ପ୍ରଚଳିତ ବଙ୍ଗଳାଶ୍ରୀ ଛନ୍ଦର ଶୃଙ୍ଖଳା ନୁହେଁ। ଭୂପତି ପଣ୍ଡିତଙ୍କ ରଚିତ 'ଉଦ୍ଧବ ଚଉତିଶା'ରେ ଯେଉଁ ଛନ୍ଦ ଶୈଳୀ ପ୍ରୟୋଗ କରାଯାଇଛି, ତାହାର ଅନୁସରଣରେ ସେ ଏହି ଶୃଙ୍ଖଳା ତିଆରି କରିଛନ୍ତି। ଅଭିମନ୍ୟୁଙ୍କ ବିଦଗ୍ଧ ଚିନ୍ତାମଣିର ୪୪ ଛାନ୍ଦଟି ଏହିପରି ଛନ୍ଦରେ ରଚିତ।

"କୁଞ୍ଜେ ବିଜେ ସଖୀ ଭର ଅପସର କରି ହରି ରାଧା ଭାବେ
କହନ୍ତି ହେ ସଖୀ ଶଙ୍ଖାରି କରତେ କରତେ ମଦନ ଏବେ,
କିଶୋର, କି କରି ଲଭିବି କହ
କନକ-ଅଙ୍ଗୀ ଅଙ୍ଗୀକାର କାରକ କେ ହେବ, ରହିବ ଦେହ।"
(ବିଦଗ୍ଧ ଚିନ୍ତାମଣି, ୪୪ଶ ଛାନ୍ଦ)

ମଧ୍ୟଯୁଗର ଅନ୍ୟତମ ପ୍ରତିଭାବାନ କବି ବ୍ରଜନାଥ ବଡ଼ଜେନା ମଧ୍ୟ ତାଙ୍କର 'ଶ୍ୟାମରାସୋତ୍ସବ' ଏବଂ 'କେଳିକଳାନିଧି' କାବ୍ୟରେ ବିଭିନ୍ନ ଛନ୍ଦ ଓ ରାଗର ଏକତ୍ର ପ୍ରୟୋଗ କରିଛନ୍ତି। କବି 'କେଳିକଳାନିଧି' କାବ୍ୟକୁ ଉପେନ୍ଦ୍ରଙ୍କ 'ପ୍ରେମସୁଧାନିଧି' କାବ୍ୟ ଅବଲମ୍ବନରେ ରଚନା କରିଅଛନ୍ତି। 'କେଳିକଳାନିଧି' କାବ୍ୟରେ ବ୍ରଜନାଥ ମଙ୍ଗଳଗୁଜ୍ଜରୀ, ଆଷାଢ଼ ଶୁକ୍ଳ, କୌଶିକ, ବସନ୍ତ ବରାଡ଼ି, ଚକ୍ରକେଳି, ନଳିନୀ ଗୌଡ଼ା ପ୍ରଭୃତି ରାଗ ଓ ଛନ୍ଦ ବ୍ୟବହାର କରିଥିବା ସମୟରେ 'ଶ୍ୟାମରାସୋତ୍ସବ'ରେ ମଙ୍ଗଳଗୁଜ୍ଜରୀ, ଚିନ୍ତାଦେଶାକ୍ଷ, ଆହାରୀ, କେଦାର-କାମୋଦୀ, ବଙ୍ଗଳାଶ୍ରୀ, ରାମକେରୀ, ପଞ୍ଚମ ବରାଡ଼ି, ଚିନ୍ତା-କେଦାର, ପାହାଡ଼ିଆ କେଦାର, ଚୋଖି, କାଳୀ ଓ କୁମ୍ଭ କାମୋଦୀ ପ୍ରଭୃତି ରାଗ ଓ ଛନ୍ଦର ବ୍ୟବହାର କରିଛନ୍ତି।

## ୨.୭ ଆଧୁନିକ ଓଡ଼ିଆ କାବ୍ୟ କବିତାରେ ଛନ୍ଦର ପ୍ରୟୋଗ

ଆଧୁନିକ ଯୁଗର କବିମାନେ ମଧ୍ୟ ତାଙ୍କର ଅଧିକାଂଶ କାବ୍ୟରେ ଛନ୍ଦ, ବୃତ୍ତ ଅଥବା ରାଗର ନାମକରଣ କରିଥିଲେ ହେଁ ଅନେକ କାବ୍ୟ କବିତାରେ ସେ ସଂପର୍କରେ ଉଲ୍ଲେଖ ମଧ୍ୟ କରି ନାହାନ୍ତି। ଆଧୁନିକ ଯୁଗର ଅନ୍ୟତମ ପ୍ରମୁଖ କବି ରାଧାନାଥ ତାଙ୍କର କିଛି ରଚନାରେ ରାଗ, ବୃତ୍ତ ଓ ଛନ୍ଦର ଉଲ୍ଲେଖ କରିଥିବା ସମୟରେ ଅନେକ କାବ୍ୟ କବିତାରେ ସେ ଛନ୍ଦର ଉଲ୍ଲେଖ କରି ନାହାଁନ୍ତି। ଯେଉଁ କାବ୍ୟଗୁଡ଼ିକରେ ଆଦୌ ଛନ୍ଦର ଉଲ୍ଲେଖ ନାହିଁ, ସେଗୁଡ଼ିକ ହେଲା - ମହାଯାତ୍ରା, ଦରବାର, ଉର୍ବଶୀ, ଯଯାତିକେଶରୀ, ଚିଲିକା, ପାର୍ବତୀ ଆଦି କାବ୍ୟ। ତେବେ ମହାଯାତ୍ରାରେ କବି ରାଧାନାଥ ଅମିତ୍ରାକ୍ଷର ଛନ୍ଦର ସଫଳ ପ୍ରୟୋଗ କରିଥିଲେ, ସେଥି ନିମିତ୍ତ ସେ ଉଚ୍ଚ ପ୍ରଶଂସିତ ହୋଇଥିଲେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଏକ ବଳିଷ୍ଠ ଧାରାରେ ପରିଣତ ହେଲା। ଏ ସଂପର୍କରେ ମଧୁସୂଦନ ରାଓ ନିଜ ମନ୍ତବ୍ୟ ଦେଇ ଲେଖିଛନ୍ତି - "ମହାଯାତ୍ରାର ଛନ୍ଦ ଓ ଭାଷା ବିଷୟରେ ମଧ୍ୟ କିଛି କହିବାର ଅଛି। ମହାଯାତ୍ରା ଅମିତ୍ରାକ୍ଷର ଛନ୍ଦରେ ଲିଖିତ ହୋଇଅଛି। ଉତ୍କଳ କାବ୍ୟରେ ଅମିତ୍ରଛନ୍ଦ ପ୍ରବର୍ତ୍ତନର ଏହି ପ୍ରଥମ ଶୁଭ ପ୍ରୟାସ। ଏଥିପୂର୍ବେ ବଙ୍ଗୀୟ କବିବର ଶ୍ରୀ ମାଇକେଲ ମଧୁସୂଦନ ଦତ୍ତ ବଙ୍ଗଳା ପଦ୍ୟର ପ୍ରକୃତି ଓ ନିୟମ ଆଲୋଚନା କରି ଏହି ଛନ୍ଦକୁ ପ୍ରବର୍ତ୍ତିତ କରିଥିଲେ। ସୁତରାଂ ବଙ୍ଗୀୟ ପଦ୍ୟର ଏକାନ୍ତ ଅନୁରୂପ ଉତ୍କଳପଦ୍ୟ-ସାହିତ୍ୟ ମଧ୍ୟରେ ଏହି ନୂତନ ଛନ୍ଦର ଅବତାରଣା ଦ୍ୱାରା କବି ଶ୍ରୀ ରାଧାନାଥ କିଛି ମୌଳିକତା ଦେଖାଇ ନାହାଁନ୍ତି; କିନ୍ତୁ ଏହା ମୁଁ ମୁକ୍ତ କଣ୍ଠରେ କହିପାରେଁ ଯେ ତାଙ୍କ ଛଡ଼ା ଅନ୍ୟ କୌଣସି ଉତ୍କଳୀୟ ଲେଖକ ଏହି ଛନ୍ଦର ଯଥାଯଥ ପ୍ରୟୋଗ ବିଷୟରେ ଦକ୍ଷତା ଦେଖାଇ ପାରନ୍ତେ ନାହିଁ। ବଙ୍ଗଭାଷାରେ ଅମିତ୍ରାକ୍ଷର ଛନ୍ଦ ପ୍ରବର୍ତ୍ତିତ ହେଲା ଦିନୁ ଅନେକ ଲୋକପ୍ରସିଦ୍ଧ ବଙ୍ଗୀୟ କବି ଉକ୍ତ ଛନ୍ଦରେ କାବ୍ୟ ଲେଖି ଅଛନ୍ତି, କିନ୍ତୁ ମୋ କ୍ଷୁଦ୍ର ମତରେ ଜଣେ ଦୁଇଜଣଙ୍କୁ ଛାଡ଼ିଦେଲେ କାହାରି ରଚନା ମାଇକେଲଙ୍କ ରଚନା ପରି ମନୋଜ୍ଞ ହୋଇ ନାହିଁ।" (ରାଧାନାଥ ଗ୍ରନ୍ଥାବଳୀ, ବିଦ୍ୟା ପ୍ରକାଶନ, ବାଲୁବଜାର, କଟକ, ୨୦୦୭, ପୃଷ୍ଠା - ୧୭୮)। 'ମହାଯାତ୍ରା'

ଅମିତ୍ରାକ୍ଷର ଛନ୍ଦରେ ଲେଖିଥିବା ସମୟରେ ସେ ତାଙ୍କର ବହୁ ଚର୍ଚ୍ଚିତ ଭାରତ-ଗୀତିକାକୁ ଭୈରବୀ, ମେଘଦୂତକୁ କଳହଂସ କେଦାର, ଚନ୍ଦ୍ରଭାଗାକୁ ରାମକେରୀ ଓ ନନ୍ଦିକେଶ୍ୱରୀ କାବ୍ୟକୁ ନଟବାଣୀ ବୃତ୍ତରେ ରଚନା କରିଅଛନ୍ତି।

ଦେଖାଯାଏ ଯେ, ରାଧାନାଥ ପ୍ରବର୍ତ୍ତିତ ଅମିତ୍ରାକ୍ଷର ଛନ୍ଦର ବିଶେଷ ପ୍ରୟୋଗ ତାଙ୍କର ସମକାଳୀନ ଓଡ଼ିଆ ସାହିତ୍ୟରେ ପ୍ରାୟତଃ ପରିଦୃଷ୍ଟ ହୁଏ ନାହିଁ। ତାଙ୍କର ସମସାମୟିକ କବି ଗଙ୍ଗାଧର, ଫକୀରମୋହନ, ମଧୁସୂଦନ, ନନ୍ଦକିଶୋର, କୁନ୍ତଳାକୁମାରୀ ଆଦି ଛନ୍ଦୋବଦ୍ଧ କାବ୍ୟ ଓ କବିତା ରଚନାରେ ପ୍ରାଧାନ୍ୟ ଦେଇଥିଲେ। ସତ୍ୟବାଦୀ ଯୁଗ ପର୍ଯ୍ୟନ୍ତ ଏହି ଧାରା ପ୍ରବାହିତ ହୋଇଥିଲା। ସତ୍ୟବାଦୀ ସବୁଜ ଓ ପ୍ରଗତି ଯୁଗ ବେଳକୁ ଓଡ଼ିଆ କବିତାରେ ଏହି ନୂତନ ଛନ୍ଦର ପ୍ରୟୋଗ ଦେଖିବାକୁ ମିଳିଲା। ସ୍ୱଭାବକବି ଗଙ୍ଗାଧର ମଧ୍ୟ ତାଙ୍କ କାବ୍ୟ କବିତାରେ ବିପୁଳ ଛନ୍ଦ ଓ ରାଗର ପ୍ରୟୋଗ କରିଛନ୍ତି। 'ରସ ରତ୍ନାକର'ରେ କଳାସୀ, ଚୋଖି, ରାମକେରି, କୌଶିକ, ବଙ୍ଗଳାଶ୍ରୀ, କଳହଂସ କେଦାର, ପାହାଡିଆ କେଦାର, ଶଙ୍କରାଭରଣ ଆଦି ଛନ୍ଦର ବ୍ୟବହାର କରିଥିବା ସମୟରେ 'ଇନ୍ଦୁମତୀ' କାବ୍ୟ ବଙ୍ଗଳାଶ୍ରୀ ଛନ୍ଦରେ ରଚନା କରିଛନ୍ତି। ତାଙ୍କର ବହୁଚର୍ଚ୍ଚିତ 'ତପସ୍ୱିନୀ' କାବ୍ୟରେ ରାମକେରୀ, ବଙ୍ଗଳାଶ୍ରୀ, ଚୋଖି, କଳହଂସ କେଦାର, କାମୋଦୀ, କଲ୍ୟାଣ ପଡ଼ିତାଳ ଆଦି ଛନ୍ଦର ବ୍ୟବହାର କରିଛନ୍ତି। ଆଧୁନିକ ଯୁଗର ଅନ୍ୟତମ ପ୍ରତିଭାବାନ୍ କବି ପଲ୍ଲୀକବି ନନ୍ଦକିଶୋର ବଳ ମଧ୍ୟ ଛନ୍ଦ ପ୍ରୟୋଗରେ ବିବିଧ ପରୀକ୍ଷା ନିରୀକ୍ଷା କରିଛନ୍ତି। ପ୍ରାଚୀନ ଛନ୍ଦ ସହ ସେ ଲୋକ ଛନ୍ଦର ପ୍ରୟୋଗ କରି ଚମତ୍କାର କବିତା ରଚନା କରିଛନ୍ତି। ରାମକେରି, କଳହଂସ କେଦାର, ଚତୁର୍ଦ୍ଦଶାକ୍ଷରୀ ଓ ଦ୍ୱାଦଶାକ୍ଷରୀ ବୃତ୍ତମାନ ଆଧୁନିକ କବିତାରେ ପ୍ରୟୋଗ କରିଛନ୍ତି। ଲୋକଗୀତର ଛନ୍ଦ ବହୁଳ ଭାବରେ ତାଙ୍କ କବିତାରେ ଦେଖିବାକୁ ମିଳିଥାଏ। 'ନାନାବାୟା ଗୀତ'ର ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗରେ ଏହି ଲୋକଛନ୍ଦର ବ୍ୟବହାର ଦେଖିବାକୁ ମିଳେ। ତାଙ୍କ ରଚିତ 'ଚୁଟିଆ ମୂଷା' ଓ 'ଡାମରା କାଉ' କବିତାରୁ ଏହି ଲୋକଛନ୍ଦର ସ୍ୱରୂପ ଉପଲବ୍ଧି କରି ହେବ।

**ଚୁଟିଆ ମୂଷା**

'ଚୁଟିଆ ମୂଷାରେ ଚୁଟେଇ ମୂଷି
ଧାନ ଅମାରକ ଖାଉଥା ବସି।
କରୁଥା ଯାହା ତୋ ମନର ଖୁସି,
ଘର ଛାଡ଼ି ମୁହିଁ ଯାଉଛି ରୁଷି।
ଟିକିଟିକି ଧାନ ଶଏ ଭରଣ,
ସାତଟା ଅମାର କଲୁଣି ଶୂନ୍ୟ।
ଗଣେଶ ବାହାନ ଅଟୁରେ ମୂଷା,
ତୋତେ ମାରିବାକୁ ନାହିଁ ଭରସା।
ପାଠ ନ ଆସିବ ମାରିଲେ ତୋତେ
ଅବଧାନ ବେତ ମାରିବେ ମୋତେ।
ଟୁକୁ ମୂଷାରେ ଟୁକେଇ ମୂଷି।
ଖାଇବୁ ଯେତେକେ ଖାରେ ଖୁସି।"

(ନନ୍ଦକିଶୋର ଗ୍ରନ୍ଥାବଳୀ, ୨୦୦୧, ପୃଷ୍ଠା - ୫୬୧)

ଡାମରା କାଉ

"ଡାମରା କାଉରେ ଡାମରା କାଉ,
ଉଞ୍ଚ ପରବତେ ବୋବାଉ ଥାଉ ।
ଉଞ୍ଚ ପରବତ ଘୁଞ୍ଚୁଘୁଞ୍ଚୁକା
ତହିଁରେ ବସିଛି ତିନି ମଞ୍ଜିକା ।
ତିନି ତିନି ପଣ ଅଠର ପଣ,
ଭାଇଙ୍କୁ ଡକାଇ କଉଡ଼ି ଗଣ ।
କଉଡ଼ି ଗଣାରେ ପାହିଲା ରାତି,
ଚୋର ନେଇଗଲା କଜଳପାତି ।
ଷାଠିଏ ଟଙ୍କାରେ ବଳଦ ମଲା,
ଏକା କାଳିଗାଇ ମଥାନ କଲା,
ଆସ ଗୋ ସଙ୍ଗାତ ଗାଧୋଇ ଯିବା,
କଇଁଅ କାକୁଡ଼ି ତୋଳି ଆଣିବା,
କଇଁଅ କାକୁଡ଼ି ମୁଣ୍ଡରେ ପିତା,
ଛଅ ବୋହୂଙ୍କର ଛଅ ଦୁହିତା ।"

(ନନ୍ଦକିଶୋର ଗ୍ରନ୍ଥାବଳୀ, ୨୦୦୧, ପୃଷ୍ଠା - ୫୭୪)

ଓଡ଼ିଆ କାବ୍ୟ ସାହିତ୍ୟରେ ଛନ୍ଦ ଓ ରାଗ ପ୍ରୟୋଗର ଏକ ସମୃଦ୍ଧ ପରଂପରା ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରବାହିତ ହୋଇ ଆସିଅଛି । ଲୋକଗୀତ, ଜନଜାତିର ଗୀତଠାରୁ ଆରମ୍ଭ କରି ପ୍ରାଚୀନ, ମଧ୍ୟ ଓ ଆଧୁନିକ ଯୁଗର ସାହିତ୍ୟରେ ଛନ୍ଦର ପ୍ରୟୋଗ ଓଡ଼ିଆ ପଦ୍ୟ ସାହିତ୍ୟକୁ ଶ୍ରୁତି ମଧୁର ଓ ସଙ୍ଗୀତମୟ କରି ଆସିଛି । ଲୋକଗୀତ, ଜନଜାତି ଗୀତ, ପ୍ରାକୃତ ଓ ସଂସ୍କୃତରୁ ବିଭିନ୍ନ ଛନ୍ଦ ଓଡ଼ିଆ ସାହିତ୍ୟରେ ପ୍ରବେଶ କରିଛନ୍ତି । କବିମାନେ ନିଜ ପ୍ରତିଭା ଦ୍ୱାରା ଏହାର ସୁମଧୁର ଓ ସଫଳ ପ୍ରୟୋଗ କରି ଓଡ଼ିଆ ଛନ୍ଦ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ସଙ୍ଗୀତର ସଂଯୋଗରେ ଓଡ଼ିଆ କାବ୍ୟ ଓ କବିତାର ନାନ୍ଦନିକ ମୂଲ୍ୟ ଅଧିକ ବଳିଷ୍ଠ ହୋଇପାରିଛି ।

## ୨.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) ଲୋକଗୀତର ଛନ୍ଦ ଆଲୋଚନା କର ।

(ଖ) ଓଡ଼ିଶାର ଜନଜାତିର ଗୀତରେ ବ୍ୟବହୃତ ହେଉଥିବା ରାଗ ଓ ଛନ୍ଦ ସଂପର୍କରେ ଆଲୋଚନା କର ।

(ଗ) ପ୍ରାଚୀନ ଓଡ଼ିଆ କବିତାର ଛନ୍ଦ ପ୍ରୟୋଗ ବିଧି ଆଲୋଚନା କର ।

(ଘ) ମଧ୍ୟଯୁଗୀୟ କାବ୍ୟ ସାହିତ୍ୟରେ ଛନ୍ଦ ପ୍ରୟୋଗର ଧାରା ସଂପର୍କରେ ଆଲୋଚନା କର ।

(ଙ) ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟରେ ଛନ୍ଦ ପ୍ରୟୋଗର ଧାରା ସଂପର୍କରେ ଆଲୋଚନା କର ।

(ଚ) ଲୋକଗୀତର ଛନ୍ଦ ଆଧୁନିକ ଓଡ଼ିଆ କବିତାକୁ କିପରି ପ୍ରଭାବିତ କରିଛି ଆଲୋଚନା କର ।

## ୨.୯ ସହାୟକ ଗ୍ରନ୍ଥସୂଚୀ


- ଓଡ଼ିଆ ଛନ୍ଦର ବିକାଶ ଧାରା, ଜାନକୀ ବଲ୍ଲଭ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୯୭।
- ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ, ନୀଳମଣି ମିଶ୍ର, ଗ୍ରନ୍ଥମନ୍ଦିର, କଟକ-୨, ୧୯୭୬।
- ପ୍ରବନ୍ଧାବଳୀ, ଶ୍ୟାମସୁନ୍ଦର ସଦ୍‌ଗୁରୁ, ଓଡ଼ିଶା ସାହିତ୍ୟ ଏକାଡେମୀ, ଦ୍ୱିତୀୟ ପ୍ରକାଶ, ୧୯୯୪।
- ପ୍ରାଚୀନ ଓଡ଼ିଆ କବିତା ସମ୍ଭାର, ଯତୀନ୍ଦ୍ର ମୋହନ ମହାନ୍ତି, ବିଦ୍ୟା, ଭୁବନେଶ୍ୱର, ୨୦୦୪।
- ଓଡ଼ିଆ କବିତାର ଛନ୍ଦ (ପ୍ରଥମ ଭାଗ), ଗୌରୀକୁମାର ବ୍ରହ୍ମା, କଟକ ଷ୍ଟୁଡେ଼ସ ଷ୍ଟୋର, କଟକ - ୨, ୧୯୭୬।

# ତୃତୀୟ ଏକକ : ଅଳଙ୍କାର

## ବିଷୟ ଗଠନ :

୩.୧ ପଠନର ଉଦ୍ଦେଶ୍ୟ

୩.୨ ଶିକ୍ଷଣୀୟ ବିଷୟ

୩.୩ ଅଳଙ୍କାରର ସ୍ୱରୂପ

୩.୪ ଅଳଙ୍କାରର ବିଭାଗୀକରଣ

୩.୫ ଶବ୍ଦାଳଙ୍କାର: ଯମକ, ଶ୍ଲେଷ, ଅନୁପ୍ରାସ

୩.୬ ଅର୍ଥାଳଙ୍କାର ; ଉପମା, ରୂପକ, ଉତ୍‌ପ୍ରେକ୍ଷା, ଅର୍ଥାନ୍ତରନ୍ୟାସ

୩.୭ ଅଳଙ୍କାର ଆଲୋଚନା

୩.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୩.୯ ସହାୟକ ଗ୍ରନ୍ଥସୂଚୀ

## ୩.୧ ପଠନର ଉଦ୍ଦେଶ୍ୟ

ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗ ପର୍ଯ୍ୟନ୍ତ ବହୁଳ ପରିମାଣରେ କାବ୍ୟ, କବିତା, ଭଜନ, ଜଣାଣ ଚମ୍ପୁ, ଚଉତିଶା ଆଦି ପଦ୍ୟମୟ ସାହିତ୍ୟ ରଚନା କରାଯାଇଛି। ଏହି ବିପୁଳ କାବ୍ୟ ସାହିତ୍ୟଙ୍କୁ ଜନଜୀବନରେ ପହଞ୍ଚାଇବା ନିମିତ୍ତ କବିଗଣ ବିଭିନ୍ନ ଭାବରେ ଯତ୍ନବାନ ହୋଇଥିଲେ। ନିଜ କାବ୍ୟ କବିତାରେ ରମଣୀୟ ଅର୍ଥ ସୃଷ୍ଟି କରି ଜନମାନସକୁ ଆନନ୍ଦପ୍ରଦାନ କରିବା ଥିଲା କବିମାନଙ୍କ ମୌଳିକ ଲକ୍ଷ୍ୟ। ସେଥିନିମିତ୍ତ ସେମାନେ କାବ୍ୟ କବିତାରେ ଅଳଙ୍କାର ପ୍ରୟୋଗ କରିଥିଲେ। ଏଥିନିମିତ୍ତ କବିସମ୍ରାଟ ଉପେନ୍ଦ୍ରଭଞ୍ଜ ତାଙ୍କ ଲାବଣ୍ୟବତୀ କାବ୍ୟରେ ଲେଖିଛନ୍ତି;

ମୂର୍ତ୍ତିବନ୍ତ କରି ମୃଦୁ ଗୀତ ବିଚାରଇ
ଏଣୁକରି ଅଳଙ୍କାର ଥିବ ଯୁତ ହୋଇ
ପଦ ସରଳ ଧ୍ୱନିରେ ମାନସ ମୋହିବ
ଅର୍ଥିଜନ ପ୍ରବରଙ୍କୁ ଆନନ୍ଦ ହୋଇବ ।

ରଚନାକୁ ଜୀବନ୍ତ ବା ମୂର୍ତ୍ତିବନ୍ତ କରିବାକୁ ହେଲେ ଅଳଙ୍କାର ଯୋଗ କରିବାକୁ ହୋଇଥାଏ। ଯେପରି ଏକ ରମଣୀ ଅଳଙ୍କାର ପିନ୍ଧିଲେ ଅଧିକ ସୁନ୍ଦର ଦେଖାଯାଏ; ସେହିପରି କବିତାରେ ଅଳଙ୍କାର ପ୍ରୟୋଗ କଲେ ତାହା ମଧ୍ୟ ଅଧିକ ସୁନ୍ଦର ବା ରମଣୀୟ ଅର୍ଥ ପ୍ରତିପାଦନ କରିଥାଏ। ଏହି ପାଠରେ ସେ ସଂପର୍କରେ ଆଲୋଚନା କରାଯିବ।

## ୩.୨ ଶିକ୍ଷଣୀୟ ବିଷୟ

- ଏହି ପାଠରୁ ବିଦ୍ୟାର୍ଥୀଗଣ କାବ୍ୟ କବିତାର ପ୍ରମୁଖ ବିଭାବ ଅଳଙ୍କାର ପ୍ରୟୋଗ ସଂପର୍କରେ ଜାଣିପାରିବେ।
- ଅଳଙ୍କାରର ବିଭିନ୍ନ ବିଭାଗ ବା ପ୍ରକାର ଭେଦ ସଂପର୍କରେ ଜ୍ଞାନ ଆହରଣ କରିହେବ।
- ଓଡ଼ିଆ କାବ୍ୟ ସାହିତ୍ୟରେ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରୟୋଗ ହୋଇଛି, ସେ ସଂପର୍କରେ ଜ୍ଞାନ ଆହରଣ ହେବ।
- ବିଦ୍ୟାର୍ଥୀ ନିଜ ରଚନାରେ ମଧ୍ୟ ଅଳଙ୍କାର କିପରି ପ୍ରୟୋଗ କରିପାରିବ, ସେ ଜ୍ଞାନ ପାଇପାରିବ।

## ୩.୩ ଅଳଙ୍କାରର ସ୍ୱରୂପ

କାବ୍ୟରେ ରମଣୀୟ ଅର୍ଥ ପ୍ରତିପାଦନ ନିମିତ୍ତ ଯେଉଁ ରୀତି ବା ଶୈଳୀ ଅନୁସୃତ ହୁଏ: ତାହାକୁ ଅଳଙ୍କାର କୁହାଯାଏ। ବ୍ୟାକରଣ ଶାସ୍ତ୍ରରେ 'ଅଳଂକରରୋତି ଇତି ଅଳଙ୍କାର' ବୋଲି କୁହାଯାଇଥାଏ। ଏହାର ଅର୍ଥ ଯାହା ଶୋଭାବର୍ଦ୍ଧନକାରୀ ତାହା ଅଳଙ୍କାର। ଅଳଙ୍କାର କାବ୍ୟ ଓ କବିତାର ଶୋଭାବର୍ଦ୍ଧନ କରିଥାଏ। ପ୍ରତ୍ୟେକ କବି ମନରେ ଭାବନା ଓ କଳ୍ପନାକୁ ପାଠକ ବା ଶ୍ରୋତାର ହୃଦୟକୁ ରସସିକ୍ତ ଭାବେ ଉପସ୍ଥାପନା କରିବାକୁ ଏହି ଅଳଙ୍କାର ପ୍ରୟୋଗ କରିଥାନ୍ତି। ବିଶିଷ୍ଟ ଆଳଙ୍କାରିକ ଦଣ୍ଡୀ ତାଙ୍କର 'କାବ୍ୟାଦର୍ଶ' ଗ୍ରନ୍ଥରେ ଅଳଙ୍କାରର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି। "କାବ୍ୟ-ଶୋଭାକାହାନ୍ ଧର୍ମାନ ଅଳଙ୍କାରାନ"। ଅର୍ଥାତ କାବ୍ୟର ଶୋଭା ବୃଦ୍ଧି କରିବା ଅଳଙ୍କାରର ଧର୍ମ। ଓଡ଼ିଆ କାବ୍ୟ ସାହିତ୍ୟରେ ଦଣ୍ଡୀଙ୍କ ଏହି ବିଚାରଧାରାକୁ ସମାନ୍ତରାଳତାର ସହ ପ୍ରୟୋଗ କରାଯାଇଛି। ଅଳଙ୍କାରର ସଫଳ ପ୍ରୟୋଗ ଓଡ଼ିଆ କାବ୍ୟ ଜଗତକୁ ଶୋଭାର ଭଣ୍ଡାର କରିପାରିଛି।

ଅଳଙ୍କାର ବାଦର ପ୍ରମୁଖ ଆଲୋଚକ ହୋଇଛନ୍ତି ଭାମହ। ଭାମହ ତାଙ୍କ 'କାବ୍ୟାଳଙ୍କାର' ଗ୍ରନ୍ଥରେ ଅଳଙ୍କାର ସଂପର୍କରେ ନିଜର ମତ ପ୍ରଦାନ କରିବାକୁ ଯାଇ ଲେଖିଛନ୍ତି।

> ରୂପବାଦରଳଙ୍କାର-ସ୍ତସ୍ୟାଦୈ ର୍ବହୁଧୋବତଃ
> ନ କାନ୍ତମଣି ନିର୍ଭୁଷଂ ବିଭାତି ବନିତାମୁଖମ୍।

ଏହାର ଅର୍ଥ ହେଉଛି, ବନିତାର ମୁଖ ଯେତେ ସୁନ୍ଦର ହୋଇ ଥିଲେ ହେଁ ଅଳଙ୍କାର ବିହିନ ହେଲେ ତାହାର ଆଭା ପ୍ରକାଶିତ ହୁଏ ନାହିଁ। ସେହିପରି କାବ୍ୟରେ ଅଳଙ୍କାର ବ୍ୟବହାର ଦ୍ୱାରା କାବ୍ୟର ଆଭା ପ୍ରସ୍ଫୁଟିତ ହୋଇଥାଏ। କାବ୍ୟ ମର୍ଯ୍ୟାଦାବନ୍ତ ଓ ଭାବୋଦ୍ଦୀପକ ହେବାରେ ଅଳଙ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଏଣୁ ଏହି ଭାବଦର୍ଶର ପ୍ରଭାବରେ କବି ଉପେନ୍ଦ୍ରଭଞ୍ଜ ତାଙ୍କର 'ଲାବଣ୍ୟବତୀ' କାବ୍ୟରେ ଅଳଙ୍କାର ସଂପର୍କରେ ନିଜର ମତ ପ୍ରକାଶ କରିଛନ୍ତି।

## ୩.୪ ଅଳଙ୍କାରର ବିଭାଗୀକରଣ

ଭରତ 'ନାଟ୍ୟଶାସ୍ତ୍ର'ରେ ଅନୁପ୍ରାସ, ଯମକ, ରୂପକ ଏବଂ ଉପମା ଆଦି ଅଳଙ୍କାରର ନାମୋଲ୍ଲେଖ କରିଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଅଳଙ୍କାରକୁ ନେଇ ବହୁ ସୂକ୍ଷ୍ମ ବିତର୍କ ଚାଲିରହିଅଛି। ତେବେ ଅଳଙ୍କାର

ମୁଖ୍ୟତଃ ଦୁଇଭାଗରେ ବିଭକ୍ତ - ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର। ପଦରେ ଧ୍ୱନି ଏବଂ ବର୍ଣ୍ଣର ବ୍ୟବହାରରେ ସୌନ୍ଦର୍ଯ୍ୟ ଅଥବା ଚାରୁତା ସୃଷ୍ଟି କରିବା ଶବ୍ଦାଳଙ୍କାରର ଧର୍ମ। ଏହାଦ୍ୱାରା ଅର୍ଥରେ ମଧ୍ୟ ଚମତ୍କାରିତା ସୃଷ୍ଟି ହୋଇଥାଏ ମାତ୍ର ତାହା ବର୍ଣ୍ଣ ଓ ଧ୍ୱନିର ସାହାଯ୍ୟରେ।

ଯଥା - ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ ମାଳିନୀ ନିଳାମ୍ବୁ ଚିଲିକା
(ରାଧାନାଥ ରାୟ, ଚିଲିକା)

ବା

ଦେଖରେ ନଳିନୀ ନଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।
(ଉପେନ୍ଦ୍ର ଭଞ୍ଜ, ଲାବଣ୍ୟବତୀ)

ରାଧାନାଥ ରାୟଙ୍କ ଚିଲିକା କାବ୍ୟଟିର ପଦଟିରେ 'କ' ଓ 'ଳ' ବର୍ଣ୍ଣ ବାରମ୍ବାର ଉଚ୍ଚାରଣ ହୋଇ ଏକ ମଧୁର ଧ୍ୱନି ସୃଷ୍ଟି କରୁଥିବା ସମୟରେ ଉପେନ୍ଦ୍ର ଭଞ୍ଜ ସେହିପରି 'ନ', 'ଳ', 'ଭ୍ର', 'ମ' ଓ ରେ ବର୍ଣ୍ଣର ବାରମ୍ବାର ପ୍ରୟୋଗ କରି ଧ୍ୱନି ମାଧ୍ୟମରେ ଅଳଙ୍କାର ସୃଷ୍ଟି କରାଯାଇଥିବାରୁ; ଏଗୁଡିକ ଶବ୍ଦାଳଙ୍କାର ପର୍ଯ୍ୟାୟଭୁକ୍ତ କରାଯାଇଛି। ଯମକ, ଶ୍ଳେଷ ଓ ଅନୁପ୍ରାସ ଆଦି ଅଳଙ୍କାର ଶବ୍ଦାଳଙ୍କାର ପର୍ଯ୍ୟାୟଭୁକ୍ତ।

**ଅର୍ଥାଳଙ୍କାର :** ଅର୍ଥାଳଙ୍କାର ମାଧ୍ୟମରେ ଭାବ ଓ ଅର୍ଥରେ ଚାରୁତା ସୃଷ୍ଟି କରାଯାଇଥାଏ। ଭିନ୍ନ ଭିନ୍ନ ଅର୍ଥବୋଧକ ପଦ ବ୍ୟବହାର ଦ୍ୱାରା ଏହା ସମ୍ଭବ ହୋଇଥାଏ।

ଯଥା - ଉଦ୍ଧବ, କହିବଟି ଗୋପିନାଥଙ୍କୁ
କର-ପଲ୍ଲବର କନିଷ୍ଠ ମୁଦ୍ରିକା କଙ୍କଣ ହେଲାଣି କରକୁ ।
(ଭକ୍ତଚରଣ ଦାସ - ମଥୁରାମଙ୍ଗଳ)

ଏଠାରେ ଭକ୍ତଚରଣ କର-ପଲ୍ଲବର କନିଷ୍ଠ ମୁଦ୍ରିକା କଙ୍କଣ ହେଲାଣି କରକୁ ମାଧ୍ୟମରେ ଅର୍ଥାଳଙ୍କାର ସୃଷ୍ଟି କରିଛନ୍ତି। ଏହି ବର୍ଣ୍ଣନାରେ ଏହି ପାଦଟି ମାଧ୍ୟମରେ ଅର୍ଥ ଚାରୁତା ସୃଷ୍ଟି କରାଯାଇଛି। ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଝୁରି ଝୁରି ଅତି ରୋଗିଣା ହୋଇଯାଇଛନ୍ତି। ଏଣୁ ତାଙ୍କର ଆଙ୍ଗୁଠିର ମୁଦି ଗୁଡିକ ଏବେ ବାହୁର କଙ୍କଣ ହୋଇଗଲାଣି। ଏଠାରେ ପ୍ରକୃତ ବସ୍ତୁର ଅଧଃ କରଣ ନିମିତ୍ତ ଏହି ବର୍ଣ୍ଣନା କରାଯାଇଛି। ଉପମା, ରୂପକ, ଉତ୍‌ପ୍ରେକ୍ଷା, ଅର୍ଥାନ୍ତରନ୍ୟାସ ଆଦି ଅର୍ଥାଳଙ୍କାର ଭାବରେ ଗୃହୀତ ହୋଇଥାଏ।

## ୩.୫ ଶବ୍ଦାଳଙ୍କାର : ଯମକ, ଶ୍ଳେଷ, ଅନୁପ୍ରାସ

(କ) ଯମକ ଅଳଙ୍କାର ପଦରେ ବିଭିନ୍ନାର୍ଥବୋଧକ ଶବ୍ଦର ପୁନଃ ପୁନଃ ବ୍ୟବହାର ହେଲେ, ତାହାକୁ ଯମକ ଅଳଙ୍କାର କୁହାଯାଏ। ଯମକ ଅଳଙ୍କାରକୁ ଚାରି ଭାଗରେ ବିଭକ୍ତ କରାଯାଏ।

ସେଗୁଡିକ - (୧) ଆଦ୍ୟଯମକ ଅଳଙ୍କାର
(୨) ମଧ୍ୟଯମକ ଅଳଙ୍କାର
(୩) ପ୍ରାନ୍ତଯମକ ଅଳଙ୍କାର
(୪) ସର୍ବଯମକ ଅଳଙ୍କାର

**(୧) ଆଦ୍ୟଯମକ ଅଳଙ୍କାର**

ଯେଉଁ ପଦର ଆଦ୍ୟରେ ବିଭିନ୍ନାର୍ଥବୋଧକ ଶବ୍ଦ ପୁନଃ ପୁନଃ ବ୍ୟବହାର ହୁଏ ତାହାକୁ, ଆଦ୍ୟଯମକ ଅଳଙ୍କାର କୁହାଯାଏ।

ଯଥା - ବରଜୀବ ରସେ ଦେଇ ମାନସ
ବରଜି ବରଷେ ଅମେଧ ଗ୍ରାସ ।
(ଜଗତେ କେବଳ- କବିସୂର୍ଯ୍ୟ ବଳଦେବ ରଥ)

ଏଠାରେ ପଦ୍ୟଟିର ପ୍ରଥମ ଦୁଇ ପାଦର ପ୍ରଥମ ଶବ୍ଦ ଗୁଡ଼ିକ ସମାନ (ବରଜୀବ ରସେ / ବରଜି ବରଷେ) ହୋଇଥିଲେ ହେଁ, ଏହା ଏହା ଭିନ୍ନ ଭିନ୍ନ ଅର୍ଥବୋଧକ। ପଦର ଆଦ୍ୟ ଭାଗରେ ଏହା ବ୍ୟବହୃତ ହୋଇଥିବାରୁ ଏହା ଆଦ୍ୟ ଯମକ ପର୍ଯ୍ୟାୟବାଚୀ। ପ୍ରଥମ ପାଦରେ ବ୍ୟବହୃତ ବରଜୀବ ଶବ୍ଦର ଅର୍ଥ ଗାଈ। ରସର ଅର୍ଥ କ୍ଷୀର। ଦ୍ୱିତୀୟର ପାଦରେ ବ୍ୟବହୃତ ବରଜିର ଅର୍ଥ ପରିତ୍ୟାଗ କରିବା। ଅର୍ଥାତ ବର୍ଷେ ନିମିତ୍ତ ପରିତ୍ୟାଗ କରିବା। ସମାନ ଶବ୍ଦ ପଦର ଆଦ୍ୟରେ ଥାଇ ଏଠାରେ ଆଦ୍ୟଯମକ ଅଳଙ୍କାର ସୃଷ୍ଟି ହୋଇଛି।

**(୨) ମଧ୍ୟଯମକ ଅଳଙ୍କାର**

ପଦର ମଧ୍ୟଭାଗରେ ଭିନ୍ନାର୍ଥବୋଧକ ଶବ୍ଦ ପୁନଃ ପୁନଃ ବ୍ୟବହୃତ ହେଲେ, ତାହାକୁ ମଧ୍ୟଯମକ ଅଳଙ୍କାର କୁହାଯାଏ।

ଯଥା - ବିକଟ ସୁଗ୍ରୀବ ସୁଗ୍ରୀବ ମୋଡିଲା ଯାଗପଶୁ ପରାଧରି,
ବାତସୁତ ସୃଷ୍ଟି ମହାଶନି ମହାଶନି ହନୁସାନ୍ତ ଚୂରି ।
(ବୈଦେହୀଶ ବିଳାସ-କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ)

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଦ୍ୱାରା ରଚିତ ଏହି ପଦଟିରେ ମଧ୍ୟଯମକ ଅନୁସୃତ ହୋଇଛି। ପ୍ରଥମ ପାଦରେ ସୁଗ୍ରୀବ ଶବ୍ଦଟି ପାଦର ମଧ୍ୟଭାଗରେ ଦୁଇଥର ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥିବା ସମୟରେ ଦ୍ୱିତୀୟ ପାଦରେ 'ମହାଶନି' ଶବ୍ଦଟି ଦୁଇଥର ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଛି ।

ପ୍ରଥମ ପାଦରେ :- ସୁଗ୍ରୀବ - ଉତ୍ତମ ଗ୍ରୀବ ବିଶିଷ୍ଟ
ସୁଗ୍ରୀବ - ତନ୍ନାମକ ବାନର

ଦ୍ୱିତୀୟ ପାଦରେ :- ମହାଶନି - ତନ୍ନାମକ ବାନର
ମହାଶନି - ଭୀଷଣ ବ୍ରଜ

## (୩) ପ୍ରାନ୍ତଯମକ ଅଳଙ୍କାର

ପଦର ଶେଷ ଭାଗ ବିଭିନ୍ନାର୍ଥବୋଧକ ଶବ୍ଦ ପୁନଃ ପୁନଃ ବ୍ୟବହୃତ ହେଲେ, ପ୍ରାନ୍ତଯମକ ଅଳଙ୍କାର ହୋଇଥାଏ।

ଯଥା - ଶ୍ୱଶୁର ତୋ ମୋର ସୁହୃଦ, ସେହିପରି ତୋ ପିତା;
ଅସଂକୋଚେ ହେ ଆଶ୍ରମେ, ମଣି ସଂସାର ପିତା ।

(ତପସ୍ୱିନୀ-ସ୍ୱଭାବ କବି ଗଙ୍ଗାଧର ମେହେର)

ସ୍ୱଭାବକବି ଗଙ୍ଗାଧର ମେହେର ବିରଚିତ 'ତପସ୍ୱିନୀ' କାବ୍ୟର ଏହି ପଦଟିରେ ପ୍ରଥମ ପାଦର ଶେଷରେ ପିତା ଏବଂ ଦ୍ୱିତୀୟ ପାଦର ଶେଷ ଭାଗରେ ପିତା ଶବ୍ଦ ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଛି। ପ୍ରଥମ ପାଦରେ ଶେଷ ଭାଗରେ ବ୍ୟବହୃତ ହୋଇଥିବା ପିତା ଶବ୍ଦର ଅର୍ଥ ଜନକ ଓ ଦ୍ୱିତୀୟ ପାଦର ଶେଷ ଭାଗରେ ବ୍ୟବହୃତ ହୋଇଥିବା ଶବ୍ଦର ଅର୍ଥ ତିକ୍ତ। ଏଣୁ ଏହି ପଦଟିରେ ପ୍ରାନ୍ତ ଯମକ ଅଳଙ୍କର ସୃଷ୍ଟି ହୋଇଛି।

## (୪) ସର୍ବଯମକ ଅଳଙ୍କାର

ପଦର ସର୍ବତ୍ର ବିଭିନ୍ନାବୋଧକ ଶବ୍ଦ ପୁନଃ ପୁନଃ ଆବୃତ୍ତି ହେଲେ, ସର୍ବଯମକ ଅଳଙ୍କାର ହୁଏ ।

ଯଥା - ଅହି ମକର ତାପ ନାଶେ ଶୋଭା ସାରସ ଚକ୍ରେ
ଅହିମକର ତାପ ନାଶେ ଶୋଭା ସାରସ- ଚକ୍ରେ ।

(ଲାବଣ୍ୟବତୀ- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ)

କବିସମ୍ରାଟ ଉପେନ୍ଦ୍ରଙ୍କ ରଚିତ ଏହି ପଦଟିରେ ପ୍ରଥମ ପାଦର ଶବ୍ଦ-ପୁଞ୍ଜି ସହ ଦ୍ୱିତୀୟ ପାଦର ଶବ୍ଦପୁଞ୍ଜିର ସଂପୂର୍ଣ୍ଣ ମିଳନ ଘଟିଥିବାରୁ ଏଠାରେ ସର୍ବଯମକ ଅଳଙ୍କାର ହୋଇଛି। ଦୁଇଟି ପାଦରେ ସମାନ ଶବ୍ଦ ବ୍ୟବହୃତ ହୋଇଥିଲେ ହେଁ ପ୍ରଥମ ପାଦ ଓ ଦ୍ୱିତୀୟ ପାଦରେ ତାହା ଭିନ୍ନ ଭିନ୍ନ ଅର୍ଥ ପ୍ରତିପାଦନ କରୁଅଛି।

**ପ୍ରଥମ ପାଦ -** ଅହି-ସର୍ପ, ମକର-ମଗର, ସାରସ ଚକ୍ରେ-ପଦ୍ମ ସମୂହରେ
**ଦ୍ୱିତୀୟ ପାଦ -** ଅହିମକର-ସୂର୍ଯ୍ୟ, ସାରସ-ଚକ୍ରେ- ହଂସ ସମୂହରେ ।

## (ଖ) ଶ୍ଳେଷ ଅଳଙ୍କାର

ପଦରେ ବ୍ୟବହୃତ ଗୋଟିଏ ଶବ୍ଦ ଦୁଇ ବା ତହିଁରୁ ଅଧିକ ଅର୍ଥ ପ୍ରକାଶ କଲେ, ଶ୍ଳେଷ ଅଳଙ୍କାର ହୁଏ। ଏହି ଶ୍ଳେଷ ଅଳଙ୍କାର ତିନି ଭାଗରେ ବିଭକ୍ତ ।

ଯଥା - (୧) ଅଭଙ୍ଗଶ୍ଳେଷ ଅଳଙ୍କାର
(୨) ସଭଙ୍ଗଶ୍ଳେଷ ଅଳଙ୍କାର
(୩) ଭଙ୍ଗାଭଙ୍ଗ ଶ୍ଳେଷ ଅଳଙ୍କାର

(୧) ଯେଉଁ ପଦରେ ପଦଟି ଖଣ୍ଡିତ ନହୋଇ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ, ସେଠାରେ ଅଭଙ୍ଗ ଶେଷ୍ଳ ଅଳଙ୍କାର ହୁଏ।

ଯଥା - ପ୍ରିୟମ୍ବଦା ହସି ବୋଇଲା, ନରେଶ,
କିଦେଇ ସଖୀ ଆମ୍ଭର,
ତପସ୍ୱିନୀ କନ୍ୟା ତାପସ-ନିକୁଞ୍ଜ
ତୋଷିବ ଅତିଥି-ବର । (ପ୍ରଣୟବଲ୍ଲରୀ)

ଏହି ପଦରେ ବର ଶବ୍ଦଟି ଖଣ୍ଡିତ ନ ହୋଇ ଦୁଇଟି ଅର୍ଥ ପ୍ରକାଶ କରୁଛି। ବର ଶବ୍ଦର ପ୍ରଥମ ଅର୍ଥ ଶ୍ରେଷ୍ଠ ଏବଂ ଦ୍ୱିତୀୟ ଅର୍ଥ ସ୍ୱାମୀ। ଏହି ଦୁଇଟି ଅର୍ଥ ନେଇ ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଛନ୍ତି। ଏଣୁ ଏଠାରେ ଅଭଙ୍ଗ ଶ୍ଳେଷ ଅଳଙ୍କାର ହୋଇଛି ।

**(୨) ସଭଙ୍ଗଶ୍ଳେଷ ଅଳଙ୍କାର**

ଯେଉଁ ପଦରେ ବ୍ୟବହୃତ ଶବ୍ଦ ମାନଙ୍କର ଗୋଟିଏ ଅର୍ଥ ପ୍ରକାଶ ପାଉଥିବା ସମୟରେ ସେହି ଶବ୍ଦ ମାନଙ୍କୁ ଭାଙ୍ଗି ବ୍ୟବହାର କଲେ ଭିନ୍ନ ଅର୍ଥ ପ୍ରକାଶ କରେ ତାହାକୁ ସଭଙ୍ଗଶ୍ଳେଷ ଅଳଙ୍କାର କୁହାଯାଏ ।

ଯଥା - ପାଣିଗ୍ରହଣରୁ ବୁଝିଅଛୁ କାଳି
ସ୍ୱଭାବେ ତୁମ୍ଭେ ଉଦାର,
ବାହୁଲ୍ୟେ ମାତର କହୁଅଛୁଁ ଆମ୍ଭେ
ମୁନିକନ୍ୟା ହେ ଉଦାର । (ପ୍ରଣୟ ବଲ୍ଲରୀ)

ଏହି ପଦଟିରେ 'ପାଣିଗ୍ରହଣ' ଓ 'ହେ ଉଦାର' ଶବ୍ଦ ଦ୍ୱୟ ସାଧାରଣ ଅର୍ଥ ଓ ସଭଙ୍ଗଅର୍ଥ ପ୍ରକାଶ କରୁଛନ୍ତି। ପ୍ରଥମ ପାଣିଗ୍ରହଣର ଅର୍ଥ ଜଳଗ୍ରହଣ ହେବାକୁ ଥିବା ସମୟରେ ପାଣି ଗ୍ରହଣର ଅର୍ଥ ବିବାହ। ସେହିପରି ହେ ଉଦାର କଳି ସମ୍ବୋଧନ କରାଯାଉଥିବା ସମୟରେ ହେ ଉଦାରର ଅର୍ଥ ସ୍ତ୍ରୀ ହୁଅନ୍ତୁ। ଏହିପରି ଭାବରେ ଉକ୍ତ ପଦଟିର ଶବ୍ଦ ଭାଙ୍ଗି ବ୍ୟବହାର କଲେ ଭିନ୍ନ ଅର୍ଥ ପ୍ରକାଶ ପାଉଥିବାରୁ; ଏଠାରେ ସଭଙ୍ଗଶ୍ଳେଷ ଅଳଙ୍କାର ହୋଇଛି।

**(୩) ଭଙ୍ଗାଭଙ୍ଗଶ୍ଳେଷ ଅଳଙ୍କାର**

ଯେଉଁ ପଦରେ ବ୍ୟବହୃତ ଶବ୍ଦମାନଙ୍କୁ ଉଭୟ ଅଭଙ୍ଗ ଓ ସଭଙ୍ଗ ଶ୍ଳେଷ ଥାଏ; ତାହାକୁ ଭଙ୍ଗାଭଙ୍ଗ ଶ୍ଳେଷ ଅଳଙ୍କାର କୁହାଯାଏ। ଭଙ୍ଗାଭଙ୍ଗ ଶ୍ଳେଷ ଅଳଙ୍କାରରେ ଅଭଙ୍ଗ ଭାଗରେ ପଦଟି ଏକ ଅର୍ଥ ପ୍ରକାଶ କରୁଥିବା। ସମୟରେ ଭଙ୍ଗାଭଙ୍ଗ ଦ୍ୱାରା ଅନ୍ୟ ଏକ ଭିନ୍ନ ଅର୍ଥ ପ୍ରକାଶ ହୋଇଥାଏ।

ଯଥା - ବାବୁ ନାକଶିରୀ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ । (ବୈଦେହୀଶ ବିଳାସ)

ଏହି ପଦଟିର ଅଭଙ୍ଗ ଅର୍ଥ- ନାକଶିର ଦାନ ଅର୍ଥ ସ୍ୱର୍ଗ ସମ୍ପତ୍ତି ପ୍ରଦାନ କରି ଅରଣ୍ୟରେ ବିହାର କରିବା ।

ପଦଟିର ସଭଙ୍ଗ ଅର୍ଥ ହେଲା - ନାକ ଓ କାନ ହର (କର୍ତ୍ତନ କର) ଓ ଆଲିଙ୍ଗନ ନକର। (ବିହାର କାନନ କର ଆଲିଙ୍ଗନକୁ) ବିହାର କାନନ କର ଆଲିଙ୍ଗନଙ୍କୁ ଶବ୍ଦ ଗୁଡ଼ିକ ଅଭଙ୍ଗ ଭାବରେ ଗୋଟିଏ ଅର୍ଥ ପ୍ରଦାନ କରୁଥିବା ସମୟରେ ସଭଙ୍ଗରେ ତାହା ଅନ୍ୟ ଅର୍ଥ ପ୍ରଦାନ କରୁଥିବାରୁ ଏଠାରେ ଭଙ୍ଗାଭଙ୍ଗ ଶ୍ଳେଷ ଅଳଙ୍କାର ହୋଇଛି।

## (ଗ) ଅନୁପ୍ରାସ ଅଳଙ୍କାର

ଏକ ପ୍ରକାର ବ୍ୟଞ୍ଜନ ବର୍ଣ୍ଣର ପୁନଃ ପୁନଃ ଆବୃତ୍ତିକୁ ଅନୁପ୍ରାସ ଅଳଙ୍କାର କୁହାଯାଏ ।

ଯଥା - ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ ନିଳାମ୍ବୁ ଚିଲିକା।

(ଚିଲିକା-ରାଧାନାଥରାୟ)

ଏହିପଦଟିରେ 'କ', 'ଳ', 'ମ' ଆଦି ବ୍ୟଞ୍ଜନ ବର୍ଣ୍ଣ ଗୁଡିକ ପୁନଃ ପୁନଃ ଆବୃତ୍ତି ହେଇଥିବାରୁ ଅନୁପ୍ରାସ ଅଳଙ୍କାର ହୋଇଛି।

ଅନୁପ୍ରାସ ଅଳଙ୍କାରଙ୍କୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଥାଏ। ସେଗୁଡ଼ିକ ଯଥାକ୍ରମେ-

(୧) ଛେକାନୁପ୍ରାସ ଅଳଙ୍କାର
(୨) ବୃତ୍ୟାନୁପ୍ରାସ ଅଳଙ୍କାର
(୩) ଶ୍ରୁତ୍ୟାନୁପ୍ରାସ ଅଳଙ୍କାର
(୪) ଅନ୍ତ୍ୟାନୁପ୍ରାସ ଅଳଙ୍କାର
(୫) ଲାଟାନୁପ୍ରାସ ଅଳଙ୍କାର

## (୧) ଛେକାନୁପ୍ରାସ ଅଳଙ୍କାର

ପଦରେ ଏକାଧିକ ବ୍ୟଞ୍ଜନ ବର୍ଣ୍ଣର ସାମ୍ୟ ଥାଇ ପର୍ଯ୍ୟାୟକ୍ରମେ ପୁନଃ ପୁନଃ ଆବୃତ୍ତି ହେଲେ ତାହାକୁ ଛେକାନୁପ୍ରାସ ଅଳଙ୍କାର କୁହାଯାଏ।

ଯଥା - ଦେଖି ନବ କାଳିକା ବକାଳିକା ମାଳିକା
ଆଳି କାଳିବା କାନ୍ତ ସ୍ମରି।
ରକ୍ଷା କେମନ୍ତ କରି କରିବ ମତ୍ତ କରୀ
ଗତିକି ଏମନ୍ତ ବିଚାରି।

ଗୋ ସହଚରି
ଭାବେ ବଞ୍ଚିଲେ ଏ କାଳକୁ,
କଥା ଥିବ କାଳ କାଳକୁ
ଏକେତେ କ୍ଷୀଣ ଦିନ ହେଲା ଦୁର୍ଦ୍ଦିନ
ଦିନ ନଳଭୁଁ ବଲ୍ଲଭ ମେଳକୁ
ଗୋ ସହଚରୀ ।                (ଲାବଣ୍ୟବତୀ-ଉପେନ୍ଦ୍ରଭଞ୍ଜ)

ଏଠାରେ 'କ', 'ଳ', ଓ 'ର' ପର୍ଯ୍ୟାୟକ୍ରମେ ପୁନଃ ପୁନଃ ଆବୃତ୍ତି ହୋଇଥିବାରୁ,ଛେକାନୁପ୍ରାସ ଅଳଙ୍କାର ହୋଇଛି ।

## (୨) ବୃତ୍ତ୍ୟାନୁପ୍ରାସ ଅଳଙ୍କାର

ଯେଉଁ ପଦରେ ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ କ୍ରମରହିତ ଅଥବା ପର୍ଯ୍ୟାୟକ୍ରମେ ବ୍ୟବହୃତ ନହୋଇ ମଧ୍ୟ ପୁନଃ ପୁନଃ ବ୍ୟବହୃତ ହୁଏ, ତାହାକୁ ବୃତ୍ତ୍ୟାନୁପ୍ରାସ ଅଳଙ୍କାର କୁହାଯାଏ ।

ଯଥା -    ମଙ୍ଗଳେ ଅଇଲା ଉଷା                ବିକଚ-ରାଜୀବ-ଦୃଶା
ଜାନକୀ-ଦର୍ଶନ ତୃଷା ହୃଦୟେ ବହି
କର ପଲ୍ଲବେ ନୀହାର                ମୁକ୍ତାଧରି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି,
କଳକଣ୍ଠ କଣ୍ଠେ କହିଲା,
ଦରଶନ ଦିଅ ସତୀ ରାତି ପାହିଲା । (ତପସ୍ୱିନୀ-ଗଙ୍ଗାଧର ମେହେର)

ଏହି ପଦଟିରେ ଶ, ରଣ, ତ, ହ ଆଦିବ୍ୟଞ୍ଜନ ବର୍ଣ୍ଣଗୁଡିକରେ ପୁନଃ ପୁନଃ ଆବୃତ୍ତି ଘଟିଥିବାରୁ ଏଠାରେ ବୃତ୍ତ୍ୟାନୁପ୍ରାସ ଅଳଙ୍କାର ହୋଇଛି ।

## (୩) ଶ୍ରୁତ୍ୟାନୁପ୍ରାସ ଅଳଙ୍କାର

ଗୋଟିଏ ପଦରେ ତାଲୁ, ଦନ୍ତ, ମୁର୍ଦ୍ଧା ବା ଓଷ୍ଠ ଆଦି ସ୍ଥାନରୁ ଉଚ୍ଚାରିତ ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକର ପୁନଃ ପୁନଃ ଆବୃତ୍ତି ହେଲେ, ଶ୍ରୁତ୍ୟାନୁପ୍ରାସ ଅଳଙ୍କାର ହୋଇଥାଏ ।

ଯଥା -        ପୁଷ୍ପପତି ପବି ପ୍ରଭାପ୍ରଭ ଭ୍ରମୁଭାବେ ଭୁବି
ଭୀମ ବାଷ୍ପଭବ ଭବେ ଭବ ଭାବି ଭାବି ।

(ପ୍ରେମ ସୁଧାନିଧି- ଉପନ୍ଦ୍ରେ ଭଞ୍ଜ)

ଉପରୋକ୍ତ ପଦଟିରେ ଓଷ୍ଠ ବର୍ଣ୍ଣ, ପ,ବ ଓ ଭପୁନଃ ପୁନଃ ବ୍ୟବହୃତ ହୋଇଥିବାରୁ, ଏଠାରେ ଶ୍ରୁତ୍ୟାନୁପ୍ରାସ ଅଳଙ୍କାର ହୋଇଛି ।

### (୪) ଅନ୍ତ୍ୟାନୁପ୍ରାସ ଅଳଙ୍କାର

ଯେଉଁ ପଦରେ ପାଦରେ ପାଦର ଶେଷ ବା ଅନ୍ତ୍ୟବର୍ଣ୍ଣ ଓ ଉପାନ୍ତ୍ୟବର୍ଣ୍ଣ ସମତା ରହି ବ୍ୟଞ୍ଜନବର୍ଣ୍ଣର ପୁନଃ ପୁନଃ ଆବୃତ୍ତି ହୋଇଥାଏ, ସେଠାରେ ଅନ୍ତ୍ୟାନୁପ୍ରାସ ହୁଏ ।

ଯଥା - ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ ନିଳାମ୍ବୁ ଚିଲିକା । (ଚିଲିକା-ରାଧାନାଥ ରାୟ)

ଉପରୋକ୍ତ ପଦଟିରେ ପ୍ରଥମ ଓ ଦ୍ୱିତୀୟ ପାଦରେ ଅନ୍ତ୍ୟବର୍ଣ୍ଣ କା ଏବଂ ଉପାନ୍ତ ସ୍ୱରବର୍ଣ୍ଣ 'ଇ' ର ସାମ୍ୟ ରହିଥିବାରୁ, ଏହାକୁ ଅନ୍ତ୍ୟାନୁପ୍ରାସ ଅଳଙ୍କାର କୁହାଯାଏ।

### (୫) ଲାଟାନୁପ୍ରାସ ଅଳଙ୍କାର

ପଦ ମଧ୍ୟରେ ବ୍ୟବହୃତ ଶବ୍ଦ ଗୁଡିକ ଅର୍ଥରେ ଭିନ୍ନତା ନଥାଇ ଭିନ୍ନ ଭିନ୍ନ ତାତ୍ପର୍ଯ୍ୟରେ ବ୍ୟବହୃତ ହେଲେ ଲାଟାନୁପ୍ରାସ ଅଳଙ୍କାର ହୁଏ।

ଯଥା - 'ତୋଳି ଦେଲା ଗଡି ଯାଉଥିବା ଫୁଲ, ଫୁଲ-ବରଣା'।
(ଉଷା-ରାଧାନାଥ)

ଏଠାରେ ଫୁଲଶବ୍ଦ ଏକ ଅର୍ଥରେ ତାତ୍ପର୍ଯ୍ୟଗତ ପାର୍ଥକ୍ୟ ଥାଇ ବ୍ୟବହାର ହୋଇଛି। ପ୍ରଥମ ଫୁଲ ବିଶେଷ୍ୟ ଓ ଦ୍ୱିତୀୟଫୁଲ କର୍ତ୍ତାକାରକ।

## ୩.୬ ଅର୍ଥାଳଙ୍କାର ; ଉପମା, ରୂପକ, ଉତ୍ପ୍ରେକ୍ଷା, ଅର୍ଥାନ୍ତରନ୍ୟାସ

### (କ) ଉପମା ଅଳଙ୍କାର

ସମାନ ଧର୍ମ ଧାରଣ କରିଥିବା ଦୁଇଟି ବସ୍ତୁ ମଧ୍ୟରେ ସାଦୃଶ୍ୟ କଥିତ ହେଲେ ସେଠାରେ ଉପମା ଅଳଙ୍କାର ହୁଏ। ଯେଉଁ ବସ୍ତୁକୁ ବର୍ଣ୍ଣନା ବା ତୁଳନା କରାଯାଏ ତାହାକୁ ଉପମେୟ କୁହାଯାଏ। ଯେଉଁ ପ୍ରସିଦ୍ଧ ବସ୍ତୁ ସହିତ ଏହାର ତୁଳନା କରାଯାଏ, ତାହାକୁ ଉପମାନ କୁହାଯାଏ। ଯେଉଁ ସମାନ ଧର୍ମ ନିମିତ୍ତ ଦୁଇ ବସ୍ତୁ ମଧ୍ୟରେ ସାଦୃଶ୍ୟର ବର୍ଣ୍ଣନା କରାଯାଇଥାଏ ତାହାକୁ ସାଧାରଣ ଧର୍ମ କୁହାଯାଏ। ଉପମାନ ଓ ଉପମେୟର ସାଦୃଶ୍ୟ କଥନ କରୁଥିବା ଶବ୍ଦ ଗୁଡିକୁ ଉପମାବାଚକ ଶବ୍ଦ କୁହାଯାଏ।

ଯଥା - ଭଗ୍ନ ଘଟୁ ଆହା ସଲୀଳ ଯେସନ
ବହି ଯାଉଅଛି ଆୟୁ ପ୍ରତିକ୍ଷଣ । (ଦରବାର- ରାଧାନାଥ ରାୟ)

ଉପରୋକ୍ତ ପଦଟିରେ ଆୟୁ ଉପମେୟ ଓ ସଲୀଳ (ଜଳ) ଉପମାନ। ବହିଯାଉଅଛି ସାଧାରଣ ଧର୍ମ ଓ ଯେସନ ଉପମା ବାଚକ ଶବ୍ଦ। ଘଟଟି ଭାଙ୍ଗିଗଲେ ଯେପରି ଘଟଟିରୁ ଜଳ ବହିଯାଏ ସେହିପରି ଆୟୁ ପ୍ରତିକ୍ଷଣ

ବହିଯାଉଅଛି। ଆୟୁ ବହିଯିବାକୁ ସମାନଧର୍ମ ରହିଥିବା ଭଗ୍ନଘଟରେ ଜଳ ସହିତ ସାଦୃଶ୍ୟ ହୋଇଛି। ଏଣୁ ଏଠାରେ ଉପମା ଅଳଙ୍କାର ହୋଇଛି।

ଉପମା ଅଳଙ୍କାରକୁ ତିନିଭାଗରେ ବିଭକ୍ତ କରାଯାଇଥାଏ: (୧) ପୂର୍ଣ୍ଣୋପମା ଅଳଙ୍କାର, ଲୁପ୍ତୋପମା ଅଳଙ୍କାର, ମାଳୋପମା ଅଳଙ୍କାର

## (୧) ପୂର୍ଣ୍ଣୋପମା ଅଳଙ୍କାର

ଯେଉଁ ପଦଟିରେ ଉପମା ଅଳଙ୍କାରର ସମସ୍ତ ଗୁଣ ଗୁଡିକର ସ୍ପଷ୍ଟ ଉଲ୍ଲେଖ ଥାଏ। ଯଥା- ଉପମେୟ, ଉପମାନ, ସାଧାରଣ ଧର୍ମ ଓ ଉପମା ବାଚକ ଶବ୍ଦ ର ସ୍ପଷ୍ଟ ଉଲ୍ଲେଖ ଥାଏ ସେଠାରେ ପୂର୍ଣ୍ଣୋପମା ଅଳଙ୍କାର ହୋଇଥାଏ।

ପୂର୍ବରୁ ଦିଆଯାଇଥିବା ଉଦାହରଣ ;-

ଭଗ୍ନ ଘଟୁ ଆହା ସଲୀଳ ଯେସନ
ବହିଯାଉଅଛି ଆୟୁ ପ୍ରତିକ୍ଷଣ।

ଏହା ଏକ ପୂର୍ଣ୍ଣୋପମା ଅଳଙ୍କାର ଅଟେ। କାରଣ ଏଠାରେ ଉପମେୟ, ଉପମାନ, ସାଧାରଣ ଧର୍ମ ଓ ଉପମା ବାଚକ ଶବ୍ଦର ସ୍ପଷ୍ଟ ଉଲ୍ଲେଖ ଅଛି ।

ଏହି ପଦଟିରେ - (୧) ଉପମେୟ - ଆୟୁ
(୨) ଉପମା - ଜଳ
(୩) ସାଧାରଣଧର୍ମ - ବହିଯିବା
(୪) ଉପମା ବାଚକ ଶବ୍ଦ - ଯେସନ

ଉପମେୟ, ଉପମାନ, ସାଧାରଣ ଧର୍ମ ଓ ଉପମାବାଚକ ଶବ୍ଦର ସ୍ପଷ୍ଟ ଉଲ୍ଲେଖ ଥିବାରୁ ଏଠାରେ ପୂର୍ଣ୍ଣୋପମା ଅଳଙ୍କାର ହୋଇଛି ।

## (୨) ଲୁପ୍ତୋପମା ଅଳଙ୍କାର

ଯେଉଁ ପଦରେ ଉପମେୟ, ଉପମାନ, ସାଧାରଣ ଧର୍ମ ଓ ଉପମାବାଚକ ଶବ୍ଦ ଅଥବା ସାଧାରଣ ଧର୍ମ ମଧ୍ୟରୁ ଏବଂ ବା ଏକାଧିକ ଲକ୍ଷଣ ଲୁପ୍ତ ହୋଇଥାଏ; ତାହାକୁ ଲୁପ୍ତୋପମା ଅଳଙ୍କାର କୁହାଯାଏ ।

ଯଥା - ଚାରୁ ଚନ୍ଦ୍ରାନନା ଚମ୍ପକବରଣା କାଲି ଏହି ବାଟେ ଗଲା,
ଚନ୍ଦ୍ର ଅବତଂସ ନନ୍ଦନ ଜନମ ତିଥି ମୋତେ କଲା ।

ଏହି ପଦଟିରେ ଉପମାନ ଓ ଉପମେୟର ସ୍ପଷ୍ଟ ଉଲ୍ଲେଖ ଥିବା ସମୟରେ ସାଧାରଣଧର୍ମ ଏବଂ ଉପମାବାଚକ ଶବ୍ଦର ଲୁପ୍ତ ଘଟିଛି ।

ଏହି ପଦଟିରେ - ଉପମାନ - ଚାରୁ ଚନ୍ଦ୍ରନନା ଚମ୍ପକରଣା (ଗୋରୀ ସୁନ୍ଦରୀ)
ଉପମେୟ - ଚନ୍ଦ ଅବତଂସ ନନ୍ଦନ ଜନମ ତିଥି ଚନ୍ଦ୍ର
(ଚନ୍ଦ୍ର ଅବତଂସ - ମହାଦେବ
ଚନ୍ଦ୍ର ଅବତଂସ ନନ୍ଦନ - ଗଣେଶ
ଜନମତିଥି - ଗଣେଶ ଚତୁର୍ଥୀ
ଜନମତିଥି ଚନ୍ଦ୍ର - ଗଣେଶ ଚତୁର୍ଥୀ ଚନ୍ଦ୍ର)

ଗଣେଶ ଚତୁର୍ଥୀର ଚନ୍ଦ୍ରକୁ ଯେପରି କେହି ଚାହାଁନ୍ତି ନାହିଁ ସେହିପରି ଗୋରୀ ସୁନ୍ଦରୀ କାଲି ଏହି ରାସ୍ତାରେ ଯିବା ସମୟରେ ମୋତେ ଚାହିଁନଥିଲା - ପଦଟିରେ ଏହା ସଂପର୍କ ।

ଏଥିରେ ଲୁପ୍ତଥିବା ସାଧାରଣ ଧର୍ମ- ନଚାହିଁବା

## (ଗ) ମାଳୋପମା ଅଳଙ୍କାର

ଗୋଟିଏ ଉପମେୟର ଏକାଧିକ ଉପମାନ ଥିଲେ ମାଳୋପମା ଅଳଙ୍କାର ହୋଇଥାଏ।

ଯଥା - ମିଶିଯାଏ ଯଥା ପ୍ରଭାତୀ ତାରା ରବି - କିରଣେ,
ମିଶିଯାଏ ଯଥା ଜୀବାତ୍ମା ବିଶ୍ୱ-ଆତ୍ମା ଚରଣେ,
ମିଶିଯାଏ ଯଥା ଚପଳା ନୀଳ ଜଳଦ ଅଙ୍ଗେ,
ମିଶିଗଲା ତଥା ଅବଳା ସେହି ନୀଳ ତରଙ୍ଗେ ।

(ଚନ୍ଦ୍ରଭାଗା-ରାଧାନାଥ ରାୟ)

ଏଠାରେ ଉପମେୟ ଅବଳା ସହିତ ଏକାଧିକ ଉପମାନ -

ପ୍ରଭାତୀ ତାରା, ଜୀବାତ୍ମା, ଚପଳା ଆଦିର ବ୍ୟବହାର ହୋଇଥିବାରୁ ମାଳୋପମା ହୋଇଛି । ମାଳୋପମାରେ ମିଶିଯିବା ସାଧାରଣ ଧର୍ମ; ଯଥା ଓ ତଥା ଉପମାନବାଚକ ଶବ୍ଦ ।

## (ଖ) ରୂପକ ଅଳଙ୍କାର

ଉପମାନ ଓ ଉପମେୟର ଅଭେଦ କଥନକୁ ରୂପକ ଅଳଙ୍କାର କୁହାଯାଏ। ରୂପକ ଅଳଙ୍କାରରେ 'ପରି' ଯଥା, 'ଯେପରି' ପ୍ରଭୃତି ଉପମାବାଚକ ଶବ୍ଦ ପ୍ରୟୋଗ ହୋଇନଥାଏ।

ଯଥା - ଆଶା ପାରିଜାତ ଫୁଟିବ ହୃଦନନ୍ଦନ ବନେ
ଜ୍ଞାନ ଭକ୍ତି କର୍ମ ସୌରଭ ବ୍ୟାପିଯିବ ଭୁବନ।

(କୁସୁମାଞ୍ଜଳି - ଭକ୍ତକବି ମଧୁସୂଦନ ରାଏ)

ଉପରୋକ୍ତ ପଦଟିରେ ଭକ୍ତ କବି ମଧୁସୁଦନ ରାୟ ହୃଦୟକୁ ନନ୍ଦନ ସହ ଅଭେଦ ଭାବରେ ଦର୍ଶାଇଛନ୍ତି। ଏଣୁ ଏଠାରେ ରୂପକ ଅଳଙ୍କାର ହୋଇଛି। ହୃଦୟ ରୂପକ ନନ୍ଦନ ବନରେ ଆଶାପାରିଜାତ ପୁଷ୍ପ ପ୍ରସ୍ଫୁଟିତ ହେବା କଥା କବି ଉଲ୍ଲେଖ କରିଛନ୍ତି। ହୃଦୟ ଓ ନନ୍ଦନବନ ମଧ୍ୟରେ କୌଣସି ପାର୍ଥକ୍ୟ ନଥିବାରୁ ଏଠାରେ ରୂପକ

ଅଳଙ୍କାର ହୋଇଛି । ଉପମା ଓ ରୂପକ ଅଳଙ୍କାର ଏକ ପ୍ରକାର । ଉପମା ଅଳଙ୍କାରରେ ସାଦୃଶ୍ୟ କଥନ ହେଉଥିବା ସମୟରେ ରୂପକ ଅଳଙ୍କାରରେ ଅଭେଦ କଥନ ହୁଏ । ଉପମା ଅଳଙ୍କାରରେ ଉପମାବାଚକ ଶବ୍ଦ ବ୍ୟବହାର ହେଉଥିବା ସମୟରେ ରୂପକ ଅଳଙ୍କାରରେ ତାହା ହୁଏ ନାହିଁ । ଉପମାନ ଓ ଉପମେୟ ମଧ୍ୟରେ ସଂପୂର୍ଣ୍ଣ ଅଭେଦ କଥନ ହିଁ ରୂପକ ଅଳଙ୍କାର ।

ରୂପକ ଅଳଙ୍କାର ତିନି ଭାଗରେ ବିଭକ୍ତ -

(୧) ପାରମ୍ପରିତ ରୂପକ ଅଳଙ୍କାର
(୨) ସାଙ୍ଗ ରୂପକ ଅଳଙ୍କାର
(୩) ନିରଙ୍ଗ ରୂପକ ଅଳଙ୍କାର

## (୧) ପାରମ୍ପାରିତ ରୂପକ ଅଳଙ୍କାର

ଯେଉଁ ପଦରେ ଗୋଟିଏ ବସ୍ତୁରେ ଆରୋପ ନିମିତ୍ତ ଅନ୍ୟ ଏକ ନବବସ୍ତୁର ଆରୋପର ଆବଶ୍ୟକତା ହୋଇଥାଏ । ସେଠାରେ ପାରମ୍ପାରିତ ରୂପକ ହୁଏ ।

ଯଥା - ଦରିଦ୍ରତା - ପଙ୍କପୂର୍ଣ୍ଣ ମୋ ଜୀବନ ସହ
ଜଞ୍ଜାଳ - ଜଳଦ-ଜଳେ ଆବିଳ ଉଦର ।

(ତପସ୍ୱିନୀ- ସ୍ୱଭାବକବି ଗଙ୍ଗାଧର ମେହେର)

ଉପରୋକ୍ତ ପଦଟିରେ ଦରିଦ୍ରତା ସହିତ ପଙ୍କର ଆରୋପ ବା ଅଭେଦ କଥନ ହୋଇଥିବାରୁ ଜୀବନ ସହ ଜଞ୍ଜାଳ ସହ ଜଳଦ-ଜଳର ଆରୋପ ବା ଅଭେଦ କଥନ ହୋଇଛି । ଏହାର ଅର୍ଥ ଗୋଟିଏ ଆରୋପ (ଦରିଦ୍ରତା-ପଙ୍କ) ଅଦ୍ୟ ଦୁଇଟି ଆରୋପଣର କାରଣ (୧-ଜୀବନ-ସର, ୨-ଜଞ୍ଜାଳ-ଜଳଦ ଜଳେ) ହୋଇଛି । ଏଣୁ ଏଠାରେ ପାରମ୍ପରିତ ରୂପକ ଅଳଙ୍କାର ହୋଇଛି ।

## (୨) ସାଙ୍ଗ ରୂପକ ଅଳଙ୍କାର

ଯେଉଁଠାରେ ଅଙ୍ଗରେ କୌଣସି ବସ୍ତୁର ଆରୋପ କରାଯାଇ ତାହାର ଅଙ୍ଗୀଭୂତ ବସ୍ତୁମାନଙ୍କରେ ଅନ୍ୟ ସବୁ ବସ୍ତୁମାନଙ୍କର ଆରୋପ କରାଯାଇଥାଏ, ସେଠାରେ ସାଙ୍ଗରୂପକ ଅଳଙ୍କାର ହୁଏ ।

ଯଥା - କବିତା ବନିତା କବିତା ପିତା
କହିବା ଲୋକ ତାର ଉପମାତା
କଲେ ତାକୁ ଭୋଗ ରସିକ ନେତା
କେତେ ହେଁ ଅବା ରହଇ ଯୋଗ୍ୟତା
କୁମତି ଗୁଁଆର
କେବଳ ବଇମାତ୍ର ଭାଇ ତାର ।

(ରସକଲ୍ଲୋଳ-ଦୀନକୃଷ୍ଣ ଦାସ)

ଉପରୋକ୍ତ ପଦଟିରେ କବିତାକୁ ବନିତା ସହ ଆରୋପିତ କରାଯାଇଥିବାରୁ କବି କୁ ପିତା ଭାବରେ ଆରୋପିତ କରାଯାଇଅଛି। ଏଣୁ ଏଠାରେ ସାଙ୍ଗ ରୂପକ ଅଳଙ୍କାର ହୋଇଛି ।

### (୩) ନିରଙ୍ଗ ରୂପ ଅଳଙ୍କାର

ଯେଉଁଠାରେ ଗୋଟିଏ ଉପମେୟର ଏକମାତ୍ର ଉପମାନର ଆରୋପ ବା ଅଭେଦ କଥନ ହୋଇଥାଏ; ସେଠାରେ ନିରଙ୍ଗ ରୂପକ ଅଳଙ୍କାର ହୁଏ।

ଯଥା – ବଦନ-ଦୀଧିତି ଥରେ ଚାହିଁ ତାଙ୍କ
ମୁଖ କଲା ଅବନ,
ଲାଜକୁଳି ଲତା ଅଙ୍ଗେ କି ସହସା
ଲାଗିଗଲା କାହା ହସ୍ତ ?

(ପ୍ରଣୟବଲ୍ଲରୀ-ସ୍ୱଭାବ କବି ଗଙ୍ଗାଧର ମେହେର)

ଉପରୋକ୍ତ ପଦଟିରେ ବଦନ ସହିତ ଦୀଧିତିର ଅଭେଦ କଳ୍ପନା କରାଯାଇଥିବାରୁ ଏଠାରେ ନିରଙ୍ଗ ରୂପକ ଅଳଙ୍କାର ହୋଇଛି।

### (ଗ) ଉତ୍ପ୍ରେକ୍ଷା ଅଳଙ୍କାର

ପ୍ରକୃତ ପଦାର୍ଥରେ ଅପ୍ରକୃତ ପଦାର୍ଥର ତୁଳନା କରାଗଲେ ଉତ୍ପ୍ରେକ୍ଷା ଅଳଙ୍କାର ହୋଇଥାଏ। ରୂପକ ଅଳଙ୍କାରରେ ଉପମେୟରେ ଉପମାନର ଅଭେଦ କଳ୍ପନା କରାଯାଇଥାଏ। ମାତ୍ର ଉତ୍ପ୍ରେକ୍ଷା ଅଳଙ୍କାରରେ ଉପମେୟ ଓ ଉପମାନର ସମ୍ଭାବନା (ତର୍କଣା) କରାଯାଇଥାଏ। ଏହି ଅଳଙ୍କାରରେ କି, ଅବା, ସତେବା, ବୋଧେ ପ୍ରଭୃତି ବାଚକ ଶବ୍ଦ ବ୍ୟବହାର ହୋଇଥାଏ।

ଯଥା – ଚୁମ୍ବି ଚରଣକୁ ଚିକୁର-
ରାଜି ଦୋଳେ ଚରମେ,
ମଦନ-କେତନ ଉଡଇ
କିବା ଶୋଭା-ଆଶ୍ରମେ ।

(ଚନ୍ଦ୍ରଭାଗା – କବିବର ରାଧାନାଥ ରାୟ)

ଏହି ପଦଟିରେ ନାୟିକା ଚନ୍ଦ୍ରଭାଗାର ଚିକୁର ରାଜି (କେଶଗୁଚ୍ଛକୁ) ଶୋଭା-ଆଶ୍ରମର ମଦନ-କେତନ ସହ ତର୍କଣା କରାଯାଇଛି। ଏହି ପଦଟିରେ ବାଚକ ଶବ୍ଦ 'କିବା' ବ୍ୟବହାର ହୋଇଛି। ଏଣୁ ଏଠାରେ ଉତ୍ପ୍ରେକ୍ଷା ଅଳଙ୍କାର ହୋଇଛି।

ଉତ୍ପ୍ରେକ୍ଷା ଅଳଙ୍କାର ଦୁଇ ଭାଗରେ ବିଭକ୍ତ – ବାଚ୍ୟୋତ୍ପ୍ରେକ୍ଷା ଅଳଙ୍କାର ଓ ପ୍ରତୀୟମାନ ଉତ୍ପ୍ରେକ୍ଷା ଅଳଙ୍କାର

## (୧) ବାଚ୍ୟୋତ୍ପ୍ରେକ୍ଷା ଅଳଙ୍କାର

ଯେଉଁ ପଦରେ ବାଚକ ଶବ୍ଦ (କି,ଅବା, ସତେ,ଯେବେ, ବା,ବୋଧେ) ବ୍ୟବହୃତ ହୋଇ ଉତ୍ପ୍ରେକ୍ଷା ଅଳଙ୍କାର ହୋଇଥାଏ, ସେହି ଅଳଙ୍କାରକୁ ବାଚ୍ୟୋତ୍ପ୍ରେକ୍ଷା ଅଳଙ୍କାର କୁହାଯାଏ ।

ଯଥା - ଶ୍ୱେତାଙ୍ଗ ଚଢ଼ାଇଗୁହା ସମୁଦ୍‌ଗତ
ନୀର ଭେଦ କିବା ଉଠେ ଐରାବତ ।
(ଚିଲିକା - କବିବର ରାଧାନାଥ ରାୟ)

ଏହି ପଦଟିରେ ପ୍ରକୃତ ବସ୍ତୁ ଶ୍ୱେତାଙ୍ଗ ଚଢେଇଗୁହା ସହ ଅପ୍ରକୃତ ବସ୍ତୁ ଐରାବତ ସହ ତର୍କଣା କରାଯିବା ସଙ୍ଗେ ବାଚକ ଶବ୍ଦ 'କିବା' ବ୍ୟବହୃତ ହୋଇଥିବାରୁ, ଏଠାରେ ବାଚ୍ୟୋତ୍ପ୍ରେକ୍ଷା ଅଳଙ୍କାର ହେଲା।

## (୨) ପ୍ରତୀୟମାନ ଉତ୍ପେକ୍ଷା ଅଳଙ୍କାର

ଯଥା - ସଖୀ ଅନିନ୍ଦ୍ୟାଙ୍ଗୀ କାନ୍ଦେ ପାର୍ଶ୍ୱେ
ସୌନ୍ଦର୍ଯ୍ୟେ କାନନ ଜ୍ୟୋତି,
କମଳ-ନୟନୁ ଅବିରଳେ ଝରେ
ଅମଳ କରୁଣା - ମୋତି (ଉର୍ବଶୀ)

ଏହି ପଦଟିରେ ସଖାହୀନା ଉର୍ବଶୀକୁ ଦେଖି ତାଙ୍କର ସଖୀ କ୍ରନ୍ଦନ କରୁଛନ୍ତି। ଦୁଃଖରେ ସଖୀଙ୍କ ନୟନରୁ ଖସି ପଡୁଥିବା ଅଶ୍ରୁବିନ୍ଦୁକୁ ମୋତି ଭାବରେ (କମଳ ନୟନୁ ଅବିରଳ ଝରେ ଅମଳ କରୁଣା-ମୋତ) ତର୍କଣା କରାଯାଇଛି; ମାତ୍ର ଏଠାରେ କୌଣସି ବାଚକ ଶବ୍ଦ ବ୍ୟବହାର କରାଯାଇନାହିଁ। ତେଣୁ ଏହା ପ୍ରତୀୟମାନ ଉତ୍ପ୍ରେକ୍ଷା ଅଳଙ୍କାର।

## (ଘ) ଅର୍ଥାନ୍ତରନ୍ୟାସ ଅଳଙ୍କାର

ଗୋଟିଏ ତଥ୍ୟକୁ ଅନ୍ୟ ତଥ୍ୟ ଦ୍ୱାରା ସମର୍ଥନ କରାଗଲେ ସେଠାରେ ଅର୍ଥାନ୍ତରନ୍ୟାସ ଅଳଙ୍କାର ହୁଏ।

ଯଥା - କଳଙ୍କହିଁ ଥାଇ କଳାକାର-କୋଳେ
କରଇ ନେତ୍ର ରଞ୍ଜନ,
ସ୍ୱଭାବ-ସୁନ୍ଦର ଅଙ୍ଗକୁ ଜଗତେ
ନହୁଏ କିସ ମଣ୍ଡନ ?
(ପ୍ରଣୟ ବଲ୍ଲରୀ- ଗଙ୍ଗାଧର ମେହେର)

ଏଠାରେ ସୁନ୍ଦର ଅଙ୍ଗରେ ଯାହା ପରିଧାନ କଲେ ସୁନ୍ଦର ଦେଖାଯାଏ - ଉକ୍ତିକୁ ଚନ୍ଦ୍ରରେ କଳଙ୍କ ଥିଲେ ମଧ୍ୟ ତାହା ଆଖିକୁ ସୁନ୍ଦର ଦେଖାଯାଏ ଉକ୍ତି ଦ୍ୱାରା ସମର୍ଥନ କରାଯାଇଥିବାରୁ; ଏଠାରେ ଅର୍ଥାନ୍ତରନ୍ୟାସ ଅଳଙ୍କାର ହେଲା।

**ସ୍ମରଣ :** ଗୋଟିଏ ବସ୍ତୁର ଦର୍ଶନ ଦ୍ୱାରା ଆଉ ଏକ ବସ୍ତୁର ଯଦି ସ୍ମରଣ ହୁଏ, ସେଠାରେ ସ୍ମରଣ ଅଳଙ୍କାର ହୁଏ। ଅନେକତ୍ର ଗୋଟିଏ ବସ୍ତୁର ସ୍ମରଣ ଦ୍ୱାରା ତାହାର ବିରୋଧୀ ବସ୍ତୁର ସ୍ମରଣ ଘଟିଲେ ମଧ ତାହାକୁ ସ୍ମରଣ ଅଳଙ୍କାର କୁହାଯାଇଥାଏ।

ଯଥା : ଚନ୍ଦ୍ରିକା ସ୍ପନ୍ଦନେ ଗିରୀନ୍ଦ୍ରର ଶୋଭା  ଅପ୍‌ସରୀଏ  ଅନୁଭବି,
ସ୍ମରିଲେ ସ୍ୱଜନ୍ମକାଳୀନ ମନ୍ଦର କ୍ଷୁଭିତ କ୍ଷୀରୋଦ ଛବି (ଉର୍ବଶୀ)

ଏଠାରେ ଏକ ବସ୍ତୁ (ଗିରୀଚନ୍ଦ୍ରର ଶୋଭା) ସ୍ମରଣରେ ଅନ୍ୟ ଏକ ବସ୍ତୁ (ମନ୍ଦର କ୍ଷୁଭିତ କ୍ଷୀରୋଦ ଛବି)ର ସ୍ମରଣ କରିଛନ୍ତି।

ସେହିପରି ସ୍ମରଣ ଅଳଙ୍କାରର ଅନ୍ୟ ଏକ ଉଦାହରଣ :

" ମନେ ପଡ଼ନ୍ତେ ବୀର ବାତ ନନ୍ଦନ
ବାତଦେବଙ୍କୁ କଲେ ଅଭିନନ୍ଦନ। (ତପସ୍ୱିନୀ)

ଏଠାରେ ବାତ ନନ୍ଦନ ଅର୍ଥାତ ହନୁମାନଙ୍କୁ ସ୍ମରଣ (ପବନ ପୁତ୍ର) କରିବା ଦ୍ୱାରା ବାତଦେବ (ପବନ ଦେବତାଙ୍କୁ) ସ୍ମରଣ ହେବା କଥା କୁହାଯାଇଛି।

(ଚ) ପ୍ରତୀପ : ପ୍ରକୃତ ଉପମାନକୁ ଉପମେୟ ଭାବରେ କଳ୍ପନା କରାଗଲେ ସେଠାରେ ପ୍ରତୀପ ଅଳଙ୍କାର ହୁଏ। ଏହି ଅଳଙ୍କାରରେ ଉପମାନଙ୍କୁ ଉପେକ୍ଷା କରାଯାଇ ଉପମେୟକୁ ପ୍ରାଧାନ୍ୟ ପ୍ରଦାନ କରାଯାଇଥାଏ।

ଯଥା : ବହୁ ସମୁଦ୍ର ମନ୍ଥନ ଚନ୍ଦ୍ର ଜନମ ଯେଉଁ କାଳେ
ବିହୀନ କ୍ଷୀଣ କଳଙ୍କ ଜାଣ ସେ ହୋଇଥିଲେ।
ବଦନେ ଜାନକୀର ସମାନ ମନ ଜାଣିଟି ବିହି
ବିମ୍ବ ବେଷ୍ଟନ ନୋହିଲା ବର୍ଣ୍ଣ ଭାବେଟି କାଟିଦେଇ।"

(ବୈଦେହୀଶ ବିଳାସ)

ଏଠାରେ ଚନ୍ଦ୍ର (ଉପମାନ) ଅପେକ୍ଷା ଜାନକୀଙ୍କ ମୁଖ ସୌନ୍ଦର୍ଯ୍ୟ (ଉପମେୟ)କୁ ଅଧିକ ପ୍ରଶଂସା କରାଯାଇଥିବାରୁ ପ୍ରତୀପ ଅଳଙ୍କାର ହୋଇଛି।

(ଛ) **ସମାସୋକ୍ତି :** କାର୍ଯ୍ୟ, ଲିଙ୍ଗ ଓ ବିଶେଷଣ ଆଦିର ସମାନ ପ୍ରୟୋଗ ଦ୍ୱାରା ପ୍ରକୃତ ବସ୍ତୁଠାରେ ଅପ୍ରକୃତ ବସ୍ତୁର ଆରୋପ କରାଗଲେ ସମାସୋକ୍ତି ଅଳଙ୍କାର ହୁଏ।

ଯଥା : " ବିହଙ୍ଗମଗଣ ଡାକନ୍ତେ ଗଗନ
ପ୍ରାଙ୍ଗଣେ ତାରକା କୁଳ
ଏକ ପରେ ଏକ ତା'ପରେ ଅନେକ
ଆସି ହୋଇଗଲେ ଠୁଳ।"(ତପସ୍ୱିନୀ)

ଏହି ପଦରେ ପକ୍ଷୀମାନଙ୍କ ଭାବରେ 'ତାରକା'ମାନେ ଏକତ୍ରିତ ହେବା ଦ୍ୱାରା ପ୍ରକୃତ ବସ୍ତୁଠାରେ ଅପ୍ରକୃତ ବସ୍ତୁ ଆରୋପିତ ହୋଇଛି; ଏଣୁ ଏଠାରେ ସମାସୋକ୍ତି ହୋଇଛି।

(ଜ) **ସଙ୍କର :** ଯେଉଁ ପଦରେ ଏକାଧିକ ଅଳଙ୍କାର କ୍ଷୀରନୀର ପ୍ରାୟ ସଂପୂର୍ଣ୍ଣ ଭାବରେ ମିଶି ବର୍ଣ୍ଣିତ ହୋଇଥାନ୍ତି, ସେଠାରେ ସଙ୍କର ଅଳଙ୍କାର ହୋଇଥାଏ।

ଯଥା - କେଉଁ ଗୋପୀ ହସି ବକ୍ରବାଣୀ ଭାଷି ବୋଲେ ଦେଖ ଏ କାମଦୂତୀ
କାମ କାର୍ଯ୍ୟ ସିଦ୍ଧ କରିବାରୁ ବୁଧମାନେ ବୋଲନ୍ତି କାମଦୂତୀ।

ଏହି ପଦରେ ଯମକ ଆଳଙ୍କାର ଏବଂ ଅନୁପ୍ରାସ ଅଳଙ୍କାର ପ୍ରତୀୟମାନୋତ୍‌ପ୍ରେକ୍ଷା ଭାବରେ ବର୍ଣ୍ଣିତ ହୋଇଥିବାରୁ ସଙ୍କର ଅଳଙ୍କାର ହୋଇଛି।

(ଝ) **ସଂସୃଷ୍ଟି :** ଯେଉଁ ପଦରେ ଏକାଧିକ ଆଳଙ୍କାର ନିରପେକ୍ଷ ଭାବରେ ସମ୍ମିଳିତ ହୋଇଥାନ୍ତି, ସେଠାରେ ସଂସୃଷ୍ଟି ଅଳଙ୍କାର ହୁଏ।

ଯଥା : କମ୍ବୁ କଣ୍ଠେ କଉସ୍ତୁଭ ମଣିନାୟକ
କଳୁଷ ଅନ୍ଧାରକୁ ଦୀନ - ନାୟକ।

(ରସ କଲ୍ଲୋଳ)

ଏଠାରେ ପ୍ରଥମ ପାଦରେ ଉପମା ଅଳଙ୍କାର ଓ ଦ୍ୱିତୀୟ ପାଦରେ ଉପମା ଅଳଙ୍କାର ଓ ଦ୍ୱିତୀୟ ପାଦରେ ରୂପକ ଅଳଙ୍କାର ନିରପେକ୍ଷ ଭାବରେ ବର୍ଣ୍ଣନା କରାଯାଇଛି। ଏହି ଦୁଇ ଅଳଙ୍କାର ନିଜର ସ୍ୱାତନ୍ତ୍ର ପ୍ରକାଶ କରୁଛନ୍ତି, ଏଣୁ ଏଠାରେ ସଂସୃଷ୍ଟି ଅଳଙ୍କାର ହୋଇଛି।

(ଟ) **ବିନୋକ୍ତି :** ଗୋଟିଏ ପଦରେ ବର୍ଣ୍ଣନା ସମୟରେ ଯଦି ଗୋଟିଏ ବସ୍ତୁର ଅଭାବରେ ସୁନ୍ଦର ବସ୍ତୁ ଅସୁନ୍ଦର ଓ ରଚିକର ବସ୍ତୁ ଅରଚିକର ମନେହୁଏ ତେବେ ତାହା ବିନୋକ୍ତି ଅଳଙ୍କାର ହୋଇଥାଏ।

ଯଥା : କାନ୍ତ ବିନା କାନ୍ତାପ୍ରାଣ ସ୍ୱଭାବେ ବିକଳ
ବିକଳ ଜୀବନ ମଣେ ଜଗତ ବିଫଳ।

(ତପସ୍ୱିନୀ)

ଏହି ପଦରେ କାନ୍ତବିନା କାନ୍ତାପ୍ରାଣ ହାହାକାର ମନେ ହେବା ସହ ଜୀବନ ବିକଳ ହୋଇ ଉଠିଛି। ଏହି ପଦରେ ଗୋଟିଏ ବସ୍ତୁ (କାନ୍ତ)ର ଅଭାବ ଦ୍ୱାରା ସୁନ୍ଦର ବସ୍ତୁ (କାନ୍ତା) ଅସୁନ୍ଦର ମନେ ହୋଇଛି, ତେଣୁ ଏଠାରେ ବିନୋକ୍ତି ଅଳଙ୍କାର ହୋଇଅଛି।

(ଠ) **ଅତିଶୟୋକ୍ତି :** ଯେଉଁ ପଦରେ ଉପମେୟର ଅଧଃକରଣ କରାଯାଇ ଉପମାନର ସିଦ୍ଧ ଅଧ୍ୟବସାୟ କରାଯାଏ, ସେଠାରେ ଅତିଶୟୋକ୍ତି ଅଳଙ୍କାର ହୁଏ। ଉପମେୟକୁ ଉଲ୍ଲେଖ ନକରି ଉପମାନକୁ ଉଲ୍ଲେଖ କରାଯାଇ ଅଭେଦ କଥନ ବା ବର୍ଣ୍ଣନାକୁ ଅଧ୍ୟବସାୟ କୁହାଯାଏ। ଅତିଶୟୋକ୍ତି ଅଳଙ୍କାରକୁ ଚାରିଭାଗରେ ବିଭକ୍ତ କରାଯାଏ। ଯଥା :-

(୧) ଅଭେଦ ଅତିଶୟୋକ୍ତି, (୨) ଅସମ୍ବନ୍ଧ ଅତିଶୟୋକ୍ତି, (୩) ଅତ୍ୟନ୍ତ ଅତିଶୟୋକ୍ତି ଓ (୪) ସମ୍ଭାବନା ଅତିଶୟୋକ୍ତି।

(୧) **ଅଭେଦ ଅତିଶୟୋକ୍ତି :** ବୃଥା ହାଣୁଥିଲା ମୃଗୀ ଅଙ୍ଗେ ବାଣସିନା ସୁନ୍ଦରୀ
ଚହାଣି ଭଙ୍ଗୀରୁ ଥିଲେ ସେହୁଁ ଯେଣୁ ଆଗହୁଁ ମରି। (ଉଷା)

ଏଠାରେ ବାଣ ଓ ଚହାଣି ମଧ୍ୟରେ ଅଭେଦ କଳ୍ପନା କରାଯାଇ ଥିବାରୁ ଅଭେଦ ଅତିଶୟୋକ୍ତି ଅଳଙ୍କାର ହୋଇଛି।

(୨) **ଅସମ୍ଭବ ଅତିଶୟୋକ୍ତି :**

ଯଥା : ସ୍ୱୟମ୍ଭୁ ବାଣ ଠାବରୁ କର ରଣ କରି ଭୀରୁ
ମଣିରେ ନିର୍ମାଣି ସାରି ଚାରୁ ଚିକୁର
ସିଞ୍ଚାଓ ଦେଲେ ଯେ ପାଣି ଶେଷ କଳା ପଡ଼ି ଶ୍ରେଣୀ
ଭୂତେ ରହି ବିନ୍ଦୁ ବିନ୍ଦୁ ହୋଇ ସୁନ୍ଦର
ସୁଦୃଷ୍ଟି ଏ ରୂପେ ହୁଅଇ
ସୁମତି ଚୂର୍ଣ୍ଣ କୁନ୍ତଳ ବୋଲି ନ କହି।
(ସୁଭଦ୍ରା ପରିଣୟ)

ଏହି ପଦରେ ସୁଭଦ୍ରାଙ୍କ କେଶ ଏବଂ ଚୂର୍ଣ୍ଣ କୁନ୍ତଳ ନିର୍ମାଣରେ ବ୍ରହ୍ମାଙ୍କ ଚରିଭୁଜର ସମ୍ବନ୍ଧ ଥିବା ସମୟରେ ତାହାର ଅସମ୍ବନ୍ଧକୁ ଏଠାରେ ବର୍ଣ୍ଣନା କରାଯାଇଥିବାରୁ, ଅସମ୍ବନ୍ଧ ଅତିଶୟୋକ୍ତି ଅଳଙ୍କାର ହୋଇଅଛି।

(୩) **ଅତ୍ୟନ୍ତ ଅତିସୟୋକ୍ତି :**

ଯଥା : ଉଦ୍ଧବ ! କହିବଟି ଗୋପୀନାଥଙ୍କୁ
କର - ପଲ୍ଲବର କନିଷ୍ଠ ମୁଦ୍ରିକା କଙ୍କଣ ହେଲାଣି କରକୁ।
(ମଥୁରା ମଙ୍ଗଳ)

ଏଠାରେ ମୁଦ୍ରିକା କରକଙ୍କଣ ରୂପେ ଅଧ୍ୟବସାୟ ହୋଇଥିବାରୁ ଅତ୍ୟନ୍ତ ଅତିଶୟୋକ୍ତି ଅଳଙ୍କାର ହୋଇଅଛି।

(୪) **ସମ୍ଭାବନା ଅତିଶୟୋକ୍ତି :**

ମଗଧ ମୈଥିଳେ ଅଙ୍ଗେବଙ୍ଗେ ପୁଣି
ଦେଖିଛି କେତେ ସୁନ୍ଦରୀ
ଏ ଯୋଷା ଚରଣ ଘଷା ପଥରକୁ
ନୋହିବେଟି କେହି ସରି।
ଆନ ନାରୀ ସିନା ମର୍ତ୍ତ୍ୟର ତଟିନୀ
ଏ ଯେ ମନ୍ଦାକିନୀ ଧାରା
ଆନ ନାରୀସିନା ମର୍ତ୍ତ୍ୟର କୁସୁମ
ଏ ଯେ ଗଗନର ତାରା।
(ଯଯାତିକେଶରୀ)

ଏଠାରେ ସୁନ୍ଦରୀ ନାରୀକୁ ମନ୍ଦାକିନୀ ଓ ଗଗନର ତାରା ଭାବରେ ସମ୍ଭାବନା କରାଯାଇଥିବାରୁ ଏଠାରେ ସମ୍ଭାବନା ଅତିଶୟୋକ୍ତି ଅଳଙ୍କାର ହୋଇଅଛି।

(ଡ) **ବିଶେଷୋକ୍ତି :** ଯେଉଁ ବର୍ଣ୍ଣନାରେ କାରଣ ଥାଇ ମଧ୍ୟ କାର୍ଯ୍ୟର ଉତ୍ପତ୍ତି ହୁଏ ନାହିଁ, ତାହାକୁ ବିଶେଷୋକ୍ତି ଅଳଙ୍କାର କୁହାଯାଏ। ବିଶ୍ୱନାଥ କବିରାଜ ବିଶେଷୋକ୍ତି ଅଳଙ୍କାର ସମ୍ପର୍କରେ କହିଛନ୍ତି : 'ସତି ହେତୌ' ଫଳାଭାବେ ବିଶେଷୋକ୍ତିସ୍ତଥା ଦ୍ୱିଧା'।

ଯଥା : " ଖାଉଥିଲେ ଦ୍ରବ୍ୟ ସ୍ୱାଦୁ ନଜାଣେ
ଗନ୍ଧ ଘେନଇ ଉଦାସୀନ ଗୁଣେ
ଦେଖୁଥିଲେ ଆଖି ଚିହ୍ନଇ ନାହିଁ
ଏ କର୍ମ ବୋଲି ସେ କର୍ମ କରଇ
କହୁଁ ଆନ ଭାଷା
ବଳେ ବାହାରେ ପ୍ରୀତିର ପ୍ରଶଂସା। (ବିଦଗ୍ଧ ଚିନ୍ତାମଣି)

ଏଠାରେ ଖାଇବା ଦ୍ୱାରା ସ୍ୱାଦୁ ନ ଜାଣିବା ଏବଂ ଦେଖିବା ଦ୍ୱାରା ଚିହ୍ନି ନ ପାରିବା ଆଦି ଗୁଣର ବର୍ଣ୍ଣନା ଥିବାରୁ ବିଶେଷୋକ୍ତି ଅଳଙ୍କାର ହୋଇଅଛି।

(ଢ) **ସ୍ୱଭାବୋକ୍ତି :** ପ୍ରକୃତ ବସ୍ତୁ ଯଥା ପ୍ରାଣୀ, ପଶୁପକ୍ଷୀ, ଶିଶୁ, ମହିଳା ଇତ୍ୟାଦି ତଥା ପ୍ରକୃତି (ନଦୀ, ପାହାଡ଼, ସାଗର) ସୂକ୍ଷ୍ମ ତଥା ଯଥାର୍ଥ ବର୍ଣ୍ଣନା କରାଯାଇଥିଲେ ସ୍ୱଭାବୋକ୍ତି ଅଳଙ୍କାର ହୋଇଥାଏ।

"ଶିଶୁମାର ଖେଳେ ତରଙ୍ଗେ ଓଲଟି
ଉଠି ବୁଡ଼ଇ ନ ପଡୁ ନେତ୍ରେ ପଟୀ।
କଳାମୁଣ୍ଡ ଜଳେ ଛଟକ ଦେଖାଇ
ବୁଲଇ ମଗର ଏଣେ ତେଣେ ଧାଇଁ।
କୋଟି କୋଟି ଜୀବେ ଲଭନ୍ତି ଜୀବିକା
ତୋ ଦେହେ ଏରୂପେ ବିଚରି, ଚିଲିକା।
କୋଟି କୋଟି ଜୀବେ ଯୋଗାଇ ଆହାର
ନ ସରଇ ତୋର ଅକ୍ଷୟ ଭଣ୍ଡାର।" (ଚିଲିକା)

ଏହି ବର୍ଣ୍ଣନାରେ ଅନ୍ୟ କୌଣସି ଅଳଙ୍କାର ପ୍ରୟୋଗ କରାନଯାଇ ଚିଲିକାର ଯଥାର୍ଥ ରୂପ ବର୍ଣ୍ଣନା କରାଯାଉଥିବାରୁ ଏଠାରେ ସ୍ୱଭାବୋକ୍ତି ଅଳଙ୍କାର ହୋଇଅଛି।

## ୩.୭ ଅଳଙ୍କାର ଆଲୋଚନା

ଆମେ ପୂର୍ବ ପାଠରେ କାବ୍ୟ କବିତାରେ ବ୍ୟବହୃତ ବିଭିନ୍ନ ଅଳଙ୍କାର ସଂପର୍କରେ ସମ୍ୟକ ଜ୍ଞାନ ଆହରଣ କଲେ। କାବ୍ୟ ସୌନ୍ଦର୍ଯ୍ୟ ନିର୍ମାଣରେ ସର୍ବଦା ଅଳଙ୍କାର ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଏମାନେ ଅର୍ଥ ଗୌରବ ପ୍ରଦାନ କରିବା ସହ ଧ୍ୱନି ଗୌରବ ମଧ୍ୟ ପ୍ରଦାନ କରିଥାନ୍ତି। ଅଳଙ୍କାର ବିନା କାବ୍ୟ ସୌନ୍ଦର୍ଯ୍ୟ

ସମ୍ଭବ ନୁହେଁ। ଏଣୁ କାବ୍ୟରେ ଅଳଙ୍କାର ପ୍ରୟୋଗ ଯେପରି କାବ୍ୟକାରଙ୍କ କବିତ୍ୱ ଓ ପାଣ୍ଡିତ୍ୟର ପରିଚୟ ପ୍ରଦାନ କରିଥାଏ ତାହାକୁ ଅନୁରୂପ ଅବବୋଧ ମାଧ୍ୟମରେ କାବ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଠକ ନିମିତ୍ତ ମଧ୍ୟ ଏକ ଆହ୍ୱାନ ହୋଇଥାଏ। ଅଳଙ୍କାରରେ ବାସ୍ତବ ଅବବୋଧ ବିନା କାବ୍ୟ ସୌନ୍ଦର୍ଯ୍ୟ ଆସ୍ୱାଦନ ଅସମ୍ଭବ। ଏଣୁ ବିଶିଷ୍ଟ କବିମାନଙ୍କ ବିରଚିତ ପ୍ରସିଦ୍ଧ ଅଳଙ୍କାର ସଂପର୍କରେ ଏଠାରେ ସବିଶେଷ ଆଲୋଚନା କରାଯିବ। ଏହାଦ୍ୱାରା କାବ୍ୟ ଅଧ୍ୟୟନ ଓ କାବ୍ୟ ରସାସ୍ୱାଦନ ସହଜ ହୋଇପାରିବ।

## (କ) ଯମକ ଅଳଙ୍କାର

ପୂର୍ବ ପାଠରେ ପ୍ରଥମେ ଆମେ ଯମକ ଅଳଙ୍କାର ସଂପର୍କରେ ଆଲୋଚନା କରିଥିଲେ। ଯମକ ଅଳଙ୍କାର ଶବ୍ଦାଳଙ୍କାର ଅର୍ନ୍ତଗତ। ଏହାର ସଫଳ ବ୍ୟବହାର କାବ୍ୟରେ ଧ୍ୱନି ସୃଷ୍ଟି କରିବା ସହ ଅର୍ଥ ଚମତ୍କାରିତା ମଧ୍ୟ ସୃଷ୍ଟି କରିଥାଏ। ଏହି ଯମକ ଅଳଙ୍କାର ଆଦ୍ୟ, ମଧ୍ୟ, ପ୍ରାନ୍ତ ଓ ସର୍ବ ଯମକ ନାମରେ ବିଭାଗୀକରଣ କରାଯାଇଥାଏ। ଆଦ୍ୟଯମକ ଅଳଙ୍କାରର ଉଦାହରଣ; ପୂର୍ବରୁ ଆମେ କବିସୂର୍ଯ୍ୟ ବଳଦେବ ରଥଙ୍କ କବିତାରୁ ଆମେ ଏହାର ଉଦାହରଣ ପାଠ କରିଥିଲେ। ଏବେ ଆମେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ କାବ୍ୟରୁ ଏହାର ଉଦାହରଣ ପାଠ କରିବା।

> ବାଡବର ଚିତ୍ର ପ୍ରତିମା ପରି ଧରି ତା ଉଭା
> ବାଡବର ମଧ୍ୟେ ପକାଅ ଆନ ସମାନ ଶୋଭା ।

ଏଠାରେ ପ୍ରଥମ ପାଦରେ 'ବ୍ୟବହୃତ ବାଡବର' ଅର୍ଥ ହେଉଛି 'ଉତ୍ତମ କାନ୍ତ'। ଦ୍ୱିତୀୟ ପାଦରେ ବ୍ୟବହୃତ ହୋଇଥିବା 'ବାଡବ' ଶବ୍ଦର ଅର୍ଥ ହେଉଛି 'ସମୁଦ୍ର' ମଧ୍ୟସ୍ଥ 'ଅଗ୍ନି' ଅଥବା 'ବାଡବାନଳ'। ଉପରୋକ୍ତ ପଦ୍ୟାଂଶଟି ରେ ପ୍ରଥମ ପାଦ ଓ ଦ୍ୱିତୀୟ ପାଦର ଆଦ୍ୟ ଭାଗରେ ଭିନ୍ନ ଭିନ୍ନ ଅର୍ଥବୋଧକ ସମାନ ଶବ୍ଦ ବ୍ୟବହୃତ ହୋଇଥିବାରୁ; ଏଠାରେ ଆଦ୍ୟଯମକ ଅଳଙ୍କାର ହୋଇଛି। ସେହିପରି 'ଲାବଣ୍ୟବତୀ' କାବ୍ୟରେ ଉପେନ୍ଦ୍ର ଭଞ୍ଜ ପ୍ରୟୋଗ କରିଥିବା ଆଦ୍ୟଯମକ ଅଳଙ୍କାରର ଉଦାହରଣ;

> ସଳିଳେ ଉଡୁପ ଦେଖରେ ହୋଇଅଛି ଶୋଭନ
> ସଳିଳେ ଉଡୁପବଦନୀ ଖେଳିବାକୁ ମୋ ମନ ।

ଏଠାରେ ପ୍ରଥମ ପାଦରେ ବ୍ୟବହୃତ 'ସଲୀଳ'ର ଅର୍ଥ 'ଜଳ' ଏବଂ ଦ୍ୱିତୀୟ ପାଦରେ ବ୍ୟବହୃତ 'ସଲୀଳେ'ର ଅର୍ଥ ହେଉଛି 'ଲୀଳା ସହିତ'। ସେହିପରି ମଧ୍ୟଯମକ ଅଳଙ୍କାରର ଉଦାହରଣ ପାଠ କରିବାକୁ ଆମେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କ ସେହି ଚର୍ଚ୍ଚିତ କାବ୍ୟ 'ଲାବଣ୍ୟବତୀ'ରୁ ଏକ ପଦ୍ୟାଂଶ କୁ ଗ୍ରହଣ କରିବା।

> ଦେଖରେ ନଳିନି ନଳିନୀ ନଳିନୀରେ ପୂରିତ
> ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।

ଉପରୋକ୍ତ ପଦ୍ୟାଂଶଟିରେ 'ନଳିନି', ଶବ୍ଦ ଭିନ୍ନ ଭିନ୍ନ ଅର୍ଥରେ ପାଦରେ ମଧ୍ୟଭାଗରେ ବ୍ୟବହୃତ ହୋଇଅଛି। ପାଦରୁ ପ୍ରଥମ ଶବ୍ଦ ନଳିନିର ଅର୍ଥ 'ସୁନ୍ଦରୀ', ଦ୍ୱିତୀୟ 'ନଳିନୀ' ଶବ୍ଦର ଅର୍ଥ 'ପୁଷ୍କରଣୀ' ବା 'ସଖୀବର' ଏବଂ ତୃତୀୟ 'ନଳିନୀ' ଶବ୍ଦର ଅର୍ଥ 'ପଦ୍ମଫୁଲ'। ସେହିପରି ଦ୍ୱିତୀୟ ପାଦରେ 'ଭ୍ରମରେ ଶବ୍ଦଟି

ତିନିଥର ଭିନ୍ନ ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଅଛି । ପ୍ରଥମ ଭ୍ରମରର ଅର୍ଥ ହେଉଛି ଭ୍ରମରେ ବା ଭଅଁରମାନେ, ଦ୍ୱିତୀୟ ଭ୍ରମରେର ଅର୍ଥ ଭୁଲ ବଶତଃ ବା ଭୁଲରେ ଏବଂ ତୃତୀୟ ଭ୍ରମରେର ଅର୍ଥ ହେଉଛି ଭଉଁରୀରେ । ପଦ୍ୟଟିର ଅର୍ଥ- ହେ ସୁନ୍ଦରୀଗଣ ଦେଖ ଏ ସରୋବରଟି ପଦ୍ମଫୁଲରେ ପୂର୍ଣ୍ଣ ହୋଇଉଠିଛି । ଭ୍ରମରଗଣ ଭୁଲବଶତଃ ଭଉଁରୀରେ ପଡ଼ିଯାଉଥିବାରୁ ଏହା ଅଧିକ ଶୋଭାମୟ ଦେଖାଯାଉଛି । ସେହିପରି ଉପେନ୍ଦ୍ରଭଞ୍ଜ ବୈଦେହୀଶ ବିଳାସ କାବ୍ୟରେ ଆମେ ମଧ୍ୟଯମକ ଅଳଙ୍କାରର ପ୍ରୟୋଗ ଦେଖିବାକୁ ପାଇବା । ବୈଦେହୀଶ ବିଳାସ କାବ୍ୟରେ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି ;

ବ୍ୟାକୁଳ ସଲିଳ-ଚର ସଲୀଳ ତେଜିଲେ
ବାଡ ଲେଖା ଲେଖା ଚିତ୍ର ଭାବକୁ ଭଜିଲେ ।

ପ୍ରଥମ ପାଦରେ ଥିବା ସଲିଳ ଶବ୍ଦର ଅର୍ଥ 'ଜଳ' ଏବଂ ସଲୀଳ ଶବ୍ଦ ଅର୍ଥ 'କ୍ରୀଡା' । ଦ୍ୱିତୀୟ ପାଦରେ ଥିଲା 'ଲେଖା' ଶବ୍ଦର ଅର୍ଥ ଚିତ୍ର ଏବଂ 'ଲେଖା' ଶବ୍ଦର ଅର୍ଥ 'ଲେଖାଯାଇଥିବା' । ଏଗୁଡ଼ିକୁ ମଧ୍ୟଯମକ ଅଳଙ୍କାର ଉଦାହରଣ । ଏବେ ଆମେ ପ୍ରାନ୍ତଯମକ ଅଳଙ୍କାର ସଂପର୍କରେ ଜ୍ଞାନ ଆହରଣ କରିବା । ଆମେ ଜାଣିଛେ ଯେ, ପଦର ଶେଷର ବିଭିନ୍ନାର୍ଥବୋଧକ ଶବ୍ଦ ପୁନଃ ପୁନଃ ବ୍ୟବହାର ହେଲେ ପ୍ରାନ୍ତଯମକ ଅଳଙ୍କାର ହୋଇଥାଏ । ଏବେ ଏହାର ଉଦାହରଣ ପାଠ କରିବା । ରାଧାନାଥ ରାୟଙ୍କ ପ୍ରସିଦ୍ଧ ଖଣ୍ଡବାକ୍ୟ 'ଚିଲିକା' ରେ ଏହି ପ୍ରାନ୍ତଯଜମକ ଅଳଙ୍କାର ବ୍ୟବହୃତ ହୋଇଥିବା ଦେଖିବାକୁ ମିଳେ ।

ରାଧାନାଥ ଲେଖିଛନ୍ତି - କ୍ଷେପଣି କ୍ଷେପଣେ ତୋହରି ସଲିଳେ
ହୀରକର ଉତ୍ସ ଉଠିଲା ସଲୀଳେ ।

ପ୍ରଥମ ପାଦରେ ବ୍ୟବହୃତ ହୋଇଥିବା ସଳିଳର ଅର୍ଥ ଜଳ ହୋଇଥିବା ସମୟରେ ଦ୍ୱିତୀୟ ପାଦରେ ବ୍ୟବହୃତ ସଲୀଳର ଅର୍ଥ 'ଲୀଳା ସହିତ' । ଦ୍ୱିତୀୟ ପାଦରେ 'ସଲୀଳ'କୁ ସୌନ୍ଦର୍ଯ୍ୟ ଅର୍ଥରେ ବ୍ୟବହୃତ ହୋଇଥିବାରୁ ଏଠାରେ ପ୍ରାନ୍ତଯମକ ଅଳଙ୍କାର ସୃଷ୍ଟି ହୋଇଛି । ସେହିପରି ଗଙ୍ଗାଧର ମେହେର 'ତପସ୍ୱିନୀ' କାବ୍ୟରେ ଲେଖିଛନ୍ତି -

ସ୍ନାନ ସମୟେ ତୋ ପୟରେ
ଦୟାମୟି ! ନ ପେଲିବୁ ତାଙ୍କୁ ପୟରେ ।

ପ୍ରଥମ ପାଦ ଶେଷରେ ବ୍ୟବହୃତ 'ପୟରେ' ଶବ୍ଦର ଅର୍ଥ 'ଜଳରେ' ଏବଂ ଦ୍ୱିତୀୟ ପାଦରେ ବ୍ୟବହୃତ 'ପୟରେ' ଅର୍ଥ ପାଦରେ । ପାଦ ଶେଷରେ 'ପୟରେ' ଶବ୍ଦଟି ଭିନ୍ନାର୍ଥବୋଧକ ଭାବରେ ବ୍ୟବହୃତ ହୋଇଥିବାରୁ ଏଠାରେ ପ୍ରାନ୍ତଯମକ ଅଳଙ୍କାର ସୃଷ୍ଟି ହୋଇଛି । ଆମେ ଜାଣିଛେ ବିଭିନ୍ନାର୍ଥବୋଧକ ଶବ୍ଦ ପଦର ସର୍ବତ୍ର ପୁନଃ ପୁନଃ ଆବୃତ୍ତି ହେଲେ ସର୍ବ ଯମକ ଅଳଙ୍କାର ହୁଏ । ପୂର୍ବରୁ ଏହାର ଉଦାହରଣ ଭାବରେ ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀ କାବ୍ୟରୁ ଏକ ଉଦାହରଣ ପ୍ରଦାନ କରାଯାଇଥିଲା । ଉପେନ୍ଦ୍ର ଭଞ୍ଜଙ୍କ ରଚିତ ବୈଦେହୀଶ ବିଳାସ କାବ୍ୟରୁ ସେହି ସର୍ବଯମକ ଅଳଙ୍କାରର ଉଦାହରଣ ପାଠ କରିବା ।

ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି : ବିରାଜି ବର କନକ କଦମ୍ବ ରୁଚିରେ
ବି-ରାଜି ବର-କନକ କଦମ୍ବ ରୁଚିରେ ।

ପ୍ରଥମ ପାଦରେ ବ୍ୟବହୃତ ବିରାଜି ଶବ୍ଦର ଅର୍ଥ ଦେଦୀପ୍ୟମାନ ଅଥବା ଅତି ଉଜ୍ଜ୍ୱଳ, ବର ଶବ୍ଦର ଅର୍ଥ ଶ୍ରେଷ୍ଠ, କନକ ଶବ୍ଦର ଅର୍ଥ ସୁବର୍ଣ୍ଣ, କଦମ୍ବ ଶବ୍ଦର ଅର୍ଥ ସମୂହ ଓ ରୁଚିର ଶବ୍ଦର ଅର୍ଥ କାନ୍ତିଦ୍ୱାରା। ସେହିପରି ଦ୍ୱିତୀୟ ପାଦରେ ବ୍ୟବହୃତ ବି-ରାଜି ଶବ୍ଦର ଅର୍ଥ ପକ୍ଷୀ ସମୂହ, ବର-କନକ ଶବ୍ଦର ଅର୍ଥ ଉତ୍କୃଷ୍ଟ କନକ ଚଂପା, କଦମ୍ବ ଶବ୍ଦର ଅର୍ଥ କଦମ୍ବ ବୃକ୍ଷ ଓ ରୁଚିରେ ଶବ୍ଦର ଅର୍ଥ ମନୋହର। ଏଠାରେ ପଦରେ ବ୍ୟବହୃତ ଶବ୍ଦଗୁଡ଼ିକ ବିଭିନ୍ନ ଅର୍ଥବୋଧକ ହୋଇଥିବାରୁ ସର୍ବଯମକ ଅଳଙ୍କାର ହୋଇଅଛି।

## (ଖ) ଶ୍ଳେଷ ଅଳଙ୍କାର

ପୂର୍ବ ପାଠରେ ଆମେ ଜାଣିଲେ ଯେ ଗୋଟିଏ ପଦ ବା ପାଦରେ ଗୋଟିଏ ଶବ୍ଦ ଦୁଇ ବା ତହିଁରୁ ଅଧିକ ଭିନ୍ନ ଅର୍ଥ ପ୍ରକାଶ କଲେ ଶ୍ଳେଷ ଅଳଙ୍କାର ହୋଇଥାଏ। ଏହି ଶ୍ଳେଷ ଅଳଙ୍କାର ଅଭଙ୍ଗଶ୍ଳେଷ, ସଭଙ୍ଗଶ୍ଳେଷ ଓ ଭଙ୍ଗାଭଙ୍ଗଶ୍ଳେଷ ଅଳଙ୍କାର ଭାବରେ ବିଭାଗୀକୃତ ହୋଇଥାଏ। ପୂର୍ବରୁ ଆମେ ଏହା ମଧ୍ୟ ପାଠ କରିଛେ ଯେ, ଯେଉଁ ପଦରେ ପଦ ବା ଶବ୍ଦଟି ଖଣ୍ଡିତ ନହୋଇ ଭିନ୍ନ ଭିନ୍ନ ଅର୍ଥ ପ୍ରକାଶ କରେ ସେଠାରେ ଅଭଙ୍ଗଶ୍ଳେଷ ଅଳଙ୍କାର ହୋଇଥାଏ। ଏହାର ଉଦାହରଣ ରୂପେ ଗଙ୍ଗାଧର ମେହେରଙ୍କ ରଚିତ 'ପ୍ରଣୟ ବଲ୍ଲରୀ' କାବ୍ୟରୁ ଉଦାହରଣ ପାଠ କରିଥିଲେ। ଏବେ ସେହି ଅଭଙ୍ଗଶ୍ଳେଷ ଅଳଙ୍କାରର ଆଉ ଦୁଇଟି ଉଦାହରଣ ପାଠ ପୂର୍ବକ ଅଭଙ୍ଗଶ୍ଳେଷ ଅଳଙ୍କାର ଜ୍ଞାନକୁ ଅଧିକ ମାର୍ଜିତ କରିବା।

ଉଦାହରଣ : "ପ୍ରିୟମ୍ବଦା ସଖୀ ନୃପଙ୍କୁ କହିଲା,
"ବନଫୁଲ ସମାଦୃତ
ହେବକି ପ୍ରମଦା- ରଣ୍ୟ ସର ପୁଷ୍ପ
ସବୁ ଯହିଁ ସମାବୃତ ?

ଉପରୋକ୍ତ ପଦ୍ୟାଂଶଟିରେ 'ପ୍ରମଦା-ରଣ୍ୟ' ଶବ୍ଦଟି ଦୁଇଟି ଭିନ୍ନ ଭିନ୍ନ ଅର୍ଥ ପଦ୍ୟ ମଧ୍ୟରେ ସୃଷ୍ଟି କରୁଛି। ପ୍ରମଦା ଶବ୍ଦଟିର ଅର୍ଥ 'ନାରୀ' ବା ମହିଳା। ପଦ୍ୟର ପ୍ରଥମ ଅର୍ଥରେ 'ପ୍ରମଦା-ରଣ୍ୟ' ରାଜାଙ୍କର ଅନ୍ତଃପୁରସ୍ଥ ଏବଂ ରାଣୀ ମାନଙ୍କ ନିମିତ୍ତ ଅଭିପ୍ରେତ ଉଦ୍ୟାନକୁ ବୁଝାଉଥିବା ସମୟରେ ଦ୍ୱିତୀୟ ଅର୍ଥରେ ଏହା 'ନାରୀ ସମାଜ' ଅର୍ଥରେ ବ୍ୟବହୃତ ହୋଇଛି। 'ପ୍ରମଦା-ରଣ୍ୟ' ଶବ୍ଦଟିର କୌଣସି ଭଙ୍ଗାଭଙ୍ଗ ନହୋଇ ଅଳଙ୍କାରଟି ବ୍ୟବହୃତ ହୋଇଥିବାରୁ ଏଠାରେ ଅଭଙ୍ଗଶ୍ଳେଷ ଅଳଙ୍କାର ହୋଇଅଛି। ସେହିପରି ଅନ୍ୟ ଏକ ଉଦାହରଣ :-

ବିଭ୍ରାଜିତ ବାରିଝରୀ ତାରା ଭବ ଯହିଁ
ବିଶୋଷିତ ଜ୍ୟୋତିର୍ବିଦ ରକ୍ଷପତି ତହିଁ ।

ଉପରୋକ୍ତ ପଦ୍ୟାଂଶଟିରେ ଦୁଇଟି ଅର୍ଥ ଶବ୍ଦ ସମୂହ ପ୍ରତିପାଦିତ କରୁଛନ୍ତି। ପ୍ରଥମ ଅର୍ଥଟି ପ୍ରକୃତିର ବର୍ଣ୍ଣନା କରୁଛି। ସେହି ଅର୍ଥରେ ;

ବାରିଝରୀ - ଜଳ ଝରଣା

ତାରାଭବ- ନକ୍ଷତ୍ରମାନଙ୍କ ପ୍ରକାଶ

ରକ୍ଷପତି - ଚନ୍ଦ୍ର

ଜ୍ୟୋତିର୍ବିଦ- ଉଜ୍ଜ୍ୱଳ

ଦ୍ୱିତୀୟ ଅର୍ଥରେ ଏହା ଶ୍ରୀରାମଙ୍କ ଅଭିଷେକ ଦୃଶ୍ୟର ବର୍ଣ୍ଣନା କରୁଛି, ସେହି ଅର୍ଥରେ :

ବାରିଝରି- ଜଳପୂର୍ଣ୍ଣ କୁମ୍ଭ

ତାରାଭବ-ତାରାଙ୍କ ସନ୍ତାନ (ଅଙ୍ଗଦ)

ରକ୍ଷପତି - ଜାମ୍ବବ

ଜ୍ୟୋତିର୍ବିଦ - ଜ୍ୟୋତି

ସଭଙ୍ଗଶ୍ଲେଷ ଅଳଙ୍କାରରେ ପଦ୍ୟରେ ବ୍ୟବହୃତ ଶବ୍ଦମାନେ ଗୋଟିଏ ଅର୍ଥ ପ୍ରକାଶ କରୁଥିବା ସମୟରେ ସେଗୁଡିକୁ ଭାଙ୍ଗିଲେ ଭିନ୍ନ ଅର୍ଥ ପ୍ରକାଶ କରେ। ଏହି ଦ୍ୱୈତାର୍ଥ ବୋଧକ ଅଳଙ୍କାର ପ୍ରୟୋଗ ଶୈଳୀକୁ ସଭଙ୍ଗଶ୍ଲେଷ ଅଳଙ୍କାର କୁହାଯାଏ। ଏବେ ଏହାକୁ ଉଦାହରଣ ମାଧ୍ୟମରେ ଅଧ୍ୟୟନ କରିବା ।

ଉଦାହରଣ ;

"ସଖୀ ପଚାରିଲା ସଖୀ ପ୍ରତି, "ସଖୀ -
ନନ୍ଦନ ପାଇବ କିସ ?
ବିଶ୍ୱାସ ଭାଜନ ନୁହଁନ୍ତି ଜଗତେ
ନଦୀ, ନଖୀ, ନରାଧୀଶ ।''

ପ୍ରଥମ ଅର୍ଥରେ କେବଳ 'ନନ୍ଦନ' ଶବ୍ଦର ଅର୍ଥ ଇନ୍ଦ୍ରଙ୍କ ଉଦ୍ୟାନ ଅର୍ଥରେ ବ୍ୟବହାର ହୋଇଥିବା ସମୟରେ ଦ୍ୱିତୀୟ ଅର୍ଥରେ 'ସଖୀ' ସହ 'ନନ୍ଦନ' ଶବ୍ଦର ଯୋଗ ଦ୍ୱାରା 'ସଖୀ-ନନ୍ଦନ' ଶବ୍ଦଟି ଶକୁନ୍ତଳାଙ୍କ ସନ୍ତାନ ଅର୍ଥରେ ଉଦ୍ଦିଷ୍ଟ ହୋଇଛି। ଏଠାରେ ଯୋଗ ମାଧ୍ୟମରେ ଭିନ୍ନ ଅର୍ଥ ସୃଷ୍ଟି ହୋଇଥିବାରୁ ସଭଙ୍ଗ- ଶ୍ଲେଷ ଅଳଙ୍କାର ହୋଇଅଛି। ଯେଉଁ ଅଳଙ୍କାରରେ ଉଭୟ ଅଭଙ୍ଗଶ୍ଲେଷ ଓ ସଭଙ୍ଗଶ୍ଲେଷ ଏକତ୍ର ମିଳିତ ହୋଇ ବ୍ୟବହାର ହୋଇଥାନ୍ତି। ସେହି ଅଳଙ୍କାରକୁ ଭଙ୍ଗାଭଙ୍ଗଶ୍ଲେଷ ଅଳଙ୍କାର କୁହାଯାଏ। ଏହି ଅଳଙ୍କାର କାବ୍ୟର ରମଣୀୟ ଅର୍ଥ ପ୍ରତିପାଦନରେ ଅତ୍ୟନ୍ତ ସହାୟକ ହୋଇଥିବା ସମୟରେ କବିଙ୍କ ପାଣ୍ଡିତ୍ୱ ଓ କବିତ୍ୱର ଉତ୍କର୍ଷ ପ୍ରକାଶରେ ସମର୍ଥ ହୋଇଥାଏ। ଏହି ଭଙ୍ଗାଭଙ୍ଗଶ୍ଲେଷ ଅଳଙ୍କାର ପ୍ରାୟତଃ ଦୁର୍ଲଭ। ଏଣୁ ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ କାବ୍ୟର 'ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ / ବିହର କାନନ କର ଆଲିଙ୍ଗନକୁ' - ଏହାର ସର୍ବଶ୍ରେଷ୍ଠ ଉଦାହରଣ ଭାବରେ ଗ୍ରହଣ କରାଯାଇଥାଏ।

## (ଗ) ଅନୁପ୍ରାସ ଅଳଙ୍କାର

ପୂର୍ବ ପାଠରୁ ଆମେ ଜାଣିଲେ ଯେ, ଏକ ପ୍ରକାର ବ୍ୟଞ୍ଜନ ବର୍ଣ୍ଣର ପୁନଃ ପୁନଃ ଆବୃତ୍ତିକୁ ଅନୁପ୍ରାସ ଅଳଙ୍କାର କୁହାଯାଏ। ଏବଂ ଏହାର ଉଦାହରଣ ସ୍ୱରୂପ ରାଧାନାଥ ରାୟଙ୍କ ରଚିତ 'ଚିଲିକା' କାବ୍ୟରୁ ଏକ ପଦକୁ ଉଦାହରଣ ଭାବେ ପାଠ କରିବାକୁ ଦିଆଯାଇଥିଲା। ଏବେ ଦୀନକୃଷ୍ଣ ଦାସଙ୍କ ରଚିତ 'ରସକଲ୍ଲୋଳ'

କାବ୍ୟରୁ ଆମେ ଏହି ଅନୁପ୍ରାସ ଅଳଙ୍କାରର ଉଦାହରଣ ପାଠ କରିବା। ଦୀନକୃଷ୍ଣ ଦାସ ରସକଲ୍ଲୋଳ କାବ୍ୟରେ ଲେଖିଛନ୍ତି -

କାଳିନ୍ଦୀ କୂଳିଆ କଦମ୍ବ ମୂଳିଆ
କେକିପୁଚ୍ଛ ଚାରୁ ଚୂଳିଆ
କଜ୍ୱଳ କାଳିଆ କାଇଁଚ ମାଳିଆ
ମଣିମକର କୁଣ୍ଡଳିଆ କଳିତ, ଲଳିତ ପୀତଦୁକୂଳିଆ
କଳଙ୍କ ରହିତ କଳାକରଜିତ ସୁନ୍ଦର ମୁଖମଣ୍ଡଳିଆ ।

ଉପରୋକ୍ତ ପଦଟିରେ ଦୀନକୃଷ୍ଣ ଶ୍ରୀକୃଷ୍ଣ ରୂପ ବର୍ଣ୍ଣନା କରିବାକୁ ଯାଇ କ, ଳ, ମ ଆଦି ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକର ବାରମ୍ବାର ବ୍ୟବହାର କରିଥିବାରୁ ଏଠାରେ ଅନୁପ୍ରାସ ଅଳଙ୍କାର ହୋଇଅଛି। ଏହି ଅନୁପ୍ରାସ ଅଳଙ୍କାର ପ୍ରୟୋଗ ଭେଦରେ

(୧) ଛେକାନୁପ୍ରାସ ଅଳଙ୍କାର
(୨) ବୃତ୍ତ୍ୟନୁପ୍ରାସ ଅଳଙ୍କାର
(୩) ଶ୍ରୁତ୍ୟନୁପ୍ରାସ ଅଳଙ୍କାର
(୪) ଅନ୍ତ୍ୟାନୁପ୍ରାସ ଅଳଙ୍କାର
(୫) ଲାଟାନୁପ୍ରାସ ଅଳଙ୍କାର

### (୧) ଛେକାନୁପ୍ରାସ ଅଳଙ୍କାର

ଆମେ ପୂର୍ବରୁ ଜାଣିଛେ ଯେ ଗୋଟିଏ ପଦରେ ଏକାଧିକ ବ୍ୟଞ୍ଜନ ବର୍ଣ୍ଣର ସାମ୍ୟ ଥାଇ ପର୍ଯ୍ୟାୟକ୍ରମେ ପୁନଃ ପୁନଃ ଆବୃତ୍ତି ହେଲେ; ସେଠାରେ ଛେକାନୁପ୍ରାସ ଅଳଙ୍କାର ହୁଏ। ଅର୍ଥାତ ଏହି ଅଳଙ୍କାରରେ "ଏକାଧିକ ବ୍ୟଞ୍ଜନବର୍ଣ୍ଣ ସାମ୍ୟ ଥାଇ ପର୍ଯ୍ୟାୟକ୍ରମେ ପୁନଃ ପୁନଃ ଆବୃତ୍ତିକୁ" ପ୍ରାଧାନ୍ୟ ଦିଆଯାଇଥାଏ। ଏଥିନିମିତ୍ତ ଉପେନ୍ଦ୍ର ଭଞ୍ଜଙ୍କ "ଲାବଣ୍ୟବତୀ"କାବ୍ୟରୁ ଏକ ଉଦାହରଣ ଆମେ ପାଠ କରିଥିଲେ। ଏବେ ଆମେ ଦୀନକୃଷ୍ଣ ଦାସଙ୍କ ରଚିତ 'ରସ କଲ୍ଲୋଳ' କାବ୍ୟରୁ ଏକ ଉଦାହରଣ ପାଠ କରିବା।

କାନ୍ତ ରହିତ କାନ୍ତା ପ୍ରାୟ ହୋଇ
କଳାପୀ କଳାପ ଅଙ୍ଗୁ ପକାଇ
କେକା ଛାଡି ହେଲେ ମଉନ ବ୍ରତ
କଲେ ହଂସ ମାନସରେ ବ୍ୟକତ ।

ଏଠାରେ ବ୍ୟଞ୍ଜନ ବର୍ଣ୍ଣର ସାମ୍ୟ ଥାଇ କାନ୍ତ, କାନ୍ତା ଏବଂ କଳାପୀ କଳାପ ପର୍ଯ୍ୟାୟ କ୍ରମେ ଆବୃତ୍ତି ହେଉଥିବାରୁ ଛେକାନୁପ୍ରାସ ଅଳଙ୍କାର ହୋଇଅଛି। ସେହିପରି 'ଶଶିରେଖା' କାବ୍ୟରେ ନିମ୍ନ ପ୍ରକାରେ ଛେକାନୁପ୍ରାସ ଅଳଙ୍କାର ପ୍ରୟୋଗ ହୋଇଥିବାରୁ ଦେଖାଯାଏ।

କନ୍ଦଳୀ କନ୍ଦରୁ ବାହାର ହେଲା
କେତେକ ତହିଁ କେତେକ ଫୁଟିଲା
ମାଳତୀ କୁସୁମ ସୁଷମ ହୋଇ
ଫୁଟ ବାସରେ ପ୍ରସରିଲା ମହୀ
ଗନ୍ଧବହ ଗନ୍ଧ
ଘେନି ବହିଲା ହୋଇଣ ଆନନ୍ଦ।

ଉପରୋକ୍ତ ପଦ୍ୟାଂଶଟିରେ କନ୍ଦଳୀ, କନ୍ଦ, କେତେକ, କେତକ କୁସୁମ, ସୁଷମ, ଗନ୍ଧ, ଗନ୍ଧବହ ଆଦି ସମାନ ଆବୃତ୍ତି ସୂଚକ ବ୍ୟଞ୍ଜନ ବର୍ଣ୍ଣର ଶବ୍ଦ ଗୁଡ଼ିକ ପର୍ଯ୍ୟାୟ କ୍ରମେ ଆବୃତ୍ତି ହୋଇଥିବାରୁ ସେ ଛେକାନୁପ୍ରାସ ଅଳଙ୍କାର ହୋଇଅଛି।

### (୨) ବୃତ୍ତ୍ୟନୁପ୍ରାସ ଅଳଙ୍କାର

ଏହି ଅଳଙ୍କାର ସଂପର୍କରେ ଆମେ ଜାଣିଛେ ଯେ ଯେଉଁ ପଦରେ ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ପର୍ଯ୍ୟାୟକ୍ରମେ ହେଉ ବା ନହେଉ ବାରଂବାର ଉଚ୍ଚାରିତ ହେଲେ। ବୃତ୍ତ୍ୟନୁପ୍ରାସ ଅଳଙ୍କାର ହୁଏ। ପଦଟିରେ ବ୍ୟଞ୍ଜନ ବର୍ଣ୍ଣଟିର ଯେ କୌଣସି କ୍ରମରେ ବାରଂବାର ଉଚ୍ଚାରିତ ହେଲେ ବୃତ୍ତ୍ୟନୁପ୍ରାସ ଅଳଙ୍କାର ହୋଇଥାଏ।

ଯଥା; ମୋ କୂଳେ ଚାଳି ଚରଣ କରିବୁ ମା ବିଚରଣ
ବ୍ୟପଦେଶେ ବିତରିଣ ଅମର କାନ୍ତି,
ତା'ଲଭି ବନ ପାଦପ- ରାଜି ହୋଇ ଦପ ଦପ
ବହିବେ ଅମର- ଦର୍ପ ବିହିବେ ଶାନ୍ତି;
ପଲ୍ଲବେ ପାଟଳ ଶ୍ୟାମଳ
ରୁଚିର ରୁଚି ରହିବ ଚିର ନିର୍ମଳ ।

ଗଙ୍ଗାଧର ମେହେରଙ୍କ ରଚିତ ତପସ୍ୱିନୀ କାବ୍ୟର ଏହି ପଦ୍ୟାଂଶଟିର 'କ', 'ଚ', 'ର', 'ଳ' ଓ 'ବ' ଆଦି ବ୍ୟଞ୍ଜନ ବର୍ଣ୍ଣ ଗୁଡିକ ବିଭିନ୍ନ କ୍ରମରେ ଆବୃତ୍ତି ହୋଇ ଧ୍ୱନି ସୃଷ୍ଟି କରିବାରେ ସହାୟକ ହୋଇଥିବାରୁ ଏଠାରେ ବୃତ୍ତ୍ୟନୁପ୍ରାସ ଅଳଙ୍କାର ହୋଇଅଛି। ସେହିପରି ଗଙ୍ଗାଧର ମେହେରଙ୍କ 'କୀଚକବଧ' କାବ୍ୟରୋଧ ମଧ୍ୟ ଏହି ଅଳଙ୍କାର ପ୍ରୟୋଗ ହୋଇଥିବା ପଢିବାକୁ ମିଳିଥାଏ। ଯଥା-

ଅଇଲା ଉଷା-ଯୋଷିତ କୁସୁମେ ହୋଇ ଭୂଷିତ
ଭ୍ରମର-ଅଞ୍ଜନାଞ୍ଚିତ ପଦ୍ମନୟନା,
ବିହଙ୍ଗସ୍ୱନ କଙ୍କଣୀ ନିକ୍ୱଣିଲା କିଣି କିଣି
ଜୀବଚିତ୍ତ ନେଲା କିଣି କୁନ୍ଦଦଶନା
ଅରୁଣ ଚରଣ ସୁନ୍ଦର,
ପ୍ରଭାତୀ ତାରକା ମଥାମଣି ଭାସ୍ୱର ।

ଉପରୋକ୍ତ ପଦ୍ୟାଂଶଟି ରେ 'ଷ', 'ନ', 'ଣ', 'ତ', 'ର', 'ଳ' ଓ 'ପ' ଆଦି ବ୍ୟଞ୍ଜନବର୍ଣ୍ଣ ଗୁଡ଼ିକ କ୍ରମରହିତ ହୋଇ ବାରଂବାର ଉଚ୍ଚାରିତ ହେଉଥିବାରୁ ଏଠାରେ ବୃତ୍ୟନୁପ୍ରାସ ଅଳଙ୍କାର ହୋଇଅଛି।

### (୩) ଶ୍ରୁତ୍ୟନୁପ୍ରାସ ଅଳଙ୍କାର

ଶ୍ରୁତ୍ୟନୁପ୍ରାସ ଅଳଙ୍କାର ସଂପର୍କରେ ପୂର୍ବରୁ ଆମେ ଜାଣିଛେ ଯେ, ତାଲୁ, ଦନ୍ତ, ମୂର୍ଦ୍ଧା ବା ଓଷ୍ଠ ଆଦି ସ୍ଥାନରୁ ଉଚ୍ଚାରିତ ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକର ପୁନଃ ପୁନଃ ଆବୃତ୍ତି ହେଲେ ଶ୍ରୁତ୍ୟନୁପ୍ରାସ ଅଳଙ୍କାର ହୋଇଥାଏ। ଚ, ଛ, ଜ, ଟ, ଞ ଆଦି ତାଲବ୍ୟ ଧ୍ୱନି, ତ, ଥ, ଦ, ଧ,ନ ଦନ୍ତ୍ୟଧ୍ୱନି ଟ, ଠ, ଡ, ଢ, ଣ ଆଦି ମୁର୍ଦ୍ଧନ୍ୟ ଧ୍ୱନି ଏବଂ ପ, ଫ, ବ, ଭ, ମ ଓଷ୍ଠ୍ୟ ଧ୍ୱନିର ବର୍ଣ୍ଣ ଭାବରେ ପରିଚିତ। ଏହି ବର୍ଣ୍ଣ ଗୁଡିକ ଗୋଟିଏ ପଦ୍ୟାଂଶରେ ପୁନଃ ପୁନଃ ଆବୃତ୍ତି ହେଲେ ଶ୍ରୁତ୍ୟନୁପ୍ରାସ ଅଳଙ୍କାର ହୋଇଥାଏ। ଏହାର ଉଦାହରଣ ଭାବରେ ପୂର୍ବରୁ ଆମେ ଉପେନ୍ଦ୍ର ଭଞ୍ଜଙ୍କ 'ପ୍ରେମ ସୁଧାନିଧି' କାବ୍ୟର ଗୃହୀତ ଉଦାହରଣ ଅଧ୍ୟୟନ କରିଥିଲେ। ଏଠାରେ ଆମେ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦ୍‌ଧ ଚିନ୍ତାମଣି' କାବ୍ୟରୁ ଉଦାହରଣ ଦେଇ ଅଧ୍ୟୟନ କରିବା।

ଆନ ଆନନ୍ଦରୁ ଲକ୍ଷ୍ୟ ଦେବାର ନୋହେ
ଜନ ଜନକ ଜନନୀ ମନକୁ ମୋହେ ।

ଉପରୋକ୍ତ ପଦ୍ୟାଂଶଟିରେ ଦନ୍ତ୍ୟବର୍ଣ୍ଣ (ଧ୍ୱନି) 'ନ'ର ପୁନଃ ପୁନଃ ଆବୃତ୍ତି ହୋଇଥିବାରୁ ଶ୍ରୁତ୍ୟନୁପ୍ରାସ ଅଳଙ୍କାର ହୋଇଅଛି। କବିବର ରାଧାନାଥ ରାୟଙ୍କ ରଚିତ 'ଚିଲିକା' କାବ୍ୟରେ ମଧ ଶ୍ରୁତ୍ୟନୁପ୍ରାସ ଅଳଙ୍କାର ପ୍ରୟୋଗ ହୋଇଥିବାର ଦେଖାଯାଏ।

ଯଥା; ଦୂର ଝର ନାଦ ଝିଙ୍କାରୀ ଝଙ୍କା
କରେ ନିଶିଥିନୀ ପ୍ରଭାବ ପ୍ରଚାର

ଉପରୋକ୍ତ ପଦ୍ୟାଂଶଟିରେ ଦନ୍ତ୍ୟଧ୍ୱନି 'ଦ' ତାଲବ୍ୟ ଧ୍ୱନି 'ଝ' ଓଷ୍ଠ ଧ୍ୱନି 'ପ' ର ପୁନଃ ପୁନଃ ଆବୃତ୍ତି ଶ୍ରୁତ୍ୟନୁପ୍ରାସ ଅଳଙ୍କାର ସୃଷ୍ଟି କରିଅଛି।

### (୪) ଅନ୍ତ୍ୟାନୁପ୍ରାସ ଅଳଙ୍କାର

ପୂର୍ବରୁ ଆମେ ପାଠ କରିଥିଲେ ଯେ, ଯେଉଁ ପଦର ପାଦର ଶେଷ ବା ଅନ୍ତ୍ୟବର୍ଣ୍ଣ ଓ ଉପାନ୍ତ୍ୟବର୍ଣ୍ଣର ସମତା ରହି ବ୍ୟଞ୍ଜନ ବର୍ଣ୍ଣର ପୁନଃ ପୁନଃ ଆବୃତ୍ତି ହୋଇଥାଏ, ସେଠାରେ ଅନ୍ତ୍ୟାନୁପ୍ରାସ ଅଳଙ୍କାର ହୁଏ। ଅର୍ଥାତ୍ ପାଦର ଅନ୍ତ୍ୟବର୍ଣ୍ଣ ଓ ଉପନ୍ତ୍ୟବର୍ଣ୍ଣର ସମତା ରହିଲେ ହିଁ ଅନ୍ତ୍ୟାନୁପ୍ରାସ ଅଳଙ୍କାର ହୋଇଥାଏ। ଅନ୍ୟଥା ନୁହେଁ। ଏହାର ଉଦାହରଣ ଭାବରେ ଆମେ ରାଧାନାଥ ରାୟଙ୍କ ଚିଲିକା କାବ୍ୟରୁ ଏକ ପଦକୁ ଉଦାହରଣ ଭାବରେ ପାଠ କରିଥିଲେ ଯେଉଁଥିରେ ଅନ୍ତ୍ୟବର୍ଣ୍ଣ 'କା', ଓ ଉପାନ୍ତ୍ୟବର୍ଣ୍ଣ 'ର' ର ସାମ୍ୟଥାଇ ପୁନଃ ପୁନଃ ଆବୃତ୍ତି ହେଇଥିଲା। ଏଠାରେ ଆମେ ଗଙ୍ଗାଧର ମେହେରଙ୍କ ରଚିତ 'ଇନ୍ଦୁମତୀ' କାବ୍ୟରୁ ଏକ ଉଦାହରଣ ନେଇ ଅଧ୍ୟୟନ କରିବା।

ଭାଗ୍ୟବାନ ସଦା ଭାଗ୍ୟଫଳ ଲଭେ
ଅଭାଗା ଲଭେ ଅଶିବ,
ସାଗର ମନ୍ଥନେ କେଶବ କମଳା
ଗରଳ ଲଭିଲେ ଶିବ।

ଉପରୋକ୍ତ ପଦ୍ୟାଂଶଟିର ପ୍ରଥମ ଚରଣର ଶେଷ ଶବ୍ଦ 'ଅଶିବ' ଓ ଦ୍ୱିତୀୟ ଚରଣର ଶେଷ ଶବ୍ଦ ଶିବ। ଏଠାରେ ଉଭୟ ସ୍ଥାନରେ ଅନ୍ତ୍ୟବର୍ଣ୍ଣ 'ବ' ଓ ଉପନ୍ତ୍ୟବର୍ଣ୍ଣ 'ଇ' ରହିଥିବାରୁ ଅନ୍ତ୍ୟାନୁପ୍ରାସ ଅଳଙ୍କାର ହୋଇଅଛି। ସେହିପରି ଆମେ ରାଧାନାଥ ରାୟଙ୍କ 'ପାର୍ବତୀ' କାବ୍ୟରୁ ମଧ୍ୟ ଏକ ଉଦାହରଣ ପାଠ କରିବା।

ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟଡୋରି,
ନିଜ ଭାଗ୍ୟ - ଡୋରି କାଳ ହସ୍ତେ ଏହା
ପକାନ୍ତି ହେଲେ ପାସୋରି ।

ଉପରୋକ୍ତ ପଦ୍ୟାଂଶର ପ୍ରଥମ ଚରଣର ଅନ୍ତ୍ୟଶବ୍ଦ ହେଉଛି 'ଡୋରି' ଏବଂ ଦ୍ୱିତୀୟ ଚରଣର ଅନ୍ତ୍ୟଶବ୍ଦ ହେଉଛି 'ପାସୋରି' ଏବଂ ଉଭୟ ପାଦର ଅନ୍ତ୍ୟବର୍ଣ୍ଣ 'ରି' ଏବଂ ଉପାନ୍ତ୍ୟବର୍ଣ୍ଣ ଓ ହୋଇଥିବାରୁ ଅନ୍ତ୍ୟାନୁପ୍ରାସ ଅଳଙ୍କାର ହୋଇଅଛି।

## (୫) ଲାଟାନୁପ୍ରାସ ଅଳଙ୍କାର

ଲାଟାନୁପ୍ରାସ ଅଳଙ୍କାର ଏକ ଜଟିଳ ପ୍ରୟୋଗ ଶୈଳୀ। ଏହାର ବହୁଳ ବ୍ୟବହାର ପ୍ରାୟତଃ ଦୃଷ୍ଟିଗୋଚର ହୁଏ ନାହିଁ। ଏ ସଂପର୍କରେ ଆମେ ପୂର୍ବରୁ ଅଧ୍ୟୟନ କରିଥିଲେ ଯେ, ପଦ ମଧ୍ୟରେ ଶବ୍ଦ ଗୁଡିକ ଅର୍ଥଗତ ଭିନ୍ନତା ନଥାଇ ଭିନ୍ନ ଭିନ୍ନ ତାତ୍ପର୍ଯ୍ୟରେ ବ୍ୟବହୃତ ହେଲେ ଲାଟାନୁପ୍ରାସ ଅଳଙ୍କାର ହୋଇଥାଏ। ଲାଟାନୁପ୍ରାସ ଅଳଙ୍କାର ମୁଖ୍ୟ ବିଭବ, ଗୋଟିଏ ଶବ୍ଦ ଭିନ୍ନ ଭିନ୍ନ ତାତ୍ପର୍ଯ୍ୟ ନେଇ ଅର୍ଥ ଦ୍ୟୋତିତ କରିବା। ଏହାର ଉଦାହରଣ ଭାବରେ ରାଧାନାଥ ରାୟଙ୍କ ଦରବାର କାବ୍ୟରୁ ଏକ ପଦ୍ୟାଂଶକୁ ଅଧ୍ୟୟନ କରିଥିଲେ ଯେଉଁଠାରେ 'ଉପାଧି' ଶବ୍ଦଟିର ତାତ୍ପର୍ଯ୍ୟ ଭିନ୍ନ ଭିନ୍ନ ଥିଲା। 'ଉପାଧି' ଶବ୍ଦଟିକୁ ରାଧାନାଥ ବ୍ୟଙ୍ଗାତ୍ମକ ଓ ଶ୍ଳେଷାତ୍ମକ ଅର୍ଥରେ ଏହି ପଦରେ ପ୍ରୟୋଗ କରିଛନ୍ତି। ଉପାଧି ପ୍ରତି ମୋହଗ୍ରସ୍ତ ମାନସିକତାକୁ ଏଠାରେ ଶ୍ଳେଷ ମାଧ୍ୟମରେ ବ୍ୟଙ୍ଗ କରାଯାଇଛି। ଏହି ଲାଟାନୁପ୍ରାସ ଅଳଙ୍କାରର ଅନ୍ୟ ଏକ ଉଦାହରଣ-

ପୁଅ ଯଦି ଯୋଗ୍ୟ ହୁଏ ଧନ କାହିଁ ପାଇଁ ସଂଚୁ
ପୁଅ ଯଦି ଅଯୋଗ୍ୟ ହୁଏ ଧନ କାହିଁ ପାଇଁ ସଂଚୁ ।

ଏଠାରେ 'ଧନ କାହିଁ ପାଇଁ ସଂଚୁ' ଶବ୍ଦ ଗୁଡିକ ଅର୍ଥ ସାମ୍ୟ ଥାଇ ତାତ୍ପର୍ଯ୍ୟଗତ ପ୍ରଭେଦ ଦର୍ଶାଉଥିବାରୁ ଏଠାରେ ଲାଟାନୁପ୍ରାସ ଅଳଙ୍କାର ହୋଇଅଛି।

## (ଘ) ଉପମା ଅଳଙ୍କାର

ପୂର୍ବ ପାଠରୁ ଆମେ ଜାଣିଛେ ଯେ, ସମାନ ଧର୍ମ ଧାରଣ କରିଥିବା ଦୁଇଟି ବସ୍ତୁ ମଧ୍ୟରେ ସାଦୃଶ୍ୟ କଥନ ହେଲେ ଉପମା ଅଳଙ୍କାର ହୁଏ । ସାଦୃଶ୍ୟ କଥନ ସମୟରେ ଏକ ପ୍ରସିଦ୍ଧ ବସ୍ତୁ ସହ ଅନ୍ୟ ଏକ ବସ୍ତୁର ତୁଳନା କରାଯାଇଥାଏ । ପ୍ରସିଦ୍ଧ ବସ୍ତୁଟିକୁ ଉପମାନ ଓ ସାଧାରଣ ବସ୍ତୁଟିକୁ ଉପମେୟ ନାମରେ ନାମିତ କରାଯାଇଥାଏ । ଉପମାନ ସର୍ବଦା ଶ୍ରେଷ୍ଠ ଓ ଉପମେୟ ତାହା ଅପେକ୍ଷା ଟିକିଏ କମ୍ ମାନର । ଏଣୁ ଉପମାନ ଓ ଉପମେୟ ମଧ୍ୟରେ ସାଦୃଶ୍ୟ କଥନ ହୋଇ ଉପମେୟର ଗୁଣ ବୃଦ୍ଧି କରାଯାଇଥାଏ । ଉପମାନ ଓ ଉପମେୟ ମଧ୍ୟରେ ଥିବା ସାଦୃଶ୍ୟକୁ ସାଧାରଣ ଧର୍ମ କୁହାଯାଏ । ଏହା ବ୍ୟତୀତ ଯେଉଁ ଶବ୍ଦ ଗୁଡ଼ିକ ମାଧ୍ୟମରେ ଏହି ସାଦୃଶ୍ୟ କଥନ ସ୍ପଷ୍ଟ ରୂପେ ପ୍ରକାଶିତ ହୁଏ । ସେହି ଶବ୍ଦ ଗୁଡ଼ିକୁ ଯଥା; ଯେହ୍ନେ, ପରି, ଯଥା, ତଥା, ଯେସନ, ତେସନ, ପରି, ସରି, ତୁଲ୍ୟ ସମ ଇତ୍ୟାଦି, ଉପମାବାଚକ ଶବ୍ଦ କୁହାଯାଏ । ଅର୍ଥାତ୍ ଗୋଟିଏ ଉପମା ଅଳଙ୍କାରରେ ଉପମାନ ଶ୍ରେଷ୍ଠ ଗୁଣ ଥିବା ବସ୍ତୁ), ଉପମେୟ (ତୁଳନା କରାଯାଉଥିବା ବସ୍ତୁ ସାଧାରଣ ଧର୍ମ ଓ ଉପମାବାଚ ଶବ୍ଦ ଦ୍ୱାରା ଗଠିତ ହୋଇଥାଏ । ପୂର୍ବରୁ ଏହାର ଉଦାହରଣ ଭାବରେ ରାଧାନାଥ ରାୟଙ୍କ 'ଦରବାର' କାବ୍ୟରୁ ଏକ ପଦ୍ୟର ଉଦାହରଣ ପ୍ରଦାନ କରାଯାଇଥିଲା । ଆଉ ଏକ ଉଦାହରଣ ମାଧ୍ୟମରେ ଏହି ଅଳଙ୍କାରକୁ ଅଧ୍ୟୟନ କରିବା । କବି ରାଧାନାଥ ରାୟଙ୍କ 'ନନ୍ଦିକେଶ୍ୱରୀ' କାବ୍ୟର ଏକ ପଦ୍ୟାଂଶକୁ ଉପମା ଅଳଙ୍କାର ଉଦାହରଣ ଭାବରେ ଗ୍ରହଣ କରାଯାଇପାରେ ।

ଯଥା - "ଠାବେ ଠାବେ ତୁଙ୍ଗ ନୀଳ ଶୃଙ୍ଗମାଳା
ଶୋଭେ ଯେହ୍ନେ ଇନ୍ଦ୍ରନୀଳ ଚନ୍ଦ୍ରଶାଳା ।"

ଉପରୋକ୍ତ ପଦ୍ୟାଂଶଟିରେ ଉପମାନ ହେଉଛି 'ଚନ୍ଦ୍ରଶାଳା' ଏବଂ ଉପମେୟ 'ଶୃଙ୍ଗମାଳା' । ଶୃଙ୍ଗମାଳାର ସୌନ୍ଦର୍ଯ୍ୟକୁ 'ଚନ୍ଦ୍ରଶାଳା' ସହ ସାଦୃଶ୍ୟ କଥନ କରାଯାଉଛି । ଏଠାରେ ସାଧାରଣ ଧର୍ମ ହେଉଛି ନୀଳିମା (ନୀଳ) ଏବଂ ତୁଙ୍ଗତା (ତୁଙ୍ଗ) । ଉପମାବାଚକ ଶବ୍ଦ ହେଉଛି, ଯେହ୍ନେ । ନୀଳ ତୁଙ୍ଗ ଶୃଙ୍ଗମାଳାକୁ କବି ରାଧାନାଥ ରାୟ ଇନ୍ଦ୍ରନୀଳ ସହ ସାଦୃଶ୍ୟ କଥନ କରିଥିବାରୁ, ଏଠାରେ ଉପମା ଅଳଙ୍କାର ହୋଇଅଛି । ସେହିପରି ଆଉ ଏକ ଉଦାହରଣ :-

ନୀଳ ନୀରଦମାଳେ ଖେଳେ ଚପଳା
ଖଳ ପୀରତି ପ୍ରାୟ ସଦା ଚପଳା ।

ଏଠାରେ ଉପମାନ 'ଚପଳା' (ବିଜୁଳି) ଏବଂ ଉପମେୟ 'ଖଳ ପୀରତି' । ସାଧାରଣ ଧର୍ମ ଚପଳା ଏବଂ ଉପମା ବାଚକ ଶବ୍ଦ ପ୍ରାୟ । ଖଳ ପୀରତିକୁ (ଉପମେୟ) ବିଜୁଳିର ଚପଳତା ସହ ସାଦୃଶ୍ୟ କଥନ କରାଯାଇଥିବାରୁ ଏଠାରେ ଉପମା ଅଳଙ୍କାର ହୋଇଅଛି । ବ୍ୟବହାର ଭେଦରେ ଉପମା ଅଳଙ୍କାରକୁ (୧) ପୂର୍ଣ୍ଣୋପମା ଅଳଙ୍କାର (୨) ଲୁପ୍ତୋପମା ଅଳଙ୍କାର ଓ (୩) ମାଳୋପମା ଅଳଙ୍କାର ନାମରେ ତିନିଭାଗରେ ବିଭକ୍ତ କରାଯାଇଥାଏ । ଯେଉଁ ପଦ୍ୟ ବା ପଦ୍ୟାଂଶଟିରେ ଉପମା ଅଳଙ୍କାରର ସମସ୍ତ ଗୁଣ ଗୁଡ଼ିକ ସ୍ପଷ୍ଟ ଭାବରେ ପ୍ରକାଶିତ ହୋଇଥାଏ; ସେଠାରେ ପୂର୍ଣ୍ଣୋପମା ଅଳଙ୍କାର ହୁଏ । ଅର୍ଥାତ୍ ଯେଉଁ ପଦ୍ୟାଂଶଟିରେ ଉପମାନ, ଉପମେୟ, ସାଧାରଣ ଧର୍ମ ଓ

ସାଦୃଶ୍ୟବାଚକ ଶବ୍ଦର ସଫଳ ତଥା ସ୍ୱଷ୍ଟ ପରିପ୍ରକାଶ ଘଟିଥାଏ; ସେଠାରେ ପୂର୍ଣ୍ଣୋପମା ଅଳଙ୍କାର ହୋଇଥାଏ। ପୂର୍ବରୁ ଉଦାହରଣ ଭାବେ ଆଲୋଚନା କରାଯାଇଥିବା ଉପମା ଅଳଙ୍କାର ଗୁଡ଼ିକ ପୂର୍ଣ୍ଣୋପମା ଅଳଙ୍କାର ଅଟେ। ଏହାର କାରଣ, ଆଲୋଚିତ ଉପମା ଅଳଙ୍କାର ଗୁଡିକରେ ଉପମାନ, ଉପମେୟ ସାଧାରଣ ଧର୍ମ ଓ ସାଦୃଶ୍ୟବାଚକ ଶବ୍ଦ ବା ଉପମା ବାଚକ ଶବ୍ଦର ସ୍ୱଷ୍ଟ ପ୍ରକାଶ ଘଟିଅଛି। ଯେଉଁଠାରେ ଉପମାନ, ଉପମେୟ, ସାଧାରଣ ଧର୍ମ ବା ସାଦୃଶ୍ୟବାଚକ ଶବ୍ଦ ସାଦୃଶ୍ୟ କଥନର ଗୁଣ ଗୁଡ଼ିକ ଲୁପ୍ତ ଅଥବା ସୁପ୍ତ ଥିବାରୁ ଏହି ଲୁପ୍ତୋପମା ଅଳଙ୍କାର ସୃଷ୍ଟି ହୁଏ। ସ୍ୱଷ୍ଟ ଭାବରେ ସାଦୃଶ୍ୟ କଥନର ବର୍ଣ୍ଣନା ନହୋଇ ଏଠାରେ ଇଙ୍ଗିତାତ୍ମକ ଭାବରେ ବର୍ଣ୍ଣନା କରାଯାଇଥାଏ। ଯାହାଦ୍ୱାରା ପାଠକ ନିଜର କାବ୍ୟମାନର ମାଧ୍ୟମରେ ସେହି ଅଳଙ୍କାରର ରସ ଆସ୍ୱାଦନ କରିଥାଏ। ଗଙ୍ଗାଧର ମେହେରଙ୍କ ପ୍ରଣୟବଲ୍ଲରୀ କାବ୍ୟରୁ ଆମେ ଏହି ଲୁପ୍ତୋପମା ଅଳଙ୍କାରର ଉଦାହରଣ ପାଇପାରିବା।

ଚାହିଁଲେ ନୃପତି ଶିଶୁ ହସ୍ତ ଯେହ୍ନେ
ନବ-ବିକଶିତ ପଦ୍ମ,
ଚକ୍ରବର୍ତ୍ତୀ-ଚିହ୍ନ ସକଳ ତହିଁରେ
ରହିଛନ୍ତି କରି ସଦ୍ମ ।

ଉପରୋକ୍ତ ପଦ୍ୟାଂଶଟିରେ ଉପମାନ ହେଉଛି ନବ ବିକଶିତ ପଦ୍ମ ଏବଂ ଉପମେୟ ହେଉଛି ଶିଶୁଟିର ହସ୍ତ। 'ଯେହ୍ନେ' ହେଉଛି ସାଦୃଶ୍ୟବାଚକ ଶବ୍ଦ। ଏହି ପଦରେ ସାଧାରଣ ଧର୍ମର ଉଲ୍ଲେଖ ହୋଇନାହିଁ। ନବବିକଶିତ ପଦ୍ମ ଏବଂ ଶିଶୁର ହସ୍ତ ମଧ୍ୟରେ ଯେଉଁ ସାଧାରଣ ଧର୍ମକୁ ନେଇ ସାଦୃଶ୍ୟ କଥନ ହେବା କଥା; ସେହି ସାଧାରଣ ଧର୍ମର ଉଲ୍ଲେଖ ହୋଇନଥିଲେ ହେଁ ପାଠକ ତାହା ନିଜ ଅନୁଭବରୁ ବୁଝିପାରିଥାଏ। ନବ ବିକଶିତ ପଦ୍ମ ଯେପରି ମନୋଜ୍ଞ ସେହିପରି ଶିଶୁଟିର ହସ୍ତ। ସୌନ୍ଦର୍ଯ୍ୟ ହେଉଛି ଏଠାରେ ସାଧାରଣ ଧର୍ମ ମାତ୍ର ତାହା ସ୍ୱଷ୍ଟ ଭାବରେ ଉଲ୍ଲିଖିତ ହୋଇନଥିବାରୁ ଏଠାରେ ଲୁପ୍ତୋପମା ଅଳଙ୍କାର ହୋଇଅଛି। ସେହିପରି ଗୋଟିଏ ଉପମେୟର ଏକାଧିକ ଉପମାନ ଥିଲେ ସେଠାରେ ମାଳୋପମା ଅଳଙ୍କାର ହୁଏ। ପୂର୍ବରୁ ରାଧାନାଥ ରାୟଙ୍କ ଚନ୍ଦ୍ରଭାଗା କାବ୍ୟର ସେହି ପ୍ରସିଦ୍ଧ ପଦ୍ୟାଂଶଟିକୁ ଉଦାହରଣ ଭାବରେ ପାଠ କରିସାରିଛେ। ସେହି ପଦ୍ୟାଂଶଟି ମାଳୋପମା ଅଳଙ୍କାରର ଅନବଦ୍ୟ ସୃଷ୍ଟି। ଅବଳା ଚନ୍ଦ୍ରଭାଗା ସେଠାରେ ଉପମେୟ ହୋଇଥିବା ସମୟରେ ମିଶିଥିବା ଅଥବା ଲୀନ ହୋଇଯିବା ଥିଲା ସାଦୃଶ୍ୟ କଥନର ସାଧାରଣ ଧର୍ମ ଏବଂ ଏଥି ନିମିତ୍ତ ଅନେକ ଗୁଡିଏ ଉପମାନ ଯଥା - ପ୍ରଭାତୀ ତାରା, ଜୀବାତ୍ମା, ଚପଳା ଆଦି ଉପମାନର ବ୍ୟବହାର କରାଯାଇଅଛି। ଏବେ ଆମେ ଗଙ୍ଗାଧର ମେହେରଙ୍କ ବିରଚିତ ତପସ୍ୱିନୀ କାବ୍ୟରୁ ମାଳୋପମା ଅଳଙ୍କାର ଅଧ୍ୟୟନ କରିବା।

"ସାଗର ସମୂହ ଯଥା କ୍ଷୀରାର୍ଣ୍ଣବ,
ବୃନ୍ଦାରକବୃନ୍ଦେ ଯେମନ୍ତ ବାସବ ।
ଅବା ହିମାଚଳ-ସମୁଚ୍ଚ-ଶିଖର-
ମଣ୍ଡଳ ଯେମନ୍ତ ଗଉରୀଶଙ୍କର,
ମୁନିବୃନ୍ଦ ମଧ୍ୟେ ମହା ତପୋଧନ
ବିଶୋଭିଲେ କରି ମଣ୍ଡପେ ଆସନ ।"

ଉପରୋକ୍ତ ପଦ୍ୟାଂଶଟିରେ ଏକମାତ୍ର ଉପମେୟ ହେଉଛନ୍ତି "ମହା ତପୋଧନ"। ଏଠାରେ "ମହା ତପୋଧନ" ମହର୍ଷି ବାଲ୍ମିକୀଙ୍କୁ କୁହାଯାଇଛି। ଏହି ପଦଟିରେ ସାଦୃଶ୍ୟ କଥନର ସାଧାରଣ ଧର୍ମ ହେଉଛି 'ବିଶୋଭନ' ଅର୍ଥାତ୍ ବିଶେଷ ଭାବରେ ଶୋଭାବର୍ଦ୍ଧକ। ଉପମାବାଚକ ବା ସାଦୃଶ୍ୟବାଚକ ଶବ୍ଦ ହେଉଛି 'ଯଥା'। ମହା ତପୋଧନ ଉପମେୟର ଉପମାନ ଭାବରେ କ୍ଷୀରାର୍ଣ୍ଣବ (କ୍ଷୀର ସମୁଦ୍ର), ବାସବ, ଗଉରୀଶଙ୍କର ଉପସ୍ଥାପିତ ହୋଇଛନ୍ତି। ଉପରୋକ୍ତ ପଦ୍ୟାଂଶଟିରେ ଉପମା ଅଳଙ୍କାରର ସମସ୍ତ ଗୁଣ ସ୍ପଷ୍ଟ ଭାବରେ ପ୍ରକାଶିତ ହେବା ସହ ଏକ ଉପମେୟ ନିମିତ୍ତ ଏକାଧିକ ଉପମାନର ବ୍ୟବହାର କରାଯାଇଥିବାରୁ ଏଠାରେ ମାଳୋପମା ଅଳଙ୍କାର ହୋଇଅଛି। ସେହିପରି ଆମେ ରାଧାନାଥ ରାୟଙ୍କ ଚିଲିକା କାବ୍ୟରୁ ଥାଇ ଏକ ସଂକ୍ଷିପ୍ତ ମାଳୋପମା ଅଳଙ୍କାରର ଉଦାହରଣ ପାଠ କରିବା।

ଶୋଭିବ ଉତ୍କଳ ସଦ୍ମେ ସଦାଶୟା
ସରେ ଯଥା ପଦ୍ମ ପଦ୍ମେ ପଦ୍ମାଳୟା ।

ଏଠାରେ ଉପମେୟ ପଦ୍ମାବତୀ ଏବଂ ଉପମାନ ସରୋବର ଓ ପଦ୍ମାଳୟା (ଲକ୍ଷ୍ମୀ)। ସାଦୃଶ୍ୟ କଥନର ସାଧାରଣ ଧର୍ମ ଶୋଭାପାଇବା। ସାଦୃଶ୍ୟବାଚକ ଶବ୍ଦ 'ଯଥା'। ଏକ ଉପମେୟ ପଦ୍ମାବତୀ ନିମିତ୍ତ ଏକାଧିକ ଉପମାନ (ସରୋବର, ଲକ୍ଷ୍ମୀ)ର ଉଲ୍ଲେଖ କରାଯାଇଥିବାରୁ ଏଠାରେ ମାଳୋପମା ଅଳଙ୍କାର ହୋଇଅଛି।

### (ଙ) ରୂପକ ଅଳଙ୍କାର

ଆମେ ପୂର୍ବରୁ ପାଠ କରି ଜାଣିଛେ ଯେ, ଉପମାନ ଓ ଉପମେୟର ଅଭେଦ କଥନକୁ ରୂପକ ଅଳଙ୍କାର କୁହାଯାଏ। ଉପମା ଅଳଙ୍କାର ଅଧ୍ୟୟନ ସମୟରେ ଆମେ ଉପମାନ ଓ ଉପମେୟ ସଂପର୍କରେ ମଧ୍ୟ ଜ୍ଞାନ ଆହରଣ କରିଛେ। ଯେଉଁଠାରେ ସାଦୃଶ୍ୟ କଥନ ହୁଏ ସେଠାରେ ଉପମା ଅଳଙ୍କାର ହୁଏ ଏବଂ ଯେଉଁଠାରେ ଅଭେଦ କଥନ ହୁଏ ସେଠାରେ ରୂପକ ଅଳଙ୍କାର ହୁଏ। ଅର୍ଥାତ୍ ଉପମାନ ଓ ଉପମେୟ ମଧ୍ୟରେ ସାଧାରଣ ଧର୍ମକୁ ନେଇ ସାଦୃଶ୍ୟ କଥନ ହେଲେ ଉପମା ଅଳଙ୍କାର ହେଉଥିବା ସମୟରେ ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଥନ ହେଲେ ରୂପକ ଅଳଙ୍କାର ହୋଇଥାଏ। ଅର୍ଥାତ୍ ରୂପକ ଅଳଙ୍କାରରେ ଉପମାବାଚକ ଶବ୍ଦ, ସାଦୃଶ୍ୟବାଚକ ଶବ୍ଦ ବ୍ୟବହାର ହୁଏ ନାହିଁ। ଉତ୍କଳକବି ମଧୁସୂଦନ ରାଓଙ୍କ ପ୍ରସିଦ୍ଧ କବିତାର ଅଂଶ ବିଶେଷକୁ ଆମେ ଏହାର ଉଦାହରଣ ଭାବରେ ଅଧ୍ୟୟନ କରିଛେ। ଏବେ ଆମେ ଗଙ୍ଗାଧର ମେହେରଙ୍କ 'ପ୍ରଣୟ ବଲ୍ଲରୀ' କାବ୍ୟରୁ ଏହି ରୂପକ ଅଳଙ୍କାରର ଉଦାହରଣ ଅଧ୍ୟୟନ କରିବା :-

ବିସ୍ମୟ ଜୀମୂତ ବ୍ୟାପିଗଲା ତାର
ସହସା ହୃଦ ଗଗନେ ।

ଉପରୋକ୍ତ ପଦ୍ୟାଂଶଟିରେ ବିସ୍ମୟ ଓ ଜୀମୂତ (ମେଘ) ଏବଂ ହୃଦୟ ଓ ଗଗନ ମଧ୍ୟରେ ଅଭେଦ କଥନ ହୋଇଛି। ବିସ୍ମୟ ରୂପକ ମେଘ ହୃଦୟ ରୂପକ ଆକାଶରେ ବ୍ୟାପିଯାଇଥିବାରୁ କବି ଏହିପରି ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରୟୋଗ ଭେଦରେ ରୂପକ ଅଳଙ୍କାରକୁ ତିନି ଭାଗରେ ବିଭକ୍ତ କରାଯାଇଛି।

ସେଗୁଡ଼ିକ ହେଉଛି -

(୧) ପରମ୍ପରିତ ରୂପକ ଅଳଙ୍କାର

(୨) ସାଙ୍ଗ ରୂପକ ଅଳଙ୍କାର ଓ

(୩) ନିରଙ୍ଗ ରୂପକ ଅଳଙ୍କାର

ପରମ୍ପରିତ ରୂପକ ଅଳଙ୍କାର ସଂପର୍କରେ ପୂର୍ବରୁ ଆମେ ପାଠ କରିଛେ ଯେ, ଯେଉଁ ପଦରେ ଗୋଟିଏ ବସ୍ତୁର ଆରୋପ ନିମିତ୍ତ ଅନ୍ୟ ଏକ ବସ୍ତୁର ଆବଶ୍ୟକ ହୋଇଥାଏ। ସେଠାରେ ପରମ୍ପରିତ ରୂପକ ଅଳଙ୍କାର ହୋଇଥାଏ। ଅର୍ଥାତ୍ ଯେଉଁଠାରେ ଏକ ଆରୋପ ଅନ୍ୟ ଏକ ଆରୋପ ଦ୍ୱାରା ସମ୍ଭବ ହୁଏ ସେଠାରେ ପରମ୍ପରିତ ରୂପକ ଅଳଙ୍କାର ହୋଇଥାଏ। ଏହାର ଉଦାହରଣ ଭାବରେ ଆମେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କାବ୍ୟର ସେହି ବିଶିଷ୍ଟ ଓ ପ୍ରସିଦ୍ଧ ପଦ୍ୟାଂଶଟିକୁ ଉଦାହରଣ ଭାବରେ ଅଧ୍ୟୟନ କରିଥିଲେ; ଯେଉଁଥିରେ ଦରିଦ୍ରତା ନିମିତ୍ତ ପଦ୍ମର ଆରୋପ ହୋଇଥିବା ସମୟରେ ଜୀବନ ସହ ସର (ସରୋବର)ର ଆରୋପ କରାଯାଇଛି। ସେହିପରି ଗଙ୍ଗାଧର ମେହେରଙ୍କ 'ଇନ୍ଦୁମତୀ' କାବ୍ୟରୁ ଆମେ ପରମ୍ପରିତ ରୂପକ ଅଳଙ୍କାର ସଂପର୍କରେ ଜ୍ଞାନ ଆହରଣ କରିବା।

ଚାହିଁ ଅଦଭୁତେ ଅପୂର୍ବ ଲାବଣ୍ୟ
ରୂପସୀ - ରୂପସାଗରେ,
ରୂପଲୋଭୀ ନୃପ କୁମାରଙ୍କ ମନ
ମୀନ ବୁଡିଗଲେ ଖରେ ।

ଉପରୋକ୍ତ ପଦ୍ୟାଂଶଟିରେ ରୂପ ଓ ସାଗର ଏବଂ ମନ ଓ ମୀନ ମଧ୍ୟରେ ଅଭେଦ କଥନ ହେବା ସହ ରୂପରେ ସାଗରର ଆରୋପ ମନ ଓ ମୀନ ମଧ୍ୟରେ ଆରୋପର କାରଣ ହୋଇଥିବାରୁ; ଏହାକୁ ପରମ୍ପରିତ ରୂପକ ଅଳଙ୍କାର କୁହାଯାଇଅଛି। ସାଙ୍ଗରୂପକ ଅଳଙ୍କାର ସଂପର୍କରେ ଆମେ ଜାଣିଅଛେ ଯେ, ଅଙ୍ଗରେ କୌଣସି ବସ୍ତୁର ଆରୋପ ହେବାପରେ ଅଙ୍ଗୀଭୂତ ବସ୍ତୁ ସହ ଅନ୍ୟମାନଙ୍କର ଆରୋପ କରାଯାଇଥାଏ। ଏଥିନିମିତ୍ତ ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ' କାବ୍ୟରୁ ଉଦାହରଣ ପାଠ କରିଥିଲେ; ଯେଉଁଥିରେ କବିତାକୁ ବନିତା ବା କନ୍ୟା ସହ ଆରୋପିତ କରାଯାଇଥିବାରୁ କବି ପିତା ଭାବରେ ଆରୋପିତ ହୋଇଛନ୍ତି। କହିବା ଲୋକଙ୍କୁ ତାର ଉପମାତା ଏବଂ କୁମତି ଗୁଆଁରକୁ ତା'ର ଉପମାତାର ସନ୍ତାନ ବା ବିମାତା ଭାଇ ଭାବରେ ଆରୋପିତ କରାଯାଇଛି। ଏବେ ଆମେ ଗଂଗାଧର ମେହେରଙ୍କ 'ଇନ୍ଦୁମତୀ' କାବ୍ୟରେ ଉଲ୍ଲିଖିତ ଏକ ସାଙ୍ଗରୂପକ ଅଳଙ୍କାରକୁ ଅଧ୍ୟୟନ କରିବା।

ଦେଖିଲେ କୁମାର ଭୟଙ୍କର ରୂପୀ
ବରଷାକାଳୀନ ସମାନେ,
ଅସଂଖ୍ୟ ବାହିନୀ ଘେନି ଆସୁଛନ୍ତି
ବିଦ୍ୱେଷୀ ନରେଶ ମାନେ
ଖଡ୍‌ଗ ତଲବାର ଚପଳା ଝଲକେ
ସ୍ତନିତ ଗଜ-ଗର୍ଜନ,

ପତାକା ଉଡ୍‌ଡୀନ ବକପନ୍ତି, ସେନା-
ତର୍ଜନ ଡାହୁକ ସ୍ୱନ ।
କେତକୀ ଶାଣିତ କରବାଳ-ପୁତ୍ରୀ
ଧନୁ ଇନ୍ଦ୍ର ଶରାସନ,
ଘେନି ଅଜ-ଭାନୁ ଗ୍ରାସ ଲାଳସରେ
ଧାଉଁଛନ୍ତି ସୈନ୍ୟ-ଘନ ।

'ଇନ୍ଦୁମତୀ' କାବ୍ୟରେ ଏହି ପଦ୍ୟାଂଶଟିରେ ବାହିନୀ ସହ ବର୍ଷାକାଳ ଆରୋପିତ ହୋଇଥିବାରୁ ଖଡ୍‌ଗ, ଗଜ-ଗର୍ଜନ, ପତାକା ସହ ଚପଳା, ସ୍ତନିତ ଓ ବକପନ୍ତି ପ୍ରଭୃତି ବସ୍ତୁମାନଙ୍କର ସ୍ୱତଃ ଆରୋପଣ ସମ୍ଭବ ହୋଇଛି । ଏକ ଆରୋପଣ ଅନେକ ଆରୋପଣର କାରଣ ହୋଇଥିବାରୁ, ଏଠାରେ ସାଙ୍ଗରୂପକ ଅଳଙ୍କାର ହୋଇଅଛି । ମାତ୍ର ଯେଉଁଠାରେ ଗୋଟିଏ ଉପମାନ ସହ ଗୋଟିଏ ଉପମେୟର ଆରୋପ ହୁଏ ସେଠାରେ ନିରଙ୍ଗରୂପକ ଅଳଙ୍କାର ହୋଇଥାଏ । ଯଥା

ସଂଶୟ- ଦୋଳାରେ ପଡି ଚିତ୍ତ ମୋର
ହେଉଅଛି ଆନ୍ଦୋଳିତ
ଛାର ନାରୀ ହୋଇ କେମନ୍ତେ ବୁଝିବି
ଏତୋର ଗୂଢ ଚରିତ ।

ରାଧାନାଥ ରାୟଙ୍କ ରଚିତ 'ପାର୍ବତୀ' କାବ୍ୟରେ ଏହି ପଦ୍ୟାଂଶଟିରେ 'ସଂଶୟ' ସହ ଦୋଳା (ଦୋଳି) ର ଅଭେଦ କଥନ କରାଯାଇଅଛି । ଏଠାରେ କେବଳ ଏକ ଅଭେଦ କଥନ ବ୍ୟବହାର କରାଯାଇଥିବାରୁ ଏହାକୁ ନିରଙ୍ଗ ରୂପକ ଅଳଙ୍କାର କୁହାଯାଏ ।

### (ଚ) ଉତ୍‌ପ୍ରେକ୍ଷା ଅଳଙ୍କାର

ପ୍ରକୃତ ପଦାର୍ଥରେ ଅପକୃତ ପଦାର୍ଥର ତର୍କଣା ବା ତୁଳନା କରାଗଲେ ଉତ୍‌ପ୍ରେକ୍ଷା ଅଳଙ୍କାର ହେବାକଥା ଆମେ ପୂର୍ବ ପାଠରେ ଅଧ୍ୟୟନ କରିସାରିଛେ । ଆମେ ଏହା ମଧ୍ୟ ଜାଣିଛେ ଯେ, ଏହି ଉତ୍‌ପ୍ରେକ୍ଷା ଅଳଙ୍କାରରେ 'କି', 'ଅବା', 'ସତେ', 'ଯଥା', 'ବା' 'ବୋଧେ' ଆଦି ବାଚକ ଶବ୍ଦ ବ୍ୟବହାର ହୋଇଥାଏ । ଏଥିନିମିତ୍ତ ରାଧାନାଥ ରାୟଙ୍କ 'ଚନ୍ଦ୍ରଭାଗା' କାବ୍ୟରୁ ଏକ ପଦ୍ୟାଂଶକୁ ଉଦାହରଣ ଭାବରେ ଅଧ୍ୟୟନ କରିଛେ । ଏବେ ଆମେ ଗଙ୍ଗାଧର ମେହେରଙ୍କ 'ପ୍ରଣୟ ବଲ୍ଲରୀ' କାବ୍ୟରୁ ଏହାର ଏକ ଉଦାହରଣ ଅଧ୍ୟୟନ ପୂର୍ବକ ଏହାର ଗଠନଶୈଳୀ ସଂପର୍କରେ ଜ୍ଞାନ ଆହରଣ କରିବା ।

ଦେଖିଲା ସୁନ୍ଦରୀ ସମ୍ମୁଖେ ଅପୂର୍ବ-
ସୁନ୍ଦର ଯୁବକ - ବର,
ଅଙ୍ଗବନ୍ତ କି ସେ ଅନଙ୍ଗ ଅଥବା
ନରରୂପୀ ସୁଧାକର ?

ଏଠାରେ ଯୁବକ ବରକୁ ଅନଙ୍ଗ (କନ୍ଦର୍ପ) ଓ ସୁଧାକର (ଚନ୍ଦ୍ର) ଭାବରେ ତର୍କଣା ବା ଆରୋପଣ କରାଯାଇଅଛି। ଏଣୁ ଏହା ଉତ୍‌ପ୍ରେକ୍ଷା ଅଳଙ୍କାର ହୋଇଅଛି। ଉତ୍‌ପ୍ରେକ୍ଷା ଅଳଙ୍କାର ମୁଖ୍ୟତଃ ଦୁଇଭାଗରେ ବିଭକ୍ତ, ବାଚ୍ୟୋତ୍‌ପ୍ରେକ୍ଷା ଅଳଙ୍କାର ଓ ପ୍ରତୀୟମାନ ଉତ୍‌ପ୍ରେକ୍ଷା ଅଳଙ୍କାର। ଯଦି ଉତ୍‌ପ୍ରେକ୍ଷା ଅଳଙ୍କାରରେ ବାଚକ ଶବ୍ଦର (କି, ଅବା, ସତେ, ଯଥା, ଆଜି) ବ୍ୟବହାର ହୋଇଥାଏ ତେବେ ତାହାକୁ ବାଚ୍ୟୋତ୍‌ପ୍ରେକ୍ଷା ଅଳଙ୍କାର କୁହାଯାଏ। ଏ ଦୃଷ୍ଟିରୁ ଉପରୋକ୍ତ ଆଲୋଚିତ ଅଳଙ୍କାରଟିକୁ ମଧ୍ୟ ଆମେ ବାଚ୍ୟୋତ୍‌ପ୍ରେକ୍ଷା ଅଳଙ୍କାର ଭାବରେ ନାମିତ କରିପାରିବା। କାରଣ ଏହି ଅଳଙ୍କାରରେ 'କି, ସେ'ବାଚକ ଶବ୍ଦ ବ୍ୟବହୃତ ହୋଇଅଛି। ଯେଉଁ ଉତ୍‌ପ୍ରେକ୍ଷା ଅଳଙ୍କାରରେ ବାଚକ ଶବ୍ଦର ବ୍ୟବହାର ହୁଏ ନାହିଁ ସେହି ଅଳଙ୍କାରକୁ ପ୍ରତୀୟମାନ ଉତ୍‌ପ୍ରେକ୍ଷା ଅଳଙ୍କାର କୁହାଯାଏ। ଗଙ୍ଗାଧର ମେହେରଙ୍କ 'ପ୍ରଣୟ ବଲ୍ଲରୀ' କାବ୍ୟରୁ ଏହି ପ୍ରତୀୟମାନ ଉତ୍‌ପ୍ରେକ୍ଷା ଅଳଙ୍କାରର ଉଦାହରଣକୁ ଏଠାରେ ଅଧ୍ୟୟନ କରିବା।

କର୍ତ୍ତବ୍ୟେ ବିମୂଢ଼ ହୋଇ ମହାରାଜ
ରହିଲେ ବିଷମ କଷ୍ଟେ,
ବିଚାରିଲେ ମନେ ଚୁଚୁନ୍ଦ୍ରା ସହସା
ପଶିଗଲା ନାଗ କଣ୍ଠେ ।

ଉପରୋକ୍ତ ପଦ୍ୟାଂଶଟିରେ ମହାରାଜଙ୍କୁ ନାଗ ସହ ତର୍ଜଣା ବା ସମ୍ଭାବନା କରାଯାଇଛି ନାଗ ଭୁଲବଶତଃ ଚୁଚୁନ୍ଦ୍ରାକୁ ମୂଷା ଭାବି ଗିଳିଦେଲେ ଯେଉଁ ଅବସ୍ଥା ହୁଏ ମହାରାଜଙ୍କ ସେହି ଅବସ୍ଥାକୁ ଏଠାରେ କବି ବର୍ଣ୍ଣନା କରିଛନ୍ତି। ମାତ୍ର ଏହି ତର୍କଣାର ଅବତାରଣା ସମୟରେ କୌଣସି ବାଚକ ଶବ୍ଦ ବ୍ୟବହୃତ ହୋଇନଥିବାରୁ ଏହାକୁ ପ୍ରତୀୟମାନୋତ୍‌ପ୍ରେକ୍ଷା ଅଳଙ୍କାର କୁହାଯାଏ।

### (ଛ) ଅର୍ଥାନ୍ତରନ୍ୟାସ ଅଳଙ୍କାର

ଗୋଟିଏ ତଥ୍ୟକୁ ଅନ୍ୟ ଏକ ତଥ୍ୟ ଦ୍ୱାରା ସମର୍ଥନ କରାଗଲେ ଅର୍ଥାନ୍ତରନ୍ୟାସ ଅଳଙ୍କାର ହୁଏ। ସାଧାରଣତଃ ପ୍ରକୃତ ସହ ଅପ୍ରକୃତର ସମର୍ଥନ କରାଗଲେ ଏହି ଅଳଙ୍କାର ହୋଇଥାଏ। ଏଥି ନିମିତ୍ତ ପୂର୍ବରୁ ଆମେ ଗଙ୍ଗାଧର ମେହେରଙ୍କ 'ପ୍ରଣୟ ବଲ୍ଲରୀ' ଉଦାହରଣ ପାଠ କରିଥିଲେ। ଏଠାରେ ଚନ୍ଦ୍ରରେ କଳଙ୍କ ଥିଲେ ମଧ୍ୟ ସୁନ୍ଦର; ଏହି ପ୍ରକୃତ ବସ୍ତୁକୁ ଅନ୍ୟ ଏକ ବର୍ଣ୍ଣନାକୁ ସମର୍ଥନ କରାଯାଇଥିବାରୁ ସେଠାରେ ଅର୍ଥାନ୍ତରନ୍ୟାସ ଅଳଙ୍କାର ହୋଇଅଛି। ସେହିପରି ବର୍ତ୍ତମାନ ଆମେ ଗଙ୍ଗାଧର ମେହେରଙ୍କ ପ୍ରଣୟ ବଲ୍ଲରୀ କାବ୍ୟରୁ ଏହାର ଉଦାହରଣ ଅଧ୍ୟୟନ କରିବା।

ଆଉ ଏକ କଥା, ଲୋକଙ୍କୁ ନିପୁଣ
କରାଏ ପ୍ରକୃତି ଗୁଣ,
ତୀକ୍ଷ୍ଣ କରିବାକୁ ଯାଇ କେ ନଥାଏ
ବନ କଣ୍ଟକର ମୁନ।
(ପ୍ରଣୟ ବଲ୍ଲରୀ)

## ୩.୮ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) ଅଳଙ୍କାରର ସଂଜ୍ଞା ନିରୁପଣ ପୂର୍ବକ ଏହାର ପ୍ରକାର ଭେଦ ଲେଖନ୍ତୁ।

(ଖ) ଶବ୍ଦାଳଙ୍କାରର ଗୁଣ ଓ ଧର୍ମ ଉଦାହରଣ ସହ ଆଲୋଚନା କରନ୍ତୁ।

(ଗ) ଅର୍ଥାଳଙ୍କର କାହାକୁ କୁହାଯାଏ, ଉଦାହରଣ ସହ ବୁଝାନ୍ତୁ।

(ଘ) ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ମଧ୍ୟରେ ଥିବା ଉଦାହରଣ ସହ ବୁଝାନ୍ତୁ।

## ୩.୯ ସହାୟକ ଗ୍ରନ୍ଥସୂଚୀ


- ଅଳଙ୍କାର ପ୍ରସଙ୍ଗ, ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ-୨, ୧୯୯୭।
- ବ୍ୟାବହାରିକ ବ୍ୟାକରଣ, ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଓଡ଼ିଶା, ୨୦୧୬।
- ପ୍ରାୟୋଗିକ ଓଡ଼ିଆ ବ୍ୟାକରଣ, ଡକ୍ଟର ଧରଣୀଧର ନାୟକ, ଏସ.କେ. ପବ୍ଲିଶର୍ସ, ଭୁବନେଶ୍ୱର, ଓଡ଼ିଶା, ୨୦୧୭।
- ଓଡ଼ିଆ ଅଳଙ୍କାର ଓ ଛନ୍ଦ, ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ସତ୍ୟନାରାୟଣ ବୁକ୍ ଷ୍ଟୋର, କଟକ-୨, ୨୦୧୪।
- ଭଞ୍ଜୀୟ ଅଳଙ୍କାର ମାନସ, ଡକ୍ଟର ପ୍ରେମାନନ୍ଦ ମହାପାତ୍ର, କାବ୍ୟଲୋକ, ଗ୍ୟାରେଜ ଛକ, ଭୁବନେଶ୍ୱର, ୨୦୧୫।

# ଚତୁର୍ଥ ଏକକ: ଓଡ଼ିଆ କାବ୍ୟ ସାହିତ୍ୟରେ ଅଳଙ୍କାର ପ୍ରୟୋଗ ଧାରା

**ବିଷୟ ଗଠନ :**


୪.୧ ପଠନ ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୪ ସଂସ୍କୃତ ଓ ଓଡ଼ିଆ କାବ୍ୟ ସାହିତ୍ୟରେ ଅଳଙ୍କାର ଚର୍ଚ୍ଚା ଓ ପ୍ରୟୋଗ

୪.୫ ଆତ୍ମ ସମୀକ୍ଷଣ ପ୍ରଶ୍ନାବଳୀ

୪.୬ ସହାୟକ ଗ୍ରନ୍ଥସୂଚୀ


## ୪.୧ ପଠନ ଉଦ୍ଦେଶ୍ୟ

ଭାରତୀୟ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ, ସଂସ୍କୃତ, କାବ୍ୟାଦର୍ଶ ଦ୍ୱାରା ଗଭୀର ଭାବରେ ପ୍ରଭାବିତ। ବାସ୍ତବରେ ଦେଖିବାକୁ ଗଲେ ଭାରତବର୍ଷରେ ପ୍ରଥମେ ସଂସ୍କୃତ ଭାଷାରେ ସାହିତ୍ୟ ଓ ଜ୍ଞାନଗ୍ରନ୍ଥଗୁଡ଼ିକ ରଚିତ ହୋଇଛି। ବହୁ ପ୍ରାଚୀନ କାଳରୁ କାବ୍ୟ ରଚନା ସଂପର୍କିତ ବିଭିନ୍ନ ମତବାଦ ବିଭିନ୍ନ ମନିଷୀଙ୍କ ଦ୍ୱାରା ସମୃଦ୍ଧ ହୋଇ ଆସିଛି। ଏହି ମତବାଦଗୁଡ଼ିକୁ 'ଭାରତୀୟ କାବ୍ୟ ତତ୍ତ୍ୱ' ଅଥବା 'ପ୍ରାଚ୍ୟ କାବ୍ୟତତ୍ତ୍ୱ' ଭାବରେ ନାମିତ କରାଯାଇଥାଏ। ତେବେ ପ୍ରାଚ୍ୟ ପରିସର ସମଗ୍ର ପ୍ରାଚ୍ୟ ଭୂଖଣ୍ଡକୁ ବୁଝାଉଥିବାରୁ 'ଭାରତୀୟ କାବ୍ୟ ମତବାଦଗୁଡ଼ିକୁ' 'ଭାରତୀୟ କାବ୍ୟତତ୍ତ୍ୱ' କହିବା ଯଥାର୍ଥ ହେବ। ଭାରତୀୟ କାବ୍ୟତତ୍ତ୍ୱରେ କାବ୍ୟ ଅଧ୍ୟୟନ ନିମିତ୍ତ ରସ, ରୀତି, ଗୁଣ, ଧ୍ୱନି ଓ ଅଳଙ୍କାର ସଂପର୍କରେ ଜ୍ଞାନ ଆହରଣର ଆବଶ୍ୟକତା ସଂପର୍କରେ ପ୍ରାଧାନ୍ୟ ପ୍ରଦାନ କରାଯାଇଛି। ପୂର୍ବପାଠରେ ଅଳଙ୍କାର ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରାଯାଇଥିବା ସମୟରେ, ଏହି ପାଠରେ ଅଳଙ୍କାର ପ୍ରୟୋଗ ବିଧିର ପରମ୍ପରା ଏବଂ ସେ ସଂପର୍କରେ ରହିଥିବା ମତବାଦଗୁଡ଼ିକ ସଂପର୍କରେ ଆଲୋଚନା କରାଯିବ।

## ୪.୨ ଶିକ୍ଷଣୀୟ ବିଷୟ

ଏହି ପାଠରେ ବିଦ୍ୟାର୍ଥୀଗଣ ଯେଉଁ ବିଷୟରେ ଜ୍ଞାନ ଆହରଣ କରିପାରିବେ ସେଗୁଡ଼ିକ ହେଲା :-

- କାବ୍ୟ ରଚନା ଓ ଅଧ୍ୟୟନରେ ଅଳଙ୍କାରର ଗୁରୁତ୍ୱ ସଂପର୍କାରେ ଜ୍ଞାନ ଆହରଣ କରିପାରିବେ।
- ଭାରତୀୟ କାବ୍ୟତତ୍ତ୍ୱରେ ଅଳଙ୍କାର ସ୍ଥାନ ଓ ଗୁରୁତ୍ୱ ସଂପର୍କ ରେ ଜାଣି ପାରିବେ।
- ଅଳଙ୍କାର ସଂପର୍କରେ ବିଭିନ୍ନ ମନିଷୀମାନେ ପ୍ରଦାନ କରିଥିବା ମତବାଦ ଗୁଡ଼ିକ ସଂପର୍କର ଜ୍ଞାନ ଆହରଣ କରିପାରିବେ।
- ସଂସ୍କୃତ କାବ୍ୟ ପରମ୍ପରା ଓ ଓଡ଼ିଆ କାବ୍ୟ ପରମ୍ପରାରେ ଅଳଙ୍କାରର ପ୍ରୟୋଗ ସଂପର୍କରେ ଜ୍ଞାନ ଆହରଣ କରିପାରିବେ।

## ୪.୩ ବିଷୟ ପ୍ରବେଶ

ଭାରତୀୟ କାବ୍ୟତତ୍ତ୍ୱରେ କବିଙ୍କୁ ପ୍ରଜାପତି ସହ ତୁଳନା କରାଯାଇଛି । ଈଶ୍ୱର ଯେପରି ପୃଥିବୀକୁ ଜୀବନ୍ତ ଚଳଚଞ୍ଚଳ ଓ ଆହ୍ଲାଦମୟ କରିବା ନିମିତ୍ତ ସମସ୍ତ ଉପଚାର ଖଞ୍ଜି ରଖିଛନ୍ତି; ସେହିପରି କବି ନିଜ କାବ୍ୟ ସଂସାରରେ ପାଠକର ପରିତୃପ୍ତି ନିମିତ୍ତ ସମସ୍ତ ଉପଚାର ଖଞ୍ଜି ରଖିଥାଏ । ସେଥି ନିମିତ୍ତ ଅଗ୍ନିପୁରାଣରେ ଉଲ୍ଲେଖ ଅଛି :

"ଅପାରେ କାବ୍ୟ-ସଂସାରେ କବିରେବ ପ୍ରଜାପତିଃ
ଯଥା ସ୍ମୈ ରୋଚତେ ବିଶ୍ୱଂ ତଥୈଦଂ ପରିବର୍ତ୍ତତେ ।" (ଅଗ୍ନିପୁରାଣ, ୩୪୫/୧୦)

କାବ୍ୟରୂପି ବିରାଟ ସଂସାରରେ କବି ପ୍ରଜାପତି ତୁଲ୍ୟ । ଦୃଶ୍ୟମାନ ବିଶ୍ୱ ଜଗତକୁ ଅବଲୋକନ କରି ତା' ମଧ୍ୟରେ ଯେଉଁ ରସୋଚ୍ଛ୍ୱାସ ସୃଷ୍ଟି ହୋଇଥାଏ; ତାହାକୁ ଆହୁରି ରସମୟ ଭାବରେ ସେ ପାଠକ ନିକଟରେ ଉପସ୍ଥାପନ କରିଥାଏ । ଏଣୁ ବିଶ୍ୱନାଥ କବିରାଜ ଏ ସଂପର୍କରେ ନିଜସ୍ୱ ମତ ପ୍ରଦାନ କରି କହିଥାନ୍ତି 'ବାକ୍ୟଂ ରସାତ୍ମକଂ କାବ୍ୟମ୍' । ଅର୍ଥାତ୍ ବାକ୍ୟଟି ରସଯୁକ୍ତ ନ ହେଲେ ତାହା କାବ୍ୟମୟ ବା କାବ୍ୟରସ ପ୍ରଦାନ କରିପାରିବ ନାହିଁ । ରସାତ୍ମକ ବାକ୍ୟ ହିଁ କାବ୍ୟରେ ପ୍ରମୁଖ ଉପାଦାନ । ପଣ୍ଡିତ ଜଗନ୍ନାଥ ମଧ୍ୟ ତାଙ୍କ 'ରସ ଗଙ୍ଗାଧର' ଗ୍ରନ୍ଥରେ ଏହାକୁ ସମର୍ଥନ କରି କହିଛନ୍ତି 'ରମଣୀୟାର୍ଥ ପ୍ରତିପାଦକଃ ଶବ୍ଦ କାବ୍ୟମ୍' । ଅର୍ଥାତ୍ ରମଣୀୟ ଅର୍ଥ ପ୍ରତିପାଦନ କରୁଥିବା ଶବ୍ଦଗୁଡ଼ିକ ହିଁ କାବ୍ୟ । ବାସ୍ତବରେ ପଦ ବା ବାକ୍ୟ ଗଠନର ପ୍ରଥମ ଏକକ ହେଉଛି ଶବ୍ଦ । ଅକ୍ଷର, ଶବ୍ଦ ଓ ପାଦ ସଂଯୋଜନାରେ ଯେଉଁ ରମଣୀୟ ଅର୍ଥ ପ୍ରତିପାଦିତ ହୋଇଥାଏ ତହିଁରୁ କାବ୍ୟରସ ସୃଷ୍ଟି ହୋଇଥାଏ । ଏଣୁ ଭାରତୀୟ ପରମ୍ପରାରେ ଅକ୍ଷରକୁ ବ୍ରହ୍ମ ସହିତ ତୁଳନା କରାଯାଇଥାଏ । ଅକ୍ଷର ଦ୍ୱାରା ଶବ୍ଦ ଓ ଶବ୍ଦ ଦ୍ୱାରା ଅର୍ଥ ପ୍ରତିପାଦିତ ହୋଇଥାଏ । ଏହି ଅର୍ଥଦ୍ୟୋତକ ଶବ୍ଦ ପ୍ରୟୋଗ ମାଧ୍ୟମରେ ରମଣୀୟ ଅର୍ଥ ପ୍ରତିପାଦିତ ହେଉଥିବାରୁ ଶବ୍ଦ ସଂଯୋଜନାକୁ ରମଣୀୟ ଓ ଅର୍ଥଦ୍ୟୋତକ କାବ୍ୟ ରଚନାରେ ପ୍ରାଧାନ୍ୟ ଦିଆଯାଇଥାଏ । ଏହି ଅର୍ଥଦ୍ୟୋତନା ଅଳଙ୍କାର ମାଧ୍ୟମରେ ହିଁ ସମ୍ଭବ ହୁଏ । ଏଣୁ କାବ୍ୟ ରଚନାରେ ଅଳଙ୍କାର ପ୍ରୟୋଗ ଏକ ପ୍ରମୁଖ କବିକର୍ମ ଭାବରେ ଗ୍ରହଣ କରାଯାଇଥାଏ ।

## ୪.୪ ସଂସ୍କୃତ ଓ ଓଡ଼ିଆ କାବ୍ୟ ସାହିତ୍ୟରେ ଅଳଙ୍କାର ଚର୍ଚ୍ଚା ଓ ପ୍ରୟୋଗ

ବିଶିଷ୍ଟ ଓଡ଼ିଆ ସଂସ୍କୃତ ପଣ୍ଡିତ ବିଶ୍ୱନାଥ କବିରାଜ ତାଙ୍କର ସାହିତ୍ୟ ଦର୍ପଣ ଗ୍ରନ୍ଥରେ ଅଳଙ୍କାର ସଂପର୍କରେ ଉଲ୍ଲେଖ କରି ଲେଖିଛନ୍ତି :

"ଶବ୍ଦାର୍ଥୟୋରସ୍ଥିରା ଯେ ଧର୍ମା ଶୋଭାତିଶୟିନି
ରଦଦ୍ଦୀନୁପ୍ରକୁର୍ବନ୍ତୋଽଳଙ୍କାରାସ୍ତେଽଙ୍ଗଦାବିବିତ୍ ।"
(ସାହିତ୍ୟ ଦର୍ପଣ, ୧୦/୧)

ମନୁଷ୍ୟ ଶରୀରକୁ ଆଭୂଷଣ ଦ୍ୱାରା ଆଚ୍ଛାଦନ କଲେ ତାହାର ଶୋଭା ବର୍ଦ୍ଧନ ହୋଇଥାଏ । ସେହିପରି କାବ୍ୟ ଶରୀରକୁ ଅଳଙ୍କାର ଶୋଭା ବର୍ଦ୍ଧନ କରିଥାଏ । କାବ୍ୟର ଆତ୍ମା ରସକୁ ଏହି ଅସ୍ଥିର ଧର୍ମ ଅଳଙ୍କାର ଶୋଭାବର୍ଦ୍ଧନରେ ସହାୟକ ହୋଇଥାଏ । ରସକୁ କାବ୍ୟର ଆତ୍ମା ଏବଂ ଅଳଙ୍କାରକୁ ଏହାର ଶୋଭାବର୍ଦ୍ଧନକାରୀ

ଅସ୍ଥିର ଧର୍ମ ଭାବରେ ବିଶ୍ୱନାଥ ବର୍ଣ୍ଣନା କରିଛନ୍ତି। ସଂସ୍କୃତ କାବ୍ୟ ପରମ୍ପରାରେ ପ୍ରାୟତଃ ରସକୁ କାବ୍ୟର ଆତ୍ମା ଏବଂ ଅଳଙ୍କାରକୁ ଶୋଭା ବର୍ଦ୍ଧନକାରୀ ଅସ୍ଥିର ଧର୍ମ ଭାବରେ ମାନ୍ୟତା ପ୍ରଦାନ କରାଯାଇଥାଏ। ରସ ଓ ଅଳଙ୍କାର ମଧୁର ମିଳନରେ ସଫଳ ଓ ପ୍ରଭାବଶାଳୀ କାବ୍ୟ ରଚନା ସମ୍ଭବ ହୋଇଥାଏ। ଏଣୁ ଧ୍ୱନ୍ୟାଲୋକ ଗ୍ରନ୍ଥରେ ଆନନ୍ଦବର୍ଦ୍ଧନ ଲେଖିଛନ୍ତି:

"ରସଭାବାଦତାତ୍ ପର୍ଯ୍ୟାମାଶ୍ରିତ୍ୟ ବିନିବେଶନମ୍
ଅଳଂକୃତୀନାଂ ସର୍ବାସାମଳଙ୍କାରତ୍ୱ ସାଧନମ୍।"

ରସ ଓ ଭାବକୁ କାବ୍ୟ ସୌନ୍ଦର୍ଯ୍ୟ ସୃଷ୍ଟିକାରୀ କାରଣ ଭାବରେ ଗ୍ରହଣ କରାଗଲେ ଅଳଙ୍କାର ହେଉଛି ତାହାର ବାହ୍ୟଧର୍ମ। ରସ, ଭାବ ଓ ଅଳଙ୍କାରର ସୁସମ୍ମେଳନରେ କାବ୍ୟ ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଥାଏ। ବିଶ୍ୱନାଥ ରସ ଓ ଅଳଙ୍କାର ପ୍ରସଙ୍ଗ ଉତ୍‌ଥାପନ କରିଥିବା ସମୟରେ ଆନନ୍ଦବର୍ଦ୍ଧନ ରସ, ଭାବ ଓ ଅଳଙ୍କାର ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି।

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟ ତାଙ୍କ ରଚିତ 'ଲାବଣ୍ୟବତୀ' କାବ୍ୟରେ ଅଳଙ୍କାର ପ୍ରୟୋଗ ରୀତି ସଂପର୍କରେ ଉଲ୍ଲେଖ କରିଛନ୍ତି। ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି –

"ମୂର୍ତ୍ତିବନ୍ତ କରି ମୃଦୁ ଗୀତ ବିଚାରଇ
ଏଣୁକରି ଥିବ ଅଳଙ୍କାର ଯୁକ୍ତ ହୋଇ।
ପଦ ସରଳ ଧ୍ୱନିରେ ମାନସ ମୋହିବ
ଅର୍ଥୀଜନ ପ୍ରବରଙ୍କୁ ଆନନ୍ଦ କରିବ ହେ।"

(ଲାବଣ୍ୟବତୀ)

ଉପେନ୍ଦ୍ର ଏଠାରେ ଅଳଙ୍କାର ଦ୍ୱିବିଧ କାର୍ଯ୍ୟକାରିତା ସଂପର୍କରେ ଉଲ୍ଲେଖ କରିଛନ୍ତି। ଅଳଙ୍କାରର ପ୍ରୟୋଗ ଦ୍ୱାରା କାବ୍ୟରସ ଜୀବନ୍ତ ହୋଇ ଉଠିବ। ଏହି ଅଳଙ୍କାର ମଧ୍ୟ ଅର୍ଥୀଜନ ସମୂହଙ୍କୁ କାବ୍ୟାନନ୍ଦ ପ୍ରଦାନ କରିବ। କାବ୍ୟରସ ସୃଷ୍ଟି କରିବା ସହ ଅଳଙ୍କାର ମଧ୍ୟରେ ରହିଥିବା କାବ୍ୟ ସୌନ୍ଦର୍ଯ୍ୟ ଜ୍ଞାନୀ ପାଠକଙ୍କ ରସତୃଷ୍ଣାକୁ ପ୍ରଶମିତ କରିବାରେ ସହାୟକ ହୋଇଥାଏ। ଏଣୁ ଉପେନ୍ଦ୍ର ଅଳଙ୍କାରକୁ ତାଙ୍କର ବିପୁଳ କାବ୍ୟ ଜଗତରେ ଏହି ଦୃଷ୍ଟିକୋଣରୁ ପ୍ରୟୋଗ କରିଛନ୍ତି। ଏହା ବ୍ୟତୀତ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟରେ ମଧ୍ୟ ଅଳଙ୍କାରର କାବ୍ୟ ସୌନ୍ଦର୍ଯ୍ୟ ସଂପର୍କରେ ସେ ଉଲ୍ଲେଖ କରିଛନ୍ତି। ଏଥିରୁ ଜଣାପଡ଼େ ଯେ ଅତି ସଚେତନ ଭାବରେ 'ଅଳଙ୍କାର'କୁ ତାଙ୍କ କାବ୍ୟ ସମୂହରେ ପ୍ରୟୋଗ କରିଛନ୍ତି। ସଂସ୍କୃତ କାବ୍ୟ ପରମ୍ପରାକୁ ଭଲ ଭାବରେ ଅଧ୍ୟୟନ ପୂର୍ବକ ସେ ଉତ୍ତମ କାବ୍ୟ ରଚନା ସଂପର୍କରେ ସଚେତନ ଥିଲେ। ଏଣୁ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ସେ ଲେଖିଛନ୍ତି:

"ଏ ଛାନ୍ଦେ ଧ୍ୱନି କାକୁ ଭକ୍ତି ରୂପକ
ଶ୍ଳେଷ, ଲୁପ୍ତବର୍ଣ୍ଣ, ଚ୍ୟୁତଦତ୍ତାକ୍ଷର, ଅନ୍ତଲିପିକା ଆଦି ତର୍କ।"

କେବଳ ଉପେନ୍ଦ୍ର ନୁହଁନ୍ତି, ମଧ୍ୟଯୁଗୀୟ ସମସ୍ତ ଓଡ଼ିଆ କବି ନିଜ ନିଜ ରଚନାରେ ଅଳଙ୍କାରକୁ ପ୍ରାଧାନ୍ୟ ଦେଇଛନ୍ତି। ଦୀନକୃଷ୍ଣ ଦାସ ସେମାନଙ୍କ ମଧ୍ୟରୁ ଅଗ୍ରଣୀ। ପରୋକ୍ଷରେ ସେ ନିଜର ଅଳଙ୍କାର ପ୍ରୟୋଗ ରୀତି ସଂପର୍କରେ 'ରସ କଲ୍ଲୋଳ' କାବ୍ୟରେ ଉଲ୍ଲେଖ କରି ଲେଖିଛନ୍ତି:

"କର୍ଣ୍ଣରେ କୁଣ୍ଡଳ ହେଉଥିବ ଦୋଳାୟିତ।
କଲେ ତା ଦର୍ଶନ କଉଁସୁଖ ନୋହେ ଜାତ॥
କଣିଆଇଁ ଚାହୁଁଥିବ ନାସିକା ଫୁଲାଇ
କହୁଥିବ ବକ୍ରବାଣୀ ଅଳପ ଗେହ୍ଲାଇ॥
କର୍ଣ୍ଣେ ତାହା ଶୁଣୁଥିବ ଦେଖୁଥିବ ନେତ୍ର।
କଲେ ତାରତମ ସ୍ୱର୍ଗସୁଖ କେତେ ମାତ୍ର॥
କେବଳ ହିଁ ନୋହିଥିବ ଅତ୍ୟନ୍ତ ଉଦ୍ଧତ।
କେତେବେଳେ ନୋହିଥିବ ଅତି ଲଜ୍ଜାବନ୍ତ॥
କହିବାକୁ କହୁଥିବ ସ୍ନେହଗର୍ଭବାଣୀ।
କି କରିବ ଇନ୍ଦ୍ରସୁଖ ତାହା କର୍ଣ୍ଣେ ଶୁଣି॥
କବି ହୋଇ କରୁଥିବ ନିର୍ମଳ କବିତ୍ୱ।
କର୍ଣ୍ଣ ଦେଇ ଶୁଣୁଥିବ ରସିକ ପଣ୍ଡିତ॥
କିଞ୍ଚିତ କରି ଆସ୍ୱାଦ କରୁଥିବ ତାହା।
କହେ କୃଷ୍ଣ କି ମଧୁରେ ଲେଖିବି ମୁଁ ଏହା॥

(ରସକଲ୍ଲୋଳ - ସପ୍ତମ ଛାନ୍ଦ)

ଭାରତୀୟ କାବ୍ୟତତ୍ତ୍ୱରେ 'ଅଳଙ୍କାର' ଏକ ବିଶେଷ ସ୍ଥାନ ଅଧିକାର କରିଥାଏ। ଏହାର ଚର୍ଚ୍ଚା ବହୁ ପ୍ରାଚୀନ ଓ ଐତିହ୍ୟ ସଂପନ୍ନ। କ୍ରମାଗତ ଭାବରେ ଅଳଙ୍କାର ଚର୍ଚ୍ଚା ଏହାକୁ ଭାରତୀୟ କାବ୍ୟତତ୍ତ୍ୱର ବିଚାରଧାରା ରୂପେ ପ୍ରତିଷ୍ଠା ପ୍ରଦାନ କରିଛି। ପ୍ରଥମେ ଆଚାର୍ଯ୍ୟ ଭରତ ତାଙ୍କର ନାଟ୍ୟଶାସ୍ତ୍ରରେ ଅଳଙ୍କାର ସଂପର୍କରେ ଉଲ୍ଲେଖ କରିଛନ୍ତି। ସେ ନାଟ୍ୟଶାସ୍ତ୍ରର ଏହି ଶ୍ଳୋକରେ ଉପମା, ରୂପକ, ଦୀପକ ଓ ଯମକ, ଚାରୋଟି ଅଳଙ୍କାର ସଂପର୍କରେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି:

"ଉପମା ରୂପକଂ ଚୈବ ଦୀପକଂ ଯମକଂ ତଥା
ଅଳଙ୍କାରସ୍ତୁ ବିଜ୍ଞେୟାଶ୍ଚତ୍ୱାରୋ ନାଟକାଶ୍ରୟାଃ।

(ନାଟ୍ୟଶାସ୍ତ୍ର - ୧୭/୪୩)

ଆଚାର୍ଯ୍ୟ ଭରତଙ୍କ ନାଟ୍ୟଶାସ୍ତ୍ରରୁ ଅଳଙ୍କାର ତତ୍ତ୍ୱର ଆଲୋଚନା ଆରମ୍ଭ ହୋଇଥିଲେ ବାସ୍ତବରେ ଦେଖିବାକୁ ଗଲେ ଭାମହହିଁ ଅଳଙ୍କାର ସଂପ୍ରଦାୟର ଆଦି ପ୍ରବର୍ତ୍ତକ। ତାଙ୍କଠାରୁ ଅଳଙ୍କାର ମତବାଦ ପ୍ରତିଷ୍ଠା ପାଇଲା। ଉଦ୍‌ଭଟ, ଦଣ୍ଡୀ ଓ ରୁଦ୍ରଟ ଏହାକୁ ଏକ ମତବାଦ ରୂପେ ପ୍ରତିଷ୍ଠା ପ୍ରଦାନରେ ସହାୟକ ହୋଇଥିଲେ।

ଭାମହ ନିଜ ଗ୍ରନ୍ଥ 'କାବ୍ୟାଳଙ୍କାର' ନାନାବିଧ ଅଳଙ୍କାରର ଉଲ୍ଲେଖ କରିବା ସହ ତାହା କାବ୍ୟ ସୌନ୍ଦର୍ଯ୍ୟ ନିର୍ମାଣରେ ଯେପରି ସହାୟକ ହୋଇଥାଏ, ସେ ସଂପର୍କରେ ଆଲୋଚନା କରିଛନ୍ତି। କାବ୍ୟାଳଙ୍କାରର ପ୍ରଥମ ପରିଚ୍ଛେଦରେ ସେ ଲେଖିଛନ୍ତି:

"ରୂପକାଦିରଳଙ୍କାର-ସ୍ତସ୍ୟାନ୍ୟୈ ର୍ବହୁଧୋଦିତଃ
ନ କାନ୍ତମଣି ନିର୍ଭୂଷଂ ବିଭାତି ବାନିତାମୁଖମ୍।"

(କାବ୍ୟାଳଙ୍କାର- ୧/୧୩)

ଏହାର ଅର୍ଥ, ବନିତାର ମୁଖ ସୁନ୍ଦର ହୋଇଥିଲେ ହେଁ ଯଦି ସେ ଅଳଙ୍କାର ଶୂନ୍ୟ ହୁଏ ତେବେ ମୁଖ ମଣ୍ଡଳର ଆଭା ପ୍ରକାଶିତ ହେବ ନାହିଁ। ଏଠାରେ ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି ପ୍ରଦାନରେ ଅଳଙ୍କାର ସହାୟକ ହୋଇଥିବା କଥା ସେ ଉଲ୍ଲେଖ କରୁଛନ୍ତି। କାବ୍ୟ ସୌନ୍ଦର୍ଯ୍ୟକୁ ପ୍ରତିଭାତ କରିବା ନିମିତ୍ତ ଅଳଙ୍କାରର ଆବଶ୍ୟକ। ଅଳଙ୍କାର ନଥିଲେ କାବ୍ୟ ହୁଏତ ଶୋଭା ବିହୀନ ହୋଇ ଯାଇପାରେ। ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ସମୁଚିତ ପ୍ରୟୋଗ ଦ୍ୱାରା କାବ୍ୟ ସୌନ୍ଦର୍ଯ୍ୟ ସୃଷ୍ଟି କରାଯାଇଥାଏ। ଅଳଙ୍କାର କାବ୍ୟର ଅନ୍ତ ସୌନ୍ଦର୍ଯ୍ୟକୁ ପରିବ୍ୟାପ୍ତ କରେ। ବିଶେଷତଃ ଜ୍ଞାନୀ ପାଠକ ଅର୍ଥାଳଙ୍କାରକୁ ଭେଦ କରି ନିଜର ରସ ତୃଷ୍ଣା ପ୍ରଶମିତ କରେ। ଏଥି ନିମିତ୍ତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର 'ଲାବଣ୍ୟବତୀ' କାବ୍ୟରେ 'ଅର୍ଥୀଜନ ପ୍ରବରକୁ ଆନନ୍ଦ କରିବ ହେ' ଓ ଭକ୍ତକବି ଦୀନକୃଷ୍ଣ ରସକଲ୍ଲୋଳ କାବ୍ୟରେ "କର୍ଣ୍ଣ ଦେଇ ଶୁଣୁଥିବ ରସିକ ପଣ୍ଡିତ"ର ଉଲ୍ଲେଖ କରିଛନ୍ତି। ଏଠାରେ ଉଭୟ କାବ୍ୟର ଅନ୍ତଃ ସୌନ୍ଦର୍ଯ୍ୟ ଓ ବାହ୍ୟ ସୌନ୍ଦର୍ଯ୍ୟର ଉଲ୍ଲେଖ କରାଯାଇଛି।

ଭାମହ ଅଳଙ୍କାରର ସ୍ୱରୂପ ନିରୂପଣ କରିବାକୁ ଯାଇ 'କାବ୍ୟାଳଙ୍କାର' ଗ୍ରନ୍ଥର ପଞ୍ଚମ ପରିଚ୍ଛେଦରେ ଲେଖିଛନ୍ତି :

**("ବାଚାଂ ବକ୍ରାର୍ଥଶବ୍ଦୋକ୍ତିରଳଂକାରାୟ କଳ୍ପତେ।")**

ଏହାର ଅର୍ଥ, ବକ୍ର ଅର୍ଥବୋଧକ ଶବ୍ଦପୂର୍ଣ୍ଣ ଉକ୍ତି ହିଁ ଅଳଙ୍କାର ପଦବାଚ୍ୟ ହୋଇଥାଏ। ଅର୍ଥାତ୍ ବକ୍ରୋକ୍ତି ହିଁ ଅଳଙ୍କାରର ଆତ୍ମା। ବକ୍ରୋକ୍ତି ନହେଲେ ଅଳଙ୍କାର ସୃଷ୍ଟି ସମ୍ଭବ ନୁହେଁ। ବକ୍ରୋକ୍ତି ହିଁ କାବ୍ୟରସ ଓ କାବ୍ୟ ସୌନ୍ଦର୍ଯ୍ୟ ନିର୍ମାଣରେ ସହାୟକ ହୋଇଥାଏ। ପରବର୍ତ୍ତୀ ସମୟରେ କୁନ୍ତକ ଏହି ବକ୍ରୋକ୍ତିକୁ ଅଧିକ ପରିବ୍ୟାପ୍ତ କରିଛନ୍ତି। ସେ ବକ୍ରୋକ୍ତିକୁ ବୈଚିତ୍ର୍ୟ ବା ବୈଦଗ୍ଧ-ଭଙ୍ଗୀ-ଭଣତି ଭାବରେ ଗ୍ରହଣ କରିଥାନ୍ତି। ସେହି ଚର୍ଚ୍ଚାରୁ ବକ୍ରୋକ୍ତିବାଦର ସୃଷ୍ଟି ହୋଇଅଛି। ସେ ଲେଖିଛନ୍ତି :

**"ବକ୍ରୋକ୍ତିଃ, ପ୍ରସିଦ୍ଧାଭିଧାନ ବ୍ୟତିରେକିଣୀ ବିଚିତ୍ରୈବାଭିଧା।
କିଦୃଶୀ, ବୈଦଗ୍ଧ୍ୟଭଙ୍ଗୀଭଣିତିଃ।
ବୈଦଗ୍ଧ୍ୟଂ ବିଦଗ୍ଧଭାବଃ, କବି କର୍ମ କୌଶଳଂ, ତସ୍ୟ
ଭଙ୍ଗୀବିଚ୍ଛିତ୍ତିଃ, ତୟା, ଭଣିତିଃ, ବିଚିତ୍ରୈବାଭିଧା ବକ୍ରୋକ୍ତିରିତ୍ୟୁଚ୍ୟତେ।**

**(ବକ୍ରୋକ୍ତି ଜୀବିତମ୍-୧/୧୦)**

ଓଡ଼ିଆ କାବ୍ୟକାର ଭକ୍ତକବି ଦୀନକୃଷ୍ଣ ଦାସ ଏହି ବକ୍ରୋକ୍ତିବାଦର ଅନ୍ୟତମ ପ୍ରବର୍ତ୍ତକ। ସେ ତାଙ୍କର 'ରସକଲ୍ଲୋଳ' କାବ୍ୟରେ ଏହି ବକ୍ରୋକ୍ତି ସଂପର୍କରେ ଉଲ୍ଲେଖ କରିଛନ୍ତି। ବକ୍ରୋକ୍ତି ଯେ କାବ୍ୟ ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି କରିବାରେ ସହାୟକ ହୋଇଥାଏ, ସେ ସଂପର୍କରେ ସେ ସ୍ଥିର ନିଶ୍ଚିତ ଥିଲେ। ସେ ନିଜେ "ବକ୍ରୋକ୍ତି କାବ୍ୟ ଜୀବିତମ୍"ରେ ବିଶ୍ୱାସୀ ଥିଲେ। ଏଣୁ ନିଜ କାବ୍ୟରେ ବକ୍ରୋକ୍ତିକୁ ସେ "କୁଟିଳ ବର୍ଣ୍ଣାବଳୀ" ନାମରେ ଉଲ୍ଲେଖ କରିଛନ୍ତି। ସେ ରସକଲ୍ଲୋଳ କାବ୍ୟରେ ଶ୍ରୀକୃଷ୍ଣ ଓ ଗୋପାଙ୍ଗନାଙ୍କ କଥୋପକଥନରେ ଏହି ବକ୍ରୋକ୍ତିର ବାରମ୍ବାର ପ୍ରୟୋଗ କରିଥିବାର ଦେଖାଯାଏ। ଏହି ବକ୍ରୋକ୍ତିରୁ କୁଟିଳ ବାଣୀ ଭାବରେ ଉଲ୍ଲେଖ କରି ସେ ଲେଖିଛନ୍ତି :

**"କୁଟିଳ ବର୍ଣ୍ଣାବଳୀରେ ଅଦ୍ଭୁତ।**
**କବିହୃଦ ଅବଲମ୍ବକୁ ଜାତ।" (ରସକଲ୍ଲୋଳ - ୩୪ ଛାନ୍ଦ)**

ରସ କଲ୍ଲୋଳ କାବ୍ୟର ବହୁ ସ୍ଥଳରେ ବକ୍ରୋକ୍ତି ମାଧ୍ୟମରେ ରସ ସୃଷ୍ଟି କରାଯିବା ସହ କାବ୍ୟ ସୌନ୍ଦର୍ଯ୍ୟର ମଧ୍ୟ ନିର୍ମାଣ କରାଯାଇଛି। ଏହା ମାଧ୍ୟମରେ ଦୀନକୃଷ୍ଣ ଅଙ୍ଗୀରସର ସର୍ବଶ୍ରେଷ୍ଠ ପ୍ରକାଶ କରିବା ସହ 'ରସ କଲ୍ଲୋଳ'ର କାବ୍ୟ ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି କରି ପାରିଛନ୍ତି। ଏକାଦଶ ଛାନ୍ଦରେ ବକ୍ରୋକ୍ତିରେ ଶ୍ରୀକୃଷ୍ଣ ଗୋପାଙ୍ଗନାମାନଙ୍କୁ କହିଛନ୍ତି:

**"କୋଳେ ରଖିଅଛୁ ତୁ ଉଷୁମକୁ,**
**କହୁଅଛିନି ଯାଇଁ ମୁଁ ହିମକୁ।**
**କାହିଁ ଗଲା ସେ ବୋଲି ଲୋଡୁଅଛି,**
**କୁଚ କାନ୍ଦରେ ଆସି ଏ ପଶିଛି।**
**କୃଷ୍ଣ ବଚନେ ଗୋପୀ ବୋଲେ ବାଣୀ,**
**କାହିଁ ସମ୍ବାଦି ଥିଲ ଏହା ପୁଣି।**
**କମ୍ପୁଅଛ ଯେବେ ଶୀତ ବଳରେ,**
**କିମ୍ପା ନପଶ ଆସି ମୋ କୋଳରେ।**
**କୃଷ୍ଣ ବୋଇଲେ କାହିଁଛି ସେ ଯୋଗ,**
**କରିବାକୁ ତୋ ଉଚ୍ଚ କୁଚ ଭୋଗ।**
**କରି ନାହିଁ ମୁଁ ପୂର୍ବେ କିଛି ତପ,**
**କେଉଁ ପୀଠରେ କରି ନାହିଁ ଜପ।**
**କିଛି ଚମ୍ପା ଦେଇ ନାହିଁ ଶିବଙ୍କୁ,**
**କେଉଁ ରୂପେ ପାଇବି ତୋ ଭାବକୁ।**
**(ରସକଲ୍ଲୋଳ - ଏକାଦଶ ଛାନ୍ଦ)**

ସେହିପରି ଷୋଡ଼ଶ ଛାନ୍ଦରେ ବ୍ରକ୍ରୋକ୍ତିର ପ୍ରୟୋଗ ରସକଲ୍ଲୋଳର କାବ୍ୟ ସୌନ୍ଦର୍ଯ୍ୟ ତଥା ରସାବେଗକୁ ଉଚ୍ଚସ୍ତରକୁ ଉନ୍ନୀତ କରାଇଛି । ଜଣେ କାମ ଜର୍ଜରିତା ନାରୀ କାମ ଭାବନାରେ ମୁହ୍ୟମାନ ହୋଇ ପଥିକ ଜଣକୁ ରାତ୍ରୀଯାପନ ନିମିତ୍ତ ନିମନ୍ତ୍ରଣ ଜଣାଉଛି । ଏହି ବର୍ଣ୍ଣନାରେ କବିଙ୍କ ବକ୍ରୋକ୍ତିର ପ୍ରୟୋଗ ସର୍ବଶ୍ରେଷ୍ଠ ସୀମାରେ ଉପନୀତ ହୋଇଛି । କବି ଦୀନକୃଷ୍ଣ ଲେଖିଛନ୍ତି :

"କରନ୍ତେ ଦିନେ ଦିନେ ଦୁର୍ଦ୍ଦିନ,  କଳି ନୋହଇ ରଜନୀ ଦିନ,
କୁସୁମ ଘେନି ବହଇ ମନ୍ଦ ପବନ ହେ ।
କୁଧର ଶିରୁଁ ନିର୍ଝର ଝରେ,  ମହୀମଣ୍ଡଳ କର୍ଦ୍ଦମ କରେ,
ଚାଲନ୍ତି ନାହିଁ ପ୍ରଖରେ ପଥିକ ଜନ ହେ,
କାହା ଚରଣ ଖସେ, କେ ଦେଖି ହସେ ଯେ ।
କେଉଁ ପଥିକ ନଦୀ ତଟରେ ବସେ ଯେ ।
କରଇ ଚନ୍ତା ତରଣୀ ପାଇଁ,  କଉଁ ତରୁଣୀ ପଚାରେ ଯାଇଁ,
କେମନ୍ତେ ହୋଇଯିବ, ପୂରିଛି ଏ ଘନରସେ ଯେ ।
କୁମ୍ଭ ଭେଳାରେ ହୁଅନ୍ତ ପାରି,  ତାହିତ ଏଥି ନାହାଁନ୍ତି କରି,
ମୋହୋ ନାୟକ ନାହାନ୍ତି ଯାଇଛନ୍ତି ସେପାରି ଯେ ।
କରନ୍ତେ ଅବା ଥିଲେ ଉପାୟେ,  ଏବେ ଯାଅ ଯା ନଗର ଯାଏ,
ଦେଖୁ ତ ଅଛ ଆସୁଛି ଅନ୍ଧକାର ଶର୍ବରୀ ଯେ,
କହେ ଚତୁର-ବର ପ୍ରତି ଉତ୍ତର ଯେ ।
କଲ ମୋଠାରେ କି ଉପକାର ଗୋ ।
କହିଲ ଯେଉଁ କୋମଳ ବାଣୀ,  କୃତାର୍ଥ ହେଲି କର୍ଣ୍ଣରେ ଶୁଣି,
କେବଳ ଆଜୁଁ କିଣିଲା ପ୍ରାଣୀ ହେଲି ତୁମ୍ଭର ହେ ।"

ସେହିପରି 'ମଥୁରା ମଙ୍ଗଳ' କାବ୍ୟରେ ଭକ୍ତଚରଣ ଦାସ ବକ୍ରୋକ୍ତି ଅଳଙ୍କାରର ପ୍ରୟୋଗ କରି ଅତି ସଫଳତା ଲାଭ କରିଛନ୍ତି । ସେ ଲେଖିଛନ୍ତି :

"ତାତ ନିସତେ ଚୋରାଇ ନେଲା
ନନ୍ଦ ଘରେ ମୋତେ ଲୁଚାଇଲା
ସେ କଥା ଜାଣି  ମାମୁଁ ମୋର ପୂତନା
ପେଷି ଥରେ ମୋତେ ସଙ୍ଖୋଳିଲା ।
ହେ ଦଇବ ।" (ମଥୁରା ମଙ୍ଗଳ - ତ୍ରୟୋବିଂଶ ଛାନ୍ଦ)

ଏଠାରେ ମାମୁଁ ଅର୍ଥାତ୍ ରାଜା କଂସ ପୂତନା ଦ୍ୱାରା ସଙ୍ଖୋଳିବା କହିବା ଦ୍ୱାରା ବକ୍ରୋକ୍ତିର ପ୍ରୟୋଗ ହୋଇଛି । ପ୍ରକୃତରେ କଂସ ଶ୍ରୀକୃଷ୍ଣଙ୍କ ସଙ୍ଖୋଳିବା ପାଇଁ ପୂତନାକୁ ପ୍ରେରଣ କରିନଥିଲେ । ତାଙ୍କୁ ମାରିବା ନିମିତ୍ତ ପ୍ରେରଣ କରିଥିଲେ ହେଁ କବି ବକ୍ରୋକ୍ତିରେ ସଙ୍ଖୋଳିବା ଶବ୍ଦଟି ପ୍ରୟୋଗ କରିଛନ୍ତି ।

କୁନ୍ତକ "ବକ୍ରୋକ୍ତି" ସଂପ୍ରଦାୟର ଜଣେ ବିଶିଷ୍ଟ ପ୍ରବର୍ତ୍ତକ। ଏହାକୁ କାବ୍ୟ ସୌନ୍ଦର୍ଯ୍ୟ ଓ କାବ୍ୟରସ ନିର୍ମାଣର ମୂଳ ଆଧାର ଭାବରେ ଗ୍ରହଣ କରିଅଛନ୍ତି। ଚାତୁର୍ଯ୍ୟପୂର୍ଣ୍ଣ ଚମତ୍କାର ଅଭିବ୍ୟକ୍ତିକୁ ସେ ବକ୍ରୋକ୍ତି କହିଥାନ୍ତି। ଶବ୍ଦାଳଙ୍କାର, ଅର୍ଥାଳଙ୍କାର ଓ ପ୍ରବନ୍ଧର କୌଶଳ ଆଦିକୁ ସେ ବକ୍ରୋକ୍ତିର ପରିସର ମଧ୍ୟକୁ ଆଣିଛନ୍ତି। ବକ୍ରୋକ୍ତିକୁ ସେ କବିକୃତିର ଆତ୍ମା ଭାବରେ ମାନ୍ୟତା ପ୍ରଦାନ କରିଥାନ୍ତି। ବକ୍ରୋକ୍ତିକୁ ସେ ଛଅ ଭାଗରେ ବିଭକ୍ତ କରିଥାନ୍ତି, ଯଥା - (କ) ବର୍ଣ୍ଣ ବିନ୍ୟାସ ବକ୍ରତା, (ଖ) ପଦ-ପୂର୍ବାର୍ଦ୍ଧ ବକ୍ରତା, (ଗ) ପଦ-ପରାର୍ଦ୍ଧ ବକ୍ରତା, (ଘ) ବାକ୍ୟ ବକ୍ରତା, (ଙ) ପ୍ରକରଣ ବକ୍ରତା, (ଚ) ପ୍ରବନ୍ଧ ବକ୍ରତା । ଅନୁପ୍ରାସ ଓ ଯମକ ଅଳଙ୍କାରକୁ ବର୍ଣ୍ଣ ବିନ୍ୟାସ ବକ୍ରତାର ଅନ୍ତର୍ଭୁକ୍ତ କରାଯାଇଥିବା ସମୟରେ ରୂଢ଼ି, ଲକ୍ଷଣା, ବିଶେଷଣ, କ୍ରିୟାକାରକ ଓ ସମାସ ପଦର ବ୍ୟବହାରକୁ ପଦ-ପୂର୍ବାର୍ଦ୍ଧ ବକ୍ରତା କୁହାଯାଇଥାଏ। ପୁରୁଷ, ବଚନ, କାରକ, ଅବ୍ୟୟ ପ୍ରଭୃତିର ବକ୍ର ପ୍ରୟୋଗ ପଦ-ପରାର୍ଦ୍ଧ ବକ୍ରତା ସୃଷ୍ଟି କରେ। ଭାବ ଓ ରସ ସୃଷ୍ଟିରେ ଏହା ଅତ୍ୟନ୍ତ ସହାୟକ। ବାକ୍ୟ ବା ପଦର ବକ୍ରୋକ୍ତି ପ୍ରୟୋଗକୁ ବାକ୍ୟ ବକ୍ରତା, ବିଷୟବସ୍ତୁରେ ଚମତ୍କାରିତା ପ୍ରତିପାଦନ କଲେ ପ୍ରକରଣ ବକ୍ରତା ଓ କଥାବସ୍ତୁରେ ପ୍ରାବନ୍ଧିକ କୁଶଳତା ଥିଲେ ପ୍ରବନ୍ଧ ବକ୍ରତା କୁହାଯାଏ। କୁନ୍ତକଙ୍କ ମତରେ ବକ୍ରୋକ୍ତି ବିନା କାବ୍ୟ ରଚନା ସମ୍ଭବ ନୁହେଁ। ବକ୍ରୋକ୍ତି ଦ୍ୱାରା ହିଁ କାବ୍ୟ ସୌନ୍ଦର୍ଯ୍ୟ ସୃଷ୍ଟି କରାଯାଇଥାଏ।

କାବ୍ୟର ସୌନ୍ଦର୍ଯ୍ୟ ଏବଂ ରସାବେଗର ସୃଷ୍ଟି ନିମିତ୍ତ ଅଳଙ୍କାର ପ୍ରୟୋଗର ଆବଶ୍ୟକତାକୁ ପ୍ରାଧାନ୍ୟ ଦିଆଯାଇଛି। ତେବେ ଏହା ସମସ୍ତ କବିଙ୍କ ଦ୍ୱାରା ସମ୍ଭବ ହୋଇନଥାଏ। କବିର ଅନୁଭବ ଯେତେବେଳେ ଶବ୍ଦ ମାଧ୍ୟମରେ ବାଙ୍ମୟ ରୂପ ପରିଗ୍ରହଣ କରେ ସେତେବେଳେ ତାହା ପଶ୍ଚାଦରେ ତିନୋଟି ଗୁଣ କାର୍ଯ୍ୟ କରିଥାଏ। ସେଗୁଡ଼ିକ ହେଲା- **ପ୍ରତିଭା, ନୈପୁଣ୍ୟ** ଏବଂ **ଆଭାସ**। ଏହି ତିନୋଟି ଗୁଣର ଅପୂର୍ବ ସମନ୍ୱୟ ଦ୍ୱାରା ହିଁ ଉତ୍କୃଷ୍ଟ କାବ୍ୟ ରଚନା ସମ୍ଭବ ହୋଇଥାଏ। ବିଶିଷ୍ଟ ଆଳଙ୍କାରିକ ମମ୍ମଟ, ଦଣ୍ଡୀ, ବାମନ, ଅଭିନବଗୁପ୍ତ ଓ ହେମଚନ୍ଦ୍ର ଏହାକୁ ସ୍ୱୀକାର କରି ନିଜ ନିଜ ଭାଷାରେ ପ୍ରକାଶ କରିଛନ୍ତି। ମମ୍ମଟ "କାବ୍ୟ ପ୍ରକାଶ" ଗ୍ରନ୍ଥରେ ଲେଖିଛନ୍ତି :

**ଶକ୍ତିର୍ନିପୁଣତା ଲୋକଶାସ୍ତ୍ରକାବ୍ୟାଦ୍ୟବେକ୍ଷଣାତ୍**
**କାବ୍ୟଜ୍ଞଶିକ୍ଷୟାଭ୍ୟାସ ଇତି ହେତୁସ୍ତଦ୍‌ଭବେ। (୧/୩)**

ମମ୍ମଟ ଉଚାଙ୍ଗ କାବ୍ୟ ରଚନା ନିମିତ୍ତ ଶକ୍ତି ଅର୍ଥାତ୍ ପ୍ରତିଭାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ପ୍ରତିଭାକୁ ସକ୍ରିୟ କରିବା ନିମିନ୍ତ ନିପୁଣତା ବା ପାରଦର୍ଶିତାର ଆବଶ୍ୟକ ହୋଇଥାଏ। ଲୋକ ଜୀବନର ଅଧ୍ୟୟନ ଓ ଶାସ୍ତ୍ର ଅଧ୍ୟୟନ ଦ୍ୱାରା ଯେଉଁ ଉଚ୍ଚାଙ୍ଗ ଧୀଶକ୍ତି ଓ ବୈଦଗ୍ଧ ରସପ୍ରବଣତାର ଉଦ୍ରେକ ହୋଇଥାଏ ତାହା ପରିମାର୍ଜିତ ହୋଇ ନିପୁଣତାରେ ପରିଣତ ହୁଏ। ଏହି ନୈପୁଣ୍ୟକୁ ଅଭ୍ୟାସରେ ରୂପାନ୍ତରିତ କଲେ କାବ୍ୟ ପ୍ରତିଭା ସୃଷ୍ଟି ହୁଏ। ଏଣୁ ମମ୍ମଟ ପ୍ରତିଭା, ନୈପୁଣ୍ୟ ଓ ଅଭ୍ୟାସର ସମନ୍ୱୟରେ ଉଚ୍ଚାଙ୍ଗ କାବ୍ୟ ସୃଷ୍ଟି ହୋଇଥିବା ବିଷୟ ଉଲ୍ଲେଖ କରିଛନ୍ତି। ହେମଚନ୍ଦ୍ର ଏହାକୁ **'ନବନବୋନ୍ମେଷଶାଳିନୀ ପ୍ରଜ୍ଞା'** ଭାବରେ ତାଙ୍କର 'କାବ୍ୟାନୁଶାସନ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି। ପ୍ରଜ୍ଞାହିଁ ନିପୁଣତାକୁ ପ୍ରତିଭାରେ ରୂପାନ୍ତରିତ କରିଥାଏ। ଚମତ୍କାରିତାପୂର୍ଣ୍ଣ ଅଭିନବ କାବ୍ୟ ସର୍ଜନା ପଶ୍ଚାଦ୍‌ରେ **'ନବନବୋଲ୍ଲେଖଶାଳିନୀ ପ୍ରଜ୍ଞା'**ର ସକ୍ରିୟ ଭୂମିକା ରହିଥାଏ। ଅନ୍ୟଥା ଉଚ୍ଚାଙ୍ଗ କାବ୍ୟ ରଚନା ସମ୍ଭବ ନୁହେଁ। ପ୍ରଜ୍ଞା ଓ ପ୍ରତିଭା ସମ୍ମିଳିତ ନହେଲେ ଜାଗତିକ ଦୃଶ୍ୟକୁ ଶବ୍ଦ ଓ ଅର୍ଥ ମଧ୍ୟରେ ରସମୟ ପରିପ୍ରକାଶ ସମ୍ଭବ ନୁହେଁ। ଏଣୁ ମହିମ ଭଟ୍ଟ ତାଙ୍କ "ବ୍ୟକ୍ତି ବିବେକ" ଗ୍ରନ୍ଥରେ ଯଥାର୍ଥରେ ଲେଖିଛନ୍ତି :

"ରସାନୁଗୁଣଶବ୍ଦାର୍ଥଚିନ୍ତାସ୍ତିମିତଚେତସଃ
କ୍ଷଣଂ ସ୍ୱରୂପସ୍ପର୍ଶୋତ୍‌ଥା ପ୍ରଜ୍ଞୈବ ପ୍ରତିଭା କବେଃ।
ସାହି ଚକ୍ଷୁର୍ଭଗବତସ୍ତୃତୀୟମିତି ଗୀୟତେ
ଯେନ ସାକ୍ଷାତ୍‌କରୋତ୍ୟେଷ ଭାବାଂ ସ୍ତୈଲୋକ୍ୟବର୍ତିନଃ।"

ଏଣୁ ପ୍ରତ୍ୟେକ କବି ବିଭିନ୍ନ ଶାସ୍ତ୍ର, ଯଥା: ବ୍ୟାକରଣ, କୋଷ, ଆଗମ, ତର୍କ, ଅର୍ଥଶାସ୍ତ୍ର, ନାଟ୍ୟଶାସ୍ତ୍ର, ଶ୍ରୁତି, ସ୍ମୃତି, ପୁରାଣ, ଇତିହାସ, କାମଶାସ୍ତ୍ର, ଦଣ୍ଡନୀତି, ଛନ୍ଦ, ପ୍ରମାଣ ବିଦ୍ୟା, ସମୟ ବିଦ୍ୟା ଆଦି ଅଧ୍ୟୟନ କରିଥାନ୍ତି। ନିଜ ନିଜ କାବ୍ୟ ରଚନାରେ ତାହାକୁ ପ୍ରୟୋଗ କରି କବିସିଦ୍ଧି ଲାଭ କରନ୍ତି। ବାସ୍ତବରେ ଦେଖିବାକୁ ଗଲେ ଜ୍ଞାନଗ୍ରନ୍ଥ ଅଧ୍ୟୟନ ଓ କବି କଳ୍ପନାର ସମନ୍ୱୟରେ ରସମୟ କାବ୍ୟ ସୃଷ୍ଟି ହୋଇଥାଏ। ଓଡ଼ିଆ କାବ୍ୟ ସାହିତ୍ୟରେ ମଧ ଏହି ପରଂପରା ଦେଖିବାକୁ ମିଳେ। ମଧ୍ୟଯୁଗୀୟ କବିମାନେ ପ୍ରାୟତଃ ଏ ସଂପର୍କରେ ନିଜ ନିଜ କାବ୍ୟରେ ଉଲ୍ଲେଖ କରିଛନ୍ତି। କବି ଧନଞ୍ଜୟ ଭଞ୍ଜ 'ଅନଙ୍ଗରେଖା' କାବ୍ୟରେ ଉଭୟ 'କାମଶାସ୍ତ୍ର' ଓ 'ଜ୍ୟୋତିଶାସ୍ତ୍ର'ର ଉଲ୍ଲେଖ କରିଛନ୍ତି।

**"ମଧୁଶଯ୍ୟା କେଳି ଏହୁ ଛନ୍ଦନାମ କଉତୁକେ ଏହା ରଞ୍ଜିଲି**
**କାମଶାସ୍ତ୍ରରୁ କିଛି ପ୍ରକାଶିଲି,**
**ରସିକ ଜନଙ୍କ ବିନୋଦ ନିମନ୍ତେ ଗୀତରେ ଏହା ବର୍ଣ୍ଣିଲି।" (୧୨ଶ ଛାନ୍ଦ)**

**ସେହିପରି ନିମ୍ନ ବର୍ଣ୍ଣନାରୁ ଧନଞ୍ଜୟଙ୍କ ଜ୍ୟୋତିଷଶାସ୍ତ୍ର ଅଧ୍ୟୟନ ସଂପର୍କିତ ଜ୍ଞାନ ଜଣାଯାଇଥାଏ।**

**"ଲଗ୍ନ ସଙ୍ଗତେ ଅଛି ଦ୍ୱିଜରାଜ, ଏଥି ଚତୁର୍ଥେତମ ସୁରାଚାର୍ଯ୍ୟ।**
**ଗ୍ରହରାଜ ବିଧୂସୁତ ଷଷ୍ଠରେ, ଭୃଗୁନନ୍ଦନ ବିଜୟ ଅଷ୍ଟରେ।**
**ଦଶମେ ତ ଭୂମିସୁତ ପ୍ରକାଶ, ୟେକାଦଶେ ରବି ବଂଶାବତଂସ।**
**ଯେହୁ ସମୟେ ମିଳିବହୁ, କହୁଛନ୍ତି ଏ ମହାରାଜା ଯୋଗ।" (୨ୟ ଛାନ୍ଦ)**

ଲୋକନାଥ ବିଦ୍ୟାଧର ତାଙ୍କର 'ନୀଳାଦ୍ରି ମହୋତ୍ସବ' ଗ୍ରନ୍ଥଟିକୁ 'ପାଞ୍ଚାଳୀ' ବନ୍ଧରେ ରଚନା କରିଥିବା କଥା ଉଲ୍ଲେଖ କରିଛନ୍ତି।

**"ପାଞ୍ଚାଳୀ ବନ୍ଧେ ଏ ହୋଇଛି ବାକ୍ୟ ଲକ୍ଷଣ ମିଶି**
**ଲୋକନାଥ ବିଦ୍ୟାଧର ଏ ରସ ବାଣୀ ପ୍ରକାଶି।" (୨ୟ ଛାନ୍ଦ)**

ଲୋକନାଥ ବିଦ୍ୟାଧର ସଂସ୍କୃତ କାବ୍ୟ ପରଂପରାଂକୁ ଅନୁସରଣ କରି ପ୍ରବନ୍ଧ ରୀତିକୁ ଅତୁଟ ଭାବରେ ସେ ନିଜର 'ନିଳାଦ୍ରି ମହୋତ୍ସବ'କୁ ରଚନା କରିଅଛନ୍ତି। କବି ବିବିଧ ଅଳଙ୍କାର ପ୍ରୟୋଗ କରି ପ୍ରବନ୍ଧ ରଚନା କରିଥିବାରୁ 'ବିଦ୍ୟାଗର୍ବିତ' ନୋହି ବୋଲି ହୃଦୟଙ୍ଗମ କରିବାକୁ ପ୍ରାର୍ଥନା କରିଛନ୍ତି। ଅଳଙ୍କାର ପ୍ରୟୋଗରେ ଦୋଷର ଆଭାସ ହେଲେ ସବିଶେଷ ଧ୍ୟାନ ଦେଇ ଭାବିଲେ 'ମହାକବି ପ୍ରସିଦ୍ଧି'ର ଏହା ରଚିତ ଥିବା ବୁଝି ହେବ। ତଥାପି ସନ୍ଦେହ ହେଲେ 'ସ୍ଖଳନ'କୁ ଦୟାକରି ଉଦ୍ଧାରିବାକୁ କବି ନିବେଦନ କରିଛନ୍ତି।

**"ଏହି ପ୍ରବନ୍ଧରେ ଅଳଙ୍କାରାଦି ଲକ୍ଷଣ**
**ଯେଉଁ ଅଂଶେ ଯାହା ହୋଇଅଛି ଶୁଣ।**
**ଅଳଙ୍କାର ନେତ୍ର ଧୀରେ ଏହା ବୁଝ ଧୀରେ**
**ପ୍ରଥମେ ଅଛନ୍ତି ଲକ୍ଷଣ ଯେ ଯେ ରୂପରେ।**
**ଯେଉଁଠାରେ ଅଳଙ୍କାରାଦି ଦୋଷ ଭାସିବ**
**ସେଠାକୁ କହାକବି ପ୍ରୟୋଗେ ସିଦ୍ଧ ଥିବ।**
**ଧୀରେ ମନେ ଯେବେ ସବିଶେ ବୁଝିବ**
**ତେବେ ନିର୍ଦ୍ଦୋଷ ନିଷ୍ଟେ ସୀଉକାର କରିବ।**
**ତଥାପି ଯହିଁ କାହିଁକି ସ୍ଖଳନ ନଥିବ**
**ସୁଜନେ ତେବେ ଦୟାରେ ତା ଉଧରିବ।" (୧୨ଶ ଛାନ୍ଦ)**

ସ୍ୱଗ୍ରନ୍ଥଟିରେ ଛାନ୍ଦମାନଙ୍କର ପଦ ବହୁଳତା ଗ୍ରାହକ ମନରେ ବିରକ୍ତି ଭାବ ଜାତ କରିବାର ସମ୍ଭାବନା ଆଶଙ୍କା କରି କବି ଭାଷା 'କାବ୍ୟରେ ଛାନ୍ଦବନ୍ଧରେ ପୁଣ ଏମନ୍ତ ରୀତି'ର ଆଶ୍ରୟ ନେଇ ନିଜ କାର୍ଯ୍ୟକୁ ସମର୍ଥନ କରିଛନ୍ତି। ଏଥିରେ 'ଭାଷା' କବି ପରଂପରାକୁ ଆଶ୍ରୟ କରିଥିବା ସେ ସ୍ୱୀକାର କରିଛନ୍ତି। "(ଓଡ଼ିଆ ସାହିତ୍ୟର ଇତିହାସ, ଦ୍ୱି. ଭା., ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ, ୧୯୬୫, ପୃଷ୍ଠା - ୩୮୦)

ପ୍ରତିଭା, ନୈପୁଣ୍ୟ ଓ ଆଭାସର ମଞ୍ଜୁଳ ପରିପ୍ରକାଶ ଘଟିଛି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନିକଟରେ। ବହୁ ଶାସ୍ତ୍ରଦର୍ଶିତା, ପାଣ୍ଡିତ୍ୟ, କବିତ୍ୱ ଓ ତାହାର ରସମୟ ବାଙ୍ମୟ ପରିପ୍ରକାଶ ତାଙ୍କ କାବ୍ୟ ସାହିତ୍ୟକୁ ଅନନ୍ୟ ସଫଳତା ପ୍ରଦାନ କରିଛି। ତାଙ୍କର ପ୍ରତ୍ୟେକଟି କାବ୍ୟରେ ଭରି ରହିଛି ଅନନ୍ୟତା। ପାଣ୍ଡିତ୍ୟ ଓ କବିତ୍ୱର ଅନନ୍ୟ ସ୍ମାରକୀ ତାଙ୍କର କାବ୍ୟ ସାହିତ୍ୟ। ନ୍ୟାୟ ଶାସ୍ତ୍ର, ଯୁଦ୍ଧଶାସ୍ତ୍ର, କାମଶାସ୍ତ୍ର, ଭୁଗୋଳ, ପ୍ରକୃତି, ଜ୍ୟୋତିଷଶାସ୍ତ୍ର, ଅଳଙ୍କାର ଶାସ୍ତ୍ରର ଗଭୀର ଅଧ୍ୟୟନ ସହ କାବ୍ୟରେ ତାହାର ମଞ୍ଜୁଳ ବିନ୍ୟାସ ତାଙ୍କ କାବ୍ୟଗୁଡ଼ିକୁ ଓଡ଼ିଆ କାବ୍ୟ ସାହିତ୍ୟରେ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଥାଏ। ନୈପୁଣ୍ୟ ଓ ଆଭାସର ମିଳନରେ ପ୍ରତିଭା କିପରି ବିକଶିତ ହୁଏ; ତାହାର ଦୁର୍ଲଭ ଉଦାହରଣ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ। 'ରସପଞ୍ଚକ'ରେ ସେ ନିଜର କାବ୍ୟାଦର୍ଶ ତଥା ସଂସ୍କୃତ ଗ୍ରନ୍ଥ ଅଧ୍ୟୟନ ସଂପର୍କରେ ସୁବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ସେ ଲେଖିଛନ୍ତି:

**"ରୁଚ୍ୟ ବୋଲି ଛାନ୍ଦ ଚଉପଦୀ ଚଉତିଶା ଢଗ ପଞ୍ଚବିଧି ଗୀତେ ଥିବ,**
**ରସପଞ୍ଚକ ବର୍ଣ୍ଣରେ ବର୍ଣ୍ଣନା ହେବାରୁ ରସପଞ୍ଚକ ଏ ବୋଲାଇବ।**
**ରସତରଙ୍ଗିଣୀ ଗ୍ରନ୍ଥ ସାହିତ୍ୟ ଦର୍ପଣ କବି ସମ୍ମତିକି ଏ ଆସିବ,**
**ରସାଇବ ଚିତ୍ତ ଗୀତ ନାୟିକା ନାୟକ- ଲକ୍ଷଣରେ ପରିପୂର୍ଣ୍ଣ ହେବ।"**

କବି ଉପେନ୍ଦ୍ର ଏଠାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ, ସେ ବିଶ୍ୱନାଥ କବିରାଜଙ୍କ 'ରସତରଙ୍ଗିଣୀ' ଓ 'ସାହିତ୍ୟ ଦର୍ପଣ' କେବଳ ଅଧ୍ୟୟନ କରି ନାହାନ୍ତି, ସେଠାରେ ଉଲ୍ଲେଖ ଥିବା ତତ୍ତ୍ୱ ଆଧାରରେ ସେ ତାଙ୍କ 'ରସପଞ୍ଚକ' ରଚନା କରି ରସ ସୃଷ୍ଟି କରିବାରେ ଚେଷ୍ଟା କରିଛନ୍ତି। ସେ ଅଧ୍ୟୟନ କରିଥିବା ଗ୍ରନ୍ଥ ସମ୍ପର୍କରେ ସୂଚନା ଦେଇ ପୁନର୍ବାର ଲେଖିଛନ୍ତି:

"କହିଲି ଖ୍ୟାତେ, ଅଳଙ୍କାର ଗୀତେ, କରି ଆନଗ୍ରନ୍ଥୁ ରସ ସହିତେ।
କାବ୍ୟ ପ୍ରକାଶ, ସ୍ମରଶାସ୍ତ୍ର ରସ, କବି କଳ୍ପଲତାର ଯେ ବିଶେଷ।
କବିତ୍ୱରୀତି, ଯେତେ ରୂପେ ସ୍ଥିତି, କବୀଶ ହୃଦୟେ ହେବ ପ୍ରତୀତି।"

ଉପେନ୍ଦ୍ର ମମ୍ମଟଙ୍କ 'କାବ୍ୟ ପ୍ରକାଶ' ଗ୍ରନ୍ଥର ଉଲ୍ଲେଖ କରି ନିଜକୁ 'ନବନବୋଲ୍ଲେଖଶାଳିନୀ ପ୍ରଜ୍ଞା' ସଂପର୍କରେ ସଚେତନ ଥିବା କଥା ପାଠକ ତଥା ସୁଧୀ ସମାଜକୁ ସ୍ମରଣ କରାଇ ଦେଇଛନ୍ତି। ପରୋକ୍ଷରେ ସେ ସୂଚାଇ ଦେବାକୁ ଚାହିଁଛନ୍ତି ଯେ, ତାଙ୍କ କାବ୍ୟ ରସ ପାନ କରିବାକୁ ହେଲେ ଶାସ୍ତ୍ର ଅଧ୍ୟୟନର ଏକାନ୍ତ ଆବଶ୍ୟକତା ରହିଛି। ଉପେନ୍ଦ୍ର ସ୍ପଷ୍ଟ ଭାବରେ ଲେଖିଛନ୍ତି ଯେ,ତାଙ୍କ କାବ୍ୟର ରସ, ରୀତି, ଗୁଣ, ଅଳଙ୍କାର, ନାୟକ, ନାୟିକା ତଥା ଅନ୍ୟାନ୍ୟ ବର୍ଣ୍ଣନା ସମଗ୍ର ଶାସ୍ତ୍ରଭିତ୍ତିକ। ବହୁ ଶାସ୍ତ୍ର ଅଧ୍ୟୟନ ପୂର୍ବକ ତାହାର ସାରାଂଶ ଓ ପୃଷ୍ଠଭୂମିରେ ସେ ନିଜର କାବ୍ୟସୌଧ ନିର୍ମାଣ କରିଛନ୍ତି। ଏଣୁ ସେହି 'ରସପଞ୍ଚକ'ରେ ଅନ୍ୟ ଏକ ପ୍ରସଙ୍ଗରେ ସବିଶଦ ଉଲ୍ଲେଖ କରି ଲେଖିଛନ୍ତି:

**"କାଶ୍ୟପିକାନ୍ତ, ତାହାଙ୍କ ସୁତ, କୃତଜ୍ଞ ନୀଳକଣ୍ଠ ଭଞ୍ଜସୁତ।**
**କୁମର ଜ୍ୟେଷ୍ଠ, ତାଙ୍କର ଶ୍ରେଷ୍ଠ, କବି-ପଣରେ ଅତି ପରିନିଷ୍ଠ।**
**କାବ୍ୟ, ନାଟକ, ଅଳଙ୍କାରଯାକ, କୋବିଦେ କେବଳ ବୋଲନ୍ତି ଏକ।**
**କୋଷାଭିଧାନ, ସାକ୍ଷାତ ଜନ, କବିତ୍ୱ ଛନ୍ଦବଳେ କେ ସମାନ।**
**କଥିତ କୀର୍ତ୍ତି ଗୀତେ ଏମିତି, କାଳିଦାସ-ବାଣୀ ପରାୟେ ସ୍ଫୂର୍ତ୍ତି।**
**କଳା-ପିଙ୍ଗଳ, ଶାସ୍ତ୍ରେ ଅନର୍ଗଳ, କେତେ ପ୍ରବନ୍ଧ ପୂରାଇ ଭୂତଳ।**
**କୃତକେ ଯଶ, ଲୋକ ପ୍ରକାଶ, କବି ଗର୍ବ ପର୍ବତକୁ କୁଳିଶ।**
**କରିଣ ଚିତ୍ତେ ପଞ୍ଚବିଧିଗୀତେ, କାଲି ସାକ୍ଷାତେ ରସିକଙ୍କ ହିତେ।**
**କବିତ୍ୱ ମୋର ହେବ ଯେ ପ୍ରକାଶ, କର ବିବେକ ସୁଧୀ ବିଜ୍ଞବର।**
**କବି ସୁହୃଦ, ହୃଦକୁମୁଦ, କରିବାକୁ ମୋଦ ପୂର୍ଣ୍ଣମୀ ଚାନ୍ଦ।"**

"ରସ" ସଂପର୍କରେ ଏହି ଅନବଦ୍ୟ ଗ୍ରନ୍ଥଟିରେ ସମତୁଲ ରଚନା ଓଡ଼ିଆ କାବ୍ୟ ସାହିତ୍ୟ ପରମ୍ପରାରେ ଦୃଷ୍ଟିଗୋଚର ହୁଏ ନାହିଁ। ତାଙ୍କର ସମଗ୍ର କାବ୍ୟରାଜିରେ ପାଣ୍ଡିତ୍ୟ ଓ ବହୁଶାସ୍ତ୍ରଦର୍ଶିତାର ଲକ୍ଷଣ ପରିସ୍ଫୁଟ ହୋଇଥିଲେ ହେଁ ଉତ୍ତୁଙ୍ଗ କବିତ୍ୱର ପରିପ୍ରକାଶ ଦ୍ୱାରା ସେ ଯେଉଁ ରସ ସାମ୍ରାଜ୍ୟ ସୃଷ୍ଟି କରିଛନ୍ତି; ତାହା ଓଡ଼ିଆ ସାହିତ୍ୟରେ ଅନନ୍ୟ। ଏପରିକି 'ଅବନା ରସତରଙ୍ଗ' ଓ 'ଚିତ୍ରକାବ୍ୟ ବନ୍ଧୋଦୟ' ଗ୍ରନ୍ଥ ଦୁଇଟି ଓଡ଼ିଆ କାବ୍ୟ ସାହିତ୍ୟର ଅମୂଲ୍ୟ ସମ୍ପଦ। କବି ପ୍ରତିଭାର ସର୍ବଶ୍ରେଷ୍ଠ ସ୍ୱାକ୍ଷର ଏହି ଗ୍ରନ୍ଥ ଦୁଇଟିର ପ୍ରତିଦ୍ୱନ୍ଦ୍ୱୀ କେହି ନାହାନ୍ତି। ପ୍ରତିଭା, ନୈପୁଣ୍ୟ ଏବଂ ଅଭ୍ୟାସର ସମନ୍ୱୟ ବିନା ଏପରି କାବ୍ୟ ତଥା ବିରାଟ କାବ୍ୟସୌଧ ନିର୍ମାଣ ଅସମ୍ଭବ।

"ଅବନା ରସତରଙ୍ଗ"ରେ ବାରଟି କ୍ଷୁଦ୍ର ଛାନ୍ଦରେ କବିଙ୍କ ଗଭୀର ପାଣ୍ଡିତ୍ୟ ଓ ଶ୍ରେଷ୍ଠ କବିତ୍ୱର ପ୍ରକାଶ ଘଟିଛି। ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଏହି ଗ୍ରନ୍ଥ ସମ୍ପର୍କରେ ଲେଖିଛନ୍ତି: "କବି ଅବନା ବ୍ୟତୀତ ଅନ୍ୟାନ୍ୟ ଅଳଙ୍କାର ପ୍ରୟୋଗ ମଧ୍ୟ କରିଛନ୍ତି। ଉପମା, ଉତ୍ପ୍ରେକ୍ଷା, ଉପମାନିନ୍ଦା, ଯମକ, ଶୃଙ୍ଖଳା, ସିଂହାବଲୋକନ ପ୍ରଭୃତି ଏଥିରେ ଶୋଭନ ଭାବରେ ବ୍ୟବହୃତ ହୋଇଛି।

କାବ୍ୟଟିରେ ରାମଙ୍କ ମେଘଦୂତ, ପବନଦୂତ, ପବନାତ୍ମଜ ଦୂତ, ସୀତାଙ୍କ ଶୋଭା ଓ ଋତୁ ବର୍ଣ୍ଣନାଦି ପ୍ରାକୃତିକ ବର୍ଣ୍ଣନା ଅତି ମନୋହର ଓ କବିତ୍ୱପୂର୍ଣ୍ଣ ହୋଇଛି। ସୀତାଙ୍କ ମୁଖମଣ୍ଡଳ, ନେତ୍ରାଦିର ଶୋଭା ବର୍ଣ୍ଣନାରେ କବି ଅନନ୍ୟ ସାଧାରଣ କବି ପ୍ରତିଭା ପ୍ରକାଶ କରିଛନ୍ତି।

କାବ୍ୟଟି ବାରଟି ଛାନ୍ଦରେ ରଚିତ, ମୋଟ୍‌ରେ ୩୮୧ ପଦ ବା ୬୮୮ ପାଦ ଏଥିରେ ଅଛି। କବି ପ୍ରାୟ ତିନି-ଚତୁର୍ଥାଂଶ ସହସ୍ର ଚରଣ କବିତ୍ୱ ଓ ପାଣ୍ଡିତ୍ୱପୂର୍ଣ୍ଣ ପଦ୍ୟ ଅବନା ଅକ୍ଷରରେ ରଚନା କରି ଏକ ନୂତନ ବଳିଷ୍ଠ ଆଦର୍ଶ ସ୍ଥାପନ କରି ପାରିଛନ୍ତି। ଏହାକୁ ସାହିତ୍ୟ ଜଗତରେ ଏକ ଆଶ୍ଚର୍ଯ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ।(ଓଡ଼ିଆ ସାହିତ୍ୟର ଇତିହାସ, ତୃତୀୟ ଭାଗ, ୨୦୧୨, ପୃଷ୍ଠା ୫୫)

"ଅବନା ରସତରଙ୍ଗ'ରେ ରାମଚନ୍ଦ୍ରଙ୍କ ମାଧ୍ୟମରେ ବିପ୍ରଲମ୍ଭ ଶୃଙ୍ଗାରର ବର୍ଣ୍ଣନା ଯେକୌଣସି ବିଦଗ୍ଧ ପାଠକଙ୍କୁ ଚମତ୍କୃତ କରିଥାଏ। ପାଣ୍ଡିତ୍ୱ ଏବଂ କବିତ୍ୱ ବିନା ଏପରି ପଦ ରଚନା ସମ୍ଭବ ନୁହେଁ। କବି ଲେଖିଛନ୍ତି:

**"ଜନକ ସତ୍ୟବତ୍ସଳ, ଗମନ ଗହନସ୍ଥଳ,**
**ଭସ୍ମ ଚର୍ମ ଜଟଧର ନଗ ଭବନ**
**ଅଳକ ତଳର ସତ, ଅର୍ଦ୍ଧ ଶଶଧରବତ,**
**ଦଗ୍ଧ ସ୍ୱର୍ଣ୍ଣବତ ଧନ ଦତ୍ତ ବସନ।**
**ତବ ପରକ୍ରୟ ନୟନ, ଉରଗ ଅଙ୍ଗଦ ବୃଷଧ୍ୱଜ ଉଲଗ୍ନ।୧୪।**
**ଚଳ ଚଳ ମନମଥ, ରଜତପ୍ରସ୍ଥ ପ୍ରମଥ,**
**ବରସଙ୍ଗ ଅନରଥ ସମର୍ଥପଣ,**
**ଏକସ୍ଥ ଦମ୍ଭ ନ ମନ୍ଥ, ଏ ଯଶ ପ୍ରକଟ ବ୍ୟର୍ଥ**
**ନ ବହ ନ ବହ ଏତା ମଦ ଲକ୍ଷଣ।**
**ସର୍ପ ସମ ପର ଅପର, ନକର ନକର ହତ ପଞ୍ଚମ ଶର।୧୫। (ଚତୁର୍ଥ ଛାନ୍ଦ)**

ଉପେନ୍ଦ୍ର କବି ପ୍ରତିଭା ଓ ପାଣ୍ଡିତ୍ୟର ସର୍ବଶ୍ରେଷ୍ଠ ପରିପ୍ରକାଶ ଘଟିଛି "ଚିତ୍ରକାବ୍ୟ ବନ୍ଧୋଦୟ" କାବ୍ୟରେ। ଏହି କାବ୍ୟ ରଚନା ପଦ୍ଧତି ଏକାନ୍ତ ଅୟାସସାଧ୍ୟ ହୋଇଥିବାରୁ ପ୍ରାୟତଃ ଏପରି କାବ୍ୟ ରଚନା ପ୍ରତି କବିମାନେ ଆଗ୍ରହ ପ୍ରକାଶ କରି ନଥାନ୍ତି। ଓଡ଼ିଆ ସାହିତ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବ୍ୟତୀତ ସଦାନନ୍ଦ ଓ ଅଭିମନ୍ୟୁ ଚିତ୍ରକାବ୍ୟ ରଚନା କରିଛନ୍ତି। ଆଳଙ୍କାରିକମାନେ ଏହି କାବ୍ୟ ରଚନା ପଦ୍ଧତିକୁ ସର୍ବଶ୍ରେଷ୍ଠ ପଦ୍ଧତି ଭାବରେ ମାନ୍ୟତା ପ୍ରଦାନ କରିଥାନ୍ତି। ଅପରିମିତ ଶବ୍ଦଜ୍ଞାନ ସହ ଶବ୍ଦ-ଚୟନ-ଗଠନ-କୌଶଳର ସର୍ବଶ୍ରେଷ୍ଠ ପରିମାପକ ଏହି କାବ୍ୟ ରଚନା ପଦ୍ଧତି। ପାଣ୍ଡିତ୍ୟ ବିନା ଏହି କାବ୍ୟ ରଚନା ଅସମ୍ଭବ। ଶବ୍ଦ ସଂଯୋଜନା ମାଧ୍ୟମରେ ଉଚ୍ଚାଙ୍ଗ ରସସୃଷ୍ଟି ଏହି ସଂଗଠନ କୌଶଳର ବୈଶିଷ୍ଟ୍ୟ ଯାହା ସାଧାରଣତଃ ସମ୍ଭବ ହୋଇନଥାଏ। ଅସାଧାରଣ ପ୍ରତିଭା ସଂପନ୍ନ କବିମାନେ ହିଁ ଏହି କାବ୍ୟ ରଚନାରେ ସିଦ୍ଧି ହାସଲ କରିପାରିଥାନ୍ତି। କବିସମ୍ରାଟ ଉପେନ୍ଦ୍ର ସଂସ୍କୃତରେ ରଚିତ 'କବିକଳ୍ପଲତା', 'ସାହିତ୍ୟ ରତ୍ନାକର', 'ମାଘକାବ୍ୟ', 'ଛନ୍ଦମଞ୍ଜରୀ' ଓ 'ଛନ୍ଦ ରତ୍ନାକର' ଅଧ୍ୟୟନ ମାଧ୍ୟମରେ ଏହି କାବ୍ୟ ରଚନା କରିଥିବାର ଉଲ୍ଲେଖ କରିଛନ୍ତି।

"ଭେଦମାନ ପୁଣି ଅପାର ଅଛି,
ଯେଉଁ କବି ଯେତେ ଭେଦି ପାରିଛି,
କବି କଳ୍ପଲତା ମତେ ଏ ଭାବେ,
ସାହିତ୍ୟ ରତ୍ନାକର ମାଘକାବ୍ୟେ।" (୧ମ ଛାନ୍ଦ)
ଓ
"ଏଥୁ ଅନନ୍ତେ ମେଧାବୀ ସୁବୁଦ୍ଧି,
ବୁଝ ଚିତ୍ରପ୍ରବନ୍ଧ ବନ୍ଧବିଧି।
ଛାନ୍ଦମଞ୍ଜରୀ ଛାନ୍ଦରତ୍ନାକର
ଯେତେ ବିଦଗ୍ଧ ମଣ୍ଡନ-ବିଚାର। (୨ୟ ଛାନ୍ଦ)

'ଚିତ୍ରକାବ୍ୟ ବନ୍ଧୋଦୟ'ରେ ଛାନ୍ଦ, ବନ୍ଧ ଓ ଚିତ୍ରର ସମୀକରଣରେ ଏକ ଅନନ୍ୟ କାବ୍ୟ ପଦ୍ଧତି ନିର୍ମାଣ କରାଯାଇଛି। ଛାନ୍ଦ ଓ ବନ୍ଧର ପାର୍ଥକ୍ୟ ଦେଖାଇବାରେ ମଧ୍ୟ ସେ ସଫଳ ହୋଇଛନ୍ତି। ଏହା ବ୍ୟତୀତ ଅବନା, ବନା, ଏକାକ୍ଷର ଓ ଦ୍ୱିଅକ୍ଷର ପଦ ସଂଯୋଚନା ମଧ୍ୟ ରହିଛି। ଏହି କାବ୍ୟରେ ଯେଉଁ ବନ୍ଧର ଉଲ୍ଲେଖ ରହିଛି ସେଗୁଡ଼ିକ ହେଲା :

"ଅଟାଳୀ, ସୂର୍ଯ୍ୟରଥ, ପ୍ରାସାଦ, ପୀଢ, ବିମାନ, ମଣ୍ଡପ, ମହାରଥ, ପୁଷ୍କରଥ, ରଥ, ପ୍ରାଚୀନ ରଥ, ଚକ୍ର, ପଞ୍ଚମସ୍ତ, ଯୁଗଳ ନାଗ, ଗୀଳମସ୍ତ, ଶୂଳ, ଖଡ଼୍ଗ, ମୁରଜ, ପରଶୁ, ପୁଚ୍ଛ, ମସ୍ତ, ଶଙ୍ଖ, ଷୋଡଶଦଳ, ଶିବଦଳ, କବାଟ, ଅଷ୍ଟଦଳ, ଦୋପୁରି, ଆବୃତପଦ୍ମ, ଚତୁରଙ୍ଗ, ଅଶ୍ୱଗତି, ଗୁଚ୍ଛ, ଗଦା, ଡମ୍ବରୁ, ବଜ୍ର, ଶକଟ, ନାଗନାଡ଼ି, କୂର୍ମ, ଗୋମୂତ, ବୀଣା, ଜ୍ୟୋତିଶ୍ଚକ୍ର, ରକା, କାକପାଦ, ମାଳା, ତ୍ରିଶାଖା, ଯମଦର, ଫଳକ, କିଙ୍କିଣୀ, ଲଗୁଡ଼, ତରୁଆରୀ, କାତି, ଧନୁ, ଲତା, ପାଶ, ଅଜାଯୁଦ୍ଧ, ନାଗଫାଶ, ମହାପଦ୍ମ, ମହାଚକ୍ର, ଗବାକ୍ଷ, ସ୍ୱସ୍ତିକ, ସ୍ୱସ୍ତିକଚକ୍ରକେଳି, ଛତ୍ରବନ୍ଧ, ଜଗତୀ, ପଦ୍ମଛନ୍ଦ, ତ୍ରାସ, ମେଷଯୁଦ୍ଧ, ବହିତ୍ର, ତୁରଙ୍ଗଗତି, ସର୍ବେତୋଭଦ୍ର, ହଳ, ଲଙ୍ଗଳ, ଚନ୍ଦ୍ର ବିମ୍ବରଥ, ଅଙ୍କୁଶ, ଛୁରିକା, ଯୁଗଳ-କୁକୁଟ ଯୁଦ୍ଧ, ଅଷ୍ଟକୋଣ, ଚାମର, ପର୍ଯ୍ୟଙ୍କ - ଏପରି ୮୪ଟି ବନ୍ଧର ଉଦାହରଣ ପଦ ଦିଆଯାଇଛି।

ବିବେକୀ ରସିକମାନେ ଚିତ୍ର ଅଙ୍କନ କରି ଅକ୍ଷର ବିସାନ୍ତି ଏବଂ ପଦର ସାର୍ଥକତା ହୃଦୟଙ୍ଗମ କରି ଅପାର ଆନନ୍ଦ ଉପଭୋଗ କରନ୍ତି।

ଏହି ଛାନ୍ଦ, ବନ୍ଧରେ ଗଭୀର ପାଣ୍ଡିତ୍ୟ, ଅଙ୍କନଶୈଳୀର ଜ୍ଞାନ ପ୍ରକାଶ ପାଇଛି। (ଓଡ଼ିଆ ସାହିତ୍ୟର ଇତିହାସ, ତୃତୀୟ ଭାଗ, ୨୦୧୨, ପୃଷ୍ଠା-୧୨୨, ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ)

ସଂସ୍କୃତ କାବ୍ୟ ପରଂପରା ଓ ସଂସ୍କୃତ ଶାସ୍ତ୍ର ପରଂପରାକୁ ଯେ ସେ ଅତି ସଫଳ ଭାବରେ ନିଜ କାବ୍ୟରେ ପ୍ରୟୋଗ କରିଥାନ୍ତି ତାହା ସେ ବାରମ୍ବାର ଉଲ୍ଲେଖ କରିବାକୁ ଭୁଲନ୍ତି ନାହିଁ। କାରଣ ଶାସ୍ତ୍ର ଅଧ୍ୟୟନ ବ୍ୟତିରେକ ଉପେନ୍ଦ୍ର କାବ୍ୟରସ ଅନୁଭବ ଅସମ୍ଭବ। ତାଙ୍କର ସମସ୍ତ କାବ୍ୟ ପ୍ରସଙ୍ଗ ଶାସ୍ତ୍ରାନୁମୋଦିତ। ଏଣୁ ସେ ଏହି କାବ୍ୟରେ ମଧ୍ୟ ସଂସ୍କୃତ ଶାସ୍ତ୍ର ସଂପର୍କରେ ଉଲ୍ଲେଖ କରିବାକୁ ବିସ୍ମୃତ ହୋଇ ନାହାନ୍ତି।

**ଚିତ୍ରକାବ୍ୟ ବନ୍ଧୋଦୟ**



(ଚିତ୍ର)

କେଉଁ ପୁଂସ ପଥେ ଦେଖି ରାମାମଣି। ସ୍ନେହେ ନାଗନାଡ଼ିବନ୍ଧେ କହେ ବାଣୀ।୯।
ରସରଙ୍ଗ ରସଦା ସେ କୃପା ବଶ। ରତି ରତ ତୁ କକ୍ଷାର ମୋ ହରଷ। ୧୦।
ରସେ କୃତ କୁ ସଦା ପାର ମୋର। ରସବତୀ କହ ଗିର ସ କ୍ଷାର। ୧୧।
କେହୁ ବିଦେଶେ ରହି ଦଇବ ବଶେ। କୁର୍ମବନ୍ଧେ (୪୨) ବାଳାର ଚରିତ ଘୋଷେ।୧୨।
ହା ହା ହା ହା ରସା ସାର ଶୋଭାଧାରୀ। ପୁରହର ପର ଘୋର ଦର ହାରୀ।୧୩।

**ବୈଦେହୀଶ ବିଳାସର କାବ୍ୟର 'ଗଦାବନ୍ଧ' ।**



(ଚିତ୍ର)

ବିଦା ସଦା ମୋଦା ଗଦା ଗରଧର ବର ତାରତାହିଁ ବିହି
ବିହି ମହୀ ମନ୍ଦ ଦ୍ୱନ୍ଦ ଛନ୍ଦ କନ୍ଦ କହି ନୋହି ତାହି ବିହି। ୧୯।
ଏ ସଂପର୍କରେ ସେ 'ଚିତ୍ରକାବ୍ୟ ବନ୍ଧୋଦୟ'ରେ ଲେଖିଛନ୍ତି:
"ଏଣୁ ଅନନ୍ତେ ମେଧାବୀ ସୁବୁଦ୍ଧି, ବୁଝ ଚିତ୍ରପ୍ରବନ୍ଧ ବନ୍ଧବିଧି।
ଛନ୍ଦମଞ୍ଜରୀ, ଛାନ୍ଦ ରତ୍ନାକର, ଯେତେ ବିଦ୍‌ଗଧ ମଣ୍ଡନ-ବିଚାର।
ଶିକ୍ଷା ଥିଲା ଜନ ଦେଖ ଏ ପୋଥି, ହେବ ନୋହିଲେ ସିନା ଏଥି ମନ୍ଥି।
ଦ୍ୱିଜହୀନ ଜନ ଯଥା ଅଭଗ୍ନ, ପୂଗ ଚର୍ବେଣ ମୂର୍ଖ ହଏ ଭଗ୍ନ।
ଏହା ଜାଣି ଜାଣି ଆଣି ବିଚାରି, ନ କହିବଟି ଗୀତ ଆଗ କରି।" (୨ୟ ଛାନ୍ଦ)

ଶାସ୍ତ୍ର ଅଧ୍ୟୟନକୁ କାବ୍ୟସୌନ୍ଦର୍ଯ୍ୟ ଓ ରସସୃଷ୍ଟିରେ ରୂପାନ୍ତରିତ କରିବାର ଅନନ୍ୟ ପ୍ରତିଭା ପାଇଥିଲେ କବି ସମ୍ରାଟ। ସଂସ୍କୃତ ଶାସ୍ତ୍ର ଅଧ୍ୟୟନ ପୂର୍ବକ ଗଭୀର ଜ୍ଞାନ ଅର୍ଜନ କରି ସ୍ୱୀୟ ପ୍ରତିଭା ଦ୍ୱାରା ତାକୁ ନିଜ କାବ୍ୟରେ ଅତ୍ୟନ୍ତ ରସଯୁକ୍ତ ଭାବରେ ପ୍ରୟୋଗ କରିବାର ଅନନ୍ୟ କାବ୍ୟକୌଶଳ ତାଙ୍କୁ ଜ୍ଞାତ ଥିଲା। ବିଭିନ୍ନ ପ୍ରସଙ୍ଗ ଯଥା- ସମର, ଜ୍ୟୋତିଷ, ନାୟକ, ନାୟିକା, ରସ, ଅଳଙ୍କାର, ଛନ୍ଦ, ବନ୍ଧ, ଆଦିରେ ପାରଦର୍ଶିତା ତାଙ୍କ କାବ୍ୟକୁ ସବୁଦିନେ ଚର୍ଚ୍ଚିତ କରି ରଖିଛି। ଏପରିକି ତାଙ୍କର ନାୟିକା ଭେଦ ଏବଂ ପ୍ରଣୟ ଚର୍ଚ୍ଚା ମଧ୍ୟ ଅଳଙ୍କାର ଶାସ୍ତ୍ର ଅନୁମୋଦିତ ଥିଲା। "ପଞ୍ଚ ଶାୟକ"ରେ ନାରୀମାନଙ୍କ ଶ୍ରେଣୀ ବିଭାଗ କରି ସେ କହିଛନ୍ତି-

"ପଦ୍ମିନୀ ଚିତ୍ରିଣୀ ସେ ଯେ ଶଙ୍ଖିନୀ ହସ୍ତିନୀ
ଚାରିଗୁଣେ ଜଗତରେ ଅଛନ୍ତି କାମିନୀ
ଏଥୁଆନ ହେଲେ ଯାଏ ସତ୍ତ୍ୱା ଗଣନାରେ
କାହିଁକି କେ କରିବ ତାହାକୁ ତୁଳନାରେ।" (୧ମ ଛାନ୍ଦ)

ଏହି ଅତୁଳନୀୟା ନାରୀ ହେଉଛି ତାଙ୍କ କାବ୍ୟର "ଦିବ୍ୟନାରୀ"। ଏମାନଙ୍କୁ 'ସତ୍ତ୍ୱା' କହିବାର କାରଣ ହେଉଛି, ଏମାନେ ୨୮ଟି ସାତ୍ତ୍ୱିକ ଅଳଙ୍କାରରେ ଶ୍ରୀସଂପନ୍ନା। ଯଥା - ହାବ, ଭାବ, ହେଳା (୩ଟି ଅଙ୍ଗଜ); ଶୋଭା, କାନ୍ତି, ଦୀପ୍ତି, ମାଧୁର୍ଯ୍ୟ, ପ୍ରଗଲ୍‌ଭତା, ଔଦାର୍ଯ୍ୟ, ଧୈର୍ଯ୍ୟ (୭ଟି ଅଯତ୍ନଜ), ଲୀଳା, ବିଳାସ, ବିଚ୍ଛିତ୍ତି, ବିବ୍ବୋକ, କିଳକିଞ୍ଚିତ, ମୋଟ୍ଟାୟିତ, କୁଟ୍ଟମିତ, ବିଭ୍ରମ, ଛନ୍ଦିତ, ମଦ, ବିହୃତ, ତପନ, ମୌଗ୍ଧ୍ୟ, ବିକ୍ଷେପ, କୁତୂହଳ, ହସିତ, ଚକିତ, କେଳି (୧୮ଟି ସ୍ୱଭାବଜ) (ସାହିତ୍ୟ ଦର୍ପଣ)। ସେହିପରି ନାୟକର ମଧ୍ୟ ଅଷ୍ଟ ସାତ୍ତ୍ୱିକ ଗୁଣ କଥା କୁହାଯାଇଛି। ଯଥା - ଶୋଭା, ବିଳାସ, ମାଧୁର୍ଯ୍ୟ, ଗାମ୍ଭିର୍ଯ୍ୟ, ଧୈର୍ଯ୍ୟ, ତେଜ, ଲାଳିତ୍ୟ ଓ ଔଦାର୍ଯ୍ୟ। ଏପରି ନାୟକ-ନାୟିକାଙ୍କ ମଧ୍ୟରେ ଘଟିତ ପ୍ରଣୟ ହେବ 'ଦିବ୍ୟ' ଏବଂ କୀର୍ତ୍ତି ସଂସ୍ଥାପକ।

ସାତ୍ତ୍ୱିକ ଅଳଂକାର ସହିତ ଏ ନାୟିକାମାନଙ୍କର ଅନ୍ୟ ୩୨ଟି ଲକ୍ଷଣ ମଧ୍ୟ ଚାକ୍ଷୁସ ହୁଏ। କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ (୧୬/୧୯), ପ୍ରେମସୁଧାନିଧି (୮/୧୪), ସୀତା (ବୈଦେହୀଶ ବିଳାସ, ୧୦/୧୯) ପ୍ରଭୃତିଙ୍କର ୩୨ଟି ଯାକ ଲକ୍ଷଣ ଥିବା କୁହାଯାଇଛି। ଏସବୁ ହେଉଛି - ଆଖି, ପାଦ, ହାତ, ଅଧର, ଓଠ, ଜିଭ, ନଖ - ଏସବୁର ରକ୍ତିମା, ବକ୍ଷ, ନଘ, କାନ୍ଧ, ନାକ, କଟି, ମୁଖ - ଏସବୁରେ ଉଚ୍ଚତା; କଟି, ଲଲାଟ, ବକ୍ଷ - ଏସବୁରେ

ବିସ୍ତାର; ବେକ, ଜଙ୍ଘ, ଲିଙ୍ଗ - ଏସବୁରେ ଖର୍ବତା; ନାଭି, ସ୍ୱର, ବୁଦ୍ଧି - ଏଥିରେ ଗଭୀରତା; ନାକ, ବାହୁ, ଆଖି, ହନୁ, ଜାନୁ - ଏସବୁରେ ସୂକ୍ଷ୍ମତା; କେଶ, ବାହୁ, ଆଖି, ଅଙ୍ଗ, ଅଙ୍ଗୁଳି - ଏସବୁରେ ଦୀର୍ଘତା।

ଏଥି ସହିତ ପୁଣି ଥାଏ ଅଷ୍ଟ ଐଶ୍ୱର୍ଯ୍ୟ। ଲାବଣ୍ୟବତୀକୁ ଉପେନ୍ଦ୍ର କହିଛନ୍ତି - "ଅଣିମାଦି ସୁଖଦାୟୀ"। ରସଲେଖା ସଂପର୍କରେ ଲେଖିଛନ୍ତି - 'ଅଣିମାଦି ସୁଖ ଆଣି ସେ ପୁଂସ ପାଣିରେ ଦେଲା।' ଅଣିମା, ଲଘିମା, ବଶିତା, ଈଶିତା, ପ୍ରାକାମ୍ୟ, ମହିମା, କାମାବଶାୟିତା, ପ୍ରାପ୍ତି - ଏସମସ୍ତ ଐଶ୍ୱର୍ଯ୍ୟ ମଧ୍ୟ ସେମାନଙ୍କର ଥାଏ। ଦେଖିବାକୁ ଗଲେ ଏସବୁ ଅଳଂକାର, ଲକ୍ଷଣ ଓ ଐଶ୍ୱର୍ଯ୍ୟ ଭିତରୁ କିଛି କିଛି ପ୍ରତ୍ୟେକ ନାରୀଙ୍କ ଠାରେ ଥିଲେ ମଧ୍ୟ ସବୁଗୁଡ଼ିକ ଏକତ୍ର କାହା ପାଖରେ ମିଳିବା ଅସମ୍ଭବ ମନେ ହୋଇପାରେ। କିନ୍ତୁ ପ୍ରାରବ୍ଧ ଏହାକୁ ସମ୍ଭବ କରାଇପାରେ। ଏଥିପାଇଁ ଉପେନ୍ଦ୍ରଙ୍କ କାବ୍ୟ ନାୟିକାମାନଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଏତେ ଗୁରୁତ୍ୱପୂର୍ଣ୍ଣ। ରସଲେଖା ତପଶକ୍ତିସଂପନ୍ନଃ ଋଷିକନ୍ୟା ଏବଂ ସେ ଜନ୍ମ ହୋଇଛି ରତୀଦେବୀଙ୍କ ରସୋଦୟବନରେ। ପ୍ରେମସୁଧାନିଧିର ପିତା ଭେବଭବ ବିଜୟୀ ସେ ହୈହୟବଂଶୀ'। ଲାବଣ୍ୟବତୀ ପାର୍ବତୀଙ୍କ ମାନସକନ୍ୟା ପିଣ୍ଡରୁ ଜାତ। କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଅପ୍‌ସରା ଗର୍ଭରୁ ଜାତ। ରସିକ ହାରାବଳୀ ବିମଳାଙ୍କ ବରଦାନରୁ ଜାତ। ଉପେନ୍ଦ୍ରଙ୍କ କାବ୍ୟଗୁଡ଼ିକ ଅନୁଶୀଳନ କଲେ ଲାଗେ ଯେପରିକି ସେ ଏପରି ଏକ ଦିବ୍ୟନାରୀର ସାନ୍ନିଧ୍ୟରେ ଆସିଥିଲେ ଏବଂ ସେହି ପ୍ରୀତିକୁ କୀର୍ତ୍ତି ରୂପେ ସ୍ଥାପନ କରିବା ପାଇଁ ଆଜୀବନ ଲେଖନୀ ଚାଳନା କରିଥିଲେ।

ରସ ଆସ୍ୱାଦନ ସଂପର୍କରେ ଆଳଙ୍କାରିକମାନେ ଏହି ଦିବ୍ୟତାକୁ ବେଦ୍ୟାନ୍ତର, ସ୍ପର୍ଶଶୂନ୍ୟ, ବ୍ରହ୍ମାସ୍ୱାଦସହୋଦର ଏବଂ ଲୋକୋତ୍ତର ବୋଲି କହିଛନ୍ତି। 'ସାହିତ୍ୟ ଦର୍ପଣ'ରେ କୁହାଯାଇଛି ରସଚର୍ଚ୍ଚାରେ ଲୋକ ରତା ଦୋଷ ନହୋଇ ଗୁଣରେ ପରିଣତ ହୁଏ। ଏଥିପାଇଁ ଉପେନ୍ଦ୍ରଙ୍କ ନାୟିକାମାନଙ୍କର ଲୋକଉତରତା ଅନୁଶୀଳନୀୟ। ସେ ନାୟିକାମାନଙ୍କୁ ଯେପରି ଅଦ୍ଭୁତୋପମା ଅଳଙ୍କାର ସାହାଯ୍ୟରେ ବର୍ଣ୍ଣନା କରିଛନ୍ତି ତାହା ଜଣାଇ ଦିଏ ଯେ, ସେ ଅନୁଭବ କରିଥିଲେ ନାରୀର ଅଲୌକିକତା ଓ ଚାକ୍ଷୁସ କରିଥିଲେ ଦିବ୍ୟତା।" (ଡଃ. ପ୍ରସନ୍ନ କୁମାର ପଟ୍ଟନାୟକ, ଉପେନ୍ଦ୍ର ଭଞ୍ଜ କାବ୍ୟ ପ୍ରତିଭା, ସାରଳା ସାହିତ୍ୟ ସଂସଦ, ୨୦୦୭, ପୃଷ୍ଠା - ୨୧୩ - ୨୧୫) ଉପେନ୍ଦ୍ର ଅନୁସରିତ ସଂସ୍କୃତ ଅଳଙ୍କାର ତତ୍ତ୍ୱ ତାଙ୍କର ସମକାଳ ଓ ପରକାଳର କବିଗଣଙ୍କ ରଚନାରେ ମଧ୍ୟ ଅନୁରଣିତ ହୋଇଥିବା ଦେଖାଯାଏ। ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ, ସଦାନନ୍ଦ, ବ୍ରଜନାଥ, ଯଦୁମଣି ଆଦି ସମସ୍ତ ପ୍ରତିଭାବାନ କବି ନିଜ ନିଜ ଶୈଳୀରେ ବହୁଶାସ୍ତ୍ରଦର୍ଶିତାକୁ କବିତ୍ୱ ମାଧ୍ୟମରେ ପ୍ରକାଶ କରିବାରେ ସମର୍ଥ ହୋଇଛନ୍ତି। ଭାରତୀୟ କାବ୍ୟତତ୍ତ୍ୱ (ଅଳଙ୍କାର ତତ୍ତ୍ୱ)ର ସଫଳ ପ୍ରୟୋଗ ଓଡ଼ିଆ କାବ୍ୟ ସାହିତ୍ୟକୁ ରସମୟ ଓ ଜ୍ଞାନମୟ କରିପାରିଛି। ଜ୍ଞାନରସ ଓ ରସଜ୍ଞାନ ବିତରଣରେ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ଅଦ୍ୱିତୀୟ।

## ୪.୫ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

(କ) କାବ୍ୟ ସୌନ୍ଦର୍ଯ୍ୟ ଗଠନରେ ଅଳଙ୍କାରର ଭୂମିକା ଆଲୋଚନା କର।

(ଖ) ଅଳଙ୍କାର ସଂପର୍କରେ ସଂସ୍କୃତ ଶାସ୍ତ୍ରକାରମାନଙ୍କ ମତ ଆଲୋଚନା କର।

(ଗ) ସଂସ୍କୃତ ଅଳଙ୍କାର ତତ୍ତ୍ୱ  ଓଡ଼ିଆ କାବ୍ୟ ସାହିତ୍ୟରେ କିପରି ପ୍ରୟୋଗ ହୋଇଛି ଆଲୋଚନା କର।

(ଘ) ଓଡ଼ିଆ କବିଙ୍କ କ୍ଷେତ୍ରରେ "ନବନବୋନ୍ମେଷ ଶାଳିନୀ ପ୍ରଜ୍ଞା" କିପରି ପ୍ରୟୋଗ କରାଯାଇ ପାରିବ ଆଲୋଚନା କର।

(ଙ) କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ କିପରି ଅଳଙ୍କାର ପାରଦର୍ଶୀ ଥିଲେ ଆଲୋଚନା କର।

## ୪.୬ ସହାୟକ ଗ୍ରନ୍ଥସୂଚୀ


- ଅଳଙ୍କାର ପ୍ରସଙ୍ଗ, ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, କଟକ-୨, ୧୯୯୭।
- ଓଡ଼ିଆ କାବ୍ୟ କୌଶଳ, ସୁଦର୍ଶନ ଆଚାର୍ଯ୍ୟ, ଫ୍ରେଣ୍ଡ୍‌ସ ପବ୍ଲିଶର୍ସ, କଟକ-୨, ୨୦୦୨।
- ଓଡ଼ିଆ ସାହିତ୍ୟର ଇତିହାସ, ଦ୍ୱିତୀୟ ଭାଗ, ତୃତୀୟ ଭାଗ, ସୂର୍ଯ୍ୟନାରାୟଣ ଦାଶ, ଗ୍ରନ୍ଥ ମନ୍ଦିର, କଟକ - ୨, ୨୦୧୨।
- ଉପେନ୍ଦ୍ର ଭଞ୍ଜ କାବ୍ୟ ପ୍ରତିଭା, ସାରଳା ସାହିତ୍ୟ ସଂସଦ, କଟକ-୮, ୨୦୦୭।
- ଓଡ଼ିଆ ରୀତିସାହିତ୍ୟ, କୃଷ୍ଣଚନ୍ଦ୍ର ପ୍ରଧାନ, ବିଦ୍ୟାପୁରୀ, କଟକ-୨, ୨୦୧୧।